


# ପ୍ରାଚୀ
# PRACHEE

ବାସ୍ତବତାର ପରିପ୍ରକାଶ

ଡିସେମ୍ବର ୨୦୧୮

ମୂଲ୍ୟ : ୨୫ ଟଙ୍କା

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

# Admission Open

## What it takes to become an achiever ?

## Join ROUT CLASSES Today

+2 Sc. I CBSE (XI & XII) I JEE (Main & Adv.)

NEET I AIIMS I JIPMER I BHU

KVPY I NTSE I OLYMPIAD I NISER I IISER

# Be an Achiever



ROUT CLASSES

Blooming the Hidden Treasure


ROUT CLASSES

Satya Nagar, BJB Nagar, Bomikhal (BBSR)
Arunodaya Nagar, Sector-6, CDA (CTC)

94384 09975 / 97763 55340

94384 09975

routclasses@gmail.com

www.routclasses.com





ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଏ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

**Vol.-4, December 2018, Issue No. IX**
**RNI No. : ODIODI/2015/64435**
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ମନୋଜ କୁମାର ଦାସ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**


## ପ୍ରବନ୍ଧ


| | | |
|---|---|---|
| ବିଶ୍ୱବିଜୟୀ ଗାନ୍ଧୀ | ଡଃ ପାବକ କାନୁନ୍‌ଗୋ | ୭ |
| ସ୍ୱାଧୀନତା ବନାମ୍ ବ୍ୟକ୍ତିଚେତନା | ପ୍ରଫେସର ଡକ୍ଟର ନୃସିଂହ ଷଡ଼ଙ୍ଗୀ | ୯ |
| ଲକ୍ଷ୍ମୀ ବାରିକିଆଣୀର ଗାନ୍ଧୀ ଭକ୍ତି | ଅଧ୍ୟାପକ ପବିତ୍ର ମୋହନ ବାରିକ | ୧୧ |
| ଶିଶୁ ସୁରକ୍ଷାରେ ଲେଖକର ଭୂମିକା | ଶ୍ରୀକୁଞ୍ଜ ବିହାରୀ ସାହୁ | ୧୫ |


## ଗଳ୍ପ


| | | |
|---|---|---|
| କାଳିଝିଅ ଓ ଫେରିବାଲା | ସଚ୍ଚିଦାନନ୍ଦ କର | ୧୭ |
| ଅନ୍ତର୍ଦାହ | ଦେବାଶିସ ମିଶ୍ର | ୧୮ |
| ବାପାଙ୍କ ପୁରୁଣା ବାକ୍ସ | ସୁଶାନ୍ତ କୁମାର ନନ୍ଦ | ୨୦ |
| ସ୍ୱାଧୀନ ଓ ପରାଧୀନ | ଶିବ ପ୍ରସାଦ ବାହିନୀପତ | ୨୨ |
| ଭାଇରାଲ୍ ଭିଡ଼ିଓ | ଅନିରୁଦ୍ଧ ସାମନ୍ତରା | ୨୪ |
| ଅଣୁ ଗଳ୍ପ- 'ମା'ର ଭୋକ' | ଶ୍ରୀ ସତ୍ୟବ୍ରତ ସାହୁ | ୨୯ |
| ସ୍ୱପ୍ନ | ସୁଜାତା ସାହ | ୩୦ |
| ଆନନ୍ଦି | କନକଲତା ତ୍ରିପାଠୀ | ୩୨ |
| ଦେବୀକୃପା | ସତ୍ୟନାରାୟଣ ନନ୍ଦ | ୩୭ |
| ଅସୁମାରୀ ଆଶା | ସୁଧାଂଶୁ ଶେଖର ଦ୍ୱିବେଦୀ | ୩୯ |
| ପେଟୁ | ସୁଧୀର କୁମାର ଦ୍ୱିବେଦୀ | ୪୨ |
| ରାସନ୍ କାର୍ଡ଼ | ଲିଳାବତୀ ମହାପାତ୍ର | ୪୪ |
| ବାବୁ ! | ବଳବନ୍ତ ସାହୁ (ବବଲୁ) | ୪୬ |
| ଇଞ୍ଜିନିୟର ପ୍ରେମିକା | ସୁଦର୍ଶନ ସାହୁ | ୪୮ |
| ଏକ ପୁରୁଣା ପ୍ରଶ୍ନ | ବିନୟ ମହାପାତ୍ର | ୪୯ |
| ବୃନ୍ଦ ଲାଲ ଗୋବିନ୍ଦ | ସୂର୍ଯ୍ୟକାନ୍ତ ଦାସ | ୫୧ |
| ଅଗ୍ନିପଥ | ଗୀତାଞ୍ଜଳି ନାୟକ | ୫୩ |


## କବିତା


| | | |
|---|---|---|
| ଆମ ପରିବେଶ | ଗୀତା ଦାସ | ୫୭ |
| ମୋ ଗାଁ | ସବ୍ୟସାଚୀ ବିଷୋୟୀ | ୫୮ |
| ଏକ ପ୍ରେମାଙ୍କ | ସୈରଜିତ୍ ମହାପାତ | ୫୮ |
| ଅଶିଣ ଜହ୍ନ | ଅନ୍ନପୂର୍ଣ୍ଣା ସାହ | ୫୮ |
| ଭାରତ ଆମରୁ ମାତା | ନିଶିକାନ୍ତ ପାଢ଼ୀ | ୫୯ |
| ତୋତେ ଚାହିଦେଲେ ଦୁଃଖ ଭୁଲିଯାଏ | ସାନ୍ତ୍ୱନା କୁମାରୀ ମହାନ୍ତ | ୬୦ |
| ଭଜମନ ରାମ ନାମ | ପୁଷ୍ପାଞ୍ଜଳୀ ଲେଙ୍କା | ୬୦ |
| ପୋଷା ଶୁଆ ମୁଁ | ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ | ୬୦ |
| ବାପୁ ତୁମେ ଆଉ ଥରେ ଫେରିଆସ | ପ୍ରଭାତୀ ରାଣୀ ମହାନ୍ତ | ୬୧ |
| ଦେଶ ଝୁରୁଛି ଏବେ ବି ବାପୁଙ୍କୁ | ବସନ୍ତ କୁମାର ସାହୁ | ୬୧ |
| ପାଗଳର ହସ | ଉତ୍ତମ ଚରଣ ପ୍ରଧାନ | ୬୨ |
| ହେ ବାପୁ ମୋହନ ଦାସ | ନିରୁପମା ସାହ | ୬୨ |
| ସାବରମତୀର ସନ୍ଥ | ଅଶ୍ୱିନୀ କୁମାର ସେଠୀ | ୬୩ |
| ଅହିଂସା ପୂଜାରୀ | ବନଲତା ସିଂହ | ୬୪ |
| ଶେଷରେ ଥିଲା ହେ' ରାମ | ଶ୍ରୀ କୈଳାସ ଚନ୍ଦ ପାଢ଼ୀ | ୬୪ |
| ଝୁରୁଛି ତୁମକୁ | ସୁଧୀର କୁମାର ନାୟକ | ୬୫ |
| ପୂଣ୍ୟାତ୍ମା ଗାନ୍ଧୀ | ସ୍ନେହଲତା ଦ୍ୱିବେଦୀ | ୬୫ |
| ବାପୁ ତୁମେ ଫେରିଆସ | ଗୀତାଞ୍ଜଳି ନାୟକ | ୬୬ |
| ହେ ମହାନ ନେତା | ଅମିତା ବେହେରା | ୬୬ |
| ଚତୁର୍ଲୋଚନ୍ ଦାସ | ବିନ୍ଦୁ ସାଗର ଓଝା | ୬୭ |
| ମୁଁ ତମ ପୂର୍ବର ପ୍ରେମିକ | ଜ୍ୟୋତି ରଂଜନ ବସ୍ତିଆ | ୬୭ |
| ଏଇ ତ ଦୁନିଆ | ଦେବବ୍ରତ ଜେନା | ୬୮ |
| ସତ୍ୟର ଲୟ | ମୈତ୍ରୀ ଲୟ | ୬୮ |
| ବିଶ୍ୱ କଲ୍ୟାଣ | ରୋଜ୍‌ା ପଣ୍ଡା | ୬୮ |
| ଅସହାୟ | ସୁଦର୍ଶନ ସାହୁ | ୬୯ |
| ସ୍ମୃତିରେ ତୁମେ | ସଞ୍ଜୟ କୁମାର ପଣ୍ଡା | ୬୯ |
| ସମାଧିସ୍ଥ ଗାଁ | ସବ୍ୟସାଚୀ ବିଶୋୟୀ | ୭୦ |
| ନାରୀ ବା ଅମୂଲ୍ୟ ରତ୍ନ | ବୀରେନ୍ କୁମାର ବେହେରା | ୭୧ |
| ଯତି ବଚନ | ଶ୍ରୀ ଲକ୍ଷ୍ମଣ କୁମାର ବେହେରା | ୭୧ |
| ଶରତ | ଡଃ ଆଲୋକ କୁମାର ରାୟ | ୭୨ |
| ଜହ୍ନ କିନ୍ତୁ ଫେରେନାହିଁ | ବି. ନିରୁପମା | ୭୨ |
| ସାଆନ୍ତେ | ଶ୍ରୀ ସତ୍ୟବ୍ରତ ସାହୁ | ୭୩ |
| ବାପା | ରବି କୁମାର ମହାନ୍ତି | ୭୩ |
| ଏଇତ ଜୀବନ | ପ୍ରକାଶ | ୭୩ |
| ଏ କି ଉପହାର ! ତୁମକୁ ମୁଁ ଦେଇପାରିବି ? | ମନୋରମା ବେହେରା | ୭୪ |
| କଣ୍ଢେଇ | କ୍ରିଷ୍ଣା ମିଶ୍ର | ୭୫ |
| ଛଳନାର ନଈ | ରେଖା ମହାପାତ୍ର | ୭୫ |
| ବାପା | ଶ୍ରୀ କୁଞ୍ଜ ବିହାରୀ ସାହ | ୭୫ |
| କା' ପରିଶେ ନିଆଁ ଝୁଲ | ଚମକ ଚାନ୍ଦିନୀ ଦାଶ | ୭୬ |
| ଅଶ୍ରୁତର୍ପଣ | ବେଣୁଧର ସୂତାର | ୭୬ |
| ସାଥି... | ଅନିଲ ସାହ | ୭୬ |
| ଜୀବନର ଅବସ୍ଥା | ସୁସ୍ମିଲ ପାଣ | ୭୭ |
| ପ୍ରେମକୁ ଯେ ମାରିଦେଲ | ସର୍ବାଣୀ ଦାସ | ୭୭ |
| କୁଂଚି ମନ୍ଦାର | ସୁଦାମ ଲେଙ୍କା | ୭୭ |
| ବ୍ୟଙ୍ଗ | ଡକ୍ଟର କୃତ୍ତିବାସ ନାୟକ | ୭୮ |
| ସେ ଆତ୍ମହତ୍ୟା କରିଦେଲା... | ଦିବ୍ୟ ରଞ୍ଜନ ସାହ | ୭୮ |
| ସ୍ୱପ୍ନ...।। | ପ୍ରଦୀପ ବନ୍ଧ | ୭୯ |
| ବୃକ୍ଷ ଓ ନାରୀ | ସନ୍ତୋଷ ପଟ୍ଟନାୟକ | ୭୯ |
| ତୁମଠି ପହଂଚିବାର ଚେଷ୍ଟାରେ | ଦିପୁନ୍ ପୁହାଣ | ୮୦ |
| ସ୍ୱାଧିନତା | ପ୍ରଫୁଲ୍ଲ କୁମାର ନାହାକ | ୮୦ |
| କୁରୁକ୍ଷେତ୍ର | ଡ. ସିନ୍ଧୁ ସେନ୍ | ୮୧ |
| ସମୟ ତୁମେ କିଏ | ରିଙ୍କି ପ୍ରଧାନ | ୮୧ |
| ଗରିବ ଘରର ଝିଅ | ଗୀତାଞ୍ଜଳୀ ପ୍ରଧାନ | ୮୨ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


## ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ......................................... ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ.......................................

ବ୍ୟାଙ୍କ୍.......................................... ସ୍ଥାନ.......................................................

ତାରିଖ........................................ ଦସ୍ତଖତ.......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ବିଶ୍ୱବିଜୟୀ ଗାନ୍ଧୀ

- ଡଃ ପାବକ କାନୁନ୍‌ଗୋ

ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ସାରା ବିଶ୍ୱରେ ପାଳିତ ହେଉଥିବାବେଳେ ତାଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଅଗଣିତ ମଣିଷ ଆଜି ବି ଯେ ଆଗ୍ରହ ପ୍ରକାଶ କରୁଛନ୍ତି ତାହା ତାଙ୍କ ଅସାଧାରଣ ଚରିତ୍ର ଓ କୀରଣର ପ୍ରତାପ ବୋଲି କୁହାଯାଉଛି । କେବଳ ତାଙ୍କ ଜୀବନ ନୁହେଁ, ମୃତ୍ୟୁ ପରବର୍ତ୍ତୀ ଜୀବନ ମାନବ ଜାତି ପ୍ରତି ଶିକ୍ଷାପ୍ରଦ ହୋଇ ଯାଇଛି ବୋଲି ପଣ୍ଡିତମାନେ ମତପ୍ରକାଶ କରୁଛନ୍ତି ।

ଆଉ ଗୋଟିଏ ଦୃଷ୍ଟିରୁ ଗାନ୍ଧୀଙ୍କ ବିଷୟରେ ତାତ୍ତ୍ୱିକ ଓ ସୂକ୍ଷ୍ମ ଆଲୋଚନା ହେଉଛି । ବିଶ୍ୱ ରଙ୍ଗମଂଚରେ ଗାନ୍ଧୀଜୀଙ୍କ ସମସାମୟିକ ବିରାଟ ପୁରୁଷମାନଙ୍କର ପ୍ରତାପ ସେମାନଙ୍କ ଦେଶ ଓ ଆଖପାଖରେ ସୀମାବଦ୍ଧ ରହିଥିଲାବେଳେ ମହାତ୍ମାଙ୍କ କ୍ଷେତ୍ରରେ ତାହାର ବିପରୀତ ହିଁ ଘଟୁଛି । ଦେଶ ଭିତରେ ତାଙ୍କ ସ୍ମୃତି, ତାଙ୍କ ଅବଦାନ ଓ ତାଙ୍କ କୃତିତ୍ୱକୁ ମଳିନ ବା ନିଷ୍ପ୍ରଭ କରିବାକୁ ସଂଗଠିତ ଉଦ୍ୟମ ଚାଲିଥିଲାବେଳେ ସାରା ବିଶ୍ୱ ପାଇଁ ସେ ଗୋଟିଏ ଆଲୋକ ବର୍ତ୍ତିକା ଭାବରେ ଉଭା ହେବା ଘଟଣା ବିଶ୍ୱ ଇତିହାସରେ ବିରଳ ବୋଲି କହିଲେ ଭୁଲ ହେବ ନାହିଁ । ଋଷର ମହାନନେତା ଲେନିନ ଓ ଷ୍ଟାଲିନ୍, ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ୍, ବ୍ରିଟୀଶ ପ୍ରଧାନମନ୍ତ୍ରୀ ଓ ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ, ଫ୍ରାନ୍‌ସର ଡିଗଲ, ଚୀନର ମାଓ ସେ ତୁଙ୍ଗ ଓ ଇଣ୍ଡୋଚୀନର ହୋ ଚି ମିନ୍‌ଙ୍କ ଦୃଷ୍ଟାନ୍ତଏ ସମ୍ପର୍କରେ ଦିଆଯାଇପାରେ । ମାନବ ଜାତି, ସଭ୍ୟତା ପାଇଁ ସେମାନଙ୍କର ଅବଦାନ କିଛି କମ୍ ନୁହେଁ । ମଣିଷ ଚିନ୍ତାରାଜୀରେ ମଧ୍ୟ ସେମାନେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ସେମାନେ ଯେପରି ବିଶ୍ୱବ୍ୟାପୀ ସ୍ୱୀକୃତି ପାଇବା କଥା ତାହା ପାଇ ନାହାନ୍ତି ।

କିନ୍ତୁ ଭାରତରେ ଗାନ୍ଧୀ ବହୁ ଦୂରକୁ ଅବହେଳିତ ଓ ଉପେକ୍ଷିତ ହେଉଥିଲେ ମଧ୍ୟ ତାଙ୍କ ନୂଆ ଭାବରେ ଆବିଷ୍କାର କରିବାର ପ୍ରକ୍ରିୟା ସାରା ଦୁନିଆରେ ଚାଲିଛି । ତାଙ୍କ ପରିଚୟ ଜଣେ କିମ୍ବଦନ୍ତୀ ପୁରୁଷ ଭିତରେ ଆଉ ସୀମିତ ରହିନାହିଁ । ଜଣେ ବିଶ୍ୱପ୍ରେମିକ, ମାନବ ପ୍ରେମୀ ଓ ଦାର୍ଶନିକ ଭାବରେ ସେ ସବୁଆଡ଼େ ସମ୍ମାନିତ ହେଉଛନ୍ତି । କିଛି କିଛି ବର୍ଷର ବ୍ୟବଧାନରେ ନୂଆ ନୂଆ ଗାନ୍ଧୀଙ୍କ ପରିଚୟ ପାଇ ସାରା ବିଶ୍ୱ ଚଳିତ ହୋଇଯାଇଛି । ଜୀବନ୍ତ ଗାନ୍ଧୀ ଓ ମରଣ ପରବର୍ତ୍ତୀ ଗାନ୍ଧୀଙ୍କର ମାନବ ସମାଜ ପାଇଁ ଅବଦାନର ନୂଆ ନୂଆ ଫର୍ଦ୍ଦ ଉନ୍ମୋଚିତ ହୋଇ ତାଙ୍କୁ 'ଗ୍ଲୋବାଲ ଗାନ୍ଧୀ'ରେ ପରିଣତ କରିହେଉଛି । ପରିସ୍ଥିତି ଓ ପରିବେଶକୁ ଚାହିଁ ତାଙ୍କ ଭିତରୁ ନୂତନ ଆଲୋକର ଅନୁସନ୍ଧାନ ମଣିଷ ଜାତି ବ୍ରତୀ ହୋଇଛି । ସେ ଯେପରି ହୋଇଯାଇଛନ୍ତି 'ପୋଟେବଲ୍ ଗାନ୍ଧୀ' ।

ଅନେକ ବେଗର ମୁକ୍ତିଦାତା ବା ଦେଶବାସୀଙ୍କୁ ନୂଆ ରାସ୍ତାରେ ଚଳାଇଥିବା ଅସାଧାରଣ ବ୍ୟକ୍ତିମାନଙ୍କ କଥା ଆଲୋଚନା କଲେ ଗୋଟିଏ କଥା ମନକୁ ଆସି ଯାଉଛି । ସେହି ସବୁ ଦେଶର ଲୋକେ ଯେଉଁ ଆଶା ନେଇ ସ୍ୱାଧୀନତା ଲାଭ କରିଥିଲେ, ନୂଆ ଦେଶର ଯେଉଁ ସ୍ୱପ୍ନ ସେମାନେ ଦେଖିଥିଲେ ନାନା କାରଣରୁ ସେହି ଆଶା ପୂରଣ ନ ହେଲେ ବା ନୈରାଶ୍ୟର ଗୋଟିଏ ବାତାବରଣ ସୃଷ୍ଟି ହେଲେ ସେମାନଙ୍କ ପ୍ରତି ଜନ ଅସନ୍ତୋଷ ବଢ଼େ ଏବଂ ସେମାନେ କ୍ରମେ ଲୋକପ୍ରିୟତା ହରାଇ ବସନ୍ତି । ଆଉ ଗୋଟିଏ ଦୃଷ୍ଟିରୁ ଯେଉଁ ମାନେ ନୂଆତତ୍ତ୍ୱ ବା ଆଦର୍ଶର ପ୍ରଚାର କରିଥାନ୍ତି ସେହି ଆଦର୍ଶ ନିନ୍ଦିତ ହୋଇଗଲେ ଏଗୁଡ଼ିକର ସ୍ରଷ୍ଟା ବା ପ୍ରଚାରକମାନେ ମଧ୍ୟ ଅଲୋଡ଼ା ହୋଇପଡ଼ନ୍ତି । ଲେନିନ, ଷ୍ଟାଲିନ୍ ଙ୍କ କ୍ଷେତ୍ରରେ ଏହା ଘଟିଲା । ବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀର ଅନେକ ଦେଶରୁ କମ୍ୟୁନିଜିମ୍ ବା ସାମ୍ୟବାଦ ଅପସରି ଯିବା ପରେ ସେମାନଙ୍କର ଗୁରୁତ୍ୱ କମି ଆସିଲା । ପରିସ୍ଥିତି ଏପରି ହେଲା ଯେ ଋଷରେ ଷ୍ଟାଲିନ୍ ଓ ଲେନିନ୍‌ଙ୍କ ବିରୁଦ୍ଧରେ ଆନ୍ଦୋଳନ ସବୁ ଗଢ଼ି ଉଠିଲା । ଚୀନରେ ବିପ୍ଳବୀ ମାଓ ସେ ତୁଙ୍ଗଙ୍କର ମଧ୍ୟ ସେହି ଅବସ୍ଥା ହେଲା । ମାଓଙ୍କର ଶହ ଶହ ପ୍ରତିମୂର୍ତ୍ତିକୁ ଉତ୍ୟକ୍ତ ଲୋକେ ଧ୍ୱଂସ କରି ଦେଇ ମାଟିରେ ମିଶାଇ ଦେଲେ / ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟ ବିଶ୍ୱରେ ହ୍ରାସ ହେବାରୁ ହେବାରୁ ରୁଜ୍‌ଭେଲ୍‌ଟ ବା ଆଇଜେନ୍ ହୋରକ ଭଳି ନେତାମାନଙ୍କର ପ୍ରଭାବ ମଧ୍ୟ ହ୍ରାସ ପାଇଲା ।

ଗାନ୍ଧୀଙ୍କ କ୍ଷେତ୍ରରେ କିନ୍ତୁ ଏହାର ବ୍ୟତିକ୍ରମ ଘଟିଛି । କୌଣସି ଆଦର୍ଶର କାନ୍ଧ ଉପରେ ବସି ଆଗକୁ ଯାଉଥିବାରୁ ଏବଂ ତାଙ୍କ ବିଚାରରେ 'ଗାନ୍ଧିବାଦ' ବୋଲି କିଛି ତତ୍ତ୍ୱ ନଥିବାରୁ କୌଣସି ବଡ଼ ଧରଣର ପରିବର୍ତ୍ତନ ତାଙ୍କ ସୁନାମରେ ଆଂଚ ଆଣିପାରୁ ନାହିଁ । ୧୯୮୦ ଦଶକରୁ ବିଶ୍ୱର ଅନେକ ଦେଶରେ, ବିଶେଷତଃ ପୂର୍ବ ଇଉରୋପ ରେ କମ୍ୟୁନିଷ୍ଟ ଶାସନର ଅବସାନ ଘଟି ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା ପରେ ଲେନିନ୍, ଷ୍ଟାଲିନ୍ ଓ ମାଓ

ସେମାନଙ୍କର ପୂର୍ବ ଗୁରୁତ୍ୱ ହରାଇବସିଲେ ।

ଆଉ ଗୋଟିଏ ଦୃଷ୍ଟିରୁ ଏ କଥାର ଆଲୋଚନା କରାଯାଇପାରେ । ବହୁ ଲୋକଙ୍କର ଧାରଣା ଯେ ମହାତ୍ମା ଗାନ୍ଧୀ ଯେ ବିରାଟତ୍ୱ ମୁକୁଟ ପିନ୍ଧି ପାରିଲେ ତାହାର ପ୍ରଧାନ କାରଣ ସେ ଏ ଦେଶକୁ ଇଂରେଜ ଶସନରୁ ମୁକ୍ତ କରିଥିଲେ । ଭାରତର ଯେ ସେ ମୁକ୍ତିଦାତା ଓ ଜାତିର ଜନକ ଭାବରେ ସର୍ବଦା ସ୍ୱୀକୃତ ଓ ପୂଜ୍ୟ ଏଥିରେ ସନ୍ଦେହ ନାହିଁ । କାରଣ ତାଙ୍କ ନାମକୁ ସବୁବେଳେ ଆମ ସ୍ୱାଧୀନତା ସହିତ ଯୋଡ଼ିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଆମ ଦେଶ କେବେ ସ୍ୱାଧୀନ ହେବ ସେ ସମ୍ପର୍କରେ କିଛି ସଂକେତ ବା ନିଶ୍ଚିତତା ନଥିଲା ସେତେବେଳେ ମଧ୍ୟ ସେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସତ୍ୟ ଓ ଅହିଂସାର ପୂଜାରୀ ଭାବରେ ଏବଂ ଶାନ୍ତିପୂର୍ଣ୍ଣ ପନ୍ଥାରେ ପରିବର୍ତ୍ତନ ଆଣିବାର ଦକ୍ଷତା ତାଙ୍କର ଥିଲା ।

ଗୋଟିଏ ଉଦାହରଣ କଥାଟିକୁ ସ୍ୱଷ୍ଟ କରିଦେବ । ବିଂଶ ଶତାବ୍ଦୀର ଆରମ୍ଭରେ ରୋମାରୋଲାଁ ବିଶ୍ୱ ବିଦିତ ହୋଇଯାଇଥିଲେ । ସାହିତ୍ୟରେ ନୋବେଲ ପ୍ରାଇଜ ପାଇବା ପରେ ତାଙ୍କର ପ୍ରସିଦ୍ଧି ଆହୁରି ବଢ଼ିଯାଇଥିଲା । ଜଣେ ଇଂରେଜ ଆଡ଼ମିରାଲଙ୍କ କନ୍ୟା ମାଡେଲିନ୍ ସ୍ଲେଜ୍ ଥରେ ରୋଲାଙ୍କୁ ଖେଦ ଅନୁରୋଧ କଲେ, ଏପରି କିଛି ପନ୍ଥା ମୋତେ କୁହନ୍ତୁ ଯାହାକୁ ଅନୁସରଣ କଲେ ମୁଁ ଜୀବନରେ ନୂଆ ଆଲୋକର ସନ୍ଧାନ ପାଇପାରିବି । ଲେଖକ ସେହି ଯୁବତୀଙ୍କୁ ଗୋଟିଏ ଛୋଟ ବହି ଦେଖାଇ ସେଥିରେ ଥିବା ଛବିକୁ ସେ ଜାଣନ୍ତିକି ବୋଲିସେ ପ୍ରଶ୍ନ କରିଥିଲେ । ସେ କିନ୍ତୁ କହିପାରିଲେ ନାହିଁ । ବହିଟିର ନାମ ଥିଲା 'ମହାତ୍ମା ଗାନ୍ଧୀ' । ଲେଖକ ତାଙ୍କୁ କହିଲେ, ଭାରତରେ ରହୁଥିବା ଏହି ସାଧାରଣ ଲୋକଟି ପାଖକୁ ଯାଅ । ସେ ତୁମକୁ ନୂଆ ବାଟର ସନ୍ଧାନ ଦେଇପାରିବେ । ତାଙ୍କ ନାମ ମହାତ୍ମାଗାନ୍ଧୀ । ତାଙ୍କୁ ତୁମେ କହି ପାର । ଆଉ ଜଣେ ଯୀଶୁଖ୍ରୀଷ୍ଟ; ତାହାର ବର୍ଷକ ପରେ ସେହି ଯୁବତୀ ଭାରତ ଆସି ଗାନ୍ଧୀଙ୍କ ଆଶ୍ରମରେ ପହଂଚିଲେ । ଗାନ୍ଧୀ ତାଙ୍କ ନାମ ରଖିଲେ ମୀରାବେନ୍ । ୧୯୨୦ ରେ ଆମେରିକାର ଜଣେ ସମ୍ମାନିତ ପାଦ୍ରୀ ରେଭରେଣ୍ଡ ହୋମ୍‌ସ । ଚର୍ଚ୍ଚରେ ପ୍ରାର୍ଥନା ପରେ ସମବେତ ଶ୍ରଦ୍ଧାଳୁଙ୍କୁ ସେ ପ୍ରଶ୍ନ କଲେ- ବିଂଶ ଶତାବ୍ଦୀର ଶ୍ରେଷ୍ଠ ବ୍ୟକ୍ତି କିଏ ? କିଏ ଲେନିନ୍ କହିଲାବେଳେ ଆଉ କେହି ଷ୍ଟାଲିନ୍ ତ ଆଉ କେହି ଟଲଷ୍ଟୟ ଓ ରୋମାରୋଲାଙ୍କ କଥା କହିଲେ । ଶେଷକୁ ପାଦ୍ରୀ କହିଲେ- ସେ ହେଉଛନ୍ତି ଭାରତରେ ବାସ କରୁଥିବା ଜଣେ ଅଜ୍ଞ ଜଣାଶୁଣା ଆନ୍ଦୋଳନ କାରୀ । ତାଙ୍କ ନାମ ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ।

୧୯୨୦ ଦଶକ ପରେ ମହାତ୍ମାଙ୍କ ଖ୍ୟାତି ସାରା ଦୁନିଆରେ ପ୍ରଚାରିତ ହେବାରେ ଲାଗିଲା । ସେତେବେଳକୁ(୧୯୦୯) ତାଙ୍କ ହିନ୍ଦ୍ ସ୍ୱରାଜ ବହି ପ୍ରକାଶ ପାଇ ସାରିଥାଏ । ଗୋଖିଲେ ବା ନେହେରୁଙ୍କ ପରି ବାପୁଜୀଙ୍କର ଅତି ପ୍ରିୟ ନେତାମାନେ ଏହାର ବିଷୟବସ୍ତୁକୁ ସମାଲୋଚନା କରୁଥିଲେ ମଧ୍ୟ ବିଶ୍ୱର ଅନ୍ୟ ଅଂଶରେ ରହୁଥିବା ବହୁ ପ୍ରସିଦ୍ଧ ଗବେଷକ, ପଣ୍ଡିତ, ଲେଖକ, ଭାବୁକ ଓ ବୈଜ୍ଞାନିକ ଏହାର ଭୂୟସୀ ପ୍ରଶଂସା କଲେ । ପ୍ରଖ୍ୟାତ ଚିନ୍ତାନାୟକ ଜି.ଡି.ଏଚ୍ କୋଲ କହି ଉଠିଲେ, ଦାର୍ଶନିକ ରୁଷୋଙ୍କ କାଳଜୟୀ ପୁସ୍ତକ (ସୋସିଆଲ କଂଟ୍ରାକ୍ଟ) ଠାରୁ 'ହିନ୍ଦ ସ୍ୱରାଜ' ଉତ୍କୃଷ୍ଟ । ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଙ୍କ ଦୃଷ୍ଟି ସେତେବେଳକୁ ଗାନ୍ଧୀଙ୍କ ଉପରେ ପଡ଼ିଲାଣି । ତାଙ୍କ ମତରେ, ସାରା ବିଶ୍ୱର ଦାର୍ଶନିକ ଶକ୍ତି ବିରୋଧରେ କେବଳ ନୈତିକ ଓ ଆଧ୍ୟାତ୍ମିକ ଶକ୍ତିକୁ ପୁଞ୍ଜି କରି ଏଇ ମଣିଷଟି ଈଶ୍ୱରଙ୍କର ଗୋଟିଏ ବିସ୍ମୟଙ୍କର ସୃଷ୍ଟି । ୧୯୩୮ରେ ଗାନ୍ଧୀଙ୍କର ୫୦ ତମ ଜୟନ୍ତୀ ଉପଲକ୍ଷେ ଡକ୍ଟର ରାଧାକୃଷ୍ଣନ୍ ଙ୍କ ଦ୍ୱାରା ଗୋଟିଏ ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ସେଥିରେ ବିଶ୍ୱର ବହୁ ବିଦ୍ୱାନ ମତ ପ୍ରକାଶ କରିଥିଲେ ଯେ ଅହିଂସା ତଥ୍ୟକୁ ବ୍ୟକ୍ତିଗତ ସ୍ତରରୁ ନେଇ ସାରା ଦେଶର କୋଟି କୋଟି ଲୋକଙ୍କ ପାଖରେ ପହଂଚାଇବାର ସାମର୍ଥ୍ୟ ବା ଶକ୍ତି ଗାନ୍ଧୀଙ୍କର ଥିବାରୁ ତାଙ୍କୁ ମଣିଷଜାତି ସବୁବେଳେ ଶ୍ରଦ୍ଧାର ସହିତ ମନେ ରଖିବ । ବୁଦ୍ଧଦେବଙ୍କ ପରେ କୋଟି କୋଟି ଲୋକଙ୍କର ହୃଦୟକୁ ଛୁଇଁବାର ପ୍ରୟାସ ଗାନ୍ଧୀଜୀ ହିଁ କରିଥିଲେ ଲବଣ ସତ୍ୟାଗ୍ରହ (ଆଇନ୍ ଅମାନ୍ୟ ଆନ୍ଦୋଳନ) ପରେ ଗାନ୍ଧୀଙ୍କର ଯଶ ଏପରି ଦିଗନ୍ତ ବିସ୍ତାରୀ ହୋଇ ଗଲା ଯେ ପ୍ରସିଦ୍ଧ ନାଟ୍ୟକାର ଜର୍ଜ ବର୍ଣ୍ଣାଡ୍'ଶଙ୍କୁ ଯେତେ ବେଳେ ପ୍ରଶ୍ନ ହେଲା, ଗାନ୍ଧୀଙ୍କ ସମ୍ପର୍କରେ ଆପଣଙ୍କର ଧାରଣା କ'ଣ ସେ ଟିକିଏ ହସି ଉତ୍ତର ରଖିଲେ- ତୁମେ ମୋତେ ଯଦି ପଚାର ହିମାଳୟ ସମ୍ପର୍କରେ ମୋର ଧାରଣା କ'ଣ ଏହାର ଯେପରି ସଠିକ୍ ଉତ୍ତର କିଛି ଦେଇ ପାରିବି ନାହିଁ, ଏହି ପ୍ରଶ୍ନଟିର ଉତ୍ତର ଦେବା ମଧ୍ୟ ସେହି ପରି କଷ୍ଟକର ।

ସଂପାଦକ, ଜ୍ଞାନମଣ୍ଡଳ ଫାଉଣ୍ଡେସନ୍
ଭୁବନେଶ୍ୱର

# ସ୍ୱାଧୀନତା ବନାମ୍ ବ୍ୟକ୍ତିଚେତନା

-ପ୍ରଫେସର ଡକ୍ଟର ନୃସିଂହ ଷଡ଼ଙ୍ଗୀ

ଗୋଟିଏ ବୃହତ୍ତର ରାଷ୍ଟ୍ରିୟ ସ୍ୱାର୍ଥ-ଚେତନାରୁ ଆରମ୍ଭ ହୋଇଥିଲା ଏକ ନୂଆ କିସମର ମୁକ୍ତି ସଂଗ୍ରାମ- 'ଅହିଂସା ଆନ୍ଦୋଳନ' । ଆରମ୍ଭରୁ ବ୍ରିଟିଶ ସରକାର ହିଁ ଥିଲେ ଏଇ ଆନ୍ଦୋଳନ ପ୍ରତି ଉଦାସୀନ । ମାତ୍ର ଯେତେବେଳେ ଅହିଂସାର ସୁତୀବ୍ର ସ୍ୱର-ନିନାଦ ଗୋଟିଏ ବିଶାଳ ଜନ ଆନ୍ଦେଳନକୁ ଅତିମାତ୍ରାରେ ପ୍ରୋତ୍ସାହିତ କଲା ଓ ସବୁଠି ସ୍ୱାଧୀନତା ପାଇଁ ମାଳ ମାଳ ପଟୁଆରରେ ଭାରତର ପଲ୍ଲୀରୁ ସହର ଯାଏଁ ଶୁଣାଗଲା ସ୍ୱରାଜର ଦାବୀ ଓ ବ୍ରିଟିଶ ସରକାରଙ୍କୁ ଦେଶ ଛାଡ଼ିବାର ଆହ୍ୱାନ ସେତେବେଳେ ଗୋରା ସରକାର ହିଁ ଏ ଆନେନ୍ଦାଳନର ପ୍ରଭାବକୁ ଉପଲବ୍ଧି କଲେ । ମନେ କରିଥିଲେ ହାତରେ ବାଡ଼ି ଧରା ଆନ୍ଦୋଳନ କାରୀ ବଂଧୁକ ଆଗରେ ଅସ୍ତିତ୍ୱ ହଜାଇ ଦେବେ । ମାତ୍ର 'ଜାଲିଆନାୱାଲାବାଗ୍' ର ନରସଂହାର ପରେ ବ୍ରିଟିଶ୍ ସରକାରଙ୍କ ପ୍ରତି ଉନ୍ମେଷିତ ରାଷ୍ଟ୍ରୀୟ ବିଦ୍ୱେଷ ଭାରତ ଓ ଭାରତୀୟଙ୍କ ପ୍ରତି ଗୋରା ସରକାରଙ୍କ ଧାରଣା ବଦଳାଇ ଦେଲା । ଯେତେବେଳେ ଭାରତୀୟ ହିଂସା ଓ ଅହିଂସା ଉଭୟଙ୍କୁ ସାମ୍ନା କରିବାରେ ବ୍ରିଟିଶ୍ ପୋଲିସ୍ ଫୌଜଙ୍କ ବଳ ପ୍ରୟୋଗ ଅମାନବୀୟ ଆଚରଣ, ଲାଞ୍ଛନା, ନିର୍ଯ୍ୟାତନା, ଜେଲ, ଭର୍ତ୍ତି ଓ ଗୁଳି ମରା କାରବାର ମଧ ବିପ୍ଳବୀ ତଥା ଅହିଂସା ମାର୍ଗୀ ଭାରତୀୟଙ୍କୁ ମୁକ୍ତି ସଂଗ୍ରାମରୁ ଓହରାଇ ନେବାରେ ଅସମର୍ଥ ହେଲା- ସେତେବେଳେ ଏହି ସଂଗ୍ରାମର ଗୁରୁତ୍ୱକୁ ହ୍ରାସ କରିବା ପାଇଁ ଏକ ନୂଆ ନାରା ଦେଇଥିଲେ ସାମ୍ରାଜ୍ୟବାଦୀ ଗୋରା ଶାସକ ଯେ,- "ଭାରତୀୟମାନେ ବିଶୃଙ୍ଖଳିତ, ଆଚରଣରେ ହିଂସ୍ର ଓ ସରକାରୀ ବିରୋଧୀ କ୍ରିୟାଯୋଗରେ ଅଧିକ ଆସକ୍ତ ।" ପ୍ରକୃତ ପ୍ରସଂଗ ଥିଲା ଭିନ୍ନ । ଭାରତୀୟଙ୍କ ଦୂରଦର୍ଶୀ ଚେତନାକୁ ବୁଝିବାକୁ ଅସମର୍ଥ ଥିଲେ ଅହଂକାରୀ, ପ୍ରଭୁବାଦୀ ବ୍ରିଟିଶ ଶାସକ । ସରକାରଙ୍କ ଏଇ ହେୟତା ଓ ଅବୋଧତା ହିଁ ତାଙ୍କୁ ପରିଣତିରେ ଭାରତ ଭୂମିରୁ ଏକ ପ୍ରକାର ବହିଷ୍କୃତ ହେବାକୁ ବାଧ କରିଥିଲା । ମହାତ୍ମାଗାନ୍ଧୀଙ୍କ ଲଢ଼େଇର ନୂଆମନ୍ତ୍ର 'ଅହିଂସା' ହିଁ ଥିଲା ଏ କ୍ଷେତ୍ରରେ ବ୍ରିଟିଶ ସରକାରଙ୍କୁ ବଶମୂଦ କରିଦେବାର ଏକ ବାଧ ଅସ୍ତ୍ର । କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନଙ୍କ ଅହଂକାରୀ ଶାସକ- ବ୍ୟକ୍ତିସତ୍ତା ଭରତୀୟ ମାନଙ୍କ ପ୍ରତି ନିହିତ ବିଦ୍ୱେଷରୁ ମୁକ୍ତ ନହେବା ଥିଲା-ସେମାନଙ୍କର ଆଉ ଏକ ଅପତିହତ ଦୁର୍ବଳତା । ଏହାରି ବିଲକ୍ଷଣତାରୁ ଦେଶ ବିଭାଜନ ହେଲା; ପରନ୍ତୁ ସ୍ୱାଧୀନତା ପରେ ବି ଭାରତୀୟ ରାଜନୀତିକ ବାତାବରଣ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚେତନା ବହୁମାତ୍ରାରେ ସନ୍ତ୍ରସ୍ତ ହେବା ସହ ଗତିଶୀଳତାରେ ବାଧାମୁକ୍ତ ରହିପାରିଲା ନାହିଁ । ସ୍ୱାଧୀନତା ପାଇବି ତା'ର ମୁଗ୍ଧକର ସ୍ୱାଦକୁ ବ୍ୟକ୍ତି ଚେତନା ଉପଭୋଗ କରିପାରିଲା ନାହିଁ । ସ୍ୱର ଉଠିଲା- "ଏଥିପାଇଁ ଦାୟୀ ଆମର ଅହିଂସା ଆନ୍ଦୋଳନ । କାରଣ ଆବଶ୍ୟକତାଠାରୁ କମ୍ ରକ୍ତପାତହୀନ ଏ ସଂଗ୍ରାମ ଥିଲା ଏକ ସହଜଲବ୍ଧ ସ୍ୱାଧୀନତା ପ୍ରାପ୍ତିର ପ୍ରମୁଖ କରଣ । ସଶସ୍ତ୍ର ଲଢ଼େଇରୁ ଆସିନଥିଲା ଏ ସ୍ୱାଧୀନତା । ତେଣୁ ପରବର୍ତ୍ତୀ ବ୍ୟକ୍ତିଚେତନା ପୂର୍ବ ପୀଢ଼ିଙ୍କ ସଂଗ୍ରାମ । ସଂଘର୍ଷର ଭୀଷଣତାକୁ ଠିକ୍ ଭାବେ ଉପଲବ୍ଧି କରି ପାରିଲେ ନାହିଁ । ରକ୍ତପାତ କଲା ଗୋଟିଏ ଲଢୁଆ ଜାତିକୁ ମିଳିଥିବା ଏ ସ୍ୱାଧୀନତାର ପରିଭାଷା ତା' ପାଇଁ ଅନ୍ତଃଚେତନାରେ ସେପରି କିଛି ମହାର୍ଘ ଉପଲବ୍ଧି ଦେଇଥିବାର ଏକ ପ୍ରଲମ୍ବିତ ପରିଚୟ ଆଜି ତେଣୁ ପାଇବା ବିଡ଼ମ୍ବନାର ବିଷୟ ହୋଇପଡ଼ିଛି ।

ଭାରତୀୟ ମୁକ୍ତି ସଂଗ୍ରାମର ରୂପକୁ ଏକ ନୂଆଢଂଗରେ ଦେଖି ସେ ଦିନ ଭୀତିପୀଡ଼ିତ ବ୍ରିଟିଶ୍ ସରକାର ଭାରତୀୟଙ୍କୁ ବିଶୃଙ୍ଖଳିତ, କ୍ରୋଧିତ ବୋଲି ଯେଉଁ ଆଖ୍ୟା ଦେଇଥିଲେ ଆଜି ବ୍ୟକ୍ତି ଚେତନାର ଅନ୍ତଃକରଣର ବିଶ୍ଲେଷଣ ରେ ତାହା ହିଁ ଲକ୍ଷ୍ୟ କରାଯାଇଛି । ସବୁ କ୍ଷେତ୍ରରେ ଘଟଣା ଓ ଅଘଟଣର ରାଜନୀତିକରଣ ରେ ବ୍ୟକ୍ତି ଚେତନା ଯେ ଆଜି ଅଧିକ ବିଶୃଙ୍ଖଳିତ- ଏହି ମତରେ ବିରୋଧ ପାଇଁ ଆଉ ଯୁକ୍ତି ନାହିଁ । ବ୍ୟକ୍ତିର ସମାନ୍ୟତମ ଆଚରଣରେ ରାଜନୀତିର ଯେଉଁ ଚୌରାଚାରର ଆଭାସ ମିଳୁଛି ତାହାକି ଆଉ ସହଜରେ ଅତିକ୍ରମଣୀୟ ହେବାର ସମ୍ଭାବନା ଦିଶୁନାହିଁ । ସ୍ୱାଧୀନତାକୁ ସୁରକ୍ଷିତ କରିବା ପାଇଁ ରାଜତନ୍ତ୍ର ଅପେକ୍ଷା ଯେଉଁ ଲୋକତନ୍ତ୍ରକୁ ପ୍ରାଧାନ୍ୟ ଦିଆଗଲା । ତାହାର ବାସ୍ତବ ସ୍ୱାଦ ଲୋକ ଅର୍ଥରେ ଅତି ସାଧାରଣ ଲୋକ ହିଁ ପାଇଲେ ନାହିଁ । କ୍ଷମତାର ମୋହିତ ରୂପ.ଏତେ ଦୁରୂହ ଆକର୍ଷଣ ସୃଷ୍ଟି କଲା ଯାହା ବ୍ୟକ୍ତି ଚେତନା ଓ ଗଣତନ୍ତ୍ରକୁ ଆଜି ପୃଥକ୍ ପୃଥକ୍ ପରିଭାଷାରେ ହେଁ ପରିଚିତି ଦେଇଛି । ସାଧାରଣ ଜନତା ରାଜନୀତିର ଅର୍ଥ ବୁଝୁଛି କେବଳ ନିଜସ୍ୱ ସ୍ୱାର୍ଥ ଆଉ ଯେଉଁ ପକ୍ଷ ତା'ର ଏ ସ୍ୱାର୍ଥ ସାଧନରେ ଅଧିକ ପ୍ରଚେଦିତ ସେ ସେଇ ଦଳର ସମର୍ଥକ । ଅନ୍ୟ କେହି ପ୍ରତିପକ୍ଷ ଯଦି ଏହା ଠାରୁ ଅଧିକ କିଛି ପ୍ରଲୋଭନ ଦେଖାଇ ପାରିଲା; ସେତେବେଳେ ପୁଣି ଥରେ ନିଷ୍ପତ୍ତିର

ମଂଗମୋଡ଼ିଲା ସାଧାରଣ ଜନତା । ତେଣୁ ରାଜନୀତିକ ପ୍ରଲୋଭନ ଏକ ସୁରକ୍ଷିତ ସ୍ୱାଧୀନତାକୁ ଚିରଂଜିବୀ କରିବାରେ ଆଜି ଶଂକା ଆଣିବା ଏକ ସ୍ୱାଭାବିକ ପ୍ରସଂଗ । ସହଜ ବଂଚିବାର ରାହା ଆଜି ସର୍ବଗ୍ରାହୀ ହେଲାବେଳେ କଷ୍ଟାର୍ଜିତ ମାର୍ଗରେ ଜୀବନକୁ ସଂଚାଳନ କରିବାର ପ୍ରୟାସ ପରିତେଜ୍ୟ ହେବା ସୁରକ୍ଷିତ ଜୀବନ ବୋଧ ପାଇଁ ଆଜି ବେଶ୍ ଆହ୍ୱାନ ସୃଷ୍ଟି କରିଛି । ସେଥିପାଇଁ ସ୍ୱାଧୀନତା ଯେଉଁ ଅର୍ଥରେ ଜନଜୀବନରେ ବିକଶିତ ହେବା କଥା ତାହା ଅଧିକ ସୁବିଧାବାଦୀ ସ୍ୱରୂପରେ ହିଁ ଆଭାସିତ ହୋଇ- ଜୀବନକୁ କ୍ରିୟାଶୀଳ କରିବା ପରିବର୍ତ୍ତେ ଅଧିକ ସ୍ୱାର୍ଥୀ ଓ ଆତ୍ମକୈନ୍ଦ୍ରିକ କରିଦେଇଛି । ସେତେବେଳେ ବ୍ରିଟିଶ୍ ସରକାର କହୁଥିଲେ ଭାରତୀୟ ମାନେ ଅଧିକ ବିଶୃଙ୍ଖଳିତ, ଏବେ ମଧ ଭାରତୀୟ ମାନଙ୍କ ଆତ୍ମକୈନ୍ଦ୍ରିକ ଚିନ୍ତନ ଓ ଆତ୍ମିକ ବିଜ୍ଞାପନରେ ପରିପ୍ରଚାରିତ ଜୀବନ ବୋଧ ସୂଚାଇ ଦେଉଛି ସେମାନେ ଏପରି ବିଶୃଙ୍ଖଳା ଠାରୁ ଉର୍ଦ୍ଧ୍ୱକୁ ଆପଣାକୁ ନେଇ ପାରିନାହାନ୍ତି । ଫଳରେ ରାଷ୍ଟ୍ରୀୟ ବିକାଶ ନୀତିଗତ ସ୍ୱଚ୍ଛତା ଦୃଷ୍ଟିରୁ ଓ ସମୂହ ସ୍ୱାର୍ଥ ରକ୍ଷା ଦିଗରୁ ବାଧାପ୍ରାପ୍ତ ହେବାରେ କୌଣସି ଦ୍ୱିଧା ହିଁ ରଖୁନାହିଁ । ମାନସିକଦୈନ୍ୟ ଓ ଅକାରଣ ଅସହିଷ୍ଣୁତା ର ଅରାଜକତାରେ ଉଭୟ ନେତା ଓ ଜନତା ଆଜି ବେଶ୍ ପୀଡ଼ିତ। ନିଜକୁ ସର୍ବମାନ୍ୟ ଓ ଗ୍ରହଣୀୟ କରିବା ପାଇଁ ଯେଉଁ ତ୍ୟାଗ ଓ ଉଦାରତା ନେତାଙ୍କ ଚେହେରା ଓ ଚରିତ୍ରର ଏକ ଏକ ଲକ୍ଷଣ ହେବା ଆବଶ୍ୟକତା ରଖୁଥିଲା, ସେତେବେଳେ ପ୍ରତିପକ୍ଷଙ୍କୁ ନତଜାନୁ କରିବା ପାଇଁ ଯେତେ ସବୁ ଅନୀତି, ଅବାଂଛିତ ଅହଂକାର, ଆସ୍ପର୍ଦ୍ଧାକୁ ଆପଣାର ବିଜୟ ମାର୍ଗର ପୁଂଜି ରୂପେ ବିବେଚନା କରୁଛନ୍ତି- ଭାରତୀୟ ଗଣତନ୍ତ୍ରର ମହାମହିମ ନେତୃବୃନ୍ଦ। ଶିକ୍ଷା ପ୍ରଭାବିତ ନମନୀୟତା ବା ବ୍ୟକ୍ତିଙ୍କ ଆଚରଣରେ ଏକ ସମ୍ଭ୍ରାନ୍ତ ସାଂସ୍କୃତିକ ରୁଚିବୋଧକୁ ଝଲସାଇ ପାରୁନାହାନ୍ତି ଆମ ନେତା ମାନେ । ତେଣୁ ରାଜନୀତି ହୋଇଛି କଳେ ବଳେ କୌଶଳେ କ୍ଷମତା ହାତେଇ ଜନସେବା ନାଁରେ ଅଧିକ ଆତ୍ମସେବାର ଏକ ନିରାଧାରକୁ କୁରୁକ୍ଷେତ୍ର । ଜନତା ଏଠି ଭକୁଆ, ଖୁବ୍ ଆତ୍ମପ୍ରସାଦ ଲାଭରେ ବ୍ୟାକୁଳିତ ଆତ୍ମାଟିଏ । ତେଣୁ ସ୍ୱାଭିମାନ, ମର୍ଯ୍ୟାଦା ବୋଧରେ ସେ ଆଜି ଖୁବ୍ ପରାହତ। ପରିଣତିରେ ଏକକ ରଂଗ ଅବଶୋଷ ହିଁ ବେଶ୍ ଲକ୍ଷ୍ୟଣୀୟ ହେଉଛି ଆମ ଶାସନ ତନ୍ତ୍ରରେ । ଏଠି ଥିଲା ବାଲା କି ଅସନ୍ତୋଷର ଭଉଁରୀରେ ବିବ୍ରତ, ନଥିଲା ବାଲାଟି ଅଭାବ ବୋଧର ଚକ୍ରବ୍ୟୁହରେ ପରପୋଷିତ ।

ସାଂପ୍ରତିକ ଜଟିଳ ଜୀବନବୋଧ ତେଣୁ ଉପଯୁକ୍ତ ସୁଖ, ସ୍ୱାଧୀନନତାର ସ୍ୱାଦ ପାଇବାରେ ଶତ-ପ୍ରତିଶତ ସନ୍ତୁଷ୍ଟ ନୁହେଁ । ସ୍ୱାଧୀନତା ଆସିଥିଲା ଏକ ମୁକ୍ତ ପ୍ରଫୁଲ୍ଲିତ ଜୀବନର ସ୍ୱାଦ ଲୋଭ କରିବା ପାଇଁ । ଜନତାଙ୍କ ଭିତରେ କୌଣସି ବର୍ଗୀ କରଣ ନରଖି ସମାଜବାଦକୁ ବିକଶିତ କରିବାର ଲକ୍ଷ୍ୟ ଓ ଉପଲକ୍ଷ୍ୟ ଥିଲା ଆମ ସ୍ୱାଧୀନତା ର ପରିଭାଷା । ମାତ୍ର ମନେ ହୁଏ ଏପରି ଭାଷା ଏବେ ଖୁବ୍ ଜଟିଳ, ସଂକୀର୍ଣ୍ଣ ଓ ବିବାଦୀୟ ହୋଇ ପଡ଼ିଛି ଯେନତେନ ପ୍ରକାରେଣ ଅନ୍ୟକୁ ତଳିତଳାନ୍ତ କରି ଧୂଳିଚଟାଇ ଆପଣାକୁ ପ୍ରତିଷ୍ଠିତ, ସର୍ବମାନ୍ୟ ଓ ବିକଶିତ କରିବାର ସବୁପ୍ରକାର ପ୍ରଯତ୍ନ ଯେ ସ୍ୱାଧୀନତା ନୁହେଁ ବରଂ ସରଳତା ବିରୋଧରେ ଜଟିଳତାର ଏକ ଅପରାଧିକ ଷଡ଼ଯନ୍ତ୍ର- ଏହା ବୋଧ ହୁଏ ଅବୁଝା ହୋଇ ରହିଗଲାଣି ଆମ ଜନତା ଓ ବୁଦ୍ଧିଜୀବୀଙ୍କ ପାଇଁ । ଏଇ ମାନେ ହିଁ ଅସହିଷ୍ଣୁତା କି ଯୋଗୀର ବିକଳ ରୟତ, ଯେଉଁମାନଙ୍କ ଅରୁଚିରେ ବୁଦ୍ଧିମତା ଗାନ୍ଧୀଙ୍କ ପ୍ରଚୋଦିତ 'ଅହିଂସା' ମାର୍ଗରେ ତିଆରି କରିଛି ଅପ୍ରତିହତ ବିରୋଧାଚାର । ଏହା ସ୍ୱାଧୀନତା ନୁହେଁ, ସ୍ୱାଧୀନ-ମତର ପକ୍ଷ ମଧ ନୁହେଁ ବରଂ ଆତ୍ମସନ୍ତୁଷ୍ଟିର ନିଜସ୍ୱ ଗଣିତ; ଯାହା ଆଜି ଏକ ଶୁଦ୍ଧ ବ୍ୟକ୍ତି ଚେତନାକୁ ଦୃଶ୍ୟମାନ କରିବାରେ ବାଧକ ସାଜିଛି । ଏଠି ତେଣୁ ସ୍ୱାଧୀନତାର ମହତ୍ ଉଚ୍ଚାରଣ ବ୍ୟକ୍ତିଚେତନାର ପରିତେଜିତ୍ୟ ସ୍ୱାଭିମାନରେ ବେଶ୍ କ୍ଲିଷ୍ଟ ଓ ମହତ୍ତ୍ୱହୀନ ହୋଇପଡ଼ିଛି ଯାହାର ପରିଶୁଦ୍ଧତା ଭିନ୍ନ ଆଉ ସୁଖକର ଜୀବନର ଅନ୍ୱେଷଣ ନିଶ୍ଚିତ ଦୁରୂହ ।

ଭିଜିଟିଂ ପ୍ରଫେସର
ଷ୍ଟିୱାର୍ଟ ସାଇନ୍‌ସ କଲେଜ, କଟକ-୧
ମୋବାଇଲ- ୯୯୩୭୨୨୨୧୨୨

## ଗାନ୍ଧୀଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ

# ଲକ୍ଷ୍ମୀ ବାରିକିଆଣୀର ଗାନ୍ଧୀ ଭକ୍ତି

- ଅଧ୍ୟାପକ ପବିତ୍ର ମୋହନ ବାରିକ

ଜାତିର ଜନକ ମହାନୁଭବି ମହାମାନବ ମହାତ୍ମାଗାନ୍ଧୀଙ୍କ ଓଡିଶା ପ୍ରତି ଥିଲା ଅହେତୁକ ଶ୍ରଦ୍ଧା ଓ ସମ୍ମାନ । ବିଭିନ୍ନ କାର୍ଯ୍ୟକ୍ରମରେ ସେ ଓଡିଶାକୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ ୮ ଥର ତାଙ୍କର ଗସ୍ତ ଥିଲା । ସେ ଆନ୍ତରିକତାର ସହିତ ଶାନ୍ତି ପ୍ରୀୟ ଓଡିଆ ମାନଙ୍କୁ ଭଲ ପାଉଥିଲେ ଓ ସେମାନଙ୍କର ମମତାର ଡୋରୀ ରେ ବାନ୍ଧି ହୋଇଯାଇଥିଲେ । ଓଡିଶା ଓ ଓଡିଆମାନଙ୍କ ସହିତ ଥିଲା ତାଙ୍କର ଭାବଗତ ସଂପର୍କ । ଓଡିଶାର ମାଟି ଓ ମଣିଷ ଥିଲେ ତାଙ୍କ ପ୍ରେରଣାର ଉତ୍ସ । ଗାନ୍ଧୀଜୀଙ୍କ ଦ୍ୱାରା ଓଡିଶାରେ ଜାତୀୟ ଭାବନା ଓ ଚେତନା ବହୁଗୁଣରେ ପ୍ରଚାରିତ ଓ ପ୍ରସାରିତ ହୋଇଥିଲା । ଗାନ୍ଧୀବାଦର ତତ୍ତ୍ୱ, ଦର୍ଶନ ଓ ଚିନ୍ତନର ଏକ ବାସ୍ତବ ପ୍ରୟୋଗଶାଳା ଥିଲା ଓଡିଶା । ଗାନ୍ଧୀଜୀଙ୍କ ଦୃଷ୍ଟିରେ ଓଡିଶା ଥିଲା ତୀର୍ଥ ତଥା ପୂଣ୍ୟଭୂମି । ଏହି ଭୂମିକୁ ୧୯୨୧ ରୁ ୧୯୪୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ୮ ଥର ଆସିଥିଲେ । ୧୯୩୮ ମସିହାରେ ଗାନ୍ଧୀଜୀ ଓଡିଶା ସଂପର୍କରେ ନିଜର ସୁନ୍ଦର ଓ ମାର୍ମିକ ମନ୍ତବ୍ୟ ଉପସ୍ଥାପନ କରିଥିଲେ- "ସାରା ଭାରତରେ ମୋର ସବୁଠାରୁ ପ୍ରୀୟ ସ୍ଥାନ ହେଲା ଓଡିଶା । ମୁଁ ଦକ୍ଷିଣ ଆଫ୍ରିକା ରୁ ଭାରତ ଫେରିବା ଦିନ ଠାରୁ ଓଡିଶାରେ ବଢି, ମରୁଡି, ଦାରିଦ୍ର୍ୟ ର କାହାଣୀ ଶୁଣି ଆସିଛି । ମୁଁ ଅନୁଭବ କରେ କି ଓଡିଶାର ସେବା ହିଁ ଭାରତମାତାଙ୍କର ପ୍ରକୃତ ସେବା । ଶେଷରେ ଏବେ ଓଡିଶା ମୋ ପାଇଁ ହୋଇଯାଇଛି ଏକ ତୀର୍ଥଭୂମି ।" ଏହି ତୀର୍ଥଭୂମିକୁ ଆସି ତାଙ୍କ ରାଜନୈତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟର ଅନେକ ପରୀକ୍ଷା-ନିରୀକ୍ଷା କରିଥିଲେ । ୧୯୨୦ ମସିହା ଡିସେମ୍ବର ମାସରେ ନାଗପୁର ଠାରେ ଜାତୀୟ କଂଗ୍ରେସର ଅଧିବେଶନରେ ଓଡିଶାରୁ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ୩୫ ଜଣ ପ୍ରତିନିଧି ସେଠାରେ ଅଂଶଗ୍ରହଣ କରିଥିଲେ । ନାଗପୁର ଅଧିବେଶନରେ ଜାତୀୟ କଂଗ୍ରେସ ଅସହଯୋଗ ଆନ୍ଦୋଳନ ଇଂରେଜ ସରକାରଙ୍କ ବିରୁଦ୍ଧରେ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲା । ଉତ୍କଳବାସୀଙ୍କ ସମ୍ମୁଖରେ ଅସହଯୋଗ ଆନ୍ଦୋଳନ ସଂପର୍କରେ ବୁଝାଇବା ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଗାନ୍ଧୀଜୀ ଙ୍କୁ ଅନୁରୋଧ କରିଥିଲେ । ବଢି, ମରୁଡି ପ୍ରପୀଡିତ ଓଡିଶାବାସୀଙ୍କୁ ଦେଖିବା ପାଇଁ ମନରେ ଆଗ୍ରହ ପ୍ରକାଶ କରିଥିଲେ ଗାନ୍ଧୀଜୀ । ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ ପବିତ୍ର ଦୋଳ ପୂର୍ଣ୍ଣିମାରେ ପୂଣ୍ୟଭୂମି ଉତ୍କଳ ଭୂଖଣ୍ଡର ଐତିହାସିକ ସହର କଟକରେ ପ୍ରଥମ ଥର ପାଇଁ ପଦାର୍ପଣ କଲେ ଗାନ୍ଧୀଜୀ ।

ପଞ୍ଚମଥର ଓଡିଶାଗସ୍ତ ୧୨ ଦିନ ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ଅପ୍ରତ୍ୟାଶିତ ଭାବେ ଏହି କାର୍ଯ୍ୟକ୍ରମ କୁ ପରିବର୍ତ୍ତନ କରି ଦୁଇଟି ପର୍ଯ୍ୟାୟରେ ପୁରୀରୁ କଟକ ଏବଂ ବୈରୀରୁ ଚମ୍ପାପୁର ହାଟ, ସତ୍ୟଭାମାପୁର, ନିଶ୍ଚିନ୍ତ କୋଇଲି, କେନ୍ଦ୍ରାପଡା, ବାରିମୂଳ, ଇନ୍ଦୁପୁର, କାଇପଡା, ବରୀ, ଯାଜପୁର, ଭଣ୍ଡାରୀ ପୋଖରୀ, ତୋଡଙ୍ଗେ ଦେଇ ଭଦ୍ରକର ଦୀବ ରାମଜୀ କଲ୍ୟାଣଜୀ ଙ୍କ ସେବାଶ୍ରମରେ ପହଞ୍ଚି ଥିଲେ । ଗାନ୍ଧୀଜୀଙ୍କର ଏହି ପଞ୍ଚମ ଗସ୍ତ ଥିଲା ଅସ୍ପୃଶ୍ୟତା ନିବାରଣ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ଜନସଚେତନତା ସୃଷ୍ଟି ପାଇଁ ସେ ଜଗନ୍ନାଥଧାମ ପୁରୀରୁ ମେ ୯ ତାରିଖରେ ତାଙ୍କର ଐତିହାସିକ ପଦଯାତ୍ରା ଆରମ୍ଭ କରି ଜୁନ ୮ ତାରିଖରେ ସମାପ୍ତ କରିଥିଲେ । ୬୫ ବର୍ଷ ବୟସ୍କ ଗାନ୍ଧୀଜୀ ୩୦° ରୁ ୩୬° ରୌଦ୍ର ତାପମାତ୍ରା ସହିତ ଭୀଷଣ ଗୁଳି-ଗୁଳି ରେ ତାଙ୍କର ଇତିହାସ ପ୍ରସିଦ୍ଧ ପଦଯାତ୍ରା ଆରମ୍ଭ କରିଥିଲେ ବିନା ଦ୍ୱିଧାରେ । ୧୯୪୩ ମସିହାରେ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ପାଇଁ ଗାନ୍ଧୀଜୀ ଓଡିଶା ଆସିଥିବା ସମୟରେ ଏକ କୌତୁହଳ ଘଟଣା ସଂଗଠିତ ହୋଇଥିଲା । ଏହି ଇତିହାସ ପ୍ରସିଦ୍ଧ ପଦଯାତ୍ରା ସମୟରେ କିଛି ବ୍ୟକ୍ତି ବିଶେଷ ଗାନ୍ଧୀଜୀଙ୍କ ସାନ୍ନିଧ ଲାଭ କରିବାର ପରମ ସୌଭାଗ୍ୟ ଲାଭ କରିଥିଲେ । ଗାନ୍ଧୀଜୀଙ୍କ ସହିତ ସେମାନଙ୍କର ବିତିଥିବା କିଛି ଅଭୁଲା ମୂହୁର୍ତ୍ତ ଆଜି ଅଭୁଲା ସ୍ମୃତି ରୂପେ ବିଗତ ଦିନକୁ ମନେ ପକାଇ ଦେଉଅଛି । ବହୁକୁଦ (ବହୁଗ୍ରାମ) ଦଶହରା ପଡିଆରେ ଗାନ୍ଧୀଜୀଙ୍କର ଏକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା । ଏହି ଦିନ ଗାନ୍ଧୀଜୀ ଙ୍କର ଖିଅର ହେବାର ବାରି ଥିଲା । ସେଠାକାର ବାରିକ ବନ୍ଧୁ ଘରକୁ ଯାଇଥିବାରୁ ଜଣେ ବାରିକିଆଣୀକୁ ଗାନ୍ଧୀଜୀ ଙ୍କୁ ଖିଅର କରିବାକୁ କୁହାଯାଇଥିଲା । ଭାଗୁ ବାରିକ ଙ୍କ ବିବାହିତ ଝିଅ ଲକ୍ଷ୍ମୀ ଯେ ନଖୀ ନାମରେ ପରିଚିତ ଥିଲେ । ସେ ଭଲ ଖିଅର କରନ୍ତି ବୋଲି ଗାନ୍ଧୀଜି ଜାଣିବାକୁ ପାଇଲେ । ଜଣେ ବାରିକିଆଣୀ ଖିଅର କରିବ ଏକଥା ଗାନ୍ଧୀଙ୍କ ମନରେ

କୌତୁହଳ ସୃଷ୍ଟି କରିଥିଲା । ଗାନ୍ଧୀଜୀଙ୍କୁ ଖିଅର କରିବା କଥା ସ୍ୱେଚ୍ଛାସେବୀ ମାନଙ୍କ ଠାରୁ ଶୁଣି ଲକ୍ଷ୍ମୀ ପ୍ରଥମେ ଭୟ କରି ଯାଇଥିଲା । ଏତେ ବଡ ଲୋକଙ୍କୁ ଖିଅର କଲେ କାଳେ ହାତ ଥରିବ ଏକଥା ତା' ମନରେ ଆଶଙ୍କା ସୃଷ୍ଟି କରିଥିଲା । ଆଉ ଗୋଟିଏ କଥା ଲକ୍ଷ୍ମୀ ମନକୁ ଆନ୍ଦୋଳିତ କରୁଥିଲା ଯେ ତା'ର କୌଣସି ଗହଣା ନାହିଁ କିପରି ଅଲକ୍ଷଣୀ ବେଶରେ ଯାଇ ମହାତ୍ମାଙ୍କୁ ଖିଅର କରିବ । ବିନା ଗହଣାରେ ଗଲେ ଲୋକମାନେ ତାକୁ କ'ଣ ବୋଲି କହିବେ । ଲକ୍ଷ୍ମୀ ବାରିକ ର ଗାନ୍ଧୀଜୀଙ୍କ ଖିଅର କରିବାର ସ୍ମୃତିକୁ ଅତି ଚମତ୍କାର ଓ ସୁନ୍ଦର ଭାବରେ ସୁନାମଧନ୍ୟ କବି ମାୟାଧର ମାନସିଂହ ନିଜ କବିତା "ନାପିତୁଣୀର ଗାନ୍ଧୀ ପୂଜା" ରେ ସ୍ଥାନ ଦେଇଛନ୍ତି -

"ଆସିବେ ମହାତ୍ମାଗାନ୍ଧୀ ପତିତ ଉଦ୍ଧାରେ
ଶୁଣେ ଗ୍ରାମ ନାପିତୁଣୀ ତା' ଗ୍ରାମ ତୋଟାରେ ।
ବାନ୍ଧୁଛନ୍ତି ସ୍ୱେଚ୍ଛାସେବୀ ତାଳପତ୍ର ବାସ
ଲାଗିଅଛି ଜନତାର ଦ୍ରୁତ ଯାଅ ଆସ ।
କି ଦେବେ ଗାନ୍ଧୀ ରେ ଭେଟି ଦରିଦ୍ର ସକଳେ
ହେଲେ କି ଦେବତା ଦେଖା ହେବ ରିକ୍ତ କରେ ।
ଦୀନହୀନ ନାପିତୁଣୀ ଭାବେ ମନେ ମନେ
ମୁଁ କିସ ବନ୍ଦିବି ନେଇ ? କିଛି ହେଲେ ଆନେ ।
ତେବେ କି, ଏ ପୁଣ୍ୟଦଣ୍ଡ ଯିବ ଖାଲି-ଖାଲି ?
ଦ୍ୱାରେ ମୋ ବାରୁଣି ବୁଡ ପାତକ ପଖାଳି" ।

ପୁନଶ୍ଚ କବି ମାୟାଧର ମାନସିଂହ ଏହି ଘଟଣାକୁ ତାଙ୍କ କବିତାରେ ଅତି ମାର୍ମିକ ଶୈଳୀରେ ଉପସ୍ଥାପନା କରିଛନ୍ତି । ବାରିକିଆଣୀ ର ଗାନ୍ଧୀଜୀଙ୍କ ପ୍ରତି ଥିବା ଭକ୍ତି ଓ ଶ୍ରଦ୍ଧାର ଏକ ବାସ୍ତବଚିତ୍ର ସେ ଉପସ୍ଥାପନ କରିଛନ୍ତି । ଏହା ନିଶ୍ଚିତ ଭାବରେ ଏକ ଉପାଦେୟ ଅଧ୍ୟାୟ ଯାହା ପ୍ରେରଣାଦାୟୀ ଓ କାଳଜୟୀ । ମାନସିଂହଙ୍କର ଏହି କବିତାରେ ଗାନ୍ଧୀ ଦର୍ଶନ, ତତ୍ତ୍ୱ ଏବଂ ମହାତ୍ମାଙ୍କ ପ୍ରତି ଥିବା ଅନାବିଳ ଭକ୍ତିର ନିଦର୍ଶନ ଅଟେ । ମାନସିଂହ ଉଲ୍ଲେଖ କରିଛନ୍ତି-

"ହେଲେ ଆସି ଉପଗତ ପଡିଲା ବିଚାର
ନାପିତ ନାହିଁ ଏ ଗ୍ରାମେ ? ହୋଇବେ ସଂସ୍କାର ।
ମହାତ୍ମା, ଏ ପ୍ରଭାତରେ ସ୍ୱେଚ୍ଛାସେବୀଗଣ
ଧାଇଁଲେ ତୁରିତ ଗ୍ରାମେ କରି ଅନ୍ୱେଷଣ ।
ଫେରିଲେ ଯେବେ ସେ ପରେ ପୂର୍ବ ନାପିତୁଣୀ
ପଛେ ତାଙ୍କ ଆଖି ଭୂମେ ମୁଖେ ନାହିଁ ବାଣୀ" ।

ଲକ୍ଷ୍ମୀ ବାରିକ ସାହିପଡିଶାରୁ କିଛି ଅଳଙ୍କାର ମାଗି କରି ଆଣି ଓ ତାକୁ ପିନ୍ଧି ଗାନ୍ଧୀଜୀ ଙ୍କୁ ଖିଅର କରିବା ପାଇଁ ସଭାସ୍ଥଳକୁ ଅତି ଆବେଗରେ ବାହରି ପଡିଲେ । ସେ ହାତରେ ଖଡୁ, ନାକରେ ନୋଥ, ଅଣ୍ଟାରେ ବିଚ୍ଛା ଓ ହାତରେ ମୁଠିଧରି ଗାନ୍ଧୀଜୀଙ୍କ ନିକଟରେ ଉପସ୍ଥିତ ହେଲେ । ବାରିକିଆଣୀର ବେଶ ପରିପାଟୀକୁ ଅତି ଚମତ୍କାର ଭଙ୍ଗିରେ ମାନସିଂହ ତାଙ୍କ କବିତାରେ ସ୍ଥାନ ଦେଇଛନ୍ତି-

"ସୁସଜ୍ଜିତା ଓଡିଆଣୀ ଆୟ ଅଳଙ୍କାରେ
ଭଞ୍ଜୀୟ ନାୟୀକା ଯେହ୍ନେ ଚଳେ ଅଭିସାରେ" ।

ଏକ ବାଉଁଶ ବେଷ୍ଟ ଖୁରରେ ଲକ୍ଷ୍ମୀବାରିକ ଗାନ୍ଧୀଜୀଙ୍କ ଖିଅର କରିଥିଲେ । ଖିଅର କରିବା ସମୟରେ ଅବିସ୍ମରଣୀୟ ସ୍ମୃତିକୁ ଅତି ବାସ୍ତବ ଓ ଜୀବନ୍ତ ରୂପ ଦେଇଛନ୍ତି କବି ମାନସିଂହ ତାଙ୍କ କାଳଜୟୀ କବିତାରେ । କବିଙ୍କ ଭାଷାରେ-

"ଭାଷନ୍ତି ମହାତ୍ମା ହସି ଆଚ୍ଛା ତ ଏ କଥା
ନାପିତୁଣୀ ଖୁର ଘଷେ କିନ୍ତୁ ପୋତି ମଥା ।
ପତିତ-ପାବନ ମହା ମାନବ ଗାନ୍ଧୀରେ
ମସ୍ତକ ବୁଲାଇ ଅସ୍ତ୍ର ହସ୍ତ ଦେଇ ଧୀରେ ।
ଦୁଇଗଣ୍ଡେ ଚିବୁକରେ ପରମ ଆଦରେ
ଆଣିଲା ବୁଲାଇ ଖୁର ଚରଣେ ଯୁଗଳେ" ।

ଖିଅର କରୁଥିବା ସମୟରେ ଲକ୍ଷ୍ମୀ ଅସହଜ ମନେ କରୁଥିବାର ଦେଖି ଗାନ୍ଧୀଜୀ ସ୍ମିତ ହସି ତାକୁ କହିଥିଲେ "ଏ ଗହଣା ତୁମକୁ ଖରାପ ଲାଗୁଛି" । ବାପୁଙ୍କର କଥାଶୁଣି ଲକ୍ଷ୍ମୀ କହିଲା ଏ ସମସ୍ତ ଗହଣା ମୁଁ ମାଗିକରି ଆଣିଅଛି । ଏସବୁ ମୋର ନୁହେଁ । ଗାନ୍ଧୀଜୀ ହସି-ହସି ତାକୁ ଗହଣା ବିଷୟରେ ବୁଝାଇ ଦେଲେ । ସେହିଦିନ ଠାରୁ ସେ ଆଉ କେବେ ଗହଣା ପିନ୍ଧି ନ ଥିଲେ । କବି ମାୟାଧର ମାନସିଂହ ତାଙ୍କ କବିତାରେ ଏହାର ହୃଦୟସ୍ପର୍ଶୀ ବ୍ୟଖ୍ୟା କରିଛନ୍ତି-

"ପଚାରନ୍ତି ଗାନ୍ଧୀ ତା'ରେ ପିନ୍ଧିଛ ଜନନୀ
ଏ ଯେଉଁ ଭୂଷଣ ତା'ର କି ଲାଭ କହନି ।
କାହିଁକି ହେ ମହାଭାଗ ପାଇବି ଭୁଷଣ ?
ଏ ସବୁ ଆଣିଛି ମାଗି ତୁମରେ ଦର୍ଶନ" ।

ଖିଅର କାର୍ଯ୍ୟ ସମାପନ ପରେ ଗାନ୍ଧୀଜୀ ନାପିତୁଣୀକୁ ତା'ର ପାଉଣା ପ୍ରଦାନ କଲେ । ସେ ସେଠାରେ ଅନ୍ୟମାନଙ୍କୁ ମଧ ଖିଅର କରିଥିଲେ । ଏଥିରୁ ଉପାର୍ଜିତ ଅର୍ଥ ବିନମ୍ରତାର ସହିତ "ସ୍ୱରାଜ୍ୟ ପାଣ୍ଠି" ପାଇଁ ପ୍ରଦାନ କରିଥିଲେ । ତେଣୁ ମାୟାଧର ମାନସିଂହ ଉଲ୍ଲେଖ କରିଛନ୍ତି-

"ତା'ପରେ ତା'କରେ ଯେବେ ଗୁଞ୍ଜିଲେ ତା'ମୂଲ
ଗାନ୍ଧୀଙ୍କର ପାର୍ଶ୍ୱ ଜନେ ତୁରିତେ ତା' ଠୁଳ ।
କରି ଧୀରେ ମହାତ୍ମାର ଚରଣ କମଳେ
ଜୀବନର ପୂଣ୍ୟ ଘେନି ନାପିତୁଣୀ ଚଳେ" ।

ଗାନ୍ଧୀଜୀଙ୍କ ପଦଯାତ୍ରା ସମୟରେ ଘଟିଥିବା ବିଭିନ୍ନ ଘଟଣା ମାନଙ୍କ ମଧରେ ନାପିତୁଣୀ ଉପାଖ୍ୟାନ ଅତ୍ୟନ୍ତ ମର୍ମସ୍ପର୍ଶୀ, ଚିତା ସ୍ପର୍ଶକ ଓ ଶିକ୍ଷଣୀୟ । ନାପିତୁଣୀର ଗାନ୍ଧୀଭକ୍ତି ଓ ପୂଜା ଥିଲା ଭାବବିହ୍ୱଳ ଓ ଐଶ୍ୱରୀୟ ଅନୁଭୂତିର ପ୍ରତୀକ । ଗାନ୍ଧୀଜୀଙ୍କ ର ଐତିହାସିକ ପଦଯାତ୍ରାର ଏ ଅଭୂଲାସ୍ମୃତି ଏକ ଅଂଶ ବିଶେଷ । ଏଥିରେ ସାମାଜିକ ବିଚାରଧାରା, ଏକତା ଓ ସଂହତି ର ମନ୍ତ୍ର ଉଚ୍ଚାରିତ ହୋଇପାରିଛି । ନାପିତୁଣୀର ଗାନ୍ଧୀ ପୂଜା ଓ ଭକ୍ତିର ପ୍ରସଙ୍ଗ ଜ୍ଞାନ ମଣ୍ଡଳ ଫାଉଣ୍ଡେସନର ପାବକ କାନୁନ୍‌ଗୋ ଙ୍କ "ଗାନ୍ଧୀ ଓ ଓଡିଶା" ପୁସ୍ତକ ଏବଂ ଡଃ ମାୟାଧର ମାନସିଂହ ଙ୍କ "ନାପିତୁଣୀ ର ଗାନ୍ଧୀ ପୂଜା" କବିତାରେ ବିଶେଷ ଭାବରେ ଉଲ୍ଲେଖ ଅଛି ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା- ୭୫୨୦୫୪

LOTUS INSTITUTE OF HOTEL MANAGEMENT

ADMISSION OPEN 2018-19
ଏକ ପରିଚୟ ଆଧୁନିକ ଶିକ୍ଷା ବ୍ୟବସ୍ଥା
ଏବଂ ୧୦୦% ନିଯୁକ୍ତିର...
JOIN AFTER 10TH, +2 & +3
H.O. : ARUNODAYA MARKET, LINK ROAD, CUTTACK
Ph. : 0671-2321666, 9439403174, 9439403178
JEYPORE CENTRE : 9438777265
Visit us : www.lihm.org


R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open ! Admission Open !
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance, (Pol. Science)
Contact : 9861462581, 9861816123

# ଶିଶୁ ସୁରକ୍ଷାରେ ଲେଖକର ଭୂମିକା

**- ଶ୍ରୀକୁଞ୍ଜ ବିହାରୀ ସାହୁ**

ସମ୍ପ୍ରତି ଶିଶୁମାନଙ୍କର ମଧୁମୟ ଜୀବନ ସୁରକ୍ଷିତ ନୁହେଁ । କଅଁଳ ବୟସ, ନରମ ଦେହ, ନିର୍ମଳ-ହସ-ଖୁସିର ସୁଗନ୍ଧିତ ପରିବେଶରେ ରହିବାକୁ ଚାହୁଁଥିବା ଛୋଟଛୋଟ ପିଲାମାନଙ୍କର ଭାଗ୍ୟ-ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି । ଲେଖି ପଢ଼ିବାର ଦୁର୍ବାର ଲାଳସା ଅଫେରା ପାଲଟି ଯାଉଛି । ହାତରେ ଖଡ଼ି ଧରିବା ସ୍ୱପ୍ନମୟ ହୋଇପଡୁଛି । ଏଭଳି ଅବାନ୍ତର ଓ ଅସହାୟତା ପ୍ରଶ୍ନବାଚୀ ଆଙ୍କି ଦେଇଛି ସଭିଙ୍କ ମନରେ । ଆଧ୍ୟାତ୍ମିକ ଚେତନାର ଅବକ୍ଷୟ ଫଳରେ ଶିଶୁର ଜୀବନଚର୍ଯ୍ୟା ଖୁବ୍ ଜଟିଳ ହୋଇପଡ଼ିଛି । ଶିଶୁର ସୁନ୍ଦର ଓ ସ୍ୱଚ୍ଛନ୍ଦ ସମୟ ଯନ୍ତ୍ରଣାରେ ଛଟପଟ ହେଉଛି । କଂଚା ମାଟିପିଣ୍ଡୁଳାଟି ଭାଙ୍ଗି ଯାଉଛି ଅନାୟସରେ । ତେଣୁ ଶିଶୁଟି ପ୍ରତ୍ୟେକ କ୍ଷେତ୍ରରେ ଏବଂ ପ୍ରତି ମୁହୂର୍ତ୍ତରେ ନିଜକୁ ଅସହାୟ, ଅବହେଳିତ ଏପରିକି ଅମାନବିକତାର ଶିକାର ହେଉଛି । ଅଲଟ୍ରାସାଉଣ୍ଡର ସାହାଯ୍ୟ ନେଇ କନ୍ୟାଭ୍ରୁଣର ନଷ୍ଟ ଚିତ୍ର ପ୍ରତ୍ୟେକ ସମ୍ବେଦନଶୀଳ ମାନବଙ୍କ ପାଇଁ ଆଲୋଡନ ସୃଷ୍ଟି କଲାବେଳକୁ ଚାରି/ପାଂଚ ବର୍ଷର ଶିଶୁକୁ ପାଶବିକ ଅତ୍ୟାଚାର, ଲୋମହର୍ଷଣ ତଥା ରୋଚକ ସମ୍ବାଦ ମାନସିକ ଆଘାତ ଦେଇଛି ନିରୀହ ପିତାମାତାଙ୍କୁ । ଅନାଥ ଓ ନିରାଶ୍ରୟ ଶିଶୁମାନଙ୍କୁ ଦଲାଲମାନେ ଅନ୍ୟ ପ୍ରଦେଶକୁ ପ୍ରେରିତ କରି ସେମାନଙ୍କୁ ଭିକ୍ଷାଗ୍ରହଣ ପେଷାରେ ନିୟୋଜିତ କରୁଛନ୍ତି । ଦାଦନ ଭାବେ କାମ କରି ନିଜକୁ ଅସହାୟ ମଣିବା ସହ, ବିପଦମୁକ୍ତ ହୋଇ ପାରୁ ନାହାନ୍ତି । ଗ୍ରାମ ଅବା ସହର ହେଉ, ଏପରିକି ବଡ଼ ବଡ଼ ମେଟ୍ରୋପଲିଟାନ ସହରରେ ଏଭଳି ଅଶୋଭନୀୟ ଘଟଣା ସମସ୍ତଙ୍କ ଆଖିରୁ ନିଦ ହଜେଇଦେଇଛି । କନ୍ୟାଟିଏ ସତେ ଅବା ପଣ୍ୟଦ୍ରବ୍ୟ, ପ୍ଲାଷ୍ଟିକ କଣ୍ଢେଇ । ଶାରୀରିକ ଉପଭୋଗର ମାପ କାଠି । ବିଶେଷ କରି ପ୍ରାଥମିକ ସ୍କୁଲ ପିଲାମାନଙ୍କୁ ମନମତାଣିଆ ଗପ କହିବା, ବିଭିନ୍ନ ପ୍ରକାରର ଲୋଭନୀୟ ଜିଭ ଲାଳସାଯୁକ୍ତ ଖାଦ୍ୟ ଖୁଆଇବା ଓ ତତ୍ ସଙ୍ଗେ ସଙ୍ଗେ ଯୌନୋଦ୍ଦୀପକ ଚିତ୍ର/ଚଳଚ୍ଚିତ୍ର ଦେଖାଇ ଖୁବ୍ ସହଜରେ ଶୋଷଣ, ଧର୍ଷଣ ଏବଂ ମାନସିକ ପୂର୍ଣ୍ଣ କରିବା ଆଶାରେ ହତ୍ୟା କରାଯାଉଛି । କେବଳ ଶିଶୁ କନ୍ୟାମାନେ ଅତ୍ୟାଚାରିତ ହେଉଛନ୍ତି ତା ନୁହେଁ, ମଫସଲି ଗାଁ ର ବିଦ୍ୟାଳୟ ତଥା ଆଶ୍ରମ ବିଦ୍ୟାଳୟରେ ଶିଶୁ ପୁଅ ମାନେ ମଧ୍ୟ ଅପ୍ରତ୍ୟାଶିତ ଭାବେ ଯୌନଶିକାର ହେବାର ସମ୍ବାଦ ପ୍ରଚାର ଏବଂ ପ୍ରସାର ହେଉଛି ଗଣମାଧ୍ୟମରେ ।

ଆମେ ସ୍ଲୋଗାନ ଦେଉଛୁ ଯେ ଶିଶୁ ହିଁ ଆଗାମୀ କାଲିର ଭବିଷ୍ୟତ । ଦେଶର ସମ୍ପଦ । ସୁନାଗରିକ ହୋଇ ଜୀବନଧାରଣର ପ୍ରାରମ୍ଭିକ ସୂଚନା । ସରଳ-ତରଳ ମନ । ନିଷ୍ପାପ ହୃଦୟ । ସମ୍ପୂର୍ଣ୍ଣ ସ୍ୱାଧୀନଚେତା । *ଶିଶୁଟି ପାଠ ପଢ଼ିବ-ଦେଶ ଗଢ଼ିବ* - ଏଭଳି ଅନେକ ସ୍ୱପ୍ନ ଦେଖୁଥିବା ଅଭିଭାବକମାନେ ଚିନ୍ତାଶୀଳ ହୋଇପଡ଼ନ୍ତି ସହଜରେ । ଶିଶୁଟି ଶ୍ରମିକ ପାଲଟିଯାଉଛି । ତା ଦେହ ବିଷାକ୍ତ ହୋଇଯାଉଛି । କୁନି କୁନି କଅଁଳ ହାତରେ ବିଣ୍ଡି ପଡ଼ିଯାଉଛି । କ୍ଷୀଣ ହୋଇଯାଉଛି ଦୃଷ୍ଟିଶକ୍ତି । ପେଟ-ପିଠି ଲାଗିଯାଉଛି । ଜୀବନ-ଜୀବିକାର ଦୋ ଛକିରେ ଅଣନିଶ୍ୱାସୀ ହୋଇପଡୁଛି ଅକ୍ଲେଶରେ । ଆଖି ସାମ୍ନାରେ ଅପ୍ରାକୃତିକ ଯୌନଲାଳସାର ଶିକାର ହେଉଥିବା ଶିଶୁଟି, ରେଷ୍ଟୋରାଁ ରେ ସାମାନ୍ୟ ଭୁଲ ପାଇଁ ଗରମ ଚେଙ୍କ ଖାଉଥିବା କୋମଳମତି ବାଳକଟି, ସାବତ ମାଆର ନାଲି ଆଖିର ନିଆଁଝୁଲର ଦାଉ ନିର୍ବିକାର ଭାବରେ ସହ୍ୟ କରୁଥିବା ପୁଅ-ଝିଅଟି, ପୁଣି କେଉଁ ସାହେବାଣୀର କ୍ରୁର ତାଗିଦା ସହ ଅହେତୁକ ଯନ୍ତ୍ରଣାରେ ଛଟପଟ ହେଉଥିବା ଚାକର-ଚାକରାଣୀର ବିଭତ୍ସ ଦୃଶ୍ୟକୁ ଦେଖିଲା ପରେ ବି ସରକାରଙ୍କ ସମସ୍ତ ନୀତି-ନିୟମ, ଧାରା ଚୁଲୀର ପାଉଁଶ ପାଲଟିଯାଉଛି । ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁଟି ଶିଶୁ କଲ୍ୟାଣ କମିଟି ଦ୍ୱାରା ଆବଶ୍ୟକ ମୁତାବକ ନ୍ୟାୟ ପାଇପାରୁନାହିଁ । ଶିଶୁ ଶ୍ରମିକ ପ୍ରଥାକୁ ଉଚ୍ଛେଦ କରିବାର ପ୍ରୟାସ ହ୍ରାସ ନ ପାଇ ବରଂ ବୃଦ୍ଧି ହେବାରେ ଲାଗିଛି ।

ପଥପାର୍ଶ୍ୱ ନାଟକ, ଚଳଚ୍ଚିତ୍ର, ଇଲୋକ୍ଟ୍ରୋମିଡ଼ିଆ, ସରକାରୀ ତଥା ବେସରକାରୀ ସଂସ୍ଥାରେ ଶିଶୁର ବିପନ୍ନ ଚିତ୍ରନାଟ୍ୟ ପ୍ରଦର୍ଶିତ / ପ୍ରସାରିତ ହେଲେ ହେଁ ଏହା କେବଳ ନାମକୁ ମାତ୍ର । ସର୍ଭେରୁ ଯାହା ଜଣାପଡ଼ିଛି, ଭାରତର ମୋଟ ଜନସଂଖ୍ୟାର ପ୍ରାୟ ଶତକଡ଼ା ୪୦ ଭାଗ ହେଉଛନ୍ତି ଶିଶୁ । ଭାରତରେ ବହୁ ସଂଖ୍ୟକ ଶିଶୁ ଯୌନର୍କମୀଙ୍କ ସନ୍ତାନ ସନ୍ତତି, ନିଶାଦ୍ରବ୍ୟ ଅପବ୍ୟବହାର କରୁଥିବା ଶିଶୁ, ଏଚ୍.ଆଇ.ଭି / ଏଡ୍ସ୍ ଦ୍ୱାରା ସଂକ୍ରମିତ ଶିଶୁ, ଭିକ୍ଷା ମାଗୁଥିବା ଶିଶୁ ବିନା ଦୋଷରେ ଦଣ୍ଡ ପାଉଛି । ଖେଳିବାର ବୟସ ଛନ୍ଦି ହୋଇଯାଉଛି ନଗ୍ନ ସମୟ ଓ ଅବ୍ୟବସ୍ଥିତ ପରିବେଶର ପଞ୍ଝା ଭିତରେ । ଓଠ ତଳର ଚେନାଏ ହସ ବିକୃତ ହୋଇଯାଉଛି ଆପେ ଆପେ । ଚଲାପଥ ସତେ ଅବା ଖାଲ-ଢ଼ିପ । ତାର କୋମଳମତି ମନଟି ନିଜର ସୁରକ୍ଷା ଆଶଙ୍କାରେ ରହିଯାଇଛି । ଅଧିକାର ଯେପରି ଅପସରି ଯାଉଛି ସ୍ୱ ଇଚ୍ଛାରେ ।

*'ଶ୍ରମିକ ଭାଇରେ ଲାଗିପଡ଼ / କେଉଁ କାମ ଅବା ତୋତେ ବଡ଼'*- ପଢ଼ିଥିବା କବିତାର ପଂକ୍ତିଟି କାମ କରିବାର ସ୍ପୃହାକୁ ଦ୍ୱିଗୁଣିତ କରିବାର ଏକ ଜ୍ୱଳନ୍ତ ଉଦାହରଣ । ସେହି

ପରିପ୍ରେକ୍ଷୀରେ- ***'ଶିଶୁ ଶ୍ରମିକରେ ଲାଗି ପଡ଼, କେଉଁ କାମ ଅବା ତୋତେ ବଡ଼'*** - ଏ ପ୍ରକାର କବିତା ଲେଖା ହେଲେ, ଏହା ନିଶ୍ଚିତ ଭାବେ ଅସଙ୍ଗତ ତଥା ଅମାନୁଷିକ କବିତାର ପଂକ୍ତି ବୋଲି ବିବେଚନା କରାଯିବ । ଏ ଦିଗରେ ଶିଶୁମାନଙ୍କୁ ପ୍ରୋତ୍ସାହନ ଦେବା ଅର୍ଥ ନିରୀହ ଦେହରେ ଛୁରିକା ଚଳେଇବା ବା କଅଁଳ ଆଖିରେ ଆଙ୍ଗୁଠି ମାରିବା ।

ଭାରତର ସମ୍ବିଧାନର ଧାରା ୨୪ରେ କୁହାଯାଇଛି ଯେ- ୧୪ ବର୍ଷରୁ କମ୍ ବୟସର କୌଣସି ଶିଶୁକୁ କାରଖାନା ବା ଖଣିରେ ନିଯୁକ୍ତି କରାଯିବ ନାହିଁ ବା କୌଣସି ବିପଦସଙ୍କୁଳ ନିଯୁକ୍ତରେ ନିୟୋଜିତ କରାଯିବ ନାହିଁ । ନିଶ୍ଚିତ ରୂପେ ଏହା ଏକ ସ୍ୱାଗତଯୋଗ୍ୟ ଧାରା । କିନ୍ତୁ ବିପଦଜ୍ଜନିତ କାର୍ଯ୍ୟକ୍ଷେତ୍ରରେ ଶିଶୁକୁ ସୁରକ୍ଷା ଦେବାର ଧାରା ସମ୍ପୂର୍ଣ୍ଣ ଉଲ୍ଲଂଘନ ହେଉଛି । କାରଣ ବାଣ କାରଖାନା, ଚୁଡ଼ି ଉଦ୍ୟୋଗ, କାର୍ପେଟ ଉଦ୍ୟୋଗ, କୃଷି କ୍ଷେତ୍ର, ଗ୍ୟାରେଜ, ଢାବା / ହୋଟେଲରେ କୋମଳମତି ଶିଶୁମାନେ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି । ଏଥିପାଇଁ ଗରିବୀ ଅଥବା ନିରକ୍ଷରତା ଦାୟୀ ହେଲେ ମଧ୍ୟ ସରକାରୀ ସ୍ତରରେ ତଥା ସାମାଜିକ ସ୍ତରରେ ସଚେତନତାର ଜରୁରୀ ଆବଶ୍ୟକତା ରହିଛି । ସମ୍ବିଧାନର ଏହି ଶୃଙ୍ଖଳିତ ଧାରାକୁ ଉପଯୁକ୍ତ ସମ୍ମାନ ଦେଲେ ଶିଶୁମାନେ ନିଜର ଶିଶୁ ସୁଲଭ ଅଧିକାର ପାଇପାରିବେ ବୋଲି ଆଶା ଓ ବିଶ୍ୱାସ । ସେହିପରି ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାକୁ ହୃଦୟଙ୍ଗମ କରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏକାନ୍ତ ବିଧେୟ ।

ଚାଇଲ୍ଡ୍ ଲାଇନ ସେବା ହେଉଛି ଏକ ଦିନ-ରାତି ସେବା, ଯାହାର ନଂ ହେଉଛି-୧୦୯୮ । ଏହା ୧୯୯୬ ମସିହାରୁ ଲାଗୁ ହୋଇଛି । ଏହା ଦ୍ୱାରା ବିପଦରେ ପଡ଼ିଥିବା ଜଣେ ବାଳୁତକୁ ଉଦ୍ଧାର କରାଯାଇପାରେ ଏବଂ ପରବର୍ତ୍ତୀ ଅବସ୍ଥାରେ ଉକ୍ତ ବାଳୁତର ଆବଶ୍ୟକତାକୁ ଚାହିଁ ତାହାର ଦୀର୍ଘମିଆଦୀ ପ୍ରଯତ୍ନ ଓ ଥଇଥାନ ଉଦ୍ଦେଶ୍ୟରେ କୌଣସି ସରକାରୀ ବା ବେସରକାରୀ ସଂସ୍ଥାରେ ସ୍ଥାନିତ କରାଯାଇଥାଏ । ଏହି ସୁବିଧାର ସୁବିନିଯୋଗ କରି ପ୍ରତ୍ୟେକ ନିଜର ମହନୀୟତାକୁ ପ୍ରତିପାଦିତ କରିବା ।

ତିନି- ଚାରି ବର୍ଷର ଶିଶୁ ଯେଉଁ ପରିମାଣରେ ପରିମାଣରେ ପରିପକ୍ୱ ହୋଇ ନ ଥାନ୍ତି, ମାତ୍ର ଦଶ-ବାର ବର୍ଷର ଶିଶୁ ବାହ୍ୟ ଜଗତ ପ୍ରତି କିଛିଟା ନଜର ରଖିଥାନ୍ତି । ଗାଁରେ ଥିବା ବିଦ୍ୟାଳୟ ଅପେକ୍ଷା ସହରରେ ଥିବା ବିଦ୍ୟାଳୟମାନଙ୍କରେ ପଢୁଥିବା ଏ ବୟସର ପିଲାମାନେ ନିଜକୁ ନିଜେ ଅସାବଧାନତା ହୋଇ ଶୋଷଣରେ ଶିକାର ହୁଅନ୍ତି । ନିଜର ଅବ୍ୟବସ୍ଥିତ ପୋଷାକ ପରିଚ୍ଛଦ, ଆଚରଣ ଅନେକାଂଶରେ ଦାୟୀ । ୧୩-୧୪ ବର୍ଷର ପିଲାମାନେ ଆଧୁନିକ ଚାକଚକ୍ୟରେ ରହି ବିଭିନ୍ନ ଇଲେକ୍ଟ୍ରୋମିଡ଼ିଆ ମାଧ୍ୟମରେ ନିଜର ହିତାହିତ ଜ୍ଞାନ ହରାଇଥାନ୍ତି । ସେମାନଙ୍କର ଚରିତ୍ର ସ୍ଖଳନକୁ ସୁଯୋଗ ନ ଦେବା ପାଇଁ ପିତାମାତା / ଅଭିଭାବକ / ଶିକ୍ଷକ-ଶିକ୍ଷୟିତ୍ରୀ ମନେ ଯତ୍ନପର ହେବା ଜରୁରୀ । ସେମାନଙ୍କ ପ୍ରତି ନିଘା ରଖି ବନ୍ଧୁତାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କଲେ ଲୁକ୍କାୟିତ ଦୋଷ/ତ୍ରୁଟିକୁ ମାର୍ଜିତ କରି ହେବ । ଅନ୍ତରଙ୍ଗ ଆଳାପ ଏଥିପାଇଁ ବଳିଷ୍ଠ ମାପକାଠି ବୋଲି ବିବେଚନା କରାଯାଇପାରେ ।

ୟୁନିସେଫ୍ ପକ୍ଷରୁ ଶିଶୁଙ୍କ ସ୍ଥିତି ୨୦୧୬ ରିପୋର୍ଟ ଅନୁସାରେ ଧନୀ ପିଲାମାନେ ପାଉଥିବା ଶିକ୍ଷା ଗରିବ ପିଲାମାନେ ପାଉନାହାନ୍ତି । ଗୁଣାତ୍ମକ ଶିକ୍ଷାର ଫରକ ହେତୁ ଶିଶୁଙ୍କ ବିକାଶରେ ବାଧାପ୍ରାପ୍ତ ହେଉଛି । ଦେଶ ଦେଶ ଭିତରେ ବିବାଦ ହିଁ ପିଲାମାନଙ୍କ ନିରକ୍ଷରତାକୁ ଆଗେଇନେଉଛି । ସାରା ବିଶ୍ୱରେ ଏବେ ବି ପ୍ରାୟ ୧୨ କୋଟି ୪୦ ଲକ୍ଷ ପିଲା ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇନାହାନ୍ତି । ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ପ୍ରାୟ ଶତକଡ଼ା ୩୮ ଭାଗ ଶିଶୁ ବହି ପଢ଼ିବା, ଲେଖିବା ଓ ସରଳ ଗଣିତ କରିବା ଜାଣିନାହାନ୍ତି । ପ୍ରାଥମିକ ଶିକ୍ଷା ଶେଷ କରିଥିବା ପ୍ରତି ୫ ଜଣଙ୍କ ଭିତରୁ ୨ ଜଣ ପଢ଼ା ଓ ଲେଖା ଜାଣନ୍ତିନି । କୁହାଯାଇଛି 'ଅସୀ ଠାରୁ ମସୀ ବଡ଼' । ଲେଖକମାନଙ୍କ ପାଇଁ ଏହା ସର୍ବଦୌ ପ୍ରଯୁଜ୍ୟ । ଶିକ୍ଷାର ମାନଦଣ୍ଡ ଯଥାର୍ଥରେ ମନୁଷ୍ୟର ମାନସିକ, ଆବେଗିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ । ସମାଜର ଆବଶ୍ୟକତା ଅନୁସାରେ ଶିକ୍ଷାରେ ମାନଦଣ୍ଡ ନିର୍ଦ୍ଧାରିତ ହୋଇଥାଏ । ଜଣେ ଲେଖକ ଚାହିଁଲେ ସକରାତ୍ମକ ଭୂମିକା ନେଇ ଅନେକ ପରିବର୍ତ୍ତନ ଆଣିପାରିବ ଉପହାସିତ, ଅତ୍ୟାଚାରିତ ଏବଂ ଅପମାନିତ ଶିଶୁଙ୍କ ପାଇଁ । ସେମାନଙ୍କୁ ଉଚିତ ମାର୍ଗରେ ଶିକ୍ଷାଦାନ ଦେବା ସହ ସମ୍ମାନ ପୂର୍ବକ ଲେଖା ପ୍ରସ୍ତୁତ କରି ପିଲାମାନଙ୍କୁ ସୁସଂଗଠିତ କରିପାରିବେ । ବିଶେଷ କରି ଶିଶୁ ସାହିତ୍ୟିକମାନେ ଏ ବିଭାଗରେ ଅଧିକ ଯତ୍ନଶୀଳ ହୋଇପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ । କାରଣ ଶିଶୁସାହିତ୍ୟିକ ମାନେ ଶିଶୁମାନଙ୍କର ମନସ୍ତତ୍ତ୍ୱକୁ ଠିକ୍ ରୂପେ ଚୟନ କରିଥାନ୍ତି । ସେମାନଙ୍କର ଅବ୍ୟକ୍ତ / ଜିଜ୍ଞାସା ମନକୁ ବୁଝିପାରନ୍ତି । ଠିକଣା ଜାଗାରେ ଲିଖିତ ମାଧ୍ୟମରେ ଦୋଷୀକୁ ସାମ୍ନା କରି ଜବାବ ଅସୁଲ କରିବାରେ ସାଧ୍ୟ ହୋଇପାରିବେ । ମହାପୁରୁଷଙ୍କ ଜୀବନୀ, ଜ୍ଞାନ-ବିଜ୍ଞାନ ସମ୍ବଳିତ ପୁସ୍ତକ, ନୀତି-ଆଦର୍ଶରେ ଶିଶୁମାନଙ୍କୁ ଅନୁପ୍ରାଣୀତ କରିବା ଦରକାର । ଉପଯୁକ୍ତ ଶିଶୁ-ସାହିତ୍ୟ ପୁସ୍ତକ ଓ ପତ୍ରପତ୍ରିକା ପିଲାମାନଙ୍କୁ ଦେଇ ସେମାନଙ୍କ ଜ୍ଞାନର ପରିସୀମାକୁ ପ୍ରଶସ୍ତ କରିବା । ଶିଶୁସାହିତ୍ୟର କର୍ମଶାଳା ଆୟୋଜନ କରି ଲେଖକମାନେ ଶିଶୁମାନଙ୍କର ବ୍ୟକ୍ତିତ୍ୱ ଗଠନ ଉପରେ ଆଲୋକପାତ କରିବା । ମୁଁ ଅନୁଭବ କରିଛି, ଶିଶୁମାନେ

ଲେଖକମାନଙ୍କର ଉନ୍ନତମାନର ଲେଖା ପଠନ କରି ଆନନ୍ଦ ଉଠାନ୍ତି । ସୁହାଇଲା ଭଳି କଥା/ ବକ୍ତୃତା ଶୁଣି ନିଜକୁ ସଜାଡ଼ିବାକୁ ଆଗଭର ହୁଅନ୍ତି ।

ନିରାଶ୍ରୟ ଶିଶୁ, ଶିଶୁ ଶ୍ରମିକ, ଭିକ୍ଷା ଗ୍ରହଣ କରୁଥିବା, ରାସ୍ତାର ଦୁଇ ପାର୍ଶ୍ୱ, ରେଳ ଧାରଣା ସନ୍ନିକଟରେ ଜରି ଗୋଟାଉଥିବା ମଳିମୁଣ୍ଡିଆ ପିଲା ଯେଉଁମାନେ କି ଉଚିତ ଶିକ୍ଷା ପାଇପାରୁନାହାନ୍ତି, ସେମାନଙ୍କୁ ଠିକ୍ ଭାବେ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର ଅବାସିକ ଛାତ୍ରାବାସ ଖୋଲିବାର ଯୋଜନା ହାତକୁ ନେଇଛନ୍ତି । ଏହା ସାମୂହିକ ଭାବେ ଗୌରବମୟ ପଦକ୍ଷେପ । ଏହା ଦ୍ୱାରା ଉପରୋକ୍ତ ଶ୍ରେଣୀର ପିଲାମାନେ ଆବାସିକ ଛାତ୍ରାବାସରେ ରହି ପାଠପଢ଼ାର ଭରପୂର ଫାଇଦା ଉଠାଇପାରିବେ । ସେହିସବୁ ଆବାସିକ ଛାତ୍ରାବାସରେ ଶିକ୍ଷକମାନେ ଶିକ୍ଷାଦାନ କରିପାରିଲେ, ପିଲାମାନେ ଶୃଙ୍ଖଳିତ ହୋଇ ପାଠପଢ଼ାରେ ଅଗ୍ରଣୀ ହୋଇପାରିବେ ଏବଂ ସୁ-ନାଗରିକ ଭାବେ ଯଶ ଅର୍ଜନ କରିପାରିବେ ।


ବିଭିନ୍ନ ଖେଳ-କସରତ, ବ୍ୟାୟାମ ସହାୟତାରେ ଶିଶୁମାନଙ୍କର ଶାରୀରିକ ବୃଦ୍ଧି ପ୍ରତି ଦୃଷ୍ଟି ଦେବା ଏକାନ୍ତ ପ୍ରୟୋଜନ । ଶାରୀରିକ ବୃଦ୍ଧି ସହ ମାନସିକ ବୃଦ୍ଧି ଅନୁପୂରକ ହୋଇଥାଏ । ଏହା ପରିବେଶକୁ ସନ୍ତୁଳିତ କରିଥାଏ ଓ ଭଲମଣିଷ ହେବାର ଖୋରାକ ଦେଇଥାଏ । ଜଣେ ଲେଖକ ପରୋକ୍ଷରେ ଅଭିଭାବକଟିଏ । ନିଜ ପିଲାଙ୍କୁ ପାଠ ପଢ଼େଇବା ସହ ସୁରକ୍ଷା ଦେବାର କୌଶଳକୁ ହୃଦୟଙ୍ଗମ କରିପାରେ । ବିଭିନ୍ନ ପତ୍ର-ପତ୍ରିକା, ସମ୍ବାଦପତ୍ରରେ ଶିଶୁ ମନଲାଖି ଉନ୍ନତ ତଥା ମାର୍ଜିତ ଲେଖା ଦ୍ୱାରା କଳୁଷ ସଂସ୍କାରକୁ ଲିଭେଇ ଦେଇପାରିବା । ପ୍ରାଚୀରପତ୍ରରେ ସ୍ଲୋଗାନ ଲେଖି ଶିଶୁ ଅଧିକାରଙ୍କୁ ସାବ୍ୟସ୍ତ କରିବାର ଦାୟିତ୍ୱ ବହନ କରିବା ।

ଶିଶୁଟିର ପ୍ରତିଭାତ ବିକାଶ ଲାଗି ଉପଯୁକ୍ତ ବାତାବରଣ ସୃଷ୍ଟି କଲେ ଦେଶ ଓ ସମାଜ ପାଇଁ ସମ୍ବଳ ହେବ । ପ୍ରଚଳିତ ବ୍ୟବସ୍ଥାର ଉଦ୍ଦେଶ୍ୟକୁ ବୁଝି କାର୍ଯ୍ୟ କରିବା ଆବଶ୍ୟକ । ସକରାତ୍ମକ ମନୋଭାବ ଓ ପିଲାଙ୍କ ପ୍ରତି ଆତ୍ମୀୟତା ହିଁ ସେମାନଙ୍କର ଉଜ୍ଜଳ ଭବିଷ୍ୟତର ଆଲୋକଦର୍ଶିକା । ଚାରିକାନ୍ଥ ଭିତରେ ଶିଶୁକୁ ଆବୋରି ନ ରଖି ଶିଶୁକୁ ହୃଦୟରେ ସ୍ଥାନ ଦେଲେ, ଶିଶୁ ସୁଲଭ ପଣିଆ ମନରେ ଜାଗ୍ରତ ହେବ ଏବଂ ଶିଶୁର ଆବଶ୍ୟକ ସୁରକ୍ଷା ଓ ଯତ୍ନ ପ୍ରତି ଧ୍ୟାନ ଦେଇହେବ ।

ଜଣେ ଶିଶୁସାହିତ୍ୟିକର ମନ ନେଇ ଏହି କଥା ପ୍ରସ୍ତୁତ କରୁଛି ସେ ଶିଶୁ ସାହିତ୍ୟିକମାନେ ଏ ପ୍ରକାର କେଳେଙ୍କାରୀକୁ ମୁଳୋତ୍ପାଟନ କରି ଶିଶୁର ଆକାଙ୍କ୍ଷାକୁ ପୂରଣ କରିବା ଓ ଶିଶୁ ଅଧିକାରକୁ ଉଚ୍ଚାସୀନ କରାଇବାରେ ଆଗଭର ହେବେ ।

ଏ ସମସ୍ତ ପ୍ରୟାସ ସାଧନ ହୋଇପାରିବ ସେତେବେଳେ, ଯେତେବେଳେ ଦୋଷୀଙ୍କ ପାଇଁ ଦଣ୍ଡ ବିଧାନକୁ କଠୋର ଭାବେ କ୍ରିୟାଶୀଳ କରାଇ ସମାଜ ଉପରେ ତାର ପ୍ରଭାବ ପ୍ରସାରିତ ହୋଇପାରିବ ।

ଏଲ୍.ଆଇ.ଜି-୧୫ ନୟାପଲ୍ଲୀ ବ୍ରିଟ୍ କଲୋନୀ,
ଭୁବନେଶ୍ୱର- ୭୫୧୦୧୨



# କାଳିଝିଅ ଓ ଫେରିବାଲା

*- ସଚ୍ଚିଦାନନ୍ଦ କର*

ପ୍ରଥମ କରି ସଜ ହେବା ଜିନିଷ ରଖୁଥିଲା କାଳିଝିଅ ।

- 'ଯେତେ ସଜ ହେବାକୁ କହିଲେ ହୁଏନି । ଆଜି ତା'ର କ'ଣ ମନ ହେଇଛି କେଜାଣି ।' ପାଖରେ ଠିଆ ହୋଇଥିବା କାଳିଝିଅର ମା' କହିଲେ ଓ କଥାଶେଷରେ ମୁର୍କି ମୁର୍କି ହସିଲେ ।

- 'ତୁମର କେତେ ପଇସା ହେଲା ?' ମୁର୍କି ହସି ଫେରିବାଲାକୁ ପଚାରିଲା କାଳିଝିଅ ।

- 'ତୁମେ ଆଗ ସଜ ହୁଅ । କେମିତି ଦିଶୁଛ ମୁଁ ଦେଖେ । ତା'ପରେ ଯାଇ ପଇସା ନେବି । ସବୁ ସପ୍ତାହରେ ମୁଁ ଥରେ ଏଇ ଏରିଆକୁ ଆସିଥାଏ ।' ଫେରିବାଲା କହିଲା । ଫେରିଗାଲା ।

ସାମ୍ପୋ, ସାବୁନ୍, ସ୍ନୋ, ପାଉଡ଼ର୍, ଟିକିଲି- ଏସବୁରେ ଏବେ କାଳିଝିଅ ଦିଶୁଥିଲା ଗୋରୀ, ସୁନ୍ଦରୀ । ଆଇନା ଆଗରେ ନିଜକୁ ଦେଖି ନିଜେ ଉତ୍ଫୁଲ୍ଲିତ ହେଉଥିଲା । ଫେରିବାଲାକୁ ନିଜକୁ ଦେଖେଇବାକୁ ଚାହୁଁଥିଲା । ଜିନିଷର ଦାମ୍ ଦେବାକୁ ବି ଚାହୁଁଥିଲା ।

ଫେରିବାଲାର ଦେଖା ନଥିଲା ।

ଏବେ ନିଜକୁ ଭଲପାଇବାରେ ଲାଗିଥିଲା କାଳିଝିଅ । ବହୁତ ଭଲପାଉଥିଲା । ଖୁବ୍ ଆତ୍ମବିଶ୍ୱାସ ଆସିଯାଇଥିଲା ତା' ମନରେ ।

ଆସୁନଥିଲା ଫେରିବାଲା ।

ବ୍ୟସ୍ତ ହେଉଥିଲା କାଳିଝିଅ ।

ଦିନେ ପୁଣି ଆସିଲା ଫେରିବାଲା । ତାକୁ ଦେଖି ଖୁସି ହେଲା କାଳିଝିଅ । ପଚାରିଲା- 'ଏତେ ଦିନ ହେଲାଣି ଆସୁନଥିଲ ? ମୋତେ ଭୁଲି ଯାଇଥିଲ ବୋଧେ ?'

ଅଳ୍ପ ହସିଲା ଫେରିବାଲା । ଜିନିଷପତ୍ର ଦେଲାବେଳେ ଧୀରେ କହିଲା- 'ଏବେ ତୁମକୁ ସୁନ୍ଦରୀ ବୋଲି କହିପାରିବି କି ?' - 'ଆଉ କିଛି କହିପାରିବନି କ'ଣ ?' ଅଳ୍ପ ହସି କହିଲା କାଳିଝିଅ ।

ଫେରିବାଲା ମୁର୍କି ହସିଲା । କାଳିଝିଅକୁ ଚାହିଁଲା । ହେଲେ କିଛି କହିପାରିଲାନି ।

ସଲ୍ଲଜ ଭଙ୍ଗୀରେ ଫେରିବାଲାକୁ ଚାହିଁ ରହିଥିଲା କାଳିଝିଅ ।

ଇଏ ଗୋଟେ ଭଲପାଇବା ଜନ୍ମ ନେବାର ସୂଚନା ।

ହେଲେ କିଏ କାହାକୁ ଭଲ ଲାଗୁଥିଲା ? ? ?

'ନିର୍ମାଲ୍ୟ', ନୂଆପଡ଼ା, ନୟାବଜାର, କଟକ

ଗୋଟିଏ ଦୁର୍ଘଟଣା ଘଟିଗଲା ।

ଫେରିବାଲାର ସାଇକେଲକୁ ଧକ୍କା ଦେଲା କାଳିଝିଅର ସ୍କୁଟି । ଶୂନ୍‌ଶାନ୍ ରାସ୍ତାରେ ।

ରକ୍ତ ଝରୁଥିଲା- କାଳିଝିଅର ପାଦରୁ । ଫେରିବାଲାର ମୁଣ୍ଡରୁ । ଧୂଳି ଲାଗି ଅସନା ହୋଇଥିଲା ପୋଷାକ-ଉଭୟଙ୍କର ।

ଫେରିବାଲା ଝାଡ଼ିଝୁଡ଼ି ଠିଆହେଲା । ଜିନିଷ ସଜାଡ଼ିଲା ।

କାଳିଝିଅ ବି ଝାଡ଼ିଝୁଡ଼ି ହୋଇ ଉଠିଲା । ଧାଇଁ ଯାଇ ଫେରିବାଲାର ମୁଣ୍ଡରୁ ନିଜ ରୁମାଲରେ ରକ୍ତ ପୋଛିଲା ।

- 'ଗାଡ଼ି ଚଲାଇବା ବେଳେ ଅନ୍ୟମନସ୍କ ହେବା ଠିକ୍ ନୁହେଁ ।' ଫେରିବାଲା କହିଲା ।

- 'ନୂଆ ନୂଆ ସ୍କୁଟି ଚଲାଉଛି । କିଛି ମନେ କରିବନି । ବୋଧହୁଏ ମୋର ଭୁଲ ହୋଇଛି । କାଳିଝିଅ ଦୁଃଖ ପ୍ରକାଶ କଲା ।'

ଜିନିଷ ସଜାଡୁ ଥିଲା ଫେରିବାଲା । ମନକୁମନ କହୁଥିଲା । - 'ଝିଅଟା ସଜ ହୁଏନି ବୋଧେ । ଇସ୍ କି ଅସୁନ୍ଦର ଦିଶୁଛି । ଇଏ କ'ଣ ବୁଝିବ ମୋ ଜିନିଷପତ୍ରର ମୂଲ୍ୟ ।'

- 'ମୋର ଡେରି ହେଲାଣି । ମୁଁ ଆସୁଛି ।' କହିଲା କାଳିଝିଅ । ସ୍କୁଟି ଷ୍ଟାର୍ଟ କଲା । ଚାଲିଗଲା ।

ଫେରିବାଲା ସାଇକେଲରେ ବସିଲା । ଗୋଟିଏ ଗୋଟିଏ ପେଡାଲ ମାରି ଆଗକୁ ଚାଲିଲା ।

ସେଦିନ କଲେଜରୁ ଫେରି ଫେରିବାଲା କଥା ଭାବିବାକୁ ଲାଗିଲା କାଳିଝିଅ । ରାତିରେ ବି ଭାବିଲା । ଅନେକ ରାତି ପର୍ଯ୍ୟନ୍ତ ସେ ଭାବୁଥିଲା ସେଇ ଫେରିବାଲା କଥା । ଆଖିରେ ନିଦ ଆସୁନଥିଲା ।

- 'କେତେ ଭଲ ସେଇ ଫେରିବାଲା । ମନକୁ ମନ କହୁଥିଲା କାଳିଝିଅ । ଫେରିବାଲା ବାଲା ପାଇଁ ବଢୁଥିଲା ତା'ର ସହୃଦୟତା ।

ଫେରିବାଲାକୁ ମନରୁ ଭୁଲି ପାରିନଥିଲା କାଳି ଝିଅ ।

ପ୍ରାୟ ସପ୍ତାହକ ପରେ ଦିନେ ସେ ନିଜ ଘରର ଗେଟ୍ ସାମନାରେ ଶୁଣିପାରିଲା ଫେରିବାଲାର ସ୍ୱର । - 'ସାମ୍ପୋ, ସାବୁନ୍, ସ୍ନୋ, ପାଉଡର, ବିନ୍ଦି, ଅଳତା ରଖିବ ।' ଡାକୁଥିଲା ଫେରିବାଲା ।

ତା' ପାଖକୁ ଧାଇଁ ଆସିଲା କାଳିଝିଅ । ତାକୁ ଚିହ୍ନିପାରିଲା । ହସହସ ହୋଇ ଭିତରକୁ ଡାକିନେଲା । ଦୁର୍ଘଟଣା କଥା ମନେ ପକାଇଲା । ମନଇଚ୍ଛା ସେଦିନ ଫେରିବାଲାଠାରୁ ବହୁତ ଜିନିଷ ରଖିଲା ।

# ଅନ୍ତର୍ଦାହ

**- ଦେବାଶିସ ମିଶ୍ର**

ସାର୍, ଆଜି ଖବରକାଗଜ ପଢ଼ିଲେ !

ନା, କ'ଣ ବାହାରିଛି କି ?

ଆପଣଙ୍କ ପ୍ରିୟ ଶିଷ୍ୟର ଖବର !

'କ'ଣ', 'କିଏ' ? ମୋ ମନରେ ପ୍ରଶ୍ନ ଉଙ୍କି ମାରିଲା । ମୁଁ ଖବରକାଗଜଟା ଓଲଟାଇ ଦେଖିଲି । ଏ କ'ଣ ରାହୁଲ ?

ହଁ, ତ ରାହୁଲର ଖବର !

ସେ କ'ଣ ଜେଲ୍‌ରେ !

ହଁ, ସେଇଆ ହେବାର ବି ଥିଲା । ଆଶୁତୋଷ କହିଲା । କ'ଣ ଆପଣ ତା' ବିଷୟରେ ଖବର ରଖିଛନ୍ତି ?

ମୁଁ କହିଥିଲି- "ନା, ଦୀର୍ଘ ପନ୍ଦର ବର୍ଷ ହେବ ଦଶମ ଶ୍ରେଣୀରେ ପଢ଼େଇଲା ପରେ ଆଉ ଦେଖିନି, କି ତା' ବିଷୟରେ ଜାଣିନି ।"

ଆଶୁତୋଷ ଖବରକାଜଗରେ ଦେଇଥିବା ଲେଖାଟିକୁ ପଢ଼ିବାକୁ କହିଲା । ପଢ଼ି ମୁଁ ସହିପାରିଲି ନାହିଁ, ଆଖିରୁ ଅଶ୍ରୁ ବାହାରି ପଡ଼ିଲା । ଏମିତି ଲାଗିଲା ଯେମିତି ମୁଁ ନିଜେ ହାରି ଯାଇଛି ।

ସ୍ୱାତୀ ଥିଲା ସୁନ୍ଦରୀ, ବୁଦ୍ଧିମତୀ । ସେ ଥିଲା ଗ୍ରେଜୁଏସନ୍ ଶେଷ ବର୍ଷ ଛାତ୍ରୀ । କିଛିଦିନ ତଳେ ତାର ଦେଖାହେଲା ରାହୁଲ ସହିତ । ରାହୁଲ ଥିଲା ତା' ମାତାପିତାଙ୍କର ଏକମାତ୍ର ସନ୍ତାନ । ଦୁହେଁ ଦୁହିଁଙ୍କ ଭଲ ପାଇବାକୁ ଲାଗିଲେ । ରାହୁଲ ସମ୍ବଲପୁରରେ ବ୍ୟାଙ୍କ୍‌ରେ କ୍ଲର୍କ ଭାବରେ କାମ କରୁଥିଲା । ଦୁହେଁ ନିର୍ଣ୍ଣୟ ନେଇଥିଲେ ଅଭିଭାବକଙ୍କୁ ତାଙ୍କ ବିଷୟରେ ଜଣେଇବେ ବୋଲି । କିନ୍ତୁ ସମସ୍ୟା ଥିଲା ସେ ଦୁହିଁଙ୍କର ଜାତି ଥିଲା ଅଲଗା ।

ସ୍ୱାତୀର ବାପା ଫରେଷ୍ଟ ଅଫିସର କାମ କରୁଥିଲେ । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିଲେ । ସ୍ୱାତୀ ଅଲଗା ଜାତିର ହେବା ସତ୍ତ୍ୱେ ରାହୁଲର ମାଁ ବାପା ଯୌତୁକ ଆଶାରେ ବିବାହ ପାଇଁ ରାଜି ହୋଇଗଲେ । ସ୍ୱାତୀର ମା' ବାପା ତା' ଜିଦ୍ ସାମ୍ନାରେ ହାର ମାନି ନେଇଗଲେ । ଝିଅର ଖୁସି ପାଇଁ ତାକୁ ରାହୁଲ ସହିତ ବାହା କରେଇବା ପାଇଁ ବାଧ ହେଲେ ।

ବାହାଘର ହେଲା । ରାହୁଲକୁ ସ୍ୱାତୀର ବାପା ସାମର୍ଥ୍ୟ ଅନୁସାରେ ଯୌତୁକ ବି ଦେଲେ । ବାହାଘର ବି ବେଶ୍ ଧୁମ୍‌ଧାମ୍‌ରେ ହେଲା ।

ସ୍ୱାତୀ ବେଶ୍ ଖୁସି ଥିଲା ଯେ ଅନ୍ୟ ଜାତିର ହେବା ସତ୍ତ୍ୱେ ତା' ବାପା ମା' ବେଶ୍ ଧୁମ୍‌ଧାମ୍‌ରେ ତା'ର ବାହା କରେଇଲେ । ସ୍ୱାତୀର ବିଶ୍ୱାସ ଥିଲା ଯେ ତାକୁ ଶାଶୂଘର ବୋହୂ ନୁହେଁ, ଝିଅ ଭଳି ରଖିବେ ।

କିନ୍ତୁ ଶାଶୂଘର ଧୀରେ ଧୀରେ ସ୍ୱାତୀକୁ ବନ୍ଦୀଶାଳା ଭଳି ଲାଗିଲା । ଯେତେ ଭୋକିଲା ଥିଲେ ମଧ୍ୟ ସମସ୍ତେ ନ ଖାଇବା ପର୍ଯ୍ୟନ୍ତ ତାକୁ ଖାଇବାକୁ ସ୍ୱତନ୍ତ୍ରତା ନଥିଲା । ଏମିତି କି ଘରର କୌଣସି ପୁରୁଷ ସଦସ୍ୟଙ୍କ ସାମ୍ନାରେ ବସିବାର ଅଧିକାର ବି ନଥିଲା । ସେ ଗ୍ରାଜୁଏସନ୍ ପରୀକ୍ଷା ଦେବା ପାଇଁ ପଢ଼ିବାକୁ ଚାହିଁଲା ବେଳକୁ ତାକୁ ସେଥିରେ ବି ମନା କରାଗଲା ।

ସ୍ୱାତୀ ଏସବୁ ପାଇଁ ରାହୁଲ ପାଖରେ ବିରୋଧ ଜଣେଇଲା । ହେଲେ ରାହୁଲ କହିଥିଲା- "ଏହା ପରିବାର ଦ୍ୱାରା କରାଯାଇଥିବା କୌଣସି ଭୁଲ ନିଷ୍ପତ୍ତି ନୁହେଁ, ବରଂ ଆମ ସଂସ୍କୃତି ଓ ପରମ୍ପରା ।" ସେ ସ୍ୱାତୀକୁ ତାଗିଦ୍ କରି କହେ, " ମା' ବାପା ଯାହା କହିବେ, ତୁମେ ମାନିବାକୁ ବାଧ୍ୟ ।" ଶେଷରେ ସ୍ୱାତୀ ପଢ଼ିବା ପାଇଁ ଜିଦ୍ ଧରିବାରୁ ତା' ଶାଶୁ ଶ୍ୱଶୁର ଓ ରାହୁଲ ଠାରୁ ମାଡ଼ ଖାଇବା ପାଇଁ ପଡ଼ିଲା ।

କିଛିଦିନ ପରେ ଶ୍ୱଶୁର ଘରେ ଗୋଟିଏ ଘର କିଣିବା ପାଇଁ ସ୍ଥିର କଲେ । ଟଙ୍କା ନିଅଂଟ ହେବାରୁ ସ୍ୱାତୀକୁ ଚାରିଲକ୍ଷ ଟଙ୍କା ତା' ବାପାଙ୍କ ଠାରୁ ଆଣିବା ପାଇଁ କହିଲେ । ଏହି ସମୟରେ ସେ ଗର୍ଭବତୀ ମଧ୍ୟ ଥିଲା । ସ୍ୱପ୍ନ ଓ ଆଶା ଥିଲା ଏକ ଉଜ୍ଜ୍ୱଳ ଭବିଷ୍ୟତର । ହେଲେ ସବୁ ଓଲଟ-ପାଲଟ ହୋଇଗଲା । ତାକୁ ପୁଣି ଶାଶୁ ଓ ରାହୁଲର ମାଡ଼ ଖାଇବାକୁ ପଡ଼ିଲା ଓ ତା'ର ଗର୍ଭପାତ ହୋଇଗଲା । ସେମାନେ ତାକୁ ହସ୍‌ପିଟାଲ ବି ଆଣିଲେ ନାହିଁ । ଦି'ଦିନ ପର୍ଯ୍ୟନ୍ତ ରକ୍ତସ୍ରାବ ଲାଗି ରହିଲା । ଆଉ ଶେଷରେ ସେ ଆଖି ବୁଜିଦେଲା ।

ଦିନେ ମୁଁ ଗର୍ବ କରୁଥିଲି, ରାହୁଲ ପାଇଁ । ସେ ଥିଲା ମୋର ସବୁଠାରୁ ପ୍ରିୟ ଛାତ୍ର । ଆଜି ବି ମନେ ପଡ଼େ ଜିଲ୍ଲା ସ୍ତରୀୟ ତର୍କ ପ୍ରତିଯୋଗୀତାରେ ସେ 'ଯୌତୁକ ଏକ ରାକ୍ଷସ' ବିଷୟରେ ଦେଇଥିବା ଭାଷଣଟି । ସତରେ କି ଚମତ୍କାର ଥିଲା ସେ ଭାଷଣ । ଯୌତୁକ ରୂପୀ ରାକ୍ଷସର ଅନ୍ତ କରି ସେ ଶାନ୍ତି, ପ୍ରେମ ଓ ସ୍ନେହର ଏକ ସୁନ୍ଦର ସମାଜ ଗଢ଼ିବାର କି ସୁନ୍ଦର ଯୁକ୍ତି ବାଢ଼ିଥିଲା । ପାଠ ପଢ଼ାରେ ବି ସେ ଥିଲା ଅତି ଉତ୍ତମ । ଗଣିତ

ଭଲ ଭାବରେ ଜାଣୁଥିବାରୁ ମୁଁ ତାକୁ ନିଜ ପୁଅ ଆଶୁତୋଷ ଠାରୁ ବି ବେଶୀ ଭଲ ପାଉଥିଲି । ମୋର ବିଶ୍ୱାସ ଥିଲା, ସେ ଦିନେ ନା ଦିନେ ମୋ ନାମକୁ ଗୌରବାନ୍ୱିତ କରିବ । ସେ ମୋ ଦେଖେଇଥିବା ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲାପଥରେ ଆଗେଇବ ।

ହେଲେ, ଏ କ'ଣ ସବୁ ସତ୍ୟାନାଶ ହୋଇଗଲା । ଆଜି ବି ମନେ ପଡ଼େ ରାହୁଲ ଭଲ ପଢୁଥିବାରୁ ତାକୁ ମୁଁ କ୍ଲାସ ମନିଟର କରିଥାଏ । ଆଉ ଅନ୍ୟ ପଟେ ହଳଧର ସବୁବେଳେ ମୋ କ୍ଲାସ୍‌ରେ ପନିସ୍‌ମେଂଟ ପାଇ ବାହାରେ ଠିଆ ହୋଇଥାଏ । ତା'ର ପଢ଼ାରେ ବିଲକୁଲ ଧ୍ୟାନ ବି ନଥାଏ । ମୁଁ ସବୁବେଳେ ତାକୁ କହେ, କେଜାଣି ତୁ ସ୍କୁଲକୁ କାହିଁକି ଆସୁଛୁ । ପଢ଼ିବା ପାଇଁ ନା କେବଳ ସମୟ ବର୍ବାଦ କରିବା ପାଇଁ । ତତେ ପଢ଼େଇ ବଦନାମ ହେବା ଛଡ଼ା ଅନ୍ୟ କିଛି ଲାଭ ନାହିଁ । ଯେତେବେଳେ ବି ଗଣିତ ବୁଝେଇବି ଅନ୍ୟମନସ୍କ ହୋଇ ରହିବୁ । ଯାହା ବୁଝେଇଲେ ବି ଫେଲ ହେବୁ । ଯାହା ବି ହେଉ, ସତକୁ ସତ ହଳଧର ଫେଲ ହୋଇ ପାଠ ଛାଡ଼ିଲା । ମୁଁ ବି ସେଦିନ ମନେ ମନେ ଭାବିଥିଲି ଗଲା ମୁର୍ଖଟାଏ ।

ହେଲେ ଏଇ ତ ଗତ ଶୁକ୍ରବାର ଦିନର କଥା । ହଠାତ୍ ମୁଁ ତା' ବିଷୟରେ ଶୁଣି ଅବାକ୍ ହୋଇଗଲି । ସରକାର ତାକୁ କ'ଣ ନା ପଦ୍ମଶ୍ରୀ ଦେବା ପାଇଁ ଘୋଷଣା କଲେ । ସତରେ ଗଣିତ ସିନା ଜାଣୁନଥିଲା, ହେଲେ ଆଜି ମୁହଁ ଖୋଲି ଯେଉଁଠି ବି କବିତା କହେ, ଲୋକେ ମନ୍ତ୍ର ମୁଗ୍ଧ ହୋଇ ଘଂଟା ଘଂଟା ଧରି ତା' କବିତା ଶୁଣନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଆଜି ବି ସେ ମୋତେ ସମ୍ମାନ କରୁଛି । ତାର ଏତେ ବଡ଼ ସମ୍ମାନ ପାଇବା ପଛରେ ମୋର ହାତ ଓ ପ୍ରେରଣା ରହିଛି ବୋଲି ସେ ସମ୍ବାଦିକ ସମ୍ମିଳନୀରେ ଜଣେଇଛି । ଯେଉଁ ପିଲାକୁ ଅଯୋଗ୍ୟ ମନେ କରୁଥିଲି, ସେ ଆଜି ମୋତେ ସମ୍ମାନିତ କଲା ।

ହଳଧରର ଜୀବନଟା ବତ କମ୍ ଆଦର୍ଶମୟ ନୁହେଁ । ସ୍କୁଲ ସିନା ଛାଡ଼ିଲା , ହେଲେ ପଢ଼ା ଛାଡ଼ିନି କେବେ । ଜୀବନ ସାରା ଶିକ୍ଷା ଗ୍ରହଣ କରିଚାଲିଛି ।

ମା' ବାପା ଯେଉଁ ଝିଅକୁ ବାହା କରିବା ପାଇଁ ଠିକ୍ କଲେ, ତାକୁ ଥରୁଟିଏ ବି ନଦେଖି ବାହା ହେଲା । କେବେ ତା' ଆଖିରେ ଅଶ୍ରୁ ଆସିବା ଦେଇନାହିଁ । ସବୁବେଳେ ତାକୁ ଖୁସିରେ ରଖିବା ପାଇଁ ଚେଷ୍ଟା କରିଛି । ଆର୍ଥିକ ସ୍ଥିତି ଖରାପ ଥିଲେ ବି କେବେ ପତ୍ନୀକୁ ପଦୁଟିଏ କହି ନାହିଁ ।

ହଳଧରର ଶାଶୁ ଶ୍ୱଶୁରଙ୍କ ସ୍ୱର୍ଗବାସ ହୋଇଯିବାରୁ ସେ ନିଜ ଶଳା ଓ ଶାଳୀକୁ ନିଜ ପୁଅ ଝିଅ ପରି ସ୍ନେହ ଦେଇଛି । ଥରେ ଯେତେବେଳେ ପତ୍ନୀ ସୁକୁମାରୀକୁ ଜ୍ୱର ହେଲା, ସେ ତାଙ୍କ ଗାଁରେ ସେତେବେଳେ କୌଣସି ଗାଡ଼ି ମଟରର ସୁବିଧା ନଥିଲା । ସେ ସେଥିପାଇଁ ତାକୁ କାନ୍ଧେଇ ଦୀର୍ଘ ଦଶ କିଲୋମିଟର ଦୂର ହସ୍‌ପିଟାଲ କୁ ବୋହି ନେଇ ଯାଇଥିଲା । ହେଲେ ବଂଚେଇ ପାରିଲା ନାହିଁ ନିଜ ପ୍ରାଣପ୍ରିୟାକୁ । ସେଦିନଠାରୁ ଟଙ୍କା ଯୋଗାଡ଼ କରି ଗୋଟାଏ ଅଟୋ ରିକ୍‌ସା କିଣିଛି । ଯାହାକୁ ଚିକିତ୍ସାର ଦରକାର ହୁଏ, ସେ ନିଶୁଳ୍କ ସାହାଯ୍ୟ କରେ । ତାକୁ ହସ୍‌ପିଟାଲ ପହଂଚାଇ ଦିଏ ।

ମୁଁ ଆଗରୁ ଭାବୁଥିଲି ଶିକ୍ଷା ହିଁ ମଣିଷକୁ ମଣିଷ କରି ଗଢ଼ି ତୋଳେ, ହେଲେ ହୁଏତ ମୁଁ ଭୁଲ୍ ଥିଲି । ଶିକ୍ଷା ନୁହେଁ, ମଣିଷର ଶୁଦ୍ଧ ଭାବନା ହିଁ ମଣିଷକୁ ମଣିଷ କରି ଗଢ଼ି ତୋଳେ ।

ଆଜି ମୁଁ ନିଜେ ଭୁଲ୍ ପ୍ରମାଣିତ ହୋଇ ବି ଜୀବନରେ ପ୍ରଥମ ଥର ପାଇଁ ଖୁସି ଥିଲି ।

ଅନ୍ତରାତ୍ମାର ଅନ୍ତର୍ଦାହରୁ ବାହାରି ଆସୁଥିଲା– ସମାଜ ଦରକାର କରେ ହଳଧର, ରାହୁଲ ନୁହେଁ । ଦରକାର କରେ ଆଦର୍ଶ, ଶିକ୍ଷା ନୁହେଁ ।

ମନରୁ ସ୍ୱତଃ ଆସିଯାଉଥିଲା "ହଳଧର ଦୀର୍ଘାୟୁ ଭବ ।"

ଅବନବେଲା,ରେମଣ୍ଡା,ସୁନ୍ଦର ଗଡ

# ବାପାଙ୍କ ପୁରୁଣା ବାକ୍ସ

**- ସୁଶାନ୍ତ କୁମାର ନନ୍ଦ**

ହେତୁ ପାଇବା ଆଗରୁ ବୋଉ ଆମର ଆରପୁରକୁ ଟିକଟ କାଟି ସାରିଥିଲା । ଆମ ପାଇଁ ବାପା ଥିଲେ ସବୁ କିଛି । କେବେ ବି ବୋଉର ସ୍ନେହ, ଶ୍ରଦ୍ଧା ଓ ଅନୁପସ୍ଥିତିକୁ କମ୍ ହେବାକୁ ଦେଉ ନଥିଲେ ସେ ଆମକୁ । ପୂର୍ବ ଆକାଶରେ ସୂର୍ଯ୍ୟଦେବ ସୁନାର କିରଣ ବୁଣିଦେବା ଆଗରୁ ସକାଳ ହେଇ ଯାଉଥିଲା ବାପାଙ୍କ ଜୀବନରେ । ଖାସ୍ ଆମକୁ ଦୁନିଆରେ ଶହେ ଜଣରେ ଜଣେ କରି ଠିଆ କରେଇବା ପାଇଁ ନିଜର ସବୁ ସୁଖକୁ ପର କରି ଦେଇଥିଲେ ସେ । ଦିନରାତିକୁ ଏକ କରି ଦୁନିଆ ଦାଣ୍ଡରେ ସମୟ ସହିତ ତାଳ ଦେଇ ଆମକୁ ଆଗକୁ ଆଗେଇ ନେଉଥିଲେ ସେ । କୌଣସି ଥିରେ କେବେ ଊଣା ଅନୁଭବ କରିବାକୁ ଦେଉନଥିଲେ ଆମକୁ । ଚାକିରି ସହିତ ସଂସାର ରଥକୁ ଏକା ଏକା ସୁରୁଖୁରୁରେ ବାହି ନେଉଥିଲେ ସେ । ସେ ସମୟରେ ଆମ ଭାଇ ଭଉଣୀ ଦିଟାଙ୍କ ଟିକେ ଟିକେ ସଫଳତା ଥିଲା ତାଙ୍କ ପାଇଁ ସବୁକିଛି । ଯେଉଁଦିନ ଗୀତା ନାନୀ ମୋର ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲା, ସେଦିନ ବାପାଙ୍କ ପାଇଁ ଥିଲା ବହୁତ ବଡ଼ ଖୁସିର ଦିନଟାଏ । ଗାଁ ମନ୍ଦିରରେ ପୂଜା କରିବା ସହିତ ସାହି ସାହି ବୁଲି ନିଜ ହାତରେ ମିଠା ବାଂଟି ଥିଲେ ସେଦିନ ସେ । କିନ୍ତୁ ସବୁ ଖୁସି ପରେ ବି ସେଦିନ ଏକା ଏକା ଘର ଭିତରଟାରେ ଅନେକ ସମୟ ଧରି ଲୁହ ଗଡ଼ାଇବାକୁ ଭୁଲି ନଥିଲେ । ଅନେକ ଥର ଦେଖିଛୁ ଆମେ, ଏମିତି ଅନେକ ସମୟରେ ବାପା ଏକା ଏକା ଘର ଭିତରେ ବସି ରହି ସମୟ ବିତାଇବା । ବାପାଙ୍କ ଦୃଷ୍ଟି ଆଢୁଆଳରେ ଲକ୍ଷ କରିଛୁ, ବହୁତ ଦିନରୁ ଚାବି ପକାଇ ରଖିଥିବା କେଉଁ ଅମଳର କାଠ ବାକ୍ସଟା ଭିତରୁ କଅଣ ସବୁ ବାହାର କରି ଦେଖିବା, ପୁନଶ୍ଚ ସାଇତି ରଖିଦେବା । ଯଦିଓ ଆମେ କେବେ ବି ସାହସ କରି ପଚାରି ପାରି ନଥିଲୁ ଏମିତି କି ମୂଲ୍ୟବାନ ଜୀନିଷ ଅଛି ସେ ବାକ୍ସ ଭିତରେ ।

ଏହା ମଧ୍ୟରେ ସମୟ ବହୁତ ଦୂର ଅତିକ୍ରାନ୍ତ କରି ସାରିଲାଣି । ବାପାଙ୍କ ଅକ୍ଲାନ୍ତ ପରିଶ୍ରମ ସହିତ ସମସ୍ତ ତ୍ୟାଗ ବଳରେ ଗୀତା ନାନୀ ମୋର ସରକାରୀ ଚାକିରି କରିବା ସହିତ ବଡ଼ ଘରେ ବାହା ହୋଇ ଖୁସିରେ ଜୀବନ ବିତାଉଥିଲା । ମୁଁ ବି ପାଠ ପଢ଼ା ଶେଷ କରି କୃଷି ବିଭାଗରେ ନିଯୁକ୍ତି ପାଇ ସହରର ଉଚ୍ଚ ଶିକ୍ଷୀତା ଝିଅକୁ ବିବାହ କରି ଗାଆଁଠୁ ଦୂର ସହରରେ ରହୁଥିଲି । କିନ୍ତୁ ଆଜିବି ବାପା ନିଜ ପିତୃ ପୁରୁଷ ଅମଳର ସେହି ଗାଁର ଭିଟାମାଟି ଉପରେ ଗଢ଼ିଉଠିଥିବା ଦୁଇ ବଖରା ଘରେ ଭିତରେ ନିଜର ସ୍ମୃତି ସବୁକୁ ସାଥିରେ ଧରି ଏକା ଏକା ଜୀବନ ବିତାଉଥିଲେ । ଅନେକ ବାର, ଅନେକ ଅନୁରୋଧ ପରେ ବି ସହର ଆସି ମୋ ସହିତ ରହିବାକୁ କୁଣ୍ଠାବୋଧ କରୁଥିଲେ ସେ । କୁଆଡ଼େ ସହରୀ ପାଣି ପବନ ତାଙ୍କ ଦେହକୁ ସୁହାଇବ ନାହିଁ । ଗାଆଁ ମାଟି ବାସ୍ନାର ମୋହକୁ ଏବେ ବି ହୃଦୟରେ ସ୍ଥାନ ଦେଇ ଆପଣେଇ ନେଇଥିଲେ ନିଜ ଜନ୍ମଭୂମିକୁ ।

ସେଦିନ କିନ୍ତୁ ଯୋର୍ କରି ମୋ ସହିତ ବାପାଙ୍କୁ ନେଇ ଆସିଲି ସହରକୁ, ମୋ ସରକାରୀ ବାସଭବନକୁ । ଆସିବା ସମୟରେ ବାପା ଘରୁ ନିଜର ଦୈନନ୍ଦିନ ବ୍ୟବହାର ପାଇଁ କପଡ଼ା କେଇଖଣ୍ଡ ସହିତ ସେଇ ସନ୍ଦେହ ଭରା ବାକ୍ସଟିକୁ ନେଇ ଆସିଥିଲେ ନିଜ ସହିତ । ସହରରେ ପହଁଚିବାର ଦିନ କେଇଟା ପରେ ଘରଣୀଙ୍କର ସନ୍ଦେହି ଆଖି ସହିତ ପିଲାଟି ଦିନରୁ ମନରେ ବସା ବାନ୍ଧି ଦେଇଥିବା ସମସ୍ତ ଉତ୍କଣ୍ଠା ମୋର ଚରମ ସୀମାରେ ପହଂଚି ସାରିଥିଲା । କ'ଣ ପାଇଁ ଗାଆଁ ଘରେ ଅନେକ ମୂଲ୍ୟବାନ ଜିନିଷ ଛାଡ଼ି ଏ ବାକ୍‌ସଟିକୁ କେବଳ ସାଥିରେ ନେଇ ଆସିଲେ ବାପା ! କ'ଣ ଅଛି ଏହା ଭିତରେ ? ନିଶ୍ଚୟ ଟଙ୍କା ପଇସା ଠାରୁ ନେଇ ବୋଉର ସୁନା ଗହଣା ସବୁ କିଛି ସେ ରଖିଥାଇ ପାରନ୍ତି ଏହା ମଧ୍ୟରେ ! ଅନେକ ସମୟରେ ତେଣୁ କରି ଏକା ଏକା ସେ ବାକ୍ସଟିକୁ ଖୋଲି ତା'ର ହିସାବ କରୁଛନ୍ତି ବୋଧ ହୁଏ ନିଜେ ନିଜେ ।

ମଣିଷ ମନର ସନ୍ଦେହ ଯେତେବେଳେ ସୀମା ଅତିକ୍ରାନ୍ତ କରେ, ସେ ସମୟରେ ମଣିଷ ନିଜର ହିତାହିତ ଜ୍ଞାନ ସବୁ ଭୁଲିଯାଇଥାଏ । ସେଦିନର ସବୁ ବିଶ୍ୱାସର ବନ୍ଧଟା ଭାଙ୍ଗିଦେଇ ବାପାଙ୍କ ଅନୁପସ୍ଥିତିରେ ସେହି ପୁରୁଣା ବାକ୍ସର ସନ୍ଦେହ ମୋଚନ ପାଇଁ ହାତୁଡ଼ିଟାଏ ସାହାଯ୍ୟରେ ବାକ୍ସଟିକୁ ଆବୃଦ୍ଧ କରି ରଖିଥିବା କେଉଁ ଅମଳର କଳଙ୍କି ଲଗା ଲୁହା କୋଲପଟା ଭାଙ୍ଗିଦେବା ସମୟରେ ପ୍ରାତଃ ଭ୍ରମଣରୁ ଆସି ପଛପଟେ କେତେବେଳେ ଯେ ବାପା ପହଂଚି ଯାଇଥିଲେ ସେ ଆଡ଼କୁ ଟିକିଏ ବି ନିଘା ନଥିଲା ମୋର । ବାସ୍ ସମସ୍ତ ଉତ୍‌କଣ୍ଠା କେବଳ ବାକସଟିରେ ନିବୃତ ଥିଲା ଯାହା ।

ହାତୁଡ଼ି ସାହାଯ୍ୟରେ କାର୍ଯ୍ୟଟିକୁ ଶେଷ କରି ବାକ୍ସକୁ ଖୋଲିଦେଇ ଚାହିଁ ରହିଥିଲି ତାହା ମଧ୍ୟକୁ । ଘରଣୀଙ୍କର ଉତ୍‌କଣ୍ଠାଟା ବି ଫିକା ପଡ଼ିଯାଇଥିଲା ସେତେବେଳକୁ ଯାହା ବେଶ୍ ବାରି ହେଉଥିଲା ତାଙ୍କ ମୁଖ ମଣ୍ଡଳରୁ । କିନ୍ତୁ ପଛରେ ଦଣ୍ଡାୟମାନ ବାପାଙ୍କ ଆଖିରୁ ଏହା ଭିତରେ ବହିଚାଲିଥିଲା ଅନବରତ ଲୋତକର ଧାର । ସେତବେଳକୁ ବାପାଙ୍କ ଉପସ୍ଥିତ ଅନୁଭବ କରି ମଧ୍ୟ ସାହସ ସଂଚୟ କରି ପାରୁ ନଥିଲି ବାପାଙ୍କ ଆଖିରେ ଆଖି ମିଶେଇବା ପାଇଁ । ବାସ୍, ବାକ୍ସ ମଧ୍ୟରେ ଥିବା ବୋଉର ସେ ପୁରୁଣା ଫଟୋ, ରଂଗ ଛାଡ଼ି ଆସିଥିବା ବାହା ହେଇ ଆସିଲାବେଳର ସେ ନାଲିଆ ପାଟ ଶାଢ଼ି ଖଣ୍ଡେ ଆଉ ପୁରୁଣା କଳା ପଡ଼ି ଆସିଥିବା ପାଉଁଜି ଦିପଟ ଉପରେ ଖାଲି ଯାହା ଅଶ୍ରୁଭିଜା ଆଖି ଦୁଇଟା ନିବଦ୍ଧ ରହିଥିଲା ମୋର ।

କିଛି ସମୟ ମଧ୍ୟରେ ସମସ୍ତ ଦୃଶ୍ୟର ଯବନିକା ପଡ଼ିସାରିଥିଲା । ବାପା ତାଙ୍କର ସେହି ପୁରୁଣା ଭଙ୍ଗା ବାକ୍ସଟିକୁ ଧରି ଗାଁ ଅଭିମୁଖେ ବାହୁଡ଼ି ସାରିଥିଲେ, ଯାହାକୁ କି ମୁଁ କିଛି ସମୟ ପୂର୍ବରୁ ରହସ୍ୟର ଉନ୍ମୋଚନ ପାଇଁ ଭାଙ୍ଗି ସାରିଥିଲି । ସେଦିନ ଶତ ଚେଷ୍ଟା କରି ମଧ୍ୟ ଅନୁତାପର ଅଜସ୍ର ଅଶ୍ରୁ ବାହି ମୁଁ ବାପାଙ୍କୁ ଅଟକାଇ ରଖି ପାରି ନଥିଲି । ଅବିଶ୍ୱାସର ବନ୍ଧଟା ମୋତେ ବାପାଙ୍କ ନିକଟରୁ ଏତେ ଦୂରକୁ ନେଇଯାଇଥିଲା ଯେ, ମୁଁ ଆଗକୁ କିଛି ବି ଭାବିବାକୁ ସାହସ କରିପାରୁ ନଥିଲି ।


ସମ୍ପାଦକ ସାଧବ ବୋହୂ

୩୮୫, ଟାଇପ୍-୩, ବ୍ଲକ୍-୧୮

ନିୟୁ ଏ.ଜି. କଲୋନୀ, ଜୟଦେବ ବିହାର,

ଭୁବନେଶ୍ୱର-୧୨



AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)

JEE (Main & Adv.) I NEET I AIIMS

JIPMER I BHU I KVPY

NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK

ARUN KUMAR SINGH (Lect. in Physics), MOB. : 98610 65130

# ସ୍ୱାଧୀନ ଓ ପରାଧୀନ

**- ଶିବ ପ୍ରସାଦ ବାହିନୀପତି**

ରାତି ପାହିଲେ ସ୍ୱାଧୀନତା ଦିବସ । ସ୍କୁଲ, କଲେଜ ଓ କୋଚିଙ୍ଗ୍ ସେଂଟର ମାନଙ୍କରେ ବି ପୂର୍ଣ୍ଣ ପ୍ରସ୍ତୁତି । ସରକାରୀ କାର୍ଯ୍ୟାଳୟ ବନ୍ଦ ପ୍ରାୟ । ଗାଆଁରୁ ସହର ପୂର୍ଣ୍ଣ ପ୍ରସ୍ତୁତିରେ ପ୍ରତୀକ୍ଷାରତ ଆରଦିନଟିକୁ । ରାସ୍ତାଘାଟ ସବୁ ସୁନିର୍ମଳ । କିଣା ସରିଲାଣି ଝାଲେରୀ ପତାକା ଓ ତିଆରି ସରିଛି ବ୍ୟାନର; କାନ୍ଥବାଡ଼ରେ ଥପା ସରିଛି ପୋଷ୍ଟର । ପ୍ରସ୍ତୁତ ହୋଇସାରିଛି ବି ସାହିତ୍ୟ କାର୍ଯ୍ୟକ୍ରମର ଯୋଜନା । କବି ଓ ଲେଖକ ମାନଙ୍କୁ ବଂଟା ହୋଇସାରିଲାଣି ନିମନ୍ତ୍ରଣ ପତ୍ର ଏବଂ ଟେଂଟ୍ ହାଉସକୁ ବଇନା ଦିଆ ସରିଛି । ରୋଷେୟା ବି ଆଡଭାନ୍ସ ନେବା ସହ ବଡ଼ ବଡ଼ ହଲ ବି ସରିଛି ବୁକିଙ୍ଗ । ରାତି ପାହିଲେ ଆମନ୍ତ୍ରିତ ହୋଇ ଆସିବେ କବି, ଲେଖକମାନେ ଏବଂ ନେତା ମନ୍ତ୍ରୀ ସବୁ ।

କାଉ କା' ରାବ ଦେବା ପୂର୍ବରୁ ଆରମ୍ଭ ହୋଇଯିବ କୋଳାହଳ । ଡି ଜେ ବକ୍ସ ଓ କାହାଳୀର ଘୋର ଗର୍ଜନରେ ପ୍ରକମ୍ପିତ ହେବ ଗ୍ରାମରୁ ସହର । ପରିବେଶ ପରିଶ୍ରୁତ ହେଲେ ଶବ୍ଦ ପ୍ରଦୂଷଣ । ସରକାରଙ୍କର ସୂଚନାନୁସାରେ ଶବ୍ଦ ପ୍ରଦୂଷଣ ଦଣ୍ଡନୀୟ ଅପରାଧ । କିନ୍ତୁ ସ୍ୱାଧୀନତା ଦିବସରେ ଶବ୍ଦ ପ୍ରଦୂଷଣ ଅପରାଧ ନୁହେଁ । ସେଦିନ ସମସ୍ତେ ଲଗାମ ଛଡ଼ା । ବିଶେଷ ଦ୍ରଷ୍ଟବ୍ୟ ପରିବେଶକୁ ସୁନ୍ଦର ଓ ନିର୍ମଳ ରଖିବାକୁ ବାରମ୍ବାର ଘୋଷଣା ଚାଲିଛି । ସେଇ କେଇ ଘଂଟା ପାଇଁ ପରିବେଶଟି ବହୁତ ନିର୍ମଳ; କାର୍ଯ୍ୟକ୍ରମ ପରେ ପୂର୍ବ ପରି ପ୍ରଦୂଷଣ । ଏଣେତେଣେ ଫିଙ୍ଗା ଯାଇଥିବା ଅଇଁଠା ଖଲିପତ୍ର, ତାକୁ କୁକୁର ଭିଡ଼ି ନେଇ ଚାରିଆଡ଼େ ବିସ୍ତାରି ପକାଇଥିବ । ପଲିଥିନ୍ ବ୍ୟାନ ପାଇଁ ଘନ ଘନ ସୂଚନା ବିଫଳ ପାଲଟିଯିବ । ବିଦ୍ୟାଳୟରେ ପିଲାମାନେ ମଟର ସିଝା ପଲିଥିନ୍ ପ୍ୟାକେଟ୍ ଧରି ଖାଇସାରି ଏଣେତେଣେ ଫିଙ୍ଗୁଥିବେ । ନାନା ପ୍ରକାର ଆତସବାଜିରେ କମ୍ପି ଉଠୁଥିବ ମେଦିନୀ ଆଉ ବାୟୁମଣ୍ଡଳରେ ଆସ୍ତରଣ ଜମେଇ ଚାଲିଥିବ ଅଙ୍ଗାରକାମ୍ଳ । ଯଦି ପଚାରିଯିବ- "ଭାଇ! ଆଜି ସବୁ ପ୍ରକାର ନିୟମ ଉଲଂଘନ କ'ଣ ପାଇଁ ?" ଉତ୍ତର ଭାସି ଆସିବ- "ଆଜି ସ୍ୱାଧୀନତା ଦିବସ ।" ଅର୍ଥାତ୍ ଆଜି ସମସ୍ତେ ସ୍ୱାଧୀନ, ତେଣୁ ଯାହା ଇଚ୍ଛା ତାହା କରିବେ । କାହା ଇଚ୍ଛାକୁ କେହି ଲଗାମ ଦେଇ ପାରିବେନି । ଏମିତି ତ ଓଡ଼ିଶାରେ ନିୟମ କେବଳ କାଗଜ କଲମରେ; ଗଢ଼ା ହେବ ଓ ଭଙ୍ଗା ବି ହେବ ବାରମ୍ବାର । ଆଜି ତ ସହଜେ ସ୍ୱାଧୀନତା ଦିବସ; ସ୍ୱାଧୀନ ଭାବରେ ଯିଏ ଯାହା କରିଲା କରୁ । କାହାକୁ ବାରଣ କରିବାଟା ମସ୍ତବଡ଼ ଭୂଲ ହେବ । ସ୍ୱ+ଅଧୀନ= ସ୍ୱାଧୀନ । ନିଜର ଅଧୀନରେ ନିଜେ କାର୍ଯ୍ୟରତ । ଯାହା ଇଚ୍ଛା ହେବ ତାହା କରିବେ ; ବାରଣ କଲେ ତୃତୀୟ ବିଶ୍ୱଯୁଦ୍ଧ ।

ହେଲେ ମୁଁ ଏ ପର୍ଯ୍ୟନ୍ତ ବୁଝି ପାରୁନି ଆମେ କେତେ ମାତ୍ରାରେ ସ୍ୱାଧୀନ । ମନକୁ ଆନ୍ଦୋଳିତ କରୁଛି ଗୋଟିଏ ପ୍ରଶ୍ନ ବାରମ୍ବାର- "ସତରେ ଆମେ କ'ଣ ସ୍ୱାଧୀନ ?" ନିଜକୁ ନିଜେ ବାରମ୍ବାର ପ୍ରଶ୍ନ କରିଛି ଓ ନିଜ ଭିତରେ ଉତ୍ତର ଖୋଜିଛି । ଉତ୍ତରରେ କେବଳ ଗୋଟିଏ ଶବ୍ଦ ପାଇଛି- "ନା" । ମତେ ଲାଗେନି ସତରେ ଆମେ ସ୍ୱାଧୀନ ବୋଲି । ସଂସାରରେ କୌଣସି ବି ପ୍ରାଣୀ ସ୍ୱାଧୀନ ନୁହଁନ୍ତି । ସମସ୍ତେ ପରାଧୀନତାର ବେଡ଼ିରେ ବନ୍ଧା ବୋଲି ମୁଁ ଅନୁଭବ କରେ । ମୋ ଅନୁଭବ କେତେ ଦୂର ବାସ୍ତବ ବୁଦ୍ଧିଜୀବି ମହଲରେ ବିଚାର କରି ବୁଦ୍ଧିଜୀବିମାନେ କୁହନ୍ତୁ । ପାଠକମାନେ ବି ଅନୁଭବକୁ ମୋର ଅନୁଭବ କରନ୍ତୁ । କୁହନ୍ତୁ ଆମେ ପ୍ରକୃତରେ ପରାଧୀନ ନା ସ୍ୱାଧୀନ ।

ମୁଁ ଯାହା ଅନୁଭବ କରିଛି କୀଟ ପତଙ୍ଗ ତରୁ ତୃଣ, ଏମିତି କି ପଶୁ ପକ୍ଷୀ ନର ସମସ୍ତେ ପରାଧୀନ । ନିଜ ଅଧୀନରେ କାର୍ଯ୍ୟକୁ ସ୍ୱାଧୀନ ପରକୁ ଆଶ୍ରା କରି ବା ପର ଅଧୀନରେ କାର୍ଯ୍ୟକୁ ପରାଧୀନ କହନ୍ତି । ବୃକ୍ଷଟିଏ ପୋତିଦେଲେ ହେବନି, ତା'ର ଯତ୍ନ ନେବାକୁ ପଡ଼ିବ । ବୃକ୍ଷଟି ବଂଚିବା ପାଇଁ ପ୍ରଥମେ ମାଟି ଉପରେ ନିର୍ଭର କରେ । ମାଟିରେ ହିଁ ତା'ର ଜୀବନ । ପୁଣି ବର୍ଷା ଉପରେ ନିର୍ଭର କରେ ତା'ର ଖାଦ୍ୟ ପାଇଁ । ତା'ର ଯତ୍ନ ନେବା ପାଇଁ ଆମ ମାନଙ୍କର ପ୍ରଚେଷ୍ଟା ଦରକାର । ତେବେ କୁହନ୍ତୁ ବୃକ୍ଷଟି ପରାଧୀନ କି ନୁହେଁ । ଲତାଟିଏ ମାଡ଼ିବାକୁ ଭାଡ଼ି ବା ଅନ୍ୟ କୌଣସି ବୃକ୍ଷର ସହାୟତା ଲୋଡ଼େ; ସେ ବି ପରାଧୀନ ଅଟେ । କୀଟ ପତଙ୍ଗ ପଶୁ ପକ୍ଷୀ ବି ପରାଧୀନ । ବଂଚିବା ପାଇଁ ପର ଉପରେ ନିର୍ଭରେ କରନ୍ତି । ମଣିଷ ବି ଠିକ୍ ସେହିପରି ଅଟେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାଣୀ ପରାଧୀନ ।

ପ୍ରଥମେ ବିଚାର କରାଯାଉ ଆମର ଆଧ୍ୟାତ୍ମିକ ଭାବରେ ତତ୍ତ୍ୱମୂଳକ ପରାଧୀନତାକୁ । ନାରୀ ଓ ପୁରୁଷର ମିଳନରେ ନାରୀର ପୂର୍ଣ୍ଣତା । ବିନା ନାରୀରେ ପୁରୁଷର ବି ପୂର୍ଣ୍ଣତା ନ ଥାଏ । ବଂଶ ରକ୍ଷା ପାଇଁ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ । ଏହା ବିଧି ନିର୍ଦ୍ଦିଷ୍ଟ । ଶିଶୁଟିଏ ଜନ୍ମ ହେଲା ପରେ ମାଆ ତା'ର ଯତ୍ନ ନିଏ । ମାଆ ବିନା ଶିଶୁର ଜୀବନ ଧାରଣ ବହୁତ ମାତ୍ରାରେ ଅସମ୍ଭବ । ଶିଶୁଟି ବଡ଼ ହେଲା ପରେ ତା'ର ଦେଖାଶୁଣା ଓ ସମସ୍ତ ଯତ୍ନ ପରିବାର ଉପରେ ପଡ଼େ । ଶିକ୍ଷା ପାଇଁ ଗୁରୁଙ୍କର ଅବଶ୍ୟକତା ।

ବିବାହ କଲା ପରେ ପୁରୁଷଟି ସ୍ତ୍ରୀ ଉପରେ ଓ ସ୍ତ୍ରୀଟି ପୁରୁଷ ଉପରେ ନିର୍ଭରଶୀଳ । ବୃଦ୍ଧ ହେଲା ପରେ ସେ ପୁଅ ବୋହୂଙ୍କ ଉପରେ ନିର୍ଭର କରେ । ଶେଷରେ ମହାପ୍ରୟାଣ ପରେ ଶ୍ମଶାନ ପର୍ଯ୍ୟନ୍ତ ଜ୍ଞାତି କୁଟୁମ୍ବଙ୍କ କାନ୍ଧରେ ଯାତ୍ରା କରେ ଓ ଦାହ ହୁଏ । ତେବେ ମଣିଷ କେତେ ମାତ୍ରାରେ ସ୍ୱାଧୀନ କୁହନ୍ତୁ । ମୋର ଏ ନିଛକ ବାସ୍ତବତାର ଆଧ୍ୟାତ୍ମିକ ଭାବନାଟିକୁ ବୁଦ୍ଧିଜୀବିମାନେ ବିଚାରକୁ ନେଇ ଉଚିତ୍ ନା ଅନୁଚିତ୍ ଦର୍ଶାନ୍ତୁ ତ ।

ଏ ଗଲା ଅଧ୍ୟାତ୍ମିକତାର ତତ୍ତ୍ୱବାଦି ପରାଧୀନତାର କଥା । ଏବେ ମୋ ବିଚାରରେ ମାନବ କୃତ ପରାଧୀନତାକୁ ବୁଝାଇବି । ଦୀର୍ଘ ଦୁଇଶହ ବର୍ଷ ଧରି ଲୁଟି ଚାଲୁଥିବା ଇଂରେଜମାନେ ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖର ଅର୍ଦ୍ଧରାତ୍ରିରେ ଆମ ଦେଶରୁ ବିଦାୟ ନେଲେ । ଆମେ ତା' ପରଦିନ ପାଳିଲେ ସ୍ୱାଧୀନତା ଦିବସ । ଆଗରୁ ଭାରତବର୍ଷକୁ ମୋଗଲ ମାନଙ୍କ ଲୁଟତରାଜର ଶିକାର ହେବାକୁ ପଡୁଥିଲା; ପରେ ପରେ ଇଂରେଜ । ରାଜତନ୍ତ୍ର ବେଳେ ରାଜା ମହାରାଜା ମାନଙ୍କର ପ୍ରଜା ମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ବି ନ କହିବା ଭଲ ।

ଛାଡ଼ନ୍ତୁ; ଇଂରେଜ ଚାଲିଗଲେ ବୋଲି ଆମେ ଭାବି ନେଲେ ଯେ ଆମେ ସ୍ୱାଧୀନ । କିନ୍ତୁ ମୁଁ କହୁଛି ଆମେ ଏବେ ସୁଦ୍ଧା ପରାଧୀନ । ନିଜ ଇଚ୍ଛାନୁସାରେ ଆମେ ବଂଚିବା ଆମ ପାଇଁ ଦୁର୍ବିସହ । ଅହଙ୍କାର, ସ୍ୱାର୍ଥ ଆମ ପାଇଁ ପରାଧୀନତାର ବାଟକୁ ପରିଷ୍କାର କରି ଚାଲିଛି । ଯୋଉମାନେ ଆମ ଦେଶ ପାଇଁ ବଳିଦାନ ଦେଇଛନ୍ତି ନିଜକୁ ସେମାନେ ମହାପୁରୁଷ, ଆମର ଚିର ନମସ୍ୟ । ସେମାନେ ନିଜ ସ୍ୱାର୍ଥ ବଦଳରେ ସମାଜର ହିତ ପାଇଁ ନିଜକୁ ତିଳତିଳ ଜାଳିଦେଇ ଆମକୁ ସ୍ୱାଧୀନତା ଦେଇଛନ୍ତି । କିନ୍ତୁ ଆମେ ଆଜି ଆମ ନିଜର ସ୍ୱାର୍ଥ ପୂରଣ ପାଇଁ ଏବଂ ନିଜର ଅହଂଭାବକୁ ଚରିତାର୍ଥ କରିବାକୁ ସମାଜର ତଥା ଜନତାଙ୍କର ଅହିତ କରି ଚାଲିଛେ । ଉଚ୍ଚ ପଦବୀର ଆଶା, ତୁଚ୍ଛା ସମ୍ମାନ, ନିଜର ଅର୍ଥନୈତିକ ଅଭିବୃଦ୍ଧି ଆମକୁ ଅନ୍ଧ କରି ଦେଇଛି । ନିଜର ସୁବିଧା ପାଇଁ ଅନ୍ୟକୁ ଅସୁବିଧାରେ ପକାଇବାର ଦୁର୍ବାର ପ୍ରୟାସ ସୂଚେଇ ଦେଉଛି ଆମେ ପରାଧୀନ । ଅହଂଭାବ ବହନ କରି ଅସମ୍ମାନ କରିବା ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା କ'ଣ ଆମ ସ୍ୱାଧୀନତା ? ସନ୍ତ୍ରାସବାଦୀ ର କମାଣ ମୁନ ପରିଚୟ ଦିଏ ଆମେ ପରାଧୀନ । ବଧୂହତ୍ୟା, ଶିଶୁଭ୍ରୁଣ ହତ୍ୟା, ଯୌତୁକ ପ୍ରଥା, ଯୌନ ବ୍ୟଭିଚାର ଏସବୁ କ'ଣ ଆମ ସ୍ୱାଧୀନତାର ଲକ୍ଷଣ ? ମଦଭାଟିରେ ଉଡ଼ି ଯାଉଥିବ ରୋଜଗାର ରାଶି, ଜୁଆଖେଳରେ ସର୍ବସ୍ୱାନ୍ତ ହୋଇ ଯାଉଥିବ ପରିବାର; କିନ୍ତୁ ଗରିବର ପେଟରେ ମୁଠାଏ ଦାନା ଭରିବାକୁ ସମସ୍ତେ ଅସକ୍ଷମ । ଏଠି ତେଲିଆ ମୁଣ୍ଡରେ ତେଲ, ଏଠି ଜୋର ଯା'ର ରାଜ୍ୟ ତା'ର; ଏଠି ଦୁଃଖୀ ସବୁବେଳେ ଅଶ୍ରୁସିକ୍ତ ଆଉ ବଣିକ ଘରେ ଧନଦୌଲତ ଆମର ।

ଏଠି ରାଜନୀତିର ଛକା ପଞ୍ଝା ଖେଳ ଜୋର୍‌ଦାର । ରାଜା, ମନ୍ତ୍ରୀ ସମସ୍ତେ ଜଣେ ଜଣେ ଖାଦକ; ଖାଦ୍ୟ ଏଠି ଦୀନ ଦୁଃଖୀର ଶୋଣିତ । ଏଠି ରାଜନେତା ଠାରୁ କୁଜିନେତା ଙ୍କ ଦୌରାତ୍ମ୍ୟ ପ୍ରବଳ । ଶୁଣିଥିଲି ପୁରାଣ ଶାସ୍ତ୍ରରେ ଧନୀକ ବନିବା ପାଇଁ ତୀବ୍ର ପ୍ରତିଯୋଗୀତା କଥା । କିନ୍ତୁ ଏଠି ସବୁ ଓଲଟା, ଗରିବ ବନିବାକୁ ପ୍ରତିଯୋଗିତା । ସରକାରୀ ଅନୁଦାନରୁ ବଂଚିତ ପ୍ରକୃତ ଗରିବ । ଚାକିରିଆ ଓ ବଣିକର ଛାତ ଉପରେ ଛାତ, ଘରର ପ୍ରତ୍ୟେକ ସଦସ୍ୟର ଗୋଟାଏ ଗୋଟାଏ ପଡ଼ି କାର୍ଡ଼ ବା ରେସନ୍ କାର୍ଡ଼ । ଯାହାର ଆଶ୍ରା ପଲିଥିନ୍ ତଳେ ଓ ବୃକ୍ଷ ମୂଳରେ, ସେଇଠି ହିଁ ତାର ସରିଯାଏ ଜୀବନକାଳ । ସମସ୍ତ ସରକାରୀ ଯୋଜନାରୁ ସେ ବଂଚିତ, କାରଣ ଲାଂଚ ଦେବାକୁ ତା' ପାଖେ ନଥାଏ ସମ୍ବଳ ।

ଓଡ଼ିଆ ବୋଲି ଗର୍ବ କରିବାକୁ ଆମ ପାଖରେ କିଛି ବି ପ୍ରମାଣ ନାହିଁ ଆଉ । କାରଣ ଆମେ ବିଦେଶୀ ଢାଂଚାରେ ବଂଚିବାକୁ ପସନ୍ଦ କରୁ । ବିଦେଶୀ କିନ୍ତୁ ଆମ ଢାଂଚାରେ ବଂଚିବାକୁ ପସନ୍ଦ କଲେଣି । ଓଡ଼ିଆର ସାଙ୍କେତିକ ବସ୍ତ୍ର ଧୋତି ପଞ୍ଜାବି ଏବେ ବିଲୋପର ଅନ୍ତିମ ସୀମାରେ । ଶାଢ଼ୀ ଛାଡ଼ି ପୋଷାକରେ ଆଦର । ନମସ୍କାର ବଦଳରେ କୋଳାଗ୍ରତ, ହାତକୁ ହାତ ମିଳେଇ ହ୍ୟାଣ୍ଡସେକ୍ ଯେମିତି ବିଦେଶୀଙ୍କ ପରି । ପିତୃ ଦିବସ, ମାତୃ ଦିବସ, ବନ୍ଧୁ ଦିବସ ନୂଆ ଢାଂଚାରେ । ସ୍ୱାଧୀନତା ସଂଗ୍ରାମୀଙ୍କ ଦିବସ ଫିକା ପଡ଼ିଯାଏ ସିନା; କିନ୍ତୁ "ଭାଲେଂଟାଇନ୍ ଡେ" ଟା ପୂରା ଧୂମ୍‌ଧାମ୍ । ପାର୍କରୁ ନଈକୂଳ ପ୍ରେମୀ ଯୁଗଳଙ୍କ ଭିଡ଼ ।

ଗୋପବନ୍ଧୁ କହିଥିଲେ-

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ ପଥରେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

କିନ୍ତୁ ଏବେ ଓଲଟା ଚାଲିଛି । ଆଜିର ଜନତାଙ୍କ ଭାଷାରେ-

"ମିଶୁ ମୋର ସ୍ୱାର୍ଥ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ଗର୍ବରେ
ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ସର୍ବ ଅହଙ୍କାର ।"

ଧନ୍ୟ ଏ ସ୍ୱାଧୀନତା ଆଉ ଧନ୍ୟ ଆମେ ଜନତା । ଏଇ ଆମ ସ୍ୱାଧୀନତା । ଯୋଉଠି ନାରୀ ପାଲଟିଛି ଭୋଜ୍ୟ ଦ୍ରବ୍ୟ । ନାରୀଟି ମାଆ, ଭଗ୍ନୀ ଓ ଜାୟା, ତିନି ରୂପରେ ବିରାଜମାନ । ସର୍ବଶ୍ରେଷ୍ଠ ରୂପ ମାଆ । ପର ସ୍ତ୍ରୀ ମାଆ ଓ ପର ଝିଅ ଭଗ୍ନୀ ପଦବାଚ୍ୟ । କିନ୍ତୁ ନିଜର କାମକୁ ଚରିତାର୍ଥ କରିବାକୁ ପୁରୁଷ ପଶୁ ପାଲଟି ଯାଉଛି । ସ୍ୱାଧୀନତା ହରେଇ ବସୁଛି ନାରୀ । ପରିଗଣିତ ହେଉଛି ଧର୍ଷିତା ନଚେତ୍ ଗଣିକାରେ । ଏଥିରୁ ଜଣା ପଡୁଛି ଆମେ କେତେ ସ୍ୱାଧୀନ । ଯୋଉଦିନ ରାତ୍ରି ଅର୍ଦ୍ଧେ ନାରୀ ଏକାକିନୀ ନିର୍ଦ୍ୱନ୍ଦେ ବିଚରଣ କରି ପାରିବ ପଥରେ; ଜାଣିବ ସେଦିନ ଭାରତ ପ୍ରାପ୍ତ କଲା ସ୍ୱାଧୀନତା । ମୋ ସ୍ୱ ଲିଖିତ ଏକ କବିତାରେ ଦୁଇ ଧାଡ଼ି:-

"ନିଶାର୍ଦ୍ଧେ ଯେଦିନ ନାରୀ ବିଚରିବ ପଥ
ସେଦିନ ଦେଖିବେ ଜନ ସ୍ୱାଧୀନ ଭାରତ ।"

ଏଣୁ ଏଥିରୁ ପ୍ରମାଣିତ ଯେ ଆମେ ଏବେ ବି ପରାଧୀନ । ଯେ ଯାଏଁ ଦୟା, କ୍ଷମା, ସତ୍ୟ, ଶାନ୍ତିର ଉପଲବ୍ଧି ହୋଇ ପାରିନି, ସେତେଦିନ ଯାଏଁ ଏ ଭାରତ ପରାଧୀନ । ଗୋଟିଏ ଦିନ ସ୍ୱାଧୀନତା ଦିବସ ପାଳି ବାଃ ବାଃ ନେବାରେ ସାର୍ଥକତା ବା କ'ଣ ?

ଭାଟପଡ଼ା, ନିରାକାରପୁର, କଣାସ(ପୁରୀ)

# ଭାଇରାଲ୍ ଭିଡ଼ିଓ

**ଅନିରୁଦ୍ଧ ସାମନ୍ତରା**

ଗାଆଁ ମଝିଦେଇ ଲମ୍ବି ଯାଇଥିବା କଂକ୍ରିଟ ରାସ୍ତାକୁ ଦୀର୍ଘ ସମୟ ଧରି ଅପେକ୍ଷା କରିଛି କଳ୍ପନା । ଆଜି ଯେମିତି ହେଲେ ତା' ନନା ଆସିଲା ମାତ୍ରେ ସିଧା ସିଧା କହିଦେବ । ନନା ଯାହା କୁହନ୍ତୁ ପଛେ ଏଥର ସହର ଯିବ ହିଁ ଯିବ । ନନା ମନା କଲେ ବି ଏଥର ଜିଦ୍ ଧରିବ । ସମ୍ଭାବନା ଥିବା ସତ୍ତ୍ୱେ ସ୍ୱପ୍ନକୁ ହାତ ମୁଠାରେ ଧରି ଆଉ ଅଧିକ ଦିନ ସେ ଅପେକ୍ଷା କରି ପାରିବନି । ପିଲାଟି ବେଳରୁ ସ୍ୱପ୍ନ ଦେଖି ଆସିଛି ସହର ଯିବାକୁ ନେଇ । । ତା' ଜୀବନକାଳରେ ବହୁତ ଅଳ୍ପ ଥର ଯାଇଛି । ହେଲେ ପ୍ରତିଥର ଭଳି ଆଉ ବୁଲିବାକୁ କି ଦେଖିବାକୁ ନୁହଁ, ସେ ଚାହେଁ ସବୁ ଦିନ ପାଇଁ ସେଇଠି ରହିବ । ସହରଠାରୁ ବହୁଦୂର । ମଫସଲ ଗାଁରେ ଘର । ଗାଆଁ କହିଲେ ୧୬/୧୮ ଖଣ୍ଡ ଘର । ସବୁ ପୁରୁଣା କାଳିଆ ଛପର ଘର । ଏବେ ଏବେ ବିଜୁଳିର ବାସ୍ନା ବାଜିଛି । ରାସ୍ତାଘାଟ, ଶିକ୍ଷାକଥା କହିଲେ ନସରେ । ରବୀନ୍ଦ୍ରବାବୁଙ୍କ ଏକମାତ୍ର ଝିଅ କଳ୍ପନା । ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ନିଜେ ବାପା ଆଉ ମାଆ ହୋଇ ପାଳନ କରିଆସିଛନ୍ତି । ପଂଚାୟତ ହାଇସ୍କୁଲରେ ଦଶମ ପରେ ଗାଆଁ ପାଖ ସରକାରୀ କଲେଜରେ +୨ ପଢ଼ି ଥାର୍ଡ଼ ଡିଭିଜନ ରେ ପାସ୍ କରିଛି । ଆର୍ଥିକ ଅଭାବ କାରଣରୁ ଆଉ ଆଗକୁ ପଢ଼ିନି, କି ପଢ଼ିବାକୁ ଇଚ୍ଛା ବି କରିନି । ପାଠ ଛାଡ଼ି ୪ ବର୍ଷ ଖଣ୍ଡେ ହେଲାଣି ଘରେ ହିଁ କାମ ଦାମ କରି ରହିଛି ।

ପିଲାଟି ବେଳରୁ ଅନେକ ଶୁଣିଛି ସହର ବିଷୟରେ । ତା' ପିଲା ବେଳର ବହୁ ସାଙ୍ଗ ସାଥି ସହର ରେ ରୁହନ୍ତି, ସେ ବି ସହର ଯିବ, ସେଠି ରହିବ । ସେଠି ଯାଇ କିଛି କାମ କରିବ । ଆଉ ସହରୀ ଜୀବନ ବିତାଇବ । ହେଲେ ଘରେ ନନାକୁ ଏକୁଟିଆ ଦେଖି ତା ସ୍ୱପ୍ନକୁ ବହୁ ଦିନ ଧରି ସାଇତି ରଖିଛି ।

କାନ୍ଧରେ ଲଙ୍ଗଳ ଧରି ନନା ଆସି ପହଂଚିଲେ । ଭିତରକୁ ଯାଇ ନନା ପାଇଁ ଖାଇବା ନେଇ ଆସିଲା । କିଛି ନକହି ସବୁଦିନ ଭଳି ନିରାଶ ହୋଇ ମୁହଁ ଶୁଖାଇ ନନା ପାଖେ ବସିଲା । କଳ୍ପନାର ଆବେଗକୁ ବେଶ୍ ଭଲ ବୁଝିପାରୁଥିଲେ ।

ନନା ! ତା'ର ଉଦାସ ମୁହଁକୁ ଚାହିଁ ପଚାରିଲେ,

– 'ପୁଣି ସେଇ କଥାନା ?'

– 'ନାଇ ନନା...'

– 'କହିଲୁ ? ସହର ସହର ହେଉଚୁ, ସେଠି ତୁ ଏକଲା କଣିଷ କ'ଣ କରିବୁ ? କୋଉଠି ରହିବୁ ? କଣ ଖାଇବୁ ? ହଁ....

– 'ନାଇ ନନା'

ମିକି କହୁଥିଲା ସେ ଯୋଉ ପାର୍ଲର ରେ କାମ କରୁଛି ସେଇ ମ୍ୟାଡାମ୍ ଙ୍କୁ କହିଛି ମୋ କଥା । ମୁଁ ଗଲେ ସେଇଠି କାମ କରିବି । ଆଉ ମୋର ରହିବା ପାଇଁ ତା ଫ୍ଲାଟ ପାଖାପାଖିରୁ ବି କଥା ହେଇଛି ।

– 'ହଁ ରେ ମା, ହେଲେ ଏକଲା ଝିଅ ଟେ ପୁଣି.....'

– 'ନନା ତୁମେ ବି ଆସି ଯାଅନା, ସେଠି ଆମେ ମିଶି ରହନ୍ତେ । ଭଲ ହୁଅନ୍ତା ।'

– 'ନାରେ ମା ନା.... । ଏମିତି ଶସ୍ତାରେ କ'ଣ ସେଠି ବଂଚି ହେବ ? ଏଠି ପାଖାଳ ମୁଠାରେ ମୋ କାମ ଚଳୁଛି, ଗାଁ ଟା ଛୋଟ ହେଲେ ବି ଲୋକଙ୍କ ଭିତରେ ସ୍ନେହ ଶ୍ରଦ୍ଧା ଅଛି, ହେଲେ ସହର ରେ କିଏ କାହାର ।'

– 'ଆମ ଗାଁ ସନାଦାଦା ତ' ତାଙ୍କ ପୁରା ପରିବାର ସଙ୍ଗେ ଘର ଛାଡ଼ି ସହର ଚାଲିଗଲେ, ହେଲେ ତୁମେ କାହିଁ ମନା କରୁଚ ଯେ....

– 'ସେ ଯାଉ ରେ ମା, ମୁଁ ଏକୁଟିଆ, ଜମିଟିକୁ ଛାଡ଼ି ସହର ଯାଇ ପାରିବିନି । ପୁଣି ଜାଣିଛୁ କେତେ ଟଙ୍କା ଗାଁରେ ବାକି ପଡ଼ିଛି, ଏମିତି ଅବସ୍ଥାରେ ଗାଁ ଛାଡ଼ି ଗଲେ ଭୁଲ ହେବ ।'

– 'ତା ହେଲେ ଥାଉ ନନା, ମୋର ବି ଆଉ ସହର ଯିବାର ନାଇ । ମୁଁ ବି ଯିବିନି ।'

– 'ନାଇ ରେ ମା ତୁ ଯିବୁ । ତୋ ଯିବା ପାଇଁ ମହାଜନବାବୁ ଙ୍କୁ ଟଙ୍କା କଥା କହିଥିଲି, ସେ ଡକାଇଥିଲେ, ମୁଁ ଯାଉଛି ଟଙ୍କା ନେଇ ଆସିବି । ତୁ କାଲି ବାହାରିବୁ ।

ନନା ମୁହଁରୁ ଏତକ ଶୁଣିବା ପରେ ଚିନ୍ତାରେ ପଡ଼ିଗଲା କଳ୍ପନା । ଖୁସି ହେବ ନା ଦୁଃଖ କରିବା । ଗୋଟିଏ ପାର୍ଶ୍ୱରେ ସ୍ୱାଧୀନତା ର ସହ ସୁନେଲି ସହରରେ ବଂଚିବାର ସ୍ୱପ୍ନ ଆରପଟେ ପରାଧିନ ମଫସଲର ସୀମିତ ଜୀବନ ତ ନନା । ହେଲେ "କୁଛ୍ ପାନେ କେ ଲିୟେ, କୁଛ୍ ଖୋନା ପଡ଼ତା ହୈ ।" କିଛି ନ ବିଚାରି ନିଜ ସ୍ୱପ୍ନ ସହର ଅଭିମୁଖେ ପାଦ ବଢ଼ାଇଲା କଳ୍ପନା ।

ପରଦିନ ସକାଳୁ ଝିଅକୁ ସହରରେ ଛାଡ଼ି ଆସିବା ପାଇଁ ନନା ସାଙ୍ଗରେ ବାହାରିଲେ । ଝରକା ପାଖରେ ବସି ବୁଲାଇ ବୁଲାଇ ଦେଖି ନେଉଥିଲା ତା ଗାଆଁ, ଘର, ବିଲବାଡ଼ ସବୁ । ପିଲାଟିବେଳରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନ ଆଜି ଆହୁରି ସନ୍ଦିହୀନ

ଲାଗୁଥିଲା । ବସ ଭିତରେ ସେ ସତରେ ଆଗକୁ ବଢୁଛି, ନା ଗଛଲତା, ଗାଁ, ଆକାଶ, ପାହାଡ଼, ନଈ ସବୁତାକୁ ବିଦାୟ ଦେଇ ପଛକୁ ଫେରୁଛନ୍ତି । ସମୟ ପାଖେଇ ପାଖେଇ ଆସେ, ଗାଁ ସରି ସରି ଯାଏ । ଧିରେ ଧିରେ ସବୁଜ ବନାନୀ ହୁଏ, କଂକ୍ରିଟ ବଣର ନଜିର ଆସେ । ପଶୁପକ୍ଷୀଙ୍କ ରାବ ବଦଳରେ ଟ୍ରାଫିକରେ କୋଳାହଳ ଶବ୍ଦରେ କାନ ଫାଟି ପଡୁଥାଏ । ଏସବୁ ମଧ୍ୟରେ ଶେଷରେ ଠିକଣା ସହରରେ । ମିକି ଅପେକ୍ଷା କରିଥାଏ । ବୁଝାସୁଝା କରି ଝିଅର ଦେଖାର ଦାୟିତ୍ୱ ମିକି ହାତରେ ଦେଇ, ସେଇ ବସ୍ ରେ ହିଁ ଫେରି ଗଲେ ନନା ।

ସୁଉଚ୍ଚ ଅଟ୍ଟାଳିକା, ଅସ୍ତବ୍ୟସ୍ତ ଜୀବନ, ଯୁଆଡ଼େ ଚାହିଁଲେ ଗହଳି, ପେଁ.... ପେଁ.... ଶବ୍ଦ । ସବୁ ଦୌଡୁଛନ୍ତି । ନିଶ୍ୱାସ ପ୍ରଶ୍ୱାସ ନେବାକୁ କାହା ପାଖେ ଫୁରୁସତ୍ ନାଇ । ଏସବୁ ଦେଖି ଭୟ ସହ ଉତ୍ସାହ ବି ବଢୁଥିଲା । ସେ ବି ଆଙ୍କିବାକୁ ଯାଉଥିଲା ସେମିତି ଏକ ଭବିଷ୍ୟତ ।

ମିକି କଳ୍ପନାକୁ ନେଇ ନିଜ ଘରକୁ ଚାଲିଗଲା । ତହିଁ ଆର ଦିନ ଦୁହେଁ ମିଶି ବାହାରିଲେ । ପୂର୍ବରୁ ମିକି ରାଜଧାନୀ ପାର୍ଲର ମ୍ୟାଡାମ୍ ଙ୍କୁ କଳ୍ପନା କଥା କହି ଥିଲା, କଥା ମୁତାବକ ସେଇଠି ଜଏନ୍ କଲା । ଦିନକୁ ୮ ଘଂଟା କାମ ମାସକୁ ୮୦୦୦ ଟଙ୍କା । ପାର୍ଲରରୁ ଫେରିବାର ରାସ୍ତାରେ ସେଇ ପାଖାପାଖି ଘର ଭଡ଼ାରେ ନେଲା । ଭଡ଼ା ୪୦୦୦ ଟଙ୍କା । ନୂଆ ନୂଆରେ ନନା କଥା ମନେ ପକାଇ ବହୁତ କାନ୍ଦିଲା । ପରେ ନିଜକୁ କହିଲା ନା, ତା ନନାର କିଛି ହେବନି । ସେ ପରିଶ୍ରମ କରି ନନାରସବୁ ଋଣ ସୁଝି ଦେବ । ନନା କୁ ସହର ନେଇ ଆସିବ । ଏଠି ସେମାନେ ଖୁସିରେ ରହିବେ ।

ପ୍ରତିଦିନ ଅନେକ କଷ୍ଟମର ଆସନ୍ତି । ଫେସିଆଲ କରନ୍ତି, ଆଇବ୍ରୋ ସାଇଜ୍ କରନ୍ତି । ସେମାନଙ୍କ ସହ ଭଲରେ ମିଶି ଯାଏ କଳ୍ପନା । ଧିରେ ଧିରେ ସବୁକାମ ବି ସହଜରେ ଶିଖିନିଏ । ସହରର ଚାଲିଚଳଣି, କଥାବାର୍ତ୍ତା ସହ ଭାରି ଅଭ୍ୟସ୍ତ ହୋଇସାରିଥାଏ । ଇଛା କରିଥିଲା ପ୍ରଥମ ଦରମା ପାଇବା ସଙ୍ଗେ ସଙ୍ଗେ ନନାକୁ ପଠାଇବ ହେଲେ ଘରଭଡ଼ା, ଖାଇବା, ପର୍ସନାଲ ଖର୍ଚ୍ଚରେ ସବୁ ଶେଷ । ଆଠଶହ ଖଣ୍ଡେ ଟଙ୍କା ହାତରେ ରଖିଛି । ମିକିଠୁ ପୁଣି କିଛି କରଜ କରିଥିଲା । ଏଇଟା କଣ ଗାଁ ହେଇଛି ଯେ ଅଳପ ଟଙ୍କାରେ ଚଳି ହେଇଯିବ । ବୁଝିଛି କଳ୍ପନା, ନିରାଶ ପାଲଟିଛି ।

କଷ୍ଟେ ମଷ୍ଟେ ବିତାଇ ଚାଲିଛି ସହରୀ ଜୀବନ, ହେଲେ ସ୍ୱପ୍ନରେ ଦେଖିଥିବା ସୁଖ ନାଇ । ମାସକ ପରେ ଝିଅକୁ ଦେଖା କରିବାକୁ ନନା ସହର ଆସନ୍ତି । ପଚାରି ପଚାରି ରାଜଧାନୀ ପାର୍ଲରରେ ପହଂଚି ବାହାରେ ଅପେକ୍ଷା କଲେ । କିଛି ସମୟ ପରେ ପଦାକୁ ଆସିଛି କଳ୍ପନା । ଝିଅକୁ ଦେଖି ନିର୍ବାକ୍ ହୋଇ ମୁଣ୍ଡ ଠାରୁ ଗୁଡ ପର୍ଯ୍ୟନ୍ତ ଚାହିଁଛନ୍ତି ନନା । ନନାକୁ ମୁଣ୍ଡିଆ ହୋଇ ଭଲ ମନ୍ଦ ପଚାରୁଛି, ହେଲେ ସେ ନୀରବ । ବୁଝିପାରିଛି ନୀରବତାର କାରଣ । ନନାକୁ ବୁଝାଇ କହୁଛି ଆଜିକାଲି ସହରରେ ଏସବୁ କମନ୍ । ଚୁଡ଼ିଦାର ଏଠି କେହି ପିନ୍ଧନ୍ତନି । ତା ପିନ୍ଧିବା ଭଳି ପୋଷାକ ହିଁ ଧାରଣ କରନ୍ତି । ମଫସଲ ଲୋକ ସେତିକି ସାହସିକ ଶକ୍ତି ନାଇ ସହରୀ ସଂସ୍କୃତିକୁ ସହଜେ ଆଦରି ନେବେ ।

ଘରୁ ନେଇ ଆସିଥିବା ପରିବା ବ୍ୟାଗ୍‌ଟିକୁ ଝିଅ ହାତକୁ ବଢ଼ାଇ, ନିଜ ଯତ୍ନ ନେବାକୁ କହି ଫେରନ୍ତି । ସେଇ ଏକା କଥା ତାଙ୍କ ମୁହଁରେ ଖେଳେଇ ହେଉଥାଏ ।

"ଏ କି ସଂସ୍କୃତି!!! ମଥାରେ ଟିକିଲି ନାଇ ହାତରେ କାଚ ଖଣ୍ଡେ । "

ଶେଷରେ କଳ୍ପନା ବି ସେ ସବୁର କବ୍‌ଜାରେ ରହିବ ନନାର ଅନୁମାନ ବାହାରେ ।

ଅନ୍ୱେଷ,

ଘରମାଲିକର ପୁଅ । ବହୁଦିନ ଧରି ନଜରରେ ରଖିଛି କଳ୍ପନାକୁ । ଅନେକ ଥର ସୁଯୋଗ ଖୋଜିଛି ତା ସହ ସମ୍ପର୍କ ଲଗାଇବାକୁ । ପ୍ରୟାସ ବି କରିଛି । ସେଥିପାଇଁ କଳ୍ପନା ବାହାରିବା ଟାଇମରେ ଜାଣି ଜାଣି ସେଂଟ ପକାଇ, ଷ୍ଟାଇଲ୍ ମାରି ରେଡ଼ି ହେଇଛି । ଧିରେ ଧିରେ ନିଜ ବାଇକ୍‌ରେ ପାର୍ଲରକୁ ନେବା ଆଣିବା କରିଛି । ଶେଷରେ ତା ମିଠା କଥାରେ ଫସାଇଛି କଳ୍ପନାକୁ । ଲଭ୍‌ର ଲାଳସା ଦେଇ କଳ୍ପନାକୁ ନିଜର କରିଛି । ଧିରେ ଧିରେ ବହୁତ ଆଗେଇଛି ସମ୍ପର୍କ । ଅନ୍ୱେଷ ପ୍ରତିଦିନ ତା ବାଇକରେ ବୁଲାଇ ନିଏ । ସଂଧ୍ୟାରେ ଗୁପ୍‌ଚୁପ୍ ଖୁଆଏ । ଦୁହେଁ ମିଶି କ୍ୟାଣ୍ଡେଲ ନାଇଟ୍ ଡିନର କରନ୍ତି, ସେକେଣ୍ଡ ସୋ ଦେଖି ଘରକୁ ଫେରନ୍ତି । ସହର ଆସିବା ନୂଆରେ ମିକି ବାରମ୍ବାର ବୁଝାଇଥିଲା । ଅଜଣା ଲୋକ ସହ ମିଶିବୁନି, କାହା ବାଇକ୍ ରେ ବସିବୁନି । ସେ ସବୁ ପାଶୋରି ସାରିଛି । ଅନ୍ୱେଷକୁ ଭଲ ପାଇ ବସିଛି । ତା ପ୍ରତି ବହୁତ ବିଶ୍ୱାସ ଅଛି କଳ୍ପନାର ।

ଏକୁଟିଆ ଲୋକ । ଭଲ ଲାଗୁନି । ଝିଅ କଥା ଭାରି ମନେ ପଡ଼ିଛି । ଚାରିପାଂଚ ମାସ ପରେ ସହର ଆସିଛନ୍ତି ନନା । ହେଲେ କଳ୍ପନା ଆଜି ଛୁଟିରେ । ପାର୍ଲର ଆସିନି । ମିକି ପାଖରେ ବି ତା' ଖବର ନାଇ ଆଜି । କିଛି କହିନି । ଘରକୁ ଯାଇ ଦେଖିଲେ । ତାଲା ଝୁଲିଛି । ସକାଳଠୁ ଫୋନ୍ ବି ଅଫ୍ । ଅନେକ କଥା ଭାବି ଭାବି ପିଣ୍ଡାରେ ଅପେକ୍ଷା କଲେ । ପାଖ ପଡ଼ୋଶୀ ସବୁଠି ଏକା ଉତ୍ତର ପାର୍ଲର ଯାଇଥିବ । ଚିନ୍ତାରେ ବସିଥିବାବେଳେ ଗେଟ୍ ପାଖରେ ଡିସ୍କବ୍ରେକ୍ ଲଗାଇ ଅଟକିଲା ବାଇକଟେ । ବିକ୍ରମାଦିତ୍ୟ

ଉପରେ ବେତାଳ ଓହଳିବା ପୋଜରେ କଜ୍ଜଳା । ଓହ୍ଲାଇ ଗେଟ୍ ଖୋଲି ଦେଖେ, ନନା ଘର ଆଗରେ । ଆଖିରେ ଲୁହ ।

ଘରକୁଡାକି ନେଲା କଜ୍ଜଳା । ନନା ନିଜ ମଳିନ ଚକ୍ଷୁରେ ଝିଅର ଅବତାରକୁ ଦେଖୁଥାନ୍ତି । ପୂର୍ବରୁ ଯାହା ପିନ୍ଧିଥିଲା ଛାଡ଼ । ହେଲେ ଯେ କି ଡ୍ରେସ୍ ଉପରୁ କାନ୍ଧଛାତି ଦର ମେଲା ତଳକୁ ଆଣ୍ଠୁ ଲୁଚିନି । ଏମିତି ବେଶରେ ଦେଖି ହୃଦୟ ଭାଙ୍ଗି ଗଲା । ଆଉ କଜ୍ଜଳାର ସହରେ ରହିବା ପସନ୍ଦ କଲେନି । ସାଙ୍ଗରେ ଫେରି ଆସିବାକୁ କହିଲେ । କଜ୍ଜଳା ରୋକ୍ ଠୋକ୍ ଶୁଣାଇ ଦେଲା, "ତୁମେ ଚାଲିଯାଅ ନନା, ମୋର ଗାଁକୁ ଯିବାର ନାଇ କି ସେଠି ରହିବାର ନାଇ । ଏଠି ମୋତେ ଠିକ୍ ଲାଗୁଛି । ମୁଁ ଏଠି ଠିକ୍ ଅଛି । ତୁମେ ଆଉ ଏଠିକି ବାରବାର ଆସିବା ଦରକାର ନାଇ ।"

- 'ନା.... ତୁ ଏଠି ଆଉ ରହିବୁନି ।'

- 'ନନା....... (ଚିଲେଇ)'

- 'ହଁ....'

- 'ନା.... ମୁ ଯାଉନି । ତୁମେ ଯାଇ ପାର ।'

- 'ଜବାବ ଦେଉଛୁ ମୁହଁରେ ? କିଏ ସେ ଟୋକା ?'

- 'କିଏ ?'

- 'ଯୋଉ ବାଇକରେ ତୋ ସହ.......'

- 'ଓଃ... ସେଇ'

- 'ଅନ୍ୱେଷ । ଏ ଘର ମାଲିକର ପୁଅ । ଆମେ ପରସ୍ପରକୁ ଭଲ ପାଉ । ମୁଁ ତାକୁ ବିବାହ କରିବାକୁ ଚାହେଁ ।'

- 'ତୋର ଏତେ ସାହସ !'(ହାତ ଉଠାଇ)

- 'ନନା....,

ହାତ ଟେକିବନି କହି ଦେଉଛି । ମୁଁ ଏବେ ମାଇନର ନୁହଁ । ମୋତେ ମାରିବାର ଅଧିକାର ତୁମର ଏବେ ନାଇ । ମୁଁ ଏଥର ମୋ ନିଷ୍ପତ୍ତି ନେଇ ପାରିବି । ଯଦି ପୁଣି ହାତ ଉଠାଅନା ଦେଖ ଭଲ ହେବନି କହି ଦେଉଛି....'

- 'କ'ଣ କେସ୍ ଦେବୁ ? ?'

- 'ହଁ.... ଦେବି..'

- 'ଯା' ରେ ମା ଦେଇ ଯା', ଏଇଥିପାଇଁ ତ ଜନ୍ମ ଦେଇଥିଲି ତୋତେ, ଏଇଥିପାଇଁ ତ ପାଠ ପଢ଼ାଇଥିଲି, ଏଇଥିପାଇଁ ତ ସହରକୁ ଛାଡ଼ିଲି ତୋତେ ? ଦେବୁନି କାହିଁ ଦେବୁ... ତୁ ଦେବୁ । ଠିକ୍ ଅଛି ରେ ମା ଏଣିକି ତୋ ଇଚ୍ଛା ।'

ନନା ଏଥର ସବୁଦିନ ପାଇଁ ସହରରୁ ବିଦାୟ ନେଇ ଫେରିଲେ ଗାଁକୁ । ପ୍ରତି ମୂହୁର୍ତ୍ତରେ ପ୍ରତିଧ୍ୱନିତ୍ୱ ହେଉଥିଲା କଜ୍ଜଳାର ପ୍ରତିବାଦର ସ୍ୱର । ପେଟକୁ ଭୋକ ନାଇ । ଆଖିକୁ ନିଦ ଆସେନି । ଏକମାତ୍ର ଝିଅ ମାଆ ନଥିବା ସତ୍ୱେ କୌଣସି ଅଭାବ ନ କରି ପାଠ ପଢ଼ାଇ ଏତେ ବଡ଼ କରିଛନ୍ତି । ସ୍ୱପ୍ନ ବି ଗଢ଼ିଥିଲେ ସୁନ୍ଦର ବରଟିଏ ଖୋଜି ବାହାଦେବେ । ହେଲେ ଆଜି ସବୁ ସ୍ୱପ୍ନ ଚୁରମାର୍ । ପ୍ରତି ମୂହୁର୍ତ୍ତରେ ଆଖିରୁ ଧାର ଧାର ଲୁହ ବୋହି ତାଙ୍କ ମୁହଁକୁ ଧୋଇ ଦେଉଥାଏ । ଅସରାଏ କୋହ ଦୁଲକାଇ ଦିଏ ଦିହକୁ ।

କଜ୍ଜଳା ଧିରେ ଧିରେ ନିଜ ଇଜ୍ଜତ ହରାଇ ବସେ । ସହରୀ ନିଶାରେ ଶ୍ରୀହୀନା ସାଜେ । ଆଉ ଏପରି ଲୋକ ନିନ୍ଦା ଘେନି ଏପରି ଏକା ବଂଚିବାକୁ ଚାହେଁନା । ଯେମିତି ହେଲେ ଏଥର ଜଣାଇବ ଅନ୍ୱେଷକୁ । ବାହା ହେବାକୁ କହିବ । ରାତିକ ବିତି ଯାଉ । ସକାଳକୁ ଅପେକ୍ଷା... ପ୍ରତିଦିନ ଭଳି ଠିକଣା ଟାଇମରେ ହାଜର । କଜ୍ଜଳା ବି ରେଡ଼ି । ବହୁଦିନ ଧରି ବୁଲିଛି ତା' ସହ । ବହୁତ ବିଶ୍ୱାସ ରଖିଛି । କଥାବାର୍ତ୍ତା ହୋଇ ହୋଇ ଶେଷରେ କିଙ୍ଗସ୍ ହୋଟେଲରେ ପହଂଚିଲେ । ଦୁଇଜଣଙ୍କର ଫେଭ୍ରେଟ୍ । ଅନେକଥର ଏଇଠି ଲଂଚ ଡିନର କରିଛନ୍ତି । ଲଂଚ ମଗାଇ ଖାଇବା ଆରମ୍ଭ କରିଛନ୍ତି ।

- 'ଅନ୍ୱେଷ...'

- 'ହଁ...'

- 'ତୁମକୁ କିଛି କହିବାର ଥିଲା ।'

- 'କୁହ, ଏମିତି କି କଥା ରଖିଛ ?'

- 'ଅଛି । ତୁମେ କଥା ଦିଅ ମୋତେ ସତ କହିବ ।'

- 'ଆରେ... ଏ କି କଥା କହୁଛ । ମୁ କାହିଁ ତୁମକୁ ମିଛ କହିବି ।'

- ତଥାପି..

- ଠିକ୍ ଅଛି ବାବା ଠିକ୍ ଅଛି । କଥାଟା ତ କଣ କୁହ ଆରେ ।

- ଆମେ କେବେ ସାଦି କରିବା ?

- ବାହାଘର !!! (ଅଧା ବାଟ ରେ ଭାତ ମୁଠା ଧରି)

- ହଁ ।

- ଏ କ'ଣ କହୁଛ । ତୁମେ ମୋ ଫ୍ରେଣ୍ଡ ।

- କଣ କହୁଛୁ ? ମୁଁ ତୁମ ଫ୍ରେଣ୍ଡ ? ଥରେ ମୁହଁକୁ ଚାହିଁ କୁହତ ?

- ହଁ.. ହଁ.. ତୁମେ ମୋ ସାଙ୍ଗ ।

- ଓଃ... ତା' ମାନେ ଆମ ମଧ୍ୟରେ ଯା' ସବୁ ଘଟି ଯାଇଛି...

- ଫ୍ରେଣ୍ଡଲି ....

- ୟୁ... ଚିଟର (ସାର୍ଟ କଲର ଧରି)

- ଛାଡ଼ କଜ୍ଜଳା, ଭଲ ହେବନି କହୁଛି, ଏମିତି ସଭିଙ୍କ ଆଗରେ କରିବା । ଇଟ୍ ଇଜ୍ ଭେରି କେଜୁଆଲ ।

- କ'ଣ କେଜୁଆଲ !!

- ହଁ ହଁ କେଜୁଆଲ । ଭେରି କେଜୁଆଲ । ତୁମ ପରି ମୋର ଅନେକ ଫ୍ରେଣ୍ଡ ଅଛନ୍ତି । ତୁମ ଭଳି ମୁଁ ସେମାନଙ୍କ ସହ ବିତାଇଛି, ଏମିତି କେତେ କଣ....

- କେତେ ଜଣ ମାନେ

- ହଁ... ଯା' ତୁମ ସହ

- ଛିଃ... ଧକ୍କେବାଜ୍

- ମୁଁ ନୁହଁ କଳ୍ପନା । ସହରର ସବୁ ସେମିତି । - ହେଲେ ତୁମେ ତ କହିଥିଲ ମୋତେ ଭାରି ଭଲ ପାଅ । ତୁମେ ବି ଜାଣ ମୁଁ ତୁମକୁ କେତେ ଭଲ ପାଏ ।

- ତ ? କଣ ହେଲା ?

- କିଛି ନୁହଁ କିନ୍ତୁ, ତୁମେ ମୋତେ ବାହା ହେବ । ନଚେତ୍ ମୁଁ କଣ କରିବି ଦେଖିବ ?

(ଏଥର ହାଉଳି ଖାଇଲା ଅନ୍ୱେଷ । ଅନେକ ଝିଅ ଗଲେଣି ହେଲେ ଏମିତି କେହି ପ୍ରତିବାଦ କରି ନଥିଲେ । କାଳେ କଳ୍ପନା କିଛି ଅଘଟଣ ଘଟାଇ ବସେ ଭୟରେ ପୁଣି ଛଳନା କରି...)

- ଠିକ୍ ଅଛି ଡାର୍ଲିଂ... ଠିକ୍ ଅଛି ।

- ନାଇ ସତ କୁହ ?

- ସତ ହିଁ କହୁଛି ଆମେ ବାହା ହେବା ।

- ଆଉ ଯା' ସବୁ କହିଲ ?

- ଆରେ ବୋକୀ ମଜା କରୁଥିଲି । ଜାଣିପାରିଲୁନି ?

- ନା... ଆଉ ଦିନେ ସେମିତି କହିବନି । ଜାଣିଛ କ'ଣ ଲାଗିଲା ମୋତେ ?

- କ'ଣ ?

- କିଛି ମୋମେଂଟ ପାଇଁ ମୋ ହାର୍ଟ ବିଟ୍ ରହିଗଲା ।

- sorry... କାନ ଧରୁଛି ।

- THANK GOD, ତୁମେ ରାଜି ହେଲ ।

- ଚାଲଯିବା ଏଥର ।

- କୁଆଡ଼େ ?

- ତୁମ ରୁମ୍‌କୁ

- ହଁ... (ଲାଜେଇ ଲାଜେଇ)

ବାହାରି ପଡ଼ିଲେ ନିଜ ରୁମ୍ ଅଭିମୁଖେ । ଯିବା ରାସ୍ତାରେ ମେଡ଼ିକାଲ୍ ଷ୍ଟୋର ଠାରେ ଗାଡ଼ି ଅଟକାଇଲା ଅନ୍ୱେଷ । ଅଳ୍ପ ସମୟ ଅପେକ୍ଷା କରିବାକୁ କହି ଦୌଡ଼ି ଦୌଡ଼ି ଯାଇଥିଲା । ବୁଝି ସାରିଥିଲା କଳ୍ପନା । ଲାଜରେ ହସୁଥିଲା । କିଛି ସମୟ ଭିତରେ ଦୁହେଁ ପହଂଚିଲେ ରୁମରେ ।

ଫ୍ରେସ୍ ହେବାକୁ ଗଲା କଳ୍ପନା । ଏଣେ ହରଡ଼ ଘଣାରେ ଅନ୍ୱେଷ । କଳ୍ପନା ଯେ ଶେଷରେ ଏମିତି ରିଆକ୍ଟ ହେବ ସେ ଜାଣି ନଥିଲା । ଯେମିତି ହେଲା ଏ କାହାଣୀକୁ ଏଠି ବନ୍ଦ କରିବାକୁ ହେବ । ନଚେତ ସେ ଫସିଯିବ । ତେଣୁ ଡେରି ନକରି ମେଡ଼ିକାଲ୍ ଷ୍ଟୋରରୁ ନେଇ ଆସିଥିବା ନିଦ ବଟିକା ଗୁଡ଼ିକୁ ବୋତଲରେ ମିଶାଇ ଦେଲା । ଅପେକ୍ଷା କଲା । କଳ୍ପନା ଫେରିବା ପୂର୍ବରୁ ନିଜ ମୋବାଇଲର ଭିଡ଼ିଓ ଟିକୁ ଅନ୍ କରି କପବୋର୍ଡ଼ରେ ଥୋଇଦେଲା । କଳ୍ପନା ବାହାରକୁ ଆସିବା ପରେ, ଅଧା ଢାଳି ବଢ଼ାଇ ଦେଇ କହିଲା ନିଅ ମୁଁ ଅଧା ପିଇ ନେଇଛି, ଏତକ ପିଇ ନିଅ ।

ଅଚେତ ଅବସ୍ଥାରେ ବେଡ୍‌ରେ କଳ୍ପନା । ପୁଣି ଶିକାରୀ ସାମ୍ନାରେ ବିରାଟ ଶିକାର । ମୁକୁଳିବାର ପ୍ରଶ୍ନ ହିଁ ନାଇ । ତା' ପାଟି ବନ୍ଦ କରିବାକୁ ଅନ୍ୱେଷ ପାଖରେ ଏଇ ଏକମାତ୍ର ରାସ୍ତା । ଦୁହିଁଙ୍କ ଡ୍ରେସ୍ ବେଡ୍ ତଳେ, ଆଉ ଦୁଇ ଜଣ ବେଡ୍ ଉପରେ । ବେଡ୍ ଉପର ର ସମସ୍ତ ଲୀଳା ଖେଳକୁ ନିଶବ୍ଦରେ କଏଦ କରୁଥିଲା ମୋବାଇଲ । କିଛି ମୂହୁର୍ତ୍ତର କଳଙ୍କ ବୋଳି ସାରିବା ପରେ ଶେଯ ଛାଡ଼ିଲା ଅନ୍ୱେଷ । ଭିଡ଼ିଓଟିକୁ ଅଫ୍ କଲା । ନିଦ ଭାଙ୍ଗିନି । ସେମିତି ପଡ଼ିଛି କଳ୍ପନା । ତା' ନିଦ ଭାଙ୍ଗିବା ପୂର୍ବରୁ ରେକର୍ଡ଼ କରିଥିବା ଭିଡ଼ିଓ ସହ ମେସେଜ୍ ଟେ ସେଣ୍ଡ କରି ଚାଲିଗଲା ।

କିଛି ସମୟ ପରେ ଚେତା ଫିଟିଲା । ସମୟ ଦିନ ଦିପହରୁ ଯାଇ ସିଧା ରାତିବାର । ମୂର୍ମୁର୍ଷୁ ସ୍ଥିତିରେ କଳ୍ପନା । ଦେହ ସାରା ଅଜଣା ବ୍ୟଥା । ଦିହରେ ପୋଷାକ ନାଇ । ପାଦ ତଳୁ ଚାଦରଟି ଘୋଡ଼ି ନେଲା ଦେହଟାକୁ । ଅନ୍ୱେଷ... ଅନ୍ୱେଷ... ଡାକ ଦେଲା ହେଲେ ପ୍ରତିଉତ୍ତର ନାଇ । ନିବୁଜ କୋଠରୀର ନିଃଶବ୍ଦତା ଭିତରେ ଉପହାସ କରି ପ୍ରତିଧ୍ୱନିତ୍ୱ ହେଉଥିଲା ତା ଡାକ । ଅନ୍ୱେଷତାକୁ ଏଭଳି ଅବସ୍ଥାରେ ଛାଡ଼ିଯିବ ତା ବିଶ୍ୱାସ ହେଉ ନଥିଲା । ପଚାରିବା ପାଇଁ ଫୋନ ଖୋଲିଲା । ଦେଖେତ ଅନ୍ୱେଷର ନମ୍ବରରୁ ମେସେଜ୍ ଆଉ ଭିଡ଼ିଓଟେ । ଭିଡ଼ିଓ ଡାଉନ୍‌ଲୋଡ୍ ବେଳକୁ ପଢ଼ିନେଲା ମେସେଜ୍‌ଟିକୁ ।

- 'ଦେଖି ନିଅ କଳ୍ପନା, ଭଲରେ ଟିକେ ଦେଖି ନିଅ । ଆମ ଭିଡ଼ିଓ ହିଁ । ଆଉ ଦିନେ ମୋ ଆଗରେ ବାହାଘର କଥା ଟେକିବନି । ଯଦି ବାଧ କରନା, ମୁଁ ଏବେ କଣ କରିବି ଭଲରେ ଜାଣିଚ । ମୁଁ ଯଦି ଏ ଭିଡ଼ିଓଟିକୁ ମାର୍କେଟରେ ଛାଡ଼େ ତ ମୁଣ୍ଡ ଉଠାଇ ପାରିବ ନାହିଁ, ଆଉ ତୁମ ନନା ଏହା ଦେଖିବା ପରେ ଲୋକଲଜ୍ଜାରେ ଆତ୍ମହତ୍ୟା କରିବେ । ଭଲରେ ଭଲରେ କହୁଛି ପାଟି ବନ୍ଦ କରି ସିଧା ସିଧା ଗାଁକୁ ଚାଲିଯାଅ, ନଚେତ୍... । ଏଥର ତୁମ ଇଚ୍ଛା । ଗୁଡ଼ବାଏ ।

ହୃଦୟ ଫାଟିଗଲା । ଅନ୍ୱେଷ ଏମିତି ବ୍ଲାକମେଲିଂ କରିବ । ତା ଭଲପାଇବାକୁ ଏମିତି ଠିକଣା ଦେବ । ବିଶ୍ୱାସର

ପ୍ରତିଉତ୍ତରରେ ଏଭଳି ବିଶ୍ୱାସ ଘାତକତା କରିବ ସ୍ୱପ୍ନରେ ସୁଧା ଭାବିନଥିଲା । ଏଥର ଚିହ୍ନି ସାରିଥିଲା ଅନ୍ୱେଷକୁ । ଚିହ୍ନି ସାରିଥିଲା ସହରୀ ରାକ୍ଷସକୁ । ତା ସହର ନିଶା ଏକାବେଳକୁ ଭାଙ୍ଗିଗଲା ।

ସଙ୍ଗେ ସଙ୍ଗେ ମିକିକୁ ଫୋନ୍ କରି ସମସ୍ତ ଘଟଣା ଜଣାଇଲା । ସେ ବି ଝିଅ । ବହୁତ ଦିନ ଧରି ସହରରେ ରହି ଆସିଛି । ଭଲରେ ଚିହ୍ନିଛି ସହରକୁ । କେତେ ସତର୍କତାର ସହିତ ବଂଚିବାକୁ ପଡ଼େ । ଆଜି କାଲି ସହରମାନଙ୍କରେ ଏ ଘଟଣା ସବୁ ଅତି ସାଧାରଣ ହୋଇ ପଡ଼ିଲାଣି । ଅଫିସ୍, ପାର୍କ, ମନ୍ଦିର, ଥିଏଟର କୋଉଠି ଖାଲି ନାଇ । ଏମିତି ଏ ସହରର ନର ରୂପ ଧାରୀ ଶିକାରୀ ମାନଙ୍କ ପଞ୍ଝାରେ ଅନେକ ଶିକାର ହୁଅନ୍ତି ।

ତହିଁଆର ଦିନ ସକାଳୁ ସକାଳୁ ମିକି ଆସି ପହଂଚିଲା । କଳ୍ପନାକୁ ବୁଝାଇ କହିଲା

- ' ଭଲ ହେବ ଗାଁକୁ ଫେରି ଯାଆ । ଗାଁରେ ରହି ନନାର ସେବା କରେ । ତୋତେ ଏଠି ଆଉ ଭଲରେ ଦେଖେଇଦେବନି, ଭଲ ହେବ ତାକୁ ପଦେ ବି ଜବାବ ନଦେଇ ଚାଲିଯାଆ ।

- ନା, ମୁଁ ଆଉ ବଂଚିବିନି ମିକି ।

- ଚୁପ୍ କର ।

- ଏ ଲାଜରେ କେମିତି ମୁହଁ ଉଠାଇବି ? କାହା ପାଇଁ ବଂଚିବି ?

- ବଂଚିବାକୁ ହେବ ତୋତେ । ଥରେ ଭାବେ ତୋ ନନାର କଥା । ତାଙ୍କୁ ଏକା କରି କଣ ଏମିତି ଚାଲିଯିବୁ ?

- ହେଲେ ନନା ଜାଣିଲେ.......

- କାନ୍ଦେନା ରହ ! ଏବେ କାନ୍ଦି କିଛି ଲାଭ ହେବନି । ଯାହା ସବୁ ଘଟିଗଲା ମନରୁ କାଢ଼ିନେ । ତୋର କିଛି ହେବନି ।

- ମୁଁ ଏଇ କ୍ଷଣି ଚାଲିଯିବି ଗାଁକୁ । ନନା କଥା ଭାରି ମନେ ପଡୁଛି ।

- ହଁ ଠିକ୍ ଅଛି । ଆଜି ହିଁ ବାହାରିପଡ଼ । କହିଦେଉଛି ଆଉ କିଛି ବି ପାଗଳାମି କରିବୁନି । ତୋ ନନା ଲାଗି ତତେ ବଂଚିବାକୁ ହିଁ ପଡ଼ିବ ।

ହୁତ୍ ହୁତ୍ ହୋଇ ଜଳୁଥିଲା ତା ଅନ୍ତର । ନିଜର ବୋଲି ଇଜ୍ଜତକୁ ହରାଇ ବସିଲା । ଏଥର ଏଇ ସହରରେ ଆଉ ରହିବାର ନାହିଁ । କିଛି ସ୍ୱପ୍ନ ନାହିଁ । ପୁଣି ଫେରିଆସିବ ସେଇ ମଫସଲକୁ ଘର କାମ କରିବ । ରାନ୍ଧିବାଢ଼ି ନନାକୁ ମୁଠେ ଖାଇବାକୁ ଦେବ । ସେମିତି ପଡ଼ି ରହିବ ଗାଁରେ । ତା'ର ଆଉ ସହର ଲୋଡ଼ା ନାହିଁ । ଶେଷରେ ପୁଣି ଫେରିଲା ଗାଆଁ ଅଭିମୁଖେ ।

ଦିନେ ଝରକା ଫାଙ୍କରୁ ଯେଉଁ ବଡ଼ ବଡ଼ କୋଠାକୁ ଦେଖି ଆନନ୍ଦରେ ଡେଉଁଥିଲା ଆଜି ସେ ସବୁ ପଥରର କଳା ଚେହେରା ଗୁଡ଼ିକୁ ମନେ ପକାଇ ନିଜକୁ ଧିକ୍କାର କରୁଥିଲା । ଏଠି ହଜାର ହଜାର ଅନ୍ୱେଷ । ତା ଭଳି ଲୋକ ହାତରେ ପ୍ରତିଦିନ ଏଠି ହଜାର ହଜାର ନିରୀହ କଳ୍ପନା ଶିକାର ହୁଅନ୍ତି । ଧିରେ ଧିରେ ସେଇ କଂକ୍ରିଟ୍ ଜଙ୍ଗଲରୁ ମୁକ୍ତି ମିଳୁଥିଲା । ଏତକ ସମୟ ମଧ୍ୟରେ ସବୁଜ ଜନନୀକୁ ମଧ୍ୟ ସହର ଗ୍ରାସ କରିସାରିଥିଲା । ଦେଖୁ ଦେଖୁ ସହର ଡେଇଁ ମଫସଲ ଆଡକୁ ବଢ଼େ ବସ୍ । ତା ଆସିବା ଖବର ଜାଣି ରାସ୍ତା କଡ଼ ବୃକ୍ଷଲତା ସବୁ ନିଦାଘର ତେଜ ସମ ଜଳିବାକୁ ଲାଗେ । ସୂର୍ଯ୍ୟମୁଖୀ ସବୁଦିଗ ବଦଳାଇ ବିମୁଖୀ ହୁଏ । ଗାଁରେ କାହାକୁ ଖବର ନାହିଁ । କଳ୍ପନା ଆଜି ଫେରୁଛି । ଗାଁ ମୁଣ୍ଡରେ ଓହ୍ଲାଇଲା । ଶେଷ ମୁଣ୍ଡରେ ଘର । ଧିରେ ଧିରେ ପାଦ ପକାଇ ଆଗକୁ ବଢ଼େ । ଗାଁ ଟି ପୁରା ଖାଁ ଖାଁ । ଶେଷ ମୁଣ୍ଡରେ ଗହଳି । ଗହଳି ଭିତରୁ କାନ୍ଦ ବୋବାଳ ଶବ୍ଦ । ଭୟରେ ପାଦର ଗତି ଧିମେଇ ଯାଏ । ଗହଳି ମଧ୍ୟରୁ ସମସ୍ତଙ୍କ ନଜର ଫେରେ କଳ୍ପନା ଦିଗକୁ । କର୍କଶ ଚେହେରା ସବୁ । ଗହଳି ଭାଙ୍ଗି ଭିତରକୁ ପଶି ଦେଖେତ କାଠ ପାଲଟି ଯାଏ ଦିହ । ଓଠ ପାଟି ଶୁଖିଯାଏ । ପାଦ ତଳୁ ମାଟି ଖସି ଯାଏ । ମହମ ପରି ମିଳେଇ ଯାଏ ତା ହୃଦୟ । ବଂଶ ମର୍ଯ୍ୟାଦା ହରାଇ ବାଉଁଶ କୋକେଇ ଉପରେ ଚିର ନିଦ୍ରାରେ ତା ନନା ।

ଆଜି ସକାଳୁ ବିଲହିଡ଼ ଉପରୁ ତାକୁ ମୃତ ଅବସ୍ଥାରେ ପାଇ ଟୋକା ମାନେ ଗାଁକୁ ଉଠାଇ ଆଣିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ଲାଗୁଥିଲେ ବି ସେଇ । ଭିଡ଼ିଓ ଦୁଇଦିନ ହେବ ସମସ୍ତଙ୍କ ହାତରେ ବୁଲିଲାଣି । ଗାଆଁଟା ସାରା ଲୋକ ଜାଣିଲେ । ଗତକାଲି ରାତିରେ ଏହି ଘଟଣାକୁ ନେଇ ପଂଚାୟତ ବସିଥିଲା । ପଂଚାୟତରେ ଝିଅର କର୍ମ ପାଇଁ ଅନେକ ଲୋକ ଲଜ୍ଜା ସହିବାକୁ ପଡ଼ିଲା । ଶେଷରେ ପଂଚାୟତରେ ରାୟ ମିଳିଥିଲା ନିର୍ବାସନ ଦଣ୍ଡ !!

ରାତି ସାରା ଆଖିରେ ନିଦ ନାଇ । କେତେ ସେବା କରିଥିଲା । କେତେ ଗେହ୍ଲା କରୁଥିଲା କଳ୍ପନାକୁ । ମାଆର ଉଣା ପଣିଆ କେବେ ବି ଅନୁଭବ କରାଇ ନଥିଲା । ଏପୁତ୍ର ମାନସିକ ଧାରୀ ଦୁନିଆରେ ବି କଳ୍ପନାକୁ କୋଳରେ ପାଇ ବେଶ୍ ଗର୍ବ କରୁଥିଲା । ବଂଶ ବୃଦ୍ଧି ନୁହଁ ବଂଶ ମର୍ଯ୍ୟାଦା ହିଁ ଶ୍ରେୟ ଭାବି ବଂଚିଥିଲା । ଶେଷରେ ତା' ଝିଅ ଏମିତି କରିବ କଳ୍ପନା ବାହାରେ ଥିଲା । ଏମିତି ଚିନ୍ତାରେ ଚିନ୍ତାରେ ରାତି ପାହିଗଲା । ଶେଷରେ ଲୋକ ଲଜ୍ଜା ଭୟରେ ଗାଁ ଉଠିବା ପୂର୍ବରୁ କୀଟନାଶକ ଔଷଧ କାଚଟିକୁ ଧରି ଚାଲିଗଲା । ଶେଷରେ ଯାହା ଘଟିଗଲା ।

ନନାକୁ ଏଭଳି ଅବସ୍ଥାରେ ଦେଖି ନିର୍ବାକ । ସେଇ ଗହଳି ମଧ୍ୟରେ

ବି କିଛି ଏମିତି କଥା କାନରେ ପଡୁଥିଲା-

- 'ହେଇଟି ଆଇଲା ଅଲାଜୁକୀ, ଛତରଖାଇ, ସୁନାଭଳି ବାପଟାକୁ ମାରିଦେଲା ।'

- 'ସହର ଯାଇଥିଲା, ସହର ଇଜ୍ଜତ ବିକି ଆଇଲା ।'

- 'ଛି... ଛି... କି ପାପ କରିଥିଲା କେଜାଣି ରବି, ଏମିତି ଝିଅକୁ ଜନ୍ମ ଦେଲା ।'

- 'ଖବର ଜାଣି ମରିଗଲାନି କାଇଁ, ବାପ ମୁହଁ ଦେଖି ଆଇଛି । ଡାହାଣୀଖାଇ....'

ଏଇ ସବୁ ଶୁଣି ଜୀବନ ଥାଇ ବି ମୃତ ସମ ଅନୁଭବ କରୁଥିଲା ନିଜକୁ । ଲୋକ ଲଜ୍ଜାରେ ଭାଙ୍ଗି ପଡ଼ିଲା । ଶେଷରେ ହାର ମାନିଯିବା ପରେ ବି ଅନ୍ୱେଷ ଏଭଳି କରିବ ଜାଣି ନଥିଲା । ବୋଧେ ସହରରେ ପ୍ରାୟ ଏମିତି । ଆଉ କାହା ପାଇଁ ବଂଚିବ । ଯଦି ବଂଚିବ ଏ ସମାଜ ତାକୁ ସମ୍ମାନର ସହ ବଂଚିବାକୁ ଦେବନି । ଗୋଟିଏ ଭୁଲ୍ ପାଇଁ ଜୀବନ ତମାମ ଶାସ୍ତି ଭୋଗିବାକୁ ପଡ଼ିବ । ଆତ୍ମାକୁ ନୁହଁ, ଶରୀରକୁ ମାପ କାଠି କରି ବିଚାର କରେ ଏ ଦୁନିଆ । ନା ଏମିତିକା ଜୀବନ ତାର ବଂଚିବାର ନାଇ । ଜୀବନର ଏକମାତ୍ର ସାହାରା ବୋଲି କେବଳ ନନା ମାତ୍ର ଥିଲେ । ସେ ବି ଚାଲିଗଲେ । ନିଷ୍ପତ୍ତି ନେଲା ଭିଡ଼ିଓ ଭାଇରାଲ ହେବା ପୂର୍ବରୁ ନିଜେ ଏ ଦୁନିଆରୁ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଯିବ ।

ସନ୍ଧ୍ୟାବେଳ । ଗାଆଁ ମଶାଣି ଭୂଇଁ ରେ ପାଖାପାଖି ଜଳୁଥିଲା ଦୁଇଟି ଚିତା । ଗୋଟିଏ ପାର୍ଶ୍ୱରେ ବଂଶ ମର୍ଯ୍ୟାଦା ହରାଇ ବାପା, ଆରପାର୍ଶ୍ୱରେ ନୂତନତାର ବୁଢ଼ିଆଣୀ ଜାଲରେ ଛନ୍ଦି, ପ୍ରତାରଣାକୁ ପ୍ରତିହତ କରି ପାରି ନ ପାରି ପରାସ୍ତ ହୋଇଥିବା କଳ୍ପନା । ଶେଷରେ ଜଳିବାର ପ୍ରୟାସ ରେ ଜାଳୁଥିଲା ତା ସ୍ୱପ୍ନକୁ, ତା' ଇଜ୍ଜତକୁ । ଶାନ୍ତ ହେଲା । ମୁଠାଏ ପାଉଁଶରେ ସୀମିତ ରହିଲା ସବୁ କିଛି ।

କଲ୍ୟାଣସିଂହପୁର, ରାୟଗଡ଼ା

# ଅଳ୍ପ ଗଳ୍ପ- 'ମା'ର ଭୋକ'

**- ଶ୍ରୀ ସତ୍ୟବ୍ରତ ସାହୁ**

ସେଦିନ ଡ୍ୟୁଟି ସାରି ଫେରୁଥାଏ । ଉପର ଓଳି ସମୟ । ଦେଖିଲି ରାସ୍ତାକଡ଼ରେ ଜଣେ ସ୍ତ୍ରୀ ଲୋକ ଘଷି ପାରୁଥିଲେ । ଘଷି ନୁହେଁ ତ ଗୋବରକୁ ଟେଳା ଟେଳା (ଛୋଟ ଛୋଟ) କରି ଖରାରେ ଶୁଖାଉ ଥାଆନ୍ତି । ଯେମିତି ତାହା ଶୀଘ୍ର ଶୁଖିଯିବ । ତାହାକୁ ଆମେ ଗୁଣ୍ଡା କହୁ । ସାହିର ଆଉ ଜଣେ ସ୍ତ୍ରୀ ଲୋକ ଆସି ପଚାରିଲେ, ଆଲୋ... ଏବେ କ'ଣ ଗୁଣ୍ଡା ପାରୁଛୁ ? ସ୍ତ୍ରୀ ଲୋକ ଜଣକ କହିଲେ, ଘରଟା ଯାକର କାମ ପଡ଼ିଥିଲା । ସବୁ କାମ ସାରି ଆସିଲି । କାଲି ପାରିଥିଲେ ହୋଇ ନଥାନ୍ତା ଯେ, ଏ ବେଳ ଗଡ଼ିଗଲା ବେଳକୁ ଆସିଛୁ ! କହିଲେ ଆର ସ୍ତ୍ରୀ ଜଣକ । ଏଥର ଏ ସ୍ତ୍ରୀ ଜଣକ କହିଲେ, 'କ'ଣ କରିବି ନାନୀ ଆଜି ନ ଶୁଖାଇଲେ କାଲି ପରା ମୋ' ଛୁଆମାନେ ଓପାସ ରହିଯିବେ' । ଆମେ ସିନା ଭୋକ ସହିଯିବୁ ହେଲେ ଛୁଆ ମାନେ କ'ଣ ସହି ପାରିବେ? ଗୁଣ୍ଡା ନଶୁଖିଲେ ରୋଷେଇ କେମିତି କରିବି ଯେ! କଥାଟା ମୋ' ହୃଦୟକୁ ଭେଦ କରିଗଲା ଯେମିତି । ଭାବିଲି ସତରେ ମା'ର ହୃଦୟ କେତେ ଉଦାର । ନିଜେ ସିନା ଭୋକ ସହିଯିବ ହେଲେ ଛୁଆଙ୍କ ଭୋକ ସହି ପାରିବନି । ନିଜ ଠାରୁ ତା ଛୁଆମାନେ ଆହୁରି ନିଜର ତା ପାଇଁ । ରୋଷେଇ ହେଲେ ସେ ନିଜେ ତ ଓପାସ ରହିବ । ସେ ତ କହିପାରିଥାନ୍ତା । ମୁଁ ଓପାସ ରହିଯିବି ନଚେତ ମୋ ପରିବାର ଓପାସ ରହିଯିବେ । ଅଥଚ ସେ ମା' ଜଣକ କହିଥିଲେ 'ମୋ' ଛୁଆମାନେ ଓପାସ ରହିଯିବେ । ସତରେ କେତେ ମହାନ ମା'ର ହୃଦୟ ।

ମୋ' ଆଖି ଟିକିଏ ଜକେଇ ଆସିଲା । ସେ ମା' କୁ ମନେ ମନେ ସେଇଠି ପ୍ରଣାମ କଲି । ଭାବିଲି ସତରେ ଲୋ ମା' ତୋ ପରି ଦୁନିଆରେ କେହି ବି ହେବେନି । ଏ ଲେଖା ମାଧ୍ୟମରେ ସବୁ ମା' ମାନଙ୍କୁ ପ୍ରଣାମ ଜଣାଇ ଏତିକି କହିବି, 'ମାଲୋ.. ତୁ ସବୁଦିନ ଏମିତି ଉଦାର ହୋଇ ଥା । ଦୁନିଆ ତୋ ଗୁଣ ଗାଉ ଥାଉ ।'

ପଲ୍ଲୀ ସାହି, କମାଳ ପୁର
ଅହିୟାସ, ଯାଜପୁର- ୭୫୫୦୩୬

# ସ୍ୱପ୍ନ

**- ସୁଜାତା ସାହୁ**

ଭାଦ୍ରବର ଭୋଦେଇ ଖରା । ଆକାଶ ପୂରା ନିର୍ମଳ । ଭାରି ଗରମ ଲାଗୁଥାଏ । ସୂର୍ଯ୍ୟ ଯେମିତି ପୁରୁଣା ତିନି ମାସର ସୁଝେଇବାକୁ ଭୁଲିନାହାନ୍ତି ପୁଣି ଚାଲିଆସିଛନ୍ତି । ମୋ ବୁଢ଼ୀ ମା' ତା ଟ୍ରଙ୍କରୁ ସବୁ ଶାଢ଼ୀ ଆଣି ଖରାରେ ଶୁଖାଉଥାଏ ଆଉ କହୁଥାଏ ମୋତେ ଟିକେ ଶୁଖେଇବାକୁ । ମୁଁ ମନେ ମନେ ରାଗୁଥାଏ, କହେ ବୁଢ଼ୀ ଦିନ ଦ୍ୱିପହର ଯାଏ ଠାକୁର ଘରେ ପଶିଥିଲୁ ଭଲ ହୋଇଥିଲା । ବାହାରିଲାମାନେ ଖାଲି କାମ ବଢେଇବ । ହଉ, କହ କ'ଣ ଶୁଖେଇବି ।

ବୁଢ଼ୀ ଅସୁରୁଣୀ ଜାଲରୁ ଯେମିତି ବାହାରିଲା ଗୋଟେ ସୁନ୍ଦର ଗୋଲାପୀ ଶାଢ଼ୀ । ମା! ଏତେ ସୁନ୍ଦର ଶାଢ଼ୀ । ଲୋଭୀ ବୁଢ଼ୀ ବୋଧେ ମୋ ବୋଉ ଶାଢ଼ୀ ଲୁଚେଇକି ରଖିଦେଉଛି । ଏମିତି କେତେ କଥା ମୋ ମନକୁ ଆସୁଥାଏ । ହେଲେ ଇଏ କ'ଣ ଜେଜେ ମା' ମୁହଁ ଦୁଃଖରେ ବିଷର୍ଣ୍ଣ ଦେଖାଯାଉଥାଏ । ମୁଁ ବାରମ୍ବାର ପଚାରୁଥାଏ ମା' କହ ଏଇଟା କୋଉଠୁ ଆଣିଲୁ ? ତା' ପରେ ମା' କହେ ଏଇଟା ମୋ ବାହାଘର ପାଟ । ଜେଜେ ତ ଆଉ ନାହାନ୍ତି । ତୁ ଏଇ ପାଟ କ'ଣ ପାଇଁ ସାଇତି ରଖିଛୁ । ମତେ ଦେଇଦେ ମୁଁ ମିନି ସ୍କଟ ଆଉ ଟପ ବନେଇଦେବି ।

ବୁଢ଼ୀ ରାଗରେ ଫଁ ଫଁ ହଉଥାଏ । ଆଉ କହୁଥାଏ ଏଇଟା ମୋ ବାହାପାଟ । ମୋ ବାପା ମୋତେ ଦେଇଥିଲେ । ହଳଲଙ୍ଗଳ ଆଉ କାଦୁଅ ଥିଲା ତାଙ୍କ ମା' । କେତେ କଷ୍ଟରେ ଖରା ବର୍ଷା ଆଉ ମାଘର ଶୀତକୁ ସହି ମାଟି ମା' କୋଳରୁ ତୋଳି ଆଣି ଦଉଥିଲେ ଧାନ, ମୁଗ, ବିରି ଏମିତି କେତେ ଶସ୍ୟ । ଦି ଅଣା ପଇସା ଯୋଡ଼ି କିଣିଦେଇଥିଲେ ଏଇ ପାଟ ଶାଢ଼ୀ ।

କେବଳ ମୋ ବାପା ନୁହଁ, ସେଦିନ ଏଇ ପାଟ ତିଆରି କରିବା ପାଇଁ ଆଉ ଜଣେ ରାତି ଅନିଦ୍ରା ହୋଇ ହାତରେ ସୁତା ବୁଣି ସେଥିରେ ଦେଇଥିଲା ଗୋଲାପି ରଙ୍ଗ । ବାପାର ଆନନ୍ଦ ଯେପରି ଏଇ ଶାଢ଼ୀ ପିନ୍ଧେଇ ଦେଇ ଝିଅକୁ ଭଣ୍ଡାଇବା ପାଇଁ । ନୁହେଁ କି ! ପିଲାବେଳେ କଣ୍ଢେଇ ଦେଇ ବୁଝେଇ ଦେଉଥିବା ବାପା ଏଇ ସୁନ୍ଦର ମନମୋହିନୀ ଯାଦୁକାରୀ ପାଟ ଦେଇ ମୋତେ ଭୁଲେଇ ଦଉନାହାନ୍ତି ତ । ମୁଁ କୁଆଡ଼େ ଏଇଟା ପିନ୍ଧିଲେ ରାଣୀ ପରି ଦେଖାଯିବି । ହେଲେ ସିଏ ସେଦିନ ଜାଣିଥିଲେ ଖାଲି ପାଟ ପିନ୍ଧିଲେ ତାଙ୍କ ଝିଅ କ'ଣ ରାଣୀ ହେଇଯିବ ! ରାଣୀ ହେବା କୋଉ ପୂର୍ବଜନ୍ମର ପୁଣ୍ୟଫଳ କିମ୍ବା କୋଉ ଖଡ଼ୀ ପକେଇଥିବା ଜ୍ୟୋତିଷର ଗଣନୀ । ପୁଣି ପାଟ ପିନ୍ଧିଥିବା ରାଣୀର ବାହାଘର । ସେଦିନ ଶାଶୁଘରକୁ ଆସିଲାବେଳକୁ ମୋ ଆଖିର ଲୁହ ଯେମିତି ଏଇ ପାଟ ସବୁ ପିଇଯାଇଛି ।

ଅଜଣା ଅତିଥି ହୋଇ ନୂଆ କୁଣିଆରୁ ସବୁଦିନିଆ ଆଉ ସାତଜନ୍ମ ପାଇଁ ଆଉ କାହାର ହବାର ମୂକସାକ୍ଷୀ ସେ । ବୋହୂ ବେଶର ପ୍ରଥମ ପାହାଚର ପ୍ରଥମ ପାଦ ବି ଏଇ ପାଟଶାଢ଼ୀ । କୁଆଁରୀ ଦେହର ପ୍ରଥମ ସ୍ପର୍ଶର ଇଏ ଯେମିତି ଏକ ଉଦାହରଣ । ସେଦିନର ସେଇ ରାତି । ସେତିକିବେଳେ ବୋଉ ଡାକିଲା, କୁନି ପାଣି ଟିକେ ଦେଇଗଲୁ । ମୋ ବୁଢ଼ୀମା ଯାଉନୁ ବୋଲି ଡାକିଲାଣି । କାମ ସରୁ ସରୁ ଘଂଟାରେ ୪ଟା । କ'ଣ ଆକାଶରେ କଳାହାଣ୍ଡିଆ ମେଘ । ସକାଳେ ଏତେ ଜୋରରେ ଖରା ଆଉ ଏବେ । ଚାହୁଁ ଚାହୁଁ ଘଡ଼ଘଡ଼ି ସହ ବର୍ଷା । ଏମିତି ବର୍ଷା ଯେ କିଛି ଦେଖାଯାଉନଥାଏ । ଡିବି ଯେତେ ଲଗେଇଲେ ବି ଲିଭିଯାଉଥାଏ । ବୋଉ ଲଣ୍ଠନ ଲଗେଇ ଆଣିଲା । ଥଣ୍ଡା ପାଗ ଯୋଗୁଁ ମୋତେ ନିଦ ଲାଗୁଥାଏ । ସେଥିରେ ମୁଁ ସ୍ୱପ୍ନ ଦେଖୁଥାଏ ସେଇ ପାଟଶାଢ଼ୀ । ମୋର ବି ଏମିତି ହେବ ପାଟଶାଢ଼ୀ, କେବଳ ମୁଁ ନୁହେଁ କୁଆଁରୀ ବୟସରେ ସବୁ ଝିଅମାନଙ୍କ ମନରେ ଏଇ ସ୍ୱପ୍ନ । ସ୍ୱପ୍ନରାଇଜର ରାଜକୁମାର ପକ୍ଷୀରାଜ ଚଢ଼ି ଆସୁ କି ନ ଆସୁ ନିଜକୁ ତ ରାଣୀ ଭଳି ଦେଖାଯିବ ନା । ଦୁନିଆର ସବୁଠୁ ସୁନ୍ଦର ଆଶ୍ଚର୍ଯ୍ୟମାନଙ୍କ ଭିତରେ ନିଜର ଜାଗା ଅଧିକାର କରିବାର ସଂଘର୍ଷ ।

ମୁଁ ସ୍ୱପ୍ନରେ ଦେଖୁଥାଏ ମୁଁ ମୋ ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥାଏ । କିଏ ଜଣେ ଗୋରା ଟୋକାଟା ଆସୁଛି । ମୁଁ ପଚାରିଲି 'ଆମ ଗାଁ'ର ହନୁମାଙ୍କଡ଼ ଭଳି ଟୋକାଗୁଡ଼ାକ ଭିତରେ ଏକ ଛଅ ଫୁଟିଆଟା କିଏ ? ଟିକିଲି କହିଲା 'ତୁ ଜାଣିନୁ', ସେ ଆମ ସାଙ୍ଗ ରଘୁଆର ମାମୁଁପୁଅ । ସେ କୁଆଡ଼େ କଲିକତାରେ ପଢୁଛି । ଆସିଥିଲା ପିଉସୀଘରକୁ ଖୁଦୁରୁକୁଣୀ ଭାର ନେଇ । ଆରେ ରଘୁଆ ବୋଉ ପରୀ ବୁଢ଼ୀ ହେଲାଣି ତଥାପି ଭାର ଖାଉଛି । ଗାଧୋଇ ସାରି ନଈତୁଠରୁ ଆସିଲାବେଳେ ସେ ମୋତେ ଘୁରି ଘୁରି ଚାହୁଁଥାଏ । ଟିକିଲି କହୁଥାଏ ତତେ ସେ ପସନ୍ଦ କରୁଛି । ରାଜି ହେଇଯା । କଲିକତା ନେଇଯିବ । ମୁଁ ରାଗରେ ଚିଡ଼ୁଥାଏ । ଖୁଦୁରୁକୁଣୀ ଚାନ୍ଦା ପାଇଁ ଆମେ ରଘୁଆ ଘରକୁ ଯାଇଥିଲୁ । ଟିକିଲି

ଜୋରରେ "ରଘୁଆ ଘର ବଡ଼ ବୋଉ କୁଆଡ଼େ ଗଲୁ" ଚିଲାଉଥାଏ । ମୁଁ ପାଟି ନ କରି ତାଙ୍କ ଘରକୁ ପଶିଗଲି । ଦେଖେ ତ ସେ ଟୋକା ବସିଛି । ସେ କହିଲା ପିଉସୀ ନାହିଁ । କ'ଣ କାମ ଥିଲା କୁହ । ତାକୁ ଦେଖି ମୋ ଆଖି ଯେମିତି ଲାଜରେ ବନ୍ଦ ହେଇଗଲା । କିଛି ନ କହି ମୁଁ ମୁହଁ ବୁଲେଇ ଆସିଲାବେଳକୁ ପଛରୁ ସେ ମୋ ହାତ ଧରିଦେଲା ।

ଆରେ । ମୋ ହାତ ଛାଡ଼ ।

-ନା । ତୁମ ସାଙ୍ଗରେ ଟିକେ କଥା ଥିଲା ।

ଇଛା ଥାଇ ମଧ ମୁଁ କହିଲି, ମୋର ବହୁତ କାମ, ମୁଁ ଯାଉଛି ।

-ସେ କହିଲା, ଦୁଇ ମିନିଟ ଶୁଣ ।

କୁହ, କ'ଣ କହିବ ?

-ନା, ସେମିତି କିଛି ନାହିଁ ଯେ !

"ତୁମେ ବହୁତ ସୁନ୍ଦର"

ମୁଁ ହଠାତ ନିସ୍ତବ୍ଧ ହେଇଗଲି ।

ଏତିକିବେଳେ ରଘୁଆ ଆସିଲା । ଆରେ କୁନି ତୁ କ'ଣ ଆମ ଘରେ !

ମୁଁ ଆସିଥିଲି ଖୁଦୁରୁକୁଣୀ ଚାନ୍ଦା ପାଇଁ । ହଉ ନେ ଦେଇଦଉଛି "ସେ କହିଲା" ।

ସେଦିନ ସେଠୁ ଏକା ନିଶ୍ୱାସରେ କେମିତି ଆସିଛି ମୁଁ ଜାଣେ । ତା ପରେ ରାତିରେ ମା ମଙ୍ଗଳାଙ୍କ ପୂଜା । ପୂଜା ଚାଲିଥାଏ । ଟିକିଲି କହୁଥାଏ କେହି ସଜ ହୁଅ ବୋଇତ ବନ୍ଦିକା ପଳେଇ ଆସିଲାଣି । ମୁଁ ହେଇଥାଏ ତଅପୋଇ । ମୋ ମୁଣ୍ଡରେ ଚନ୍ଦନଟିପା ସହ ପାଦରେ ପାଉଁଜି । ତା ସାଙ୍ଗକୁ ଅଳତାର ନାଲିଗାର ସାହିର ଭାଉଜମାନେ ଆଉ ବୁଢ଼ୀମା କେତେଜଣ ଚିଡ଼ାଉଥାନ୍ତି କିଏ ନବ କେଜାଣି ଏଇ ତଅପୋଇକୁ । ମୁଁ ଯାଇକି ଗୋଟେ ଚେୟାର ଉପରେ ବସିଥାଏ । କିନ୍ତୁ ମୋ ଆଖି ସେ ରଘୁଆ ମାମୁଁ ପୁଅକୁ ଖୋଜୁଥାଏ । ଯେତେବେଳେ ତଅପୋଇ ସବୁ ଭାଉଜମାନଙ୍କର ନାକ କାଟି ସାନ ଭାଉଜ କୋଳକୁ ଆସିଲା । ଦେଖିବ ! ଟୋକାଙ୍କର କି ତାଳି । ଏଇ ହନୁମାଙ୍କଡ଼ ଗୁଡ଼ାକ କ'ଣ ପାଇଁ ତାଳି ମାରୁଛନ୍ତି କେଜାଣି । ମୁଁ ଯେତେବେଳେ ବୁଲିପଡ଼େ ଦେଖେ ସେ ଠିଆ ହେଇଛି । ଆଖିରେ ଇସାରା ଦଉଛି । ମୁଁ ଦି ଦିନ ହେଲା ନଈକି ଗାଧେଇ ଯାଇନି । ଟିକିଲି କହୁଥିଲା ସେ ମୋତେ ଖୋଜୁଛି । ତା ପରଦିନ ମୁଁ ଏକୁଟିଆ ଦ୍ୱିପହରେ ନଈକୂଳ ବୁଲିବାକୁ ଯାଇଥିଲି । ଦେଖିଲି ସେ ବି ଆସିଛି । ମତେ ପଚାରିଲା-ତୁମେ କ'ଣ ପାଇଁ ଆଉ ନଈକୁ ଆସୁନ । ମୁଁ ଜାଣିଶୁଣି କହୁଥାଏ ବୋଉ ମନା କରୁଛି ଏଇ ଟୋକାଗୁଡ଼ାକ ଅନାଉଛନ୍ତି ବୋଲି ।

ତୁମେ ବହୁତ ସୁନ୍ଦର । ସେଥିପାଇଁ ଟୋକା ଅନଉଛନ୍ତି । ହେଲେ ରଘୁଆ କହୁଥିଲା ତୁମେ ଭଲ ପାଠ ପଢୁଥିଲ । ବିଏ ଯାଏଁ ପଢ଼ିଲ ଆଉ ପଢ଼ିଲନି କାହିଁକି ।

କାହିଁକି ନା  ବାପା କହିଲେ ଅଧିକ ପଢ଼ିଲେ ଝିଅକୁ ଅଧିକ ଯୌତୁକ ଦେବାକୁ ପଡ଼ିବ । ବାପା ପଢ଼ିଲେ ଚିଡ଼ନ୍ତି । ଛାଡ଼ ମୋ କଥା । ତୁମେ କ'ଣ ପଢୁଛ କି ?

ମୁଁ ଏବେ ଯାଦବପୁର ୟୁନିଭରସିଟି ରେ ଏମ୍‌ଫିଲ କରୁଛି । ଗୋଟେ କଥା କହିବି କିଛି ଖରାପ ଭାବିବନି । ମୁଁ ଯେବେଠୁ ତୁମକୁ ଦେଖିଛି ସେବେଠୁ ଭଲ ପାଇଛି । ପ୍ଲିଜ ରାଗନି । ତୁମେ କଣ ମୋତେ ପସନ୍ଦ କରନି ?

-ନାଁ ତ । ମୁଁ ଯାଉଛି ବୋଉ ରାଗିବ ।

-ତା' ହେଲେ ମୋ ଉତ୍ତର ?

-କହିଲି ପା ନା ।

ଯେମିତି ଲାଗୁଥାଏ ବିନା ବିଜୁଳି ଘଡ଼ଘଡ଼ିରେ ବର୍ଷା ହୋଇଯିବ । ଆଜିକାଲି ମୁଁ ଅନ୍ୟମନସ୍କ ରହୁଛି । ସବୁବେଳେ ତା କଥା ମନେ ପଡୁଛି । ସତରେ କଣ ମୁଁ ବି ତାକୁ ଭଲ ପାଉଛି । ଆଜିକାଲି ରଘୁଆ ଘରକୁ ମୁଁ ବେଶି ବେଶି ଯାଉଛି । ରଘୁଆ ବି ଜାଣି ଗଲାଣି କାହିଁ ନା ରଘୁଆକୁ ଦେଖେଇ ସେ ମତେ ଚିଡ଼ଉଛି ।

ଏତିକି ବେଳେ ବୋଉ ଡାକେ 'କୁନି, ଆଜି ଉଠବୁନି କି ।  ସାତଟା ବାଜିଲାଣି । ଚାଇଁକିନା ମୋ ନିଦ ଭାଙ୍ଗିଯାଏ । ଆରେ ଏ କ'ଣ ! ଏଇଟା ସ୍ୱପ୍ନ ଥିଲା । କିଛିଦିନ ପରେ ରଘୁଆ ବୋଉ ଆମ ଘରକୁ ଆସେ । ବୋଉକୁ କହୁଛି ତୋ କୁନିକୁ ମୋ ପୁତୁରା ପସନ୍ଦ କରିଛି । ଆମର ତ ରାଜି । ତମର ରାଜି ହେଲେ ଏଇ ମଗୁଶୁରରେ କରିଦେବା ।

ତା'ପରେ ମୋ ବାହାଘର । ଯୋଉ ବର୍ଷାରାତିରେ ସେଦିନ ପାଟଶାଢ଼ୀ ସ୍ୱପ୍ନରେ ଦେଖିଥିଲି ତା'ଠୁ ବି ସୁନ୍ଦର ଶାଢ଼ୀ ମୋ ବାପା ଆଣିଦେଉଛନ୍ତି । ସେଇ ପାଟଶାଢ଼ୀ ପିନ୍ଧି ମୁଁ ଶାଶୁଘରକୁ ଗଲି । ବୁଢ଼ୀ ମା' କଥା ମନେ ଥାଏ । ସେଦିନ ତାଙ୍କ ପ୍ରଥମ ସ୍ପର୍ଶ ଯେମିତି ବରଫ ନୁହେଁ ଲୁହା ବି ଅଗ୍ନି ସାମ୍ନାରେ ତରଳିଯାଏ ତା'ର ମୌଳିକ ଉଦାରଣ ମୁଁ ।

**ଛିମା, ଖୋର୍ଦ୍ଧା**

# ଆନନ୍ଦି

- କନଲତା ତ୍ରିପାଠୀ

ଆନନ୍ଦି ପ୍ରାୟ ଆସେ । ପ୍ରତି ଶନିବାର ଦିନ ସକାଳେ ତା ପାଟି ଶୁଣାଯାଏ ।

"ଦେ--ରେ କାଳିଆ ଦେ-

ତୋ ଅଧା ଗଢ଼ା ହାତେ --ମୋ ଥାଳ ଭରି ଦେ--"

ତା ଖଣ୍ଡିଆ ହାତକୁ ବେଳେ ବେଳେ ଟେକି ଦିଏ ଉପରକୁ । ଓହୋ କି ସମର୍ପିତ ଭାବନା । ନିରାଶ୍ରୟ ମାମ୍ ଜଗଧିଶ ରକ୍ଷ । ଯେମିତି ଛତାଟିଏ ଭଗବାନ ତା ମଥା ଉପରକୁ ଟେକି ଧରିଛନ୍ତି । ସେଇ ଛାଇରେ ଭାରି ଆନନ୍ଦରେ ଚାଲିଛି ସେ ଆଗକୁ ଆଗକୁ, ସେଇ ଇଛାମୟଙ୍କ ଇଛାରେ । କଂଟା ଝଟା ତା ବାଟ ଓଗାଳି ନ ପାରି ରହିଯାଉଛନ୍ତି ପଛରେ ତାର । ଦୁଖ ତା ପାଖ ଛୁଇଁ ପାରୁନି ଯେମିତି । କାମକୁ ତାର ନାମଟି ପୁରା ଖାପ ଖାଇଯାଏ- "ଆନନ୍ଦି" ।

ସତେ କାହିଁ କେଜାଣି ତା କଥାରେ କି ଯାଦୁ ଥାଏ ? ଦାଣ୍ଡ ଅଗଣା ଓଳାଉ ଓଳାଉ ଗୀତା ଛିଡ଼ା ହୋଇପଡ଼େ । କାନ ପାରି ତା ଭଜନ ଶୁଣେ । ଅଧା ଆଉଜା ଫାଟକ ପାଖକୁ ଲାଗି ଆସି କହେ- "ଆଜି ତ ଭାରି ଖୁସି । କଅଣ ମନଲାଖି ମଣିଷ ମିଳିଗଲା କି ? "ଭାଉଜଙ୍କର ଯେଉଁ କଥା" । ଲାଜରେ ଝାଉଁଳି ଯାଇ କହି ପକାଏ ଆନନ୍ଦି । ଦମ୍ ନିଏ । ଆସି ବସିପଡ଼େ ଫାଟକ ପାଖରେ । କାଖରେ ଦମ୍ଭରେ ଜାକି ଧରିଥିବା କାନ୍ଧର ଓହଳା ଝୋଲି ବ୍ୟାଗ୍‌ଟିକୁ ତଳକୁ ରଖେ । ତା ନିଆରା ଢଂଗରେ ରସ ଗିନାଟାକୁ ବାମ ହାତରୁ ଡାହାଣ ହାତକୁ ନେଇ ଧରେ । ହସି ଉଠେ ଖିଲ ଖିଲ ହୋଇ । ଜୁଜୁ-ଗୁଡୁ ତା ଡାକ ନାଆରେ କାଳିଆ ବଳିଆଙ୍କ କଥା ପଚାରେ । ଗୁଡ଼ାଏ ଆଶୀର୍ବାଦ ଅଜାଡ଼ି ପକାଏ ସେମାନଙ୍କ ପାଇଁ । ଭିତରେ ଭିତରେ ସ୍ୱର ଲମ୍ବାଇ ଭଜନ ଗାଇ ପକାଉଥାଏ ତନ୍ମୟ ହୋଇ । ଭାରି ଆଗ୍ରହର ସହିତ ଭାବଯୁକ୍ତ ହୋଇ ଗୀତା ତା ଗୀତ ଶୁଣେ । ଏମିତିକି ଚକୁଳିଆ ପଣ୍ଡାମାନଙ୍କ ବୋଲି ସେ ସେମିତି ଆଗ୍ରହରେ ଦିନେ ଶୁଣି ନଥିବ- ଜ୍ଞାନୀ-ଗୁଣୀମାନଙ୍କ ଦ୍ୱାରା ଯାହା ମୂଲ୍ୟାୟନ ହୋଇଥାଏ- ଯେଉଁଥିରେ ଥାଏ ଜୀବନ ଦର୍ଶନର କଥା ।

ଆଜି ପ୍ରାୟ ସପ୍ତାହକ ପରେ ଭିକ ମାଗି ଆସିଛି ଆନନ୍ଦି । ତା ପାଟି ଶୁଣୁ ଶୁଣୁ ଧାଇ ଆସିଲା ଗୀତା ଫାଟକ ପାଖକୁ । ପଚାରିଲା-

"ଆଲୋ ଆନନ୍ଦି- ଟିକେ ଚା ପିଇବୁକି- ଭୋକ ଲାଗୁଥିବ- ଟିକେ ଜଳଖିଆ ଖାଇନଥାନ୍ତୁ ?"

"ନାଁ ଭାଉଜ- ସେ ଘର ବୋହୂ ମା ଚା ଜଳଖିଆ ଦେଇଛନ୍ତି । ପେଟ ତ ଚାଖଣ୍ଡେ । ଆଉ କେତେ ଦେଇ ପୁରାଇବି ତାକୁ? ଶାସ୍ତ୍ର ପରା କହିଛି- "ଅଜିର୍ନ୍ନେ ଭୋଜନମ୍ ବିଷମ୍ । ମୁଠାଏ ଚାଉଳ କି ଚଂକାଟିଏ ହେଲେ ବାସ୍ ହେଇଗଲା । ଆଉ ଦୁଇ ଚାରି ଘର ବୁଲି ପଳାଇବି । ଦେଖୁନ ଭାଉଜ- କେମିତି ମାଡ଼ି ଆସୁଛି ଖରା, ଭାରି ପ୍ରକୋପ ତାର- ଠିକ୍ ଆଜି କାଲିକା ଦୁର୍ବଳ ଲଫଙ୍ଗା ଟୋକା ଙ୍କ ଭଳି । ଓଃ ମଣିଷଖିଆ ବାଘ ଯେମିତି । ଭାଙ୍ଗ, ଗଞ୍ଜେଇ କି ବ୍ରାଉନ୍ ସୁଗାର ର ନିଶା ? ଓଃ ରୋଗି ଭୋଗି ସେମାନଙ୍କ ଆଖିରୁ କେହି ବାଦ ପଡୁନାହାନ୍ତି । ଛି ଛି.... କହିଲେ କୁଳ କୁଟୁମ୍ବ କୁ ଲାଜ, ନ କହିଲେ କୁଳ ଭାସି ଯାଉଛି ।"

କହୁ କହୁ ଭୟ ମିଶା ଲାଜ- ସରମର ହସଟିକେ ମାଖି ହୋଇଗଲା ଓଠରେ ତାର ।

ମଜା କରି ଆଉ କିଛି ପଚାରିବାକୁ ଯାଉଥିଲା ଗୀତା । ଠିକ ଏତିକି ବେଳକୁ ଘର ଭିତରୁ ଶାଶୁ ଚିତ୍କାର କରିଉଠିଲେ- "କଅଣ ଗପୁଛୁ କିଲୋ ବୋହୁ ? ସମୟ ଜ୍ଞାନ ଟିକେ ରଖ । ଜୁଜୁ-ଗୁଡୁ ସ୍କୁଲ ଯିବେ । ସେମାନଙ୍କୁ କଅଣ ଓପାସରେ ଛାଡ଼ିବୁ" ?

ଚାଉଳ ଆଣିବାକୁ ଘର ଭିତରକୁ ପଶିଲା ଗୀତା । ଆଖି ତରାଟି ଚହିଲେ ଶାଶୁ ତାକୁ- ବିରକ୍ତ ହୋଇ କହିଲେ "କିଲୋ ମଫସଲୀ ଝିଅ । ଆଜି ଯାଏ ଅଭ୍ୟାସଟା ଛାଡ଼ି ପାରିଲୁନି । ଏଟା ସହର ଜାଗା । ସେ କୁଷ୍ଟ ରୋଗିଣୀ ଭିକାରୁଣୀ ଝିଅଟା ସାଥିରେ ଗପୁଛୁ ଯାଡୁ ସାଡୁ । ତତେ କଅଣ ସାଙ୍ଗ ମିଳୁନାହାନ୍ତି । ସ୍ଥାନ, କାଳ ପାତ୍ର ବୋଲି କିଛି ନା ନାହିଁ । ପଡ଼ୋଶୀ ଘର ଲୋକ କଅଣ ଭାବୁଥିବେ । ଇଜ୍ଜତ ମହତ ସବୁ ତଳେ ପକାଇ ଛାଡ଼ିବୁ ତୁ ।"

ନୀରବ ରହିଲା ଗୀତା । ତା ଦରଦୀ ମନରେ ବଡ଼ ଆଘାତ ଲାଗିଲା । ନିଜ ଭିତରର ମୁଗ୍ଧ ଅନୁଭବର ଉତ୍ତାଳ ତରଙ୍ଗମାଳା ଅଚାନକ ସ୍ଥାଣୁ ପାଲଟି ଗଲେ । ଦୁଃଖକୁ ଚାପିରଖି ମୁକ ସାଧକଟିଏ ଭଳି ଭିକ ମୁଠି ନେଇ ବଢ଼ାଇ ଦେଲା ଆନନ୍ଦି ଆଡ଼େ । ରସ ଗିନା ଦେଖାଇଲା ଆନନ୍ଦି । ଯେମିତି ନଖ ଦର୍ପଣରେ ଦିଶୁଛି ତାକୁ ସବୁ ଘଟଣା- ଡଗ ଡଗ ହୋଇ କହିପକାଇଲା

ଜାଣିଲା ଭଳି- "ଭାଉଜ ଦୁଃଖ କରୁଛ କି ? ଘର କରିଥିଲେ ପଥର ପଡ଼ିଲେ ସହି । ଗୁରୁଜନ, ଅଭିଭାବକ ମାନେ ସେମିତି ଆକଟନ୍ତି । ଆଉ ତାକୁ ଲଘୁଜନମାନେ ସହିଯିବା କଥା । ସେଥିରେ ପୁଣି ଶାଶୁ- ବୋହୁ ସମ୍ପର୍କ । ତୁମେ ବି ଦିନେ ଶାଶୁ ହେବ । ଏ ଦିନର ବୋହୁର ମାନସିକତା ସେତେବେଳକୁ ଆଉ କଅଣ ଥିବ ? ଖୋଦ ଶାଶୁ ପଣିଆ ଜାହିର୍ କରିବସିବନା ? ସମୟ ସବୁଦିନ ପାଇଁ ସମାନ ନଥାଏ । ସମୟର ଖେଳଘର ପରା ଏ ଜଗତ । ଭାଗବତ ବାଣୀ ଶୁଣିନ କି- କାଳର କ୍ରୀଡ଼ା ଏ ଜଗତ । ପ୍ରାଣୀଏ କାଳର ଆୟତ୍ତ । କାଳର ଅଧିନ ଏ ପ୍ରାଣୀର କର୍ତ୍ତୃତ୍ୱ କାହିଁ ? କାଳ ଦ୍ୱାର କବଳିତ ଏ ଜୀବନକୁ କାହିଁକି ଦୁଃଖରେ କାଟିବା । ବରଂ ଆମେ ସବୁ ସମୟକୁ ଚେଷ୍ଟା କରି ସୁଖରେ ଅତିବାହିତ କରିବା । ସବୁ ଥିରୁ ଆନନ୍ଦ ନେବା । ସମୟ ସବୁଦିନ ପାଇଁ ସମାନ ନଥାଏ । ଚକ୍ରବତ୍ ପରିର୍ତ୍ତନ୍ତେ ଦୁଖାନିଚ ସୁଖାନିଚ । ଆଜି ଯେ ଭିକାରୀ କାଲି ସେ ଅମିର୍ । ଦୁଖ ସୁଖର ତ ଖେଳଘର ଏ ସଂସାର । ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱରେ ମୁଣ୍ଡ- ଲାଂଜ ଥିଲା ଭଳି ଆଲୋକ -ଅନ୍ଧାର । ଅନ୍ଧାର ନ ଥିଲେ ଆଲୋକର ମଜା କଅଣ ନେଇ ହୁଅ । ଖଟା ନଚାଖିଥିଲେ ମିଠା'ର ସ୍ୱାଦ କଅଣ ଜାଣି ହୁଏ । ଆମ କର୍ମ ଫଳ ଆମେ ଭୋଗୁଛୁ । ଭାଗ୍ୟ-ଭବିତବ୍ୟ ସେଇ ସର୍ବଶକ୍ତିମାନଙ୍କ ହାତରେ । ସମସ୍ତଙ୍କର ଘୃଣା ଆମ ପାଇଁ ପୁରସ୍କାର । ମନ ବିଷାକ୍ତ ହୋଇ ଗଲେ କଥା ସରିଲା । ମନ ଖୁସି ରଖ । ସବୁ ଆସ୍ତେ ଆସ୍ତେ ଦେହସୁହା ହୋଇଯିବ । ଭୋକିଲା ପେଟ ପାଇଁ ମୁଠାଏ ଦାନା ସରଗଠୁ ବଳି ସୁଖ । ଯକ୍ଷ-ଯୁଧିଷ୍ଠିର କଥୋପକଥନରେ ଯକ୍ଷର ପ୍ରଶ୍ନ ଥିଲା- ସଂସାରରେ ସବୁଠାରୁ ସୁଖୀ କିଏ ? ଯୁଧିଷ୍ଠିର ଉତ୍ତର ଦେଇଥିଲେ- ପ୍ରତିଦିନ ସାଗଭାତ ମିଳିଯାଇ ତୃପ୍ତରେ ଦିନ ବିତାଉଥିବା ବ୍ୟକ୍ତି ହୀ ସବୁଠାରୁ ସୁଖୀ । ସୁଖବୋଧ ଆମ ଭିତରେ ଥାଏ । ବାହ ଆଡମ୍ବର ଦ୍ୱାରା ଆମର ନିଜତ୍ୱ ପ୍ରତିହତ ହୁଏ । ଏକ ତୁଳନାତ୍ମକ ଦୃଷ୍ଟିଭଙ୍ଗୀ ଆମକୁ ବିକ୍ଷିପ୍ତ କରେ । ବିଚାର କଲେ- ଯେତେ ଘରଦ୍ୱାର ଥିଲେ ମଧ ଗୋଟେ ଘରେ ଜଣେ ରହେ । ଅନେକ ଖଟ-ପଲଙ୍କ ଥିଲେ ମଧ ଶୋଇବାକୁ ଏକମାତ୍ର ଖଟ ଯଥେଷ୍ଟ ତା ପାଇଁ । ଶହ ଶହ ଶାଢ଼ି କିଣି ଗଡ଼ରେଜ୍‌ରେ ସଜାଡ଼ି ରଖିଲେ ମଧ ଏକ ସମୟରେ ଏକମାତ୍ର ବସ୍ତ୍ର ହି ପିନ୍ଧିବାକୁ ହୁଏ । ଆମେ ଖାଲି ମାୟାରେ ବାୟା ହେଉଛେ ସିନା । ଯେ ଯେଉଁ ଅବସ୍ଥାରେ ଅଛି ସେଇ କର୍ମରୁ ସୁଖ ପାଉ । ଚେନାଏ ହସ- ବିଷ ବଦଳରେ ଅମୃତ ହସ । ମନ ନୁହେଁ ଭାଉଜ ଏଥିପାଇଁ ହୃଦୟଟିଏ ଲୋଡ଼ା । ଆମ ମନର ଭାବ- ପ୍ରତିଚିନ୍ତନ ପରଖିବା ବାଲା ଅନ୍ତର୍ଯ୍ୟାମୀ ହୃଦୟବାସୀ ଲିପିବଦ୍ଧ କରିଚାଲିଛନ୍ତି । ଫଳ ମଧ୍ୟ ସଜାଡ଼ି ରଖୁଛନ୍ତି । ଆନନ୍ଦରେ ରୁହ ଭାଉଜ ।"

ଖୁସିରେ ଭଜନ ଗାଇ ଗାଇ ଆର ଘରକୁ ଭିକ ପାଇଁ ଚାଲିଲା ଆନନ୍ଦି । ତା କଥାରୁ କି ମଧୁ ଝରୁଥିଲା କେଜାଣି ପିଇଯିବା ଭଳି ତା ବାଟକୁ ଚାହି ରହିଥିଲା ଗୀତା । ଦାର୍ଶନିକଟିଏ ଭଳି କଅଣ ନକହିଲା ଆନନ୍ଦି । ଭାବୁଥିଲା ମନେ ମନେ- କେତେ ବିଚିତ୍ର ଏ ସଂସାର । କିଏ ସବୁ ପାଇ ଅସନ୍ତୁଷ୍ଟ, ଅଥଚ କିଏ କିଛି ନଥାଇ ପର ଅନ୍ନରେ ପ୍ରତିପାଳିତ ହୋଇ ବି ସନ୍ତୁଷ୍ଟ । ଭାଗବତ କଥାମୃତରୁ ନନା ବୁଝାଇଥିବା ପଦେ କଥା ମନେ ପଡ଼ିଗଲା ତାର- ହ ମନର ମୁଳେ ଏ ଜଗତ । ପୁଣି ଗୀତା କୁହେ 'ମନଃ ଏବ ମନୁଷ୍ୟାଣାମ୍ କାରଣମ୍ ବନ୍ଧମୋକ୍ଷୟ' ପ୍ରକୃତ କଥା ପଦକ ସତରେ । କାକଭୂଷଣ୍ଡିର ବିଦ୍ୟଜ୍ଞାନ ଉଦୟ ହେଲା ପରି ଏ ରୁଗ୍ନ ଯୁବତୀଜଣକ ଭିତରେ ଏ କି ଜ୍ଞାନର ଭଣ୍ଡାର । ବିସ୍ମୟ ବିସ୍ଫାରିତ ନୟନରେ ମାଟିରୁ ଆକାଶ ଯାଏ ଦୃଷ୍ଟି ଖେଳାଇ ଆଣୁଥିଲା ଗୀତା ।

"ତୁ କଅଣ ପାଗଳ ହୋଇଗଲୁଣୁ କି ବୋହୁ । ଦାର୍ଶନିକ ଭଳି କଅଣ ଚିନ୍ତା କରୁଛୁ" ।

ଶାଶୁଙ୍କ ଚିତ୍କାରରେ ତା ହଜିଯାଇଥିବା ମନ ପୁଣି ଫେରି ଆସିଲା ତା ନିଜ ପାଖକୁ । ନଭମଣ୍ଡଳରୁ ଖସିପଡ଼ି ଯେମିତି ନାଭୀ ମୂଳେ ସ୍ଥିର ରହିବାକୁ ପଡୁଛି ତାକୁ । ତେଲ-ଲୁଣ ସଂସାରର ସେଇ ରନ୍ଧା-ବଢ଼ା ଖିଆ ପିଆ । ଘର କାମରେ ଲାଗି ପଡ଼ିଲା ସେ । ଅଥଚ ମନେ ମନେ ଅପେକ୍ଷା ରଖି ଆର ସପ୍ତାହକୁ । ଆନନ୍ଦି ନକହି ନକହି କଅଣସବୁ କହିଗଲା- ସମସ୍ତଙ୍କ ଠାରୁ ସତରେ ସେ ଏକ ବ୍ୟତିକ୍ରମ । ବଡ଼ ରହସ୍ୟମୟ ଲାଗେ ତା କଥା । ଜମା ଭୁଲି ପାରେନି ଗୀତା ।

ଆଜି ଶନିବାର । କାହିଁ ଆନନ୍ଦିର ତ ଦେଖା ନାହିଁ । ମନେ ମନେ ତା ବାଟ ଚାହି ବସିଛି ଗୀତା ।

"ମା ଭିକ ମୁଠେ ମିଳୁ" ।

ଇଏ ପୁଣି କିଏଲୋ ମା । ଏ ତ ଆନନ୍ଦିର କଣ୍ଠସ୍ୱର ନୁହେ । ପାଖରେ କୁଷ୍ଠାଶ୍ରମ । ବୋଧେ ଜଣେ ନବାଗତା ଅତିଥି । ହାତ ପାଦ ଆଙ୍ଗୁଠିରେ କନା ଗୁଡ଼ା ହୋଇଛି । ସେଇ ଯୁବତୀ ରୋଗିଣୀ ଜଣେ ଆନନ୍ଦି ପରି । ଅଥଚ କାଖରେ ଲଂଗଳା ଖିର ଖିଆ ପୁଅ ଛୁଆଟେ । ପୁଣି ପାଖରେ ଛିଡ଼ା ହୋଇଛି ଅଧା ଲଂଗଳା ଚାରି ପାଂଚ ବର୍ଷର ଝିଅ ଛୁଆଟେ । ଭାରି ଦୟନିୟ ଅବସ୍ଥା ସେମାନଙ୍କର । ଦରଦୀ ମନଟା ତରଳିଗଲା । ଭିକ ଦେବ କଅଣ ଗୀତା ଚାହିଁରହିଲା ଦାର୍ଶନିକଟିଏ ଭଳି । ଅନେକ ତତ୍ତ୍ୱ ଏବଂ ତଥ୍ୟକୁ ଯେମିତି ବିଶ୍ଳେଷଣ କରି ପକାଇବ ସେ । ପଚାରିଲା- "ଏ ଅବସ୍ଥାରେ ଏତେ ଛୋଟ ଛୋଟ ପିଲା ?" ତା ପ୍ରଶ୍ନିଳ ଆଖିକୁ ଦେଖି ସବୁ କିଛି ପଢ଼ିଗଲା ରୋଗିଣୀଟା । ଏ ସୁଯୋଗଟାକୁ ଯେମିତି ଅପେକ୍ଷା କରି ବସି ରହିଥିଲା ସେ କେଉଁ ଅନାଦି କାଳରୁ ।

ଜଣେ କିଏ ହେଲେ ତ ଶ୍ରୋତା ତା କାହାଣୀ ଶୁଣିବ । ଆଉ କାଳ ବିଳମ୍ବ ନ କରି ତା ଜୀବନର ଗପପେଡ଼ିଟା ଖୋଲି ପକାଇବାକୁ ତତ୍ ପର ହୋଇ ପଡ଼ିଲା । ଏମିତି ଗୋଟେ ଲାଭ କାଳେ ହାତଛଡ଼ା ହୋଇଯିବ ତାର । କହିଲା– "ମା ଆମକୁ ସମସ୍ତେ ଘୃଣା କରନ୍ତି । ଭିକ ମୁଠେ ଦେଇ ବିଦା କରିଦିଅନ୍ତି । ଆମ କଥା ଶୁଣିବାକୁ କାହାର ବେଳ କାହିଁ ?"

କାଖ ଛୁଆଟା କାନ୍ଦି ଉଠିଲା । ଅଧାପଂଗୁଳା ଦେହରୁ ଲୁଗା ଆଡ଼େଇ ଖିର ଖୁଆଇବା ପାଇଁ ତା ସୁଖା ସ୍ତନଟା ଭରି ଦେଲା ପିଲାଟା ପାଟିରେ । ଝୁଣୀ ସବୁତକ ଖିର ଯେମିତି ଖାଇ ପକାଇବ ଛୁଆଟା ଏକାଥରକେ । ମାତ୍ର ସବୁ ବିଫଳ । ଖିର ବୋଧେ ଆସୁନି ତାର ପାଟିକୁ । ଖିରଟିକେ ପାଇଁ ଡହଳ ବିକଳ ହୋଇ ପୁଣି କାନ୍ଦି ଉଠୁଛି ସେ । ପିଲାଟାର କାନ୍ଦ ବନ୍ଦ କରାଉ କରାଉ ନିଜେ କାନ୍ଦି ପକାଇଲା ସ୍ତ୍ରୀ ଲୋକଟା । ଗୀତା ଜୁଜୁ–ଗୁଡୁ ପାଇଁ ରଖିଥିବା ଖୀର ଟିକେ ଆଣି ତା ରସଗିନାକୁ ଢାଳି ଦେଲା । ଚାପୁ ଚାପୁ କରି ପିଇଗଲା ଖିରତକ ଛୁଆଟା । ବଡ଼ ଛୁଆଟା ଲୋଭରେ ଏକ ଲୟରେ ଚାହିଁ ରହିଥାଏ ଖିରଗିନାଟା ଆଡ଼େ । ଗୀତାର ମନ ସମ୍ଭାଳି ହେଲାନି । ତା ପାଇଁ ଖିର ଟିକେ ଆଣି ଦେଲା । ସେ ମଧ୍ୟ ଏକା ଢୋକକେ ଖିର ପିଇ ଦେଲା । ଜୀବନ ପାଇଁ ଖାଦ୍ୟ–ପାନୀୟ ର ଆବଶ୍ୟକତା ସତେ କେତେ ? ଜୀବନ–ମରଣର ଚଲାପଥରେ ବଂଚିବା ପାଇଁ ଏ ଯେଉଁ ସଂଗ୍ରାମ ? ତାକୁ ଜାଣି ବୁଝିବାକୁ ଅନୁଭବଟିଏ ଦରକାର । ଜାଣେ ଅନୁଭବୀ ଅନୁଭବରେ । ଆଜି ବାଡ଼–ବତା ନମାନି ଗୀତା ଏମିତି ଏକ ଜୀବନର ମାନେ ଖୋଜିବାକୁ ଅନୁଭବଟିଏ ପାଲଟି ଯାଉଛି । ଅଂଗେ ନିଭାଇଥିବା ଗପଟିଏ ଶୁଣିବାକୁ କାନ ପତଇଦେଇଛି ସେ । ଆଖି କୋଣରୁ ଝରି ଆସୁଥିବା ଲୁହକୁ ପୋଛି ପକାଇ ପୁଣି ଆରମ୍ଭ କଲା ରୋଗିଣୀଟି–

"ଆମେ ମା ରିଫିଉଜୁ ବଂଗାଳୀ । ଅଧା ଡଜନ ପିଲାଛୁଆଙ୍କୁ ଜନ୍ମ ଦେଇଥିଲେ ବାପା ମା । ପେଟକୁ ମୁଠାଏ ପୁରା କରି ଖାଇବାକୁ ଦେବାକୁ ସାମର୍ଥ୍ୟ ନଥାଇ ସୁଧା । ଗୋରୁପଲ ପରି କେତେ ଦିନ ଆଉ ଏକାଠି ରହିଥାଆନ୍ତୁ– ପଘା ଛିଣ୍ଡାଇ–ଖୁଂଟ ଉପାଡ଼ି ଯେ ଯାହା ବାଟରେ ଫେରାର । ବଡ଼ ଦୁଇ ଭାଇ ସେଇ କାଳୀ ମାଟିକୁ କୁଲି ଗିରି କରି ଚାଲି ଗଲେ । ଜଣେ ଏମିତି ଗୋଟେ ବଂଗାଲୁଣୀକୁ ପ୍ରେମ କରି ସାଥୀ କରି ବାଛିଲା ଯେ ତା ପ୍ରଥମ ବରଆଡୁ ଦୁଇ ଦୁଇଟା ପିଲା ଥିଲେ । ଖଟି ଖଟି ସେମାନଙ୍କୁ ଚଳାଇବାକୁ ସେ ନାକେଦମ । ତା ତଳଟା କୋଉ ଗୋଟାଏ ଫ୍ୟାକ୍ଟ୍ରିରେ ଶ୍ରମିକ କାମ କରୁଥିଲା । ଅଳ୍ପ କେତେଦିନ ତା ଖର୍ଚ୍ଚରୁ କାଟି କିଛି କିଛି ଆମମାନଙ୍କ ପାଇଁ ପଠାଉଥିଲା । ମାତ୍ର ଦିନାକେତେ ପରେ ଆଉ ତା ପତ୍ତା ମିଳିଲାନି । ଏମିତି ଜଣକ ପରେ ଜଣେ ପେଟ ପାଟଣା ପାଇଁ ଯେ ଯାହାର ଧନ୍ଦା ଖୋଜି ନେଲେ । କିଛିଦିନ ପାଇଁ ସମସ୍ତଙ୍କର ପରିବାର ସହିତ ସମ୍ପର୍କ ରହିଲା । ସମସ୍ତଙ୍କ ଅବଦାନରେ ମୁଁ ପାଠ ମଧ୍ୟ ପଢୁଥିଲି । ମାତ୍ର ସମୟର ସୁଅରେ ସମ୍ପର୍କର ଡୋରି ଶିଥିଳ ହୋଇ ପଡ଼ିଲା । ଅଥଚ ଶେଷ ସନ୍ତାନ ମୁଁ ଏକା ବାପା ମାଙ୍କ ପାଖରେ ବଳକା ରହିଗଲି । ମୋ ଭରଣ ପୋଷଣ ର ଦାୟିତ୍ୱ ନିଭାଇବାକୁ ଆଉ ସେମାନଙ୍କ ପାଖରେ ତାକତ ନଥିଲା । ବୟସର ଭାରରେ ସେମାନେ ଭାରାକ୍ରାନ୍ତ ହୋଇପଡୁଥିଲେ । ସେମାନଙ୍କ ଉପରେ ବୋଝ ହୋଇ ରହିବାକୁ ମୁଁ ମଧ୍ୟ ପସନ୍ଦ କରୁନଥିଲି । କାହାଘରେ ବାସନମାଜି ଦୁଇପଇସା ରୋଜଗାର କରିବାକୁ ଅଂଟାରେ ଲୁଗା ଭିଡ଼ି ବାହାରି ପଡ଼ିଲି ମୁଁ । ଅଥଚ ଇଶ୍ୱରଙ୍କ ଅପାର କରୁଣାରୁ ଜଣେ ଠିକାଦାରଙ୍କ ସମ୍ପର୍କରେ ମୁଁ ଆସିଲି । କାମ ହିସାବରେ ଭଲ ଦୁଇ ପଇସା ରୋଜଗାର ମଧ୍ୟ କଲି । ମୋ ଚେହେରା ବଦଳିଗଲା । ମୋ କାମସାଂଗକୁ ରୂପଲାବନ୍ୟରେ ମୁଗ୍ଧ ହୋଇ ବାବୁ ତାଙ୍କ ଅଫିସ୍‌ରେ ମତେ ରଖିଦେଲେ । ଛାଇତଳେ ଆହୁରି ମୋ ରୂପ ଝଟକି ଦିଶିଲା । ଦିନକୁ ଦିନ ସାଂଗ ସାଥିମାନଙ୍କ ଭିଡ଼ ମଧ୍ୟ ଜମିଲା । ବାବୁଙ୍କର ବେପାର ଢେର ବଢ଼ିଗଲା । ଚା, କଫି, ଥଣ୍ଡା ସହିତ ଖାଦ୍ୟ ଓ ଦେଶୀ ବିଦେଶୀ ପାନୀୟରବ୍ୟବସ୍ଥା ମଧ୍ୟ ରହିଲା । ଫୁଲ ପାଖରେ ମହୁମାଛିମାନଙ୍କ ଭିଡ଼ ପରି ମଧୁ ସଂଗ୍ରହ ପାଇଁ ଭିଡ଼ ଜମିଗଲା । କାଳେ ଆଉ କିଏ ଅଇଁଠା କରିଦେବ ବୋଲି ଭାବି ବାବୁ ଦିନ ରାତି ନମାନି ମଧୁର ସ୍ୱାଦ ଆସ୍ୱାଦନ କଲେ । ଯୌବନର ଉତ୍ତାଳ ତରଙ୍ଗରେ ଅଣନିଶ୍ୱାସୀ ହୋଇ ବୁଡ ମାରିବାକୁ ଲାଗିଲେ । ବିବାହ କରିବାର ପ୍ରତିଶ୍ରୁତି ମଧ୍ୟ ଦେଲେ । ମୁଁ ମୋ ନିଜ ଓଜନର ମୂଲ୍ୟାୟନ କରିପାରିଲିନି । ଅବାଞ୍ଛିତ ଗର୍ଭ ଧାରଣ କଲି । ଏ କଥା ଆଉ ଅଛପା ହୋଇ ରହିଲାନି । ଯେତେବେଳେ ବାବୁଘର ଲୋକେ ଜାଣିଲେ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିଲା । ବାବୁଆଣୀ କୁଆଡ଼େ ବିଷ ଖାଇବାକୁ ବାହାରିଲେ । ବାବୁ ଓ ତାଙ୍କ ବାପା ମତେ ଧନ ସମ୍ପତ୍ତିର ପ୍ରଲୋଭନ ଦେଖାଇଲେ । ସେମାନଙ୍କ ପ୍ରରୋଚନାରେ ଗଢ଼ା ହୋଇଥିବା ଚକ୍ରବ୍ୟୁହକୁ ଭେଦ କରିବାର ସାମର୍ଥ୍ୟ ନଥିଲା ମୋର । ବାଧ୍ୟ ହୋଇ ସେମାନଙ୍କର ଷଡ଼ଯନ୍ତ୍ରର ଶିକାର ହୋଇ ଶେଷରେ ଭ୍ରୁଣ ହତ୍ୟା କରିବାକୁ ପଡ଼ିଲା ମତେ । କାଳେ ମୁଁ ତାଙ୍କ ପରିବାର ପାଇଁ କେତେବେଳେ କଂଟା ହୋଇପାରେ ଭାବି ଜଣକୁ ଦେଖାଇ ଆଉ ଜଣକୁ ବାହାଘର କରାଇଦେଲେ । ସେ ବାରିପୋଡ଼ା ଦେହରେ ଏତେ ବଡ଼ ରୋଗ ଥିଲା । ମୁଁ ଏକଥା ଜାଣିବି ବା କିପରି ? ବର୍ଷେ ଦୁଇ ବର୍ଷ ମଧ୍ୟରେ କଥା ଜଣା ପଡ଼ିବା ବେଳକୁ ମୁଁ ମଧ୍ୟ ରୋଗାକ୍ରାନ୍ତ ହୋଇ ସାରିଥିଲି ।

ତା ଭିତରେ ସେ ଲୋକଟା ମରିଗଲା । ମୋ ନିଜକୁ ବଂଚାଇ ରଖିବାକୁ ମୁଁ କୁଷ୍ଠାଶ୍ରମକୁ ଚାଲିଆସିଲି । ସେତେବେଳକୁ ମୋର ଦୁଇ ମାସର ଗର୍ଭ ହୋଇ ସାରିଥିଲା । ସେଇଠି ଏ ବଡ଼ ଛୁଆଟାର ଜନ୍ମ । ବର୍ଷେ ନଯାଉଣୁ ଲାଜର କଥା କଅଣ କହିବି ଏ ନିଶାଖିଆ ବାଡ଼ିପୋଡ଼େ ଘରେ ଖାଲି ପଶିଲେ ଯେ ମୁଁ ନମରି ଯା ବଂଚି ରହିଛି । ଅନାଧୁନିଆ ହୋଇ ଏ ସାନଟା ଜନମ ନେଲା । କାହାକୁ ବା କହିବି କିଏ ବା ଶୁଣିବ । ବୁଝିବାକୁ କାହାର ବେଳ ବା କାହିଁ । ନିଜେ ନମରିଲେ କିଏ ଅବା ସ୍ୱର୍ଗ ଦେଖାଇବ ? ସେଇ ଦିନଠାରୁ ଜିଅନ୍ତା ଶବଟିଏ ହୋଇ ବଂଚି ରହିଛି ମୁଁ ।"

ପରିସ୍ଥିତିକୁ ତ ସାମ୍ନା କରିବାକୁ ପଡ଼ିବ । ଅତୀତ ତ ଆମ ହାତରେ ନାହିଁ । ଭବିଷ୍ୟତରେ କଅଣ ଘଟିବ କିଏ ବା କହିବ ? ବରଂ ପିଲା ଦୁଇଟିକୁ ଅନାଥାଶ୍ରମରେ ଛାଡ଼ି ଦିଅ । ସେମାନଙ୍କର ଭବିଷ୍ୟତ ଅଛି । ଭାଗ୍ୟରେ ଥିଲେ କାହାର ପୋଷ୍ୟ ପୁତ୍ରକନ୍ୟା ହୋଇ ସେମାନେ ଏକ ନୂଆ ଜୀବନ ଆରମ୍ଭ କରିବେ । ପିତୃପରିଚୟ ନେଇ ସମ୍ମାନର ସହ ସମାଜରେ ବଂଚିପାରିବେ । ଏହା ମୋର ଉପଦେଶ ନୁହେଁ ବରମ୍ ଅନୁରୋଧ । ଛଳ ଛଳ ଆଖିରେ କହିପକାଇଲା ଗୀତା ।

ଥମି ଯାଇଥିବା ଝଡ଼ ପ୍ରବଳ ବେଗରେ ବହି ଆସିବା ଭଳି ଲୁହର ବନ୍ୟା ରେ ରୋଗିଣୀଟି ଜଡ଼ସଡ଼ ହୋଇପଡ଼ିଲା । ଲୁହ ଓ କୋହ ଉଦ୍ ବେଳନରେ ନିରୁତ୍ତର ରହିଲା ସେ । ମା ର ମନସ୍ତତ୍ୱ- ବଂଚି ଥାଉ ଥାଉ କେମିତି ବା ପିଲାମାନଙ୍କୁ ଦୁରାଇ ରହିପାରିବ ସେ । ପୁଣି ପିଲାମାନେ ହିଁ ତ ବାପ- ମାଆଙ୍କର ଶେଷ ସମ୍ବଳ । ପ୍ରଶ୍ନିଳ ଆଖିରୁ ଉତ୍ତର ଖୋଜୁଥିଲା ଗୀତା ।

ଆମ ଭବିଷ୍ୟତ ନୁହେଁ, ପିଲାଙ୍କ ଭବିଷ୍ୟତ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏକ ଅବାଞ୍ଛିତ ପିତୃପରିଚୟ ନେଇ ଅସମ୍ମାନିତ ଭାବରେ ବଂଚିବା ଅପେକ୍ଷା ଏକ ସାମାଜିକ ସୁଦୃଢ଼ ସ୍ଥିତି ନେଇ ସମ୍ମନାବୋଧ ଜୀବନଯାପନ କଅଣ ଶ୍ରେୟସ୍କର ନୁହେଁ ?

ତାର ଦୋଷ ରହିଲା କେଉଁଠି ବୋଧ ହୁଏ ଖୋଜୁଥିଲା ରୋଗିଣୀଟା । ଏଥିପାଇଁ ଦାୟୀ କିଏ ? ତା ଭାଗ୍ୟ, ତା କର୍ମ ନା ସାମାଜିକ ପରିସ୍ଥିତି । ବର୍ତ୍ତମାନ ସେ ସମସ୍ୟାର ଅବତାରଣ କରିବା ବୋଧ ହୁଏ ସମୀଚିନ ହେବ ନାହିଁ । ଗୀତର ଉପଦେଶ ଅନୁଯାୟୀ ସମାଧାନର ପନ୍ଥାଟିଏ ବରଂ ଆପଣେଇ ନବା ବୁଧିମତ୍ତାର ପରିଚୟ ।

ଅନେକ ଥର ଆସିସାରିଲାଣୀ ଆନନ୍ଦି । ସାମାଜିକ ଚଳଣିର ଆବଧ ଚାରିକାନ୍ଥ ଡେଇଁ ଏବେ ଆଉ ତା ସହିତ ବେଶୀ ସମୟ କଥା ହୋଇପାରେନା ଗୀତା । ଶାଶୁ, ଶ୍ୱଶୁର ଏବଂ ସ୍ୱାମୀ ସମସ୍ତଙ୍କ କଡ଼ା ନଜର ତା ଉପରେ । ତଥାପି ତା ଅନ୍ତର ଆତ୍ମାରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କ ସହିତ ସମ୍ପର୍କ ରଖିବାକୁ ଲାଗି ଇଛା ହୁଏ- ଏକ ଜାଣିବାର ଇଛା ହୁଏ ନେଇ । ସେଇ ରୋଗିଣୀ ଯୁବତୀ ସହିତ ଆନନ୍ଦିର ନିଶ୍ଚିତ ପରିଚିତ ଥିବ । ଅଥଚ ନାଆ ବା ନପଚାରି ପାରିଥିବାରୁ ହଟାତ୍ ତା ବିଷୟରେ ପଚାରି ପାରେନା କିଛି ।

ଆଜି ଶନିବାର । ଛାତ ଉପରୁ ଠିକ୍ ଦେଖିପାରୁଛି ଗୀତା । ଆନନ୍ଦି ସହିତ ସେଇ ସ୍ତ୍ରୀଲୋକଟି । ଆଜି ପର୍ଯ୍ୟନ୍ତ ଯାହାକୁ ଅପେକ୍ଷା କରିବସିଛି ସେ । ମଣି କାଂଚନର ସଂଯୋଗ ସତେ କି ଅବା । ଜଣେ ଦୁଃଖକୁ ଖାତିର୍ କରେନା । ଅନ୍ୟ ଜଣକ ଦୁଃଖରେ ମ୍ରିୟମାଣ । ଏକ ସମୟରେ ସେମାନେ ମଧ୍ୟ ଫାଟକ ପାଖରେ ଅପେକ୍ଷାରତ । ପାଖରେ ପିଲା ଦୁଇଜଣ ନାହାନ୍ତି । ଖୁସିରେ ଫାଟି ପଡୁଛି ଗୀତା । ତା ହେଲେ ତା କଥା ରଖି କୋଉ ଅନାଥାଶ୍ରମରେ ପିଲାଙ୍କୁ ଛାଡ଼ି ଦେଇଛି ସେ ।

ଝଡ଼ ବେଗରେ ଫାଟକ ପାଖରେ ପହଂଚିଲା ଗୀତା । କୋଉ ଅନାଥାଶ୍ରମରେ ପିଲାମାନଙ୍କୁ ଛାଡ଼ିଲ ? ଏଇ ପାଖାପାଖି ନା କୋଉ ଦୂରବାଟ । ସ୍ତ୍ରୀଲୋକଟି କିଛି ଉତ୍ତର ଦେବା ପୂର୍ବରୁ ଆନନ୍ଦି କହିଲା- "ଭାଉଜ ଟିକେ ପାଖକୁ ଆସ । କାନ୍ଥ ବାଡ଼ର ବି କାନ ଅଛି । ଯାହା ହେବାର ଥିଲା ହେଇଗଲାଣି । ତାକୁ ତ ଆଉ ତୁମ ପାଖରେ ଲୁଚାଇ ହେବନି । ଭାରି ରହସ୍ୟଜନକ ଭାବେ କହିଲା ଆନନ୍ଦି । ଯେଉଁ ଆନନ୍ଦିକୁ ଦୁଃଖ ସ୍ପର୍ଶ କରିପାରେନି ଆଜି ବିଶାଦର ଘନ କାଳିମା ଯେମିତି ନେସି ହୋଇଛି ଗାଢ଼ ଭାବରେ ତା ମୁଖମଣ୍ଡଳରେ । ଅନ୍ୟ ସ୍ତ୍ରୀଲୋକଟିର ମଧ୍ୟ ତଦ୍ରୁପ ଅବସ୍ଥା । ଘଟଣାଟି ଠଉରାଇ ପାରୁନି ଗୀତା । ଅବାକ୍ ହୋଇ ଚାହିଁ ରହିଛି ସେ । ଆନନ୍ଦି ବଡ଼ ସନ୍ତର୍ପଣର ସହିତ କିଛି କହୁଛି-

"କିଛି ଅଘଟଣ ଘଟିଯାଇଛି ଭାଉଜ । ବାଡ଼ିପଡ଼ାଟି ଷାଠିଏ ବର୍ଷର ବୁଢ଼ା- ଦେହରେ ପୁଣି କୁଷ୍ଠିତ ରୋଗ । କର ଚରଣ ନଚଳଇ- ମଦନେ କମ୍ପୁଅଛି ଦେହି । ନାତୁଣୀ ବୟସର ଝିଅଟାକୁ ଭାତଗଣ୍ଡେ ବାଢ଼ିଦେବାକୁ ଡାକିନେଇ ତା ସାଂଗରେ- --"କି ଲୋକହସା କଥା କଅଣ ଆଉ କହିବି ।"

"ପୋଲିସ୍ ରେ ଦେଲନି । ଏଭଳି ଲୋକ ଦଣ୍ଡ ପାଇବା କଥା ।" ପ୍ରତିକ୍ରିୟାଶୀଳ ହୋଇ କହିପକାଇଲା ଗୀତା ।

"ପୋଲିସ୍ ରେ ଦେଇଥିଲୁ ଭାଉଜ । ସେମାନେ ହସରେ ଉଡ଼ାଇ ଦେଲେ। । ରୋଗୀଟା ଶୁଣି ଘୃଣାରେ ସେମାନେ ନାକ ଟେକିଲେ । ଆମ F.I.R. ରଖିଲେନି । ଆମକୁ ଥାନା ଭିତରକୁ ପୁରାଇ ଦେଲେନି । କହିଲେ ବୟସ୍କ ଲୋକ । ଏଗୁଡ଼ାକ ଫାଲତୁ ଅଭିଯୋଗ । ତା ପାଇଁ କଅଣ ଗୋଟେ ସ୍ୱତନ୍ତ୍ର ହାଜତ କିଆରି କରାଯିବ ।"

"ଉପହସିତ ହେବା ଅପେକ୍ଷା ଆମେ ଫେରି ଆସିଲୁ ଭାଉଜ । ଯୋଉଠି ପୋଲିସ୍ ଶୁଣୀବାକୁ ନାରାଜ ଆଉ ବା କହିବୁ କାହା ଆଗରେ । ବରଂ ଦଣ୍ଡିବା ଶକ୍ତି ଯାର ଥାଇ- ସେ ପୁଣି କ୍ଷମା ଆଚରଇ" । ପିଲାମାନଙ୍କୁ ଅନାଥାଶ୍ରମରେ ଲୁଚାରେ ଛାଡ଼ି ଦେଇଛୁ । ଭାଗ୍ୟରେ ଯାହାଥିବ । ମା ହୋଇ କେମିତି ସହିବ ? ପିଲାଙ୍କୁ ଛାଡ଼ି 'ଦୁଖୀ' ବହୁତ କାନ୍ଦିଲା । ମୁଁ ତାକୁ ବୁଝାଇକହିଲି- କୋଉ ଜନ୍ମରୁ ସେ ପିଲାମାନଙ୍କୁ ଆଣିଥିଲା ନା ମଲାବେଳକୁ ସାଂଗରେ ନେଇ କରି ଯିବ । ଯେତେ ଦିନ ଏକାଠି ରହିବାର ଥିଲା ସେମାନେ ରହିଲେ । ଏବେ ସେମାନେ ଏକ ନୂଆ ଜୀବନ ଆରମ୍ଭ କରିବେ । ଅନାଥାଶ୍ରମରେ ସେମାନେ ଯେ ନିରାପଦରେ ରହିବେ କିଏ କହିବ । ହୁଏତ ସେଠାରେ ସେମାନେ ସମୟକ୍ରମେ ଯୌନନିର୍ଯ୍ୟାତନା ର ଶୀକାର ମଧ୍ୟ ହୋଇ ପାରନ୍ତି କିମ୍ବା ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଥାଇପାରେ । ଭାଗ୍ୟ ଭାବିତବ୍ୟ ଭାଗବାନଙ୍କ ହାତରେ । ଆଳାପ- ଆଲୋଚନାର ଅନ୍ତ ଘଟାଇ ସେମାନେ ଚାଲିଗଲେ । ପ୍ରତି ମୁହୁର୍ତ୍ତରେ ପରିବର୍ତ୍ତିତ ଏଇ ପୃଥିବୀର ପ୍ରତି ଜୀବର ସ୍ୱଭାବ କିଭଳି ପରିବର୍ତ୍ତନଶୀଳ ତାହା ତର୍ଜମା କରୁଥିଲା ଗୀତା । ସେଇ ଅନାଥ ପିଲାମାନଙ୍କର ଜୀବନ ସୁଖମୟ ହେଉ, ଏକ ସମୃଦ୍ଧ ଭବିଷ୍ୟତ ଅପେକ୍ଷା ରଖୁ ସେମାନଙ୍କୁ । ସମ୍ଭାବନାମୟ ଜୀବନରେ ସେମାନେ ଆତ୍ମନିର୍ଭରଶୀଳ ହୁଅନ୍ତୁ- ଏମିତି ଏକ କାମନା ନିଜ ଅଜାଣତରେ ଉଂକିମାରୁଥିବା ମନରେ ତାର । କର୍ମ ହି ଭଗବାନ । ଶାଶୁ କର୍ତ୍ତବ୍ୟ ସଚେତନ କରାଇଦେବା ପୂର୍ବରୁ ଗୀତା ତାର ନିତ୍ୟନୈମିତିକ କାର୍ଯ୍ୟରେ ମନ ଦେଲା ।

ଯା ଭିତରେ ଢେର୍ ଦିନ ଗଡ଼ିଗଲାଣି । ଆନନ୍ଦିର କିଛି ଖବର ନାହିଁ । ଦୁଃଖୀର ମଧ୍ୟ ଦେଖା ନାହିଁ । ସେଇ ନିରୀହ ଛୋଟ ଛୋଟ ପିଲାମାନଙ୍କର ଖବର ସେମାନେ ରଖୁଛନ୍ତି କି ନାହିଁ ? ସେମାନେ ଠିକ୍- ଠାକ୍ ଅଛନ୍ତି ତ ? ନାନା ପ୍ରଶ୍ନବାଚୀ ଗୀତା ମନକୁ ବ୍ୟଥିତ କରେ । ବିବ୍ରତ ହୋଇପଡ଼େ ସେ । ନିଜପିଲାମାନଙ୍କର ଯତ୍ନ ନେଲାବେଳେ ସେ ନିରୀହ ଦୁଖୀ ପିଲାମାନଙ୍କର ବିକଳ ମୁହଁଟି ମାନ ଧସେଇ ପଶି ଆସେ ତା ମନ ଅଗଣାକୁ । ଆନ୍ଦୋଳିତ କରିପକାଏ ତା ଅନ୍ତର ଆତ୍ମାକୁ । କିମ୍‌କର୍ତ୍ତବ୍ୟବିମୁଢ଼ ହୋଇ ସମର୍ପିତ ହୋଇ ପଡ଼େ ସେ ସେଇ ସର୍ବନିୟନ୍ତାଙ୍କ ପଦାରବିନ୍ଦରେ । ବିନତି କରି କହେ- "ଏମିତି ମନଟିଏ ମତେ ଦେଇ କାହିଁକି ଭଗବାନ । ସୀମିତ କର୍ମ ପରିଶର ଭିତରେ କି କ୍ଷମତା ଅଛି ବା ମୋର ? ତୁମ କରୁଣାର ବାରି ଝରାଇ ଦିଅ ପ୍ରଭୁ । ସବୁ କଳୁଶ କାଳିମା ଧୋଇହୋଇ ଯାଉ । ଏକ ପବିତ୍ରକାର ମନ୍ତ୍ର ପ୍ରତିଧ୍ୱନିତ କରୁ ଗଗନ-ପବନ ।"

ଶ୍ୱଶୁର ଖବର କାଗଜ ପଢୁ ପଢୁ ସ୍ୱଗତୋକ୍ତି କଲେ- "ଏ କି ଯୁଗ ହେଲା । ରକ୍ଷକ ଏଠି ଭକ୍ଷକ ସାଜିଲା" ଏହା ଥିଲା ଖବର କାଗଜରେ ଥିବା ଏକ ଶୀର୍ଷକ । ଗୀତା ଶ୍ୱଶୁରଙ୍କ ହାତରେ ଚା ବଢ଼ାଇ ନିଜେ ଖବର କାଗଜଟିକୁ ଏକା ନିଶ୍ୱାସକେ ପଢ଼ିଗଲା । "ଏକ ଅନାମଧେୟ ଅନାଥାଶ୍ରମରେ ଦ୍ୱାରା ଯୌନ ନିର୍ଯ୍ୟାତନା । ଏକ ନବାଗତା ପୀଡ଼ିତା ନାବାଳିକାର ଜୀବନ- ମରଣର ସଂଘର୍ଷ ।"

ବ୍ୟସ୍ତ ହୋଇ ପଡ଼ିଲା ଗୀତା । ସେବାକୁ ବ୍ୟବସାୟ କରି ଚଳୁଥିବା ଏଇ ତଥାକଥିତ ସମାଜସେବୀ ବ୍ୟବସାୟୀମାନଙ୍କ ଉପରେ ପ୍ରତିକ୍ରିୟାଶୀଳ ହୋଇପଡୁଥିଲା ସେ । ତଥାପି ଆନନ୍ଦିର ଆଗମନକୁ ଅପେକ୍ଷା ରଖି ଏକ ସମାଧାନର ପନ୍ଥା ଖୋଜୁଥିଲା ସେ ଅସମାହିତ ପ୍ରଶ୍ନବାଚୀ ରେ ମର୍ମାହିତ ହୋଇ ।

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ-୧


# POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ଦେବୀକୃପା

ସତ୍ୟନାରାୟଣ ନନ୍ଦ

ଚିତ୍ରୋତ୍ପଳା ଘାଟକୂଳର ସେଇ ପୁରୁଣା ବରଗଛ । କେଉଁ ଅନାଦି କାଳରୁ ତାର କାୟା ବିସ୍ତାର କରି ପଥିକମାନଙ୍କୁ ଛାୟା ପ୍ରଦାନ କରିଆସୁଅଛି । ଆଶ୍ୱିନ ମାସର ଶୁକ୍ଳପକ୍ଷ ଏକାଦଶୀ କେତେବେଳୁ ସୂର୍ଯ୍ୟ ଅସ୍ତ ହୋଇଗଲେଣି । ଆକାଶରେ ଜହ୍ନ ତାର ରୂପେଲୀ କିରଣ ବିଛାଡ଼ି ଦେଇଛି । ନଦୀର ଛୋଟ ଛୋଟ ଲହରୀମାଳା ଧୀର ପବନରେ ନାଚ କରୁଛନ୍ତି । ବରଗଛ ମୂଳରେ ନଦୀ ପାର ହେବା ପାଇଁ ଅପେକ୍ଷା କରିଛନ୍ତି ଦେବୀ ପୂଜକ ସିଦ୍ଧେଶ୍ୱର । ଅନେକ ଦିନ ପ୍ରାୟ ଦୀର୍ଘ ପଚାଶ ବର୍ଷ ହେବେ ସେ ଦଶହରା ସମୟରେ ଦୂର ଗୋପୀନାଥପୁର ଦୁର୍ଗାମଣ୍ଡପରେ ପୂଜା କରିଆସୁଛନ୍ତି । ବୟସ ସତୁରି ଛୁଇଁଲାଣି । ଏଥର ବିଦାୟ ଦେଇ ଆସିଲାବେଳେ ମଣ୍ଡପର କର୍ମକର୍ତ୍ତାଙ୍କୁ ନୂତନ ପୂଜକ ଯୋଗାଡ଼ କରିବା ପାଇଁ କହିଆସିଛନ୍ତି । ଆଉ ବୟସର ଅନୁମତି ନାହିଁ, ନିଜକୁ ଅସହାୟ ବୋଧ କରୁଛନ୍ତି । ଚିତ୍ରୋତ୍ପଳା ନଦୀର ଲହରୀମାଳାକୁ ଏକ ଲୟରେ ଚାହିଁ ରହିଛନ୍ତି । ଆର କୂଳରେ ନାଉରୀ, ନାଆ ଆଣିବାକୁ ସମୟ ଲାଗିବ । ଯଦିଓ ନଦୀରେ ବେଶୀ ପାଣି ନାହିଁ, ତଥାପି ଅଧା ନଈ । ନଈ ଆର କୂଳରେ ତାଙ୍କର ଜନ୍ମସ୍ଥାନ । ଏଇ ନଈ ଶୈଶବ, କୈଶୋର, ଯୌବନ ତଥା ବାର୍ଦ୍ଧକ୍ୟର ସାଥୀ । ମନରେ ଦୁର୍ଗା ମା'ଙ୍କ ପ୍ରତି ଏକ ଅଭିମାନ, ଦୀର୍ଘ ପଚାଶ ବର୍ଷ ଧରି ସେ ଏଇ ଶରତ ଋତୁରେ ଅକାଳ ବୋଧନ ପୂଜା କରିଆସୁଛନ୍ତି । ହେଲେ ସେଇ କରୁଣାର ଧାରା କେବେ ତାଙ୍କ ମସ୍ତକରେ ଝରିଯିବାର ସେ ଅନୁଭବ କରିନାହାନ୍ତି । ମନରେ ବଡ଼ ଅବଶୋଷ, ସତରେ କ'ଣ ଏ ଜନ୍ମରେ ସେ ସୁଯୋଗ ଆଉ ମିଳିବ ନାହିଁ । ତଥାପି ମନରେ ଆଶା ରହିଛି, ଦେବୀ ନିଶ୍ଚୟ ତାଙ୍କୁ ଦର୍ଶନ ପ୍ରଦାନ କରିବେ । ହେଲେ କେବେ ସେ ସୁଦିନ ଆସିବ । ସେଇ ଦୀର୍ଘ ପ୍ରତୀକ୍ଷାର ଅନ୍ତ କେବେ ଘଟିବ କିଏ ଜାଣେ ?

ନଈକୁ ଚାହିଁଲେ ସିଦ୍ଧେଶ୍ୱର । ନାଉରୀ ନାଆ ନେଇ ସେପାରିରୁ ଆସୁଛି । ଜହ୍ନ ଆଲୁଅରେ ନାଆ ଅସ୍ପଷ୍ଟ ଭାବରେ ଦେଖା ହେଉଛି । ପାଣିରେ କାତ ମାରିବାର ଶବଦ । ନାଆ ଆସ୍ତେ ଆସ୍ତେ କୂଳକୁ ଆସୁଛି । ଏକ ଲୟରେ ଚାହିଁ ରହିଛନ୍ତି ସିଦ୍ଧେଶ୍ୱର ନାଉରୀ ଆସି କୂଳରେ ନାଆ ଲଗାଇଲା । ମଙ୍ଗ ଦଉଡ଼ିକୁ ବରଗଛର ମୋଟ ଓହଳରେ ବାନ୍ଧିଦେଲା । ଅତଡ଼ା ଉପରକୁ ଉଠି ଚାରିଆଡ଼କୁ ଚାହିଁଲା । ଛାପି ଛାପିକା ଜହ୍ନ ଆଲୁଅରେ ଜଣେ ଲୋକ ପାରି ହେବାକୁ ଅପେକ୍ଷା କରିଥିବାର ସେ ଦେଖିଲା । ପାଖକୁ ଆସିବାରୁ ସିଦ୍ଧେଶ୍ୱର କହିଲେ- "ମୁଁ କେତେବେଳୁ ଏଠି ଅପେକ୍ଷା କରିଛି । ଆଉ ତ ପାରିହେବାକୁ କେହି ନାହାନ୍ତି । ମତେ ଟିକିଏ ପାରି କରି ଦେ । ହେଲେ ପୁଅ, ତୁ ତ ଏ ଘାଟର ଘାଟିଆ ନୁହଁ, ମୁଁ ତ ତତେ ଚିହ୍ନି ପାରୁନି । ତୁ କାହା ପୁଅ କହିଲୁ ?"

"ତୁମେ ମତେ ଚିହ୍ନିପାରିବନି ନନା, ମୁଁ ତୁମକୁ ଚିହ୍ନିଛି । ଆମ ପାଖ ଗାଁର ପ୍ରସିଦ୍ଧ ଦେବୀ ପୂଜକ । ତୁମର ଭାରି ସୁନାମ ସବୁଆଡ଼େ । ଲୋକେ କହନ୍ତି ଆପଣ ଦେବୀ ପୂଜା କଲେ ମା' କୁଆଡ଼େ ସରଗରୁ ମରତ ଓହ୍ଲେଇ ଆସନ୍ତି ।" ଏକା ନିଃଶ୍ୱାସକେ ଏତକ କହିଦେଇ ଉତ୍ତରକୁ ଅପେକ୍ଷା କଲା ସେ । "ତୁ ଆଉ ସେ କଥା କହନାରେ ବାପ, ଦୀର୍ଘ ପଚାଶ ବର୍ଷ ହେଲା ମୁଁ ଦେବୀ ପୂଜା କରି ଆସୁଛି । ହେଲେ ମା'ଙ୍କର ଏ ଅଭାଗା ଉପରେ ଟିକିଏ ଦୟା ହେଉ ନାହିଁ ।"

"ସେମିତି କାହିଁକି କହୁଚ ନନା, ତୁମ ଉପରେ ଭକ୍ତଙ୍କର କେତେ ଭରସା । କେତେ ସୁନାମ ତୁମର ଆମ ଅଂଚଳରେ । ବିଶ୍ୱାସ ରଖ ନନା ଗୋସେଇଁ, ସବୁ ସମାଧାନ ହୋଇଯିବ । ଆଉ ଅପେକ୍ଷା କରିବା ନା ନାଆ ନେଇଯିବା, ରାତି ବହୁତ ହେଲାଣି । ମତେ ଭାରି ଭୋକ ଲାଗିଲାଣି ।"

ଭୋକ କଥା ଶୁଣି ସିଦ୍ଧେଶ୍ୱର କହିଲେ, "ତୁ ବ୍ୟସ୍ତ ହେବାର ନାହିଁ । ମୁଁ ପୂଜାରୁ ଫେରିବା ବେଳେ ସେମାନେ ମୋତେ ମିଷ୍ଟାନ୍ନ ଘର ପାଇଁ ଦେଇଛନ୍ତି । ସେଥିରୁ ମୁଁ କିଛି ଦେଉଛି, ତୁ ଖାଇଦେ । ତା'ପରେ ଯିବା ।"

"ତୁମେ ବ୍ରାହ୍ମଣ ଲୋକ, ମୁଁ ତୁମଠାରୁ କାହିଁକି ଖାଇବି । ଘରେ ପହଂଚିଲେ ଖାଇବି ପଛେ, ଚାଲ ତୁମକୁ ପାରି କରିଦେବି ।"

ଘାଟିଆର ଉତ୍ତର ନ ଶୁଣି ସିଦ୍ଧେଶ୍ୱର ମିଷ୍ଟାନ୍ନ କିଛି ଆଣି ନାଉରୀ ପାଖରେ ଛିଡ଼ା ହୋଇଥିଲେ ।

"ତୁ ଯା' ପୁଅ, ନଈରେ ହାତ ମୁହଁ ଧୋଇ ଆ', ମୁଁ ଏଠି ଠିଆ ହୋଇଛି । ଶୀଘ୍ର ଖାଇବାକୁ, ରାତି ଅଧିକ ହେଉଛି । ଘରକୁ ଯିବା ।"

ହାତମୁହଁ ଧୋଇ କରି ନାଉରୀ ମିଷ୍ଟାନ୍ନ ଖାଇବାକୁ ଆରମ୍ଭ କଲା । ଏକ ଅପୂର୍ବ ମହକରେ ଆମୋଦିତ ହୋଇଗଲା ଘାଟକୂଳ । ସିଦ୍ଧେଶ୍ୱର ସେ ପରିବେଶରେ ଦୁର୍ଗା ପୂଜା ମଣ୍ଡପର ଆତ୍ମୀୟତା ଅନୁଭବ କରୁଥିଲେ । ଏକ ଅଦେଖା ରାଇଜର ମଧୁର ସ୍ୱପ୍ନରେ

ଆତ୍ମହରା ହୋଇଉଠୁଥିଲେ ସେ । ଏକ ଅପୂର୍ବ ଅନୁଭବ ତାଙ୍କ ଶିରା ପ୍ରଶିରାରେ ସଂଚରି ଯାଉଥିଲା । ସେ ଏକ ଲୟରେ ନାଉରୀର ଖାଇବାକୁ ଚାହିଁ ରହିଥିଲେ ।

ନାଉରୀ ଖାଇବା ଶେଷ କରି ନାଆ ଖୋଲିବାକୁ ଆରମ୍ଭ କଲା । ସିଦ୍ଧେଶ୍ୱର ନିଜର ଜିନିଷପତ୍ର ସହିତ ନାଆରେ ବସିଲେ । ନାଉରୀ ନାଆ ବାହି ଚାଲିଲା । ନଈର ସୁଅରେ ନାଆ ଭାସିଚାଲିଛି । ପଶ୍ଚିମ ଦିଗକୁ ଜହ୍ନ ଢଳିଗଲାଣି । ଧୀର ପବନରେ ଆଖିକୁ ନିଦ ଆସିଯାଉଛି । ଏକ ଦିବ୍ୟ ଅନୁଭବ ଚେତନାର ସ୍ତରେ ସ୍ତରେ ସଂଚରି ଯାଉଛି । କିଛି ଜାଣିପାରୁନଥିଲେ ସେ । ଘର ଦ୍ୱାର, ପରିବାର ସବୁ ଯେମିତି ତୁଚ୍ଛ ମନେ ହେଉଥିଲା । ଏ ନଈ, ଡଙ୍ଗା, ନାଉରୀ ଆଉ ସେ । ଏଭଳି ଏକ ମିଳନକୁ ସେ ହାତଛଡ଼ା କରିବାକୁ ଚାହୁଁ ନଥିଲେ ।

ନାଆ ଯାଇ ସେ କୂଳରେ ପହଂଚିଲା । ନାଆରୁ ଓହ୍ଲାଇଲେ ସିଦ୍ଧେଶ୍ୱର । ଅଂଟାରୁ ପଇସା କାଢ଼ିବାକୁ ଯାଉଥିଲେ ନାଉରୀକୁ ପାଉଣା ଦେବାକୁ । ନାଉରୀ-ପୁଅ ମନା କରି କହିଲା- "ମୁଁ କାଲି ତୁମ ଘରୁ ପଇସା ଆଣିବି ଗୋସାଇଁ, ତୁମେ ଯାଅ ।" ବାଧ ଶିଶୁଟି ପରି ନାଆରୁ ଓହ୍ଲାଇ ଚାଲିଲେ ସିଦ୍ଧେଶ୍ୱର ।

ତା'ପରଦିନ ସକାଳ । ନଈକୁ ଗାଧୋଇ ଆସିଲେ ସେ । ସେଠି ଘାଟିଆ ସହିତ ଦେଖା ହେଲା । ହଠାତ୍ ପଚାରି ଦେଲେ ସିଦ୍ଧେଶ୍ୱର, "କାଲି ତୋ ପୁଅ ରାତିରେ ମୋତେ ପାରି କରିଥିଲା, ପାଉଣାଟା ମୁଁ ଦେଇନି ।"

"ମୋ ପୁଅ ! ମୋର ପୁଅ ନାହିଁ ଗୋସେଇଁ, ପାରି କରିବ କେମିତି ?" ଘାଟିଆର ଉତ୍ତରରେ ଚକିତ ହୋଇଗଲେ ସିଦ୍ଧେଶ୍ୱର । ଆଉ କିଛି କହିଲେନି ସେ । ମନରେ "ଶ୍ରୀ ଦୁର୍ଗା ସପ୍ତଚଣ୍ଡୀ"ର ସେଇ ଶ୍ଳୋକ ଗୁଞ୍ଜରି ଉଠୁଥିଲା-

"ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବ ସ୍ୟାର୍ତ୍ତି ହରେ ଦେବି ନାରାୟଣ ନମୋଽସ୍ତୁତେ" ।

ବାଲିସାହି, ସାଲେପୁର, କଟକ


One of the Leading Institute in Eastern India
Now in ODISHA
VANISHREE CLASSES
A Simple Step to Success
• Courses Offered
BANKING, SSC, POSTAL
RAILWAYS, A.S.O
B.ed, CT, OTET, NDA, MBA
PH. : 84809 57608 / 609
H.O. : ARUNODAYA MARKET, LINK ROAD, CUTTACK
E-mail : vanishreeclasses9@gmail.com




# ଅସୁମାରୀ ଆଶା

- ସୁଧାଂଶୁ ଶେଖର ଦ୍ୱିବେଦୀ

ଶାଢ଼ି ଅକ୍ଷର ଦୁଇଟିର ସମଷ୍ଟି । କିନ୍ତୁ ଲମ୍ବିଥାଏ ଆଠରୁ ନଅ ମିଟରଯାଏ... । ଆଉ ପ୍ରତିଷ୍ଠିତ ହୋଇଥାଏ ବିଭିନ୍ନ ବର୍ଣ୍ଣରେ ବର୍ଣ୍ଣାୟିତ ହୋଇଥିବା ସୂତାଗୁଚ୍ଛରେ । ପରିସ୍ଫୁଟ ହୋଇଥାଏ ଅନେକ ନାମରେ । ଯେଉଁଥିରେ ଲୁଚି ରହେ ହିନ୍ଦୁ ନାରୀର ସର୍ବାଙ୍ଗ ଶରୀର । ଢାଙ୍କିଥାଏ ତା'ର ମର୍ଯ୍ୟାଦା ବିନା ପରିଚୟରେ ବାରି ହେଉଥାଏ ତାର ଶାଳୀନତା । ନାରୀ ଜାତିକୁ ଆପଣେଇ ନେବାର କୌଶଳ ହାସଲ କରିଛି ଯେମିତି... ।

ଏମିତିକି ଶୈଶବର ମାତ୍ର ତିନି ଚାରି ବର୍ଷ ହୋଇଥିବା ସୁକୁମାରୀ ଝିଅଟିକୁ ମଧ୍ୟ ଆବୋରିନିଏ ଏଇ ଶାଢ଼ି । ନଡ଼ିଆ ସଢ଼େଇରେ ମିଛି ମିଛିକା ବାଲିରେ ପ୍ରସ୍ତୁତ ଭାତ, ତେନ୍ତୁଳି ପତ୍ରର ଶାଗ, ଗେଟି-ଗୋଡ଼ିର ତରକାରୀ ରାନ୍ଧୁଥିବା ବେଳେ ଗୋଡ଼େଇ ହୋଇଥାଏ ଶାଢ଼ିଟିଏ ନିଛକ ଭାରତୀୟ ନବବଧୂଟିଏ ପରି ।

ଶାଢ଼ିପାଇଁ ଆଶାର ଜୀବନ ଯେ ପରିବର୍ତ୍ତନଶୀଳ ହୋଇଯିବ ସେକଥା କିଏ ଜାଣିଥିଲା ? ବେତବୁଣା ଆରାମ ଚୌକି ଉପରେ ସର୍ବାଙ୍ଗ ଶରୀରକୁ ଲୋଟେଇ ନିଷ୍ପଲକ ଭାବରେ ଆକାଶକୁ ଚାହିଁଥାଏ ସେ । ଆକଶରେ କେବଳ ଶୂନ୍ୟତା ରାଜୁତି କରେ । ସେ ଖୁବ୍ ଥକି ପଡ଼ିଥିଲା ବୋଧେ ! ବିଗତ ଓ ଆଜିର ଜୀବନକୁ ତୁଳନା କରୁ କରୁ ଆଖି ଦୁଇଟି ତାର କେତେବେଳେ ଶ୍ରାବଣର ଅମାନିଆ ବର୍ଷାର ଧାରା ପରି ବର୍ଷି ଯାଉଥିଲା । ଘର ଭିତରେ କୁନିଝିଅର ବାପା କଥା ଓ ସ୍ୱାମୀଙ୍କର ସଙ୍କେତକୁ ଯେମିତି ଅବଜ୍ଞା କରି ଚାଲିଛି । କିନ୍ତୁ ସେ ଅନୁମାନ କରିପାରୁଛି ତା ଉଦାସୀ ଭାବ ସେମାନଙ୍କୁ ମଧ୍ୟ ଭୀଷଣ ଆଘାତ ଦେଉଛି । ତଥାପି ସେ ସେମିତି ବସିଛି । ଯେମିତି ପୃଥିବୀ ଓ ଆକାଶ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକି ଯାଇଛନ୍ତି । ଜଡ଼ ପାଲଟି ଯାଉଛି ସବୁକିଛି ।

ସେଇ ଜଡ଼ତାକୁ ଭେଦ କରି ଆକାଶରେ ମିଞ୍ଜି ମିଞ୍ଜି କରୁଛି ଟିକି ତାରାଟି । ମାଆ ତାକୁ କହିଥିଲା ସେଇଟା ହେଉଛି ତା ଆଇ । ଯେଉଁଦିନ ସେ ତା ଆଇକୁ ଦେଖିନପାରି ଖୁବ୍ ଜୋରରେ କାନ୍ଦି କାନ୍ଦି ତଳେ ଗଡ଼ିଯାଇଥିଲା, ସେଦିନ ମାଆ ତାକୁ ତଳୁ ଉଠେଇ ଆକାଶରେ ଥିବା ଛୋଟ ତାରାଟି ଆଡ଼କୁ ଆଙ୍ଗୁଳି ଦେଖେଇ କହିଥିଲେ, "ଏଇ ଦେଖ... ହା... ଏ ସେଇଟା ତୋ ଆଇ । ତୋ ଆଇ ଆକାଶକୁ ଚାଲି ଯାଇଛି । ତୋର ଆଇ କଥା ମନେ ପଡ଼ିଲେ ତାକୁ ଡାକିବୁ ସେ ଆସିବ ।"

ଏଇତକ କହୁ କହୁ ମାଆ ଆଖିରୁ ଦୁଇଟୋପା ଲୁହ ତଳକୁ ଖସିପଡ଼ିଲା । ସେଦିନ ମା' ଆଖିରେ ଲୁହ ଦେଖି ଚୁପ୍ ହୋଇଯାଇଥିଲା ଆଶା । ମନେ ମନେ ଶପଥ କରିଥିଲା ଆଉ କେବେ ଆଇକୁ ଖୋଜିବନି । ଯେଉଁଥିପାଇଁ ମା' ଆଖିରୁ ଲୁହ ଝରିବ ।

ଆଶାର ଜନ୍ମପୂର୍ବରୁ ଆଉ ଦୁଇଟି କନ୍ୟା ସନ୍ତାନ ତା ମା'ର କୋଳମଣ୍ଡନ କରି ସାରିଥିଲେ । ତାପରେ ଆସୁଥିବା ସନ୍ତାନଟି ପୁଅଟିଏ ହେଉ ବୋଲି ଭଗବାନଙ୍କୁ ପ୍ରାର୍ଥନା କରି ଅସୁମାରୀ ଆଶାରେ ଚାହିଁ ରହିଥିଲେ ସଭିଏଁ । କିନ୍ତୁ ସମସ୍ତଙ୍କ ଆଶାକୁ ନିରାଶ କରି ଜନ୍ମ ହୋଇଥିଲା ଆଶା । ତା କୁଆଁ କୁଆଁ ରାବରେ ଏକମୁହାଁ ହୋଇ ଦୌଡ଼ିଥିବା ଆଇ ଏନ୍ତୁଡ଼ିଶାଳରୁ ଶୁଖିଲା ମୁହଁରେ ଫେରି ଆସି କହୁଥିଲା, 'ହେ କୃପାମୟ ସବୁ ତୁମରି ଇଚ୍ଛା ।' ହଠାତ୍ ଗୋଟେ ଶୀତଳ ଝଡ଼ ସୃଷ୍ଟି ହୋଇଥିଲା ସେଇ ପରିସ୍ଥିତିରେ । କିଛିକ୍ଷଣ ପରେ ସବୁ ଶୂନ୍‌ଶାନ୍ । ବୋଧେ ଏଇଥିପାଇଁ ଯାହା ହୁଏ ସବୁ ଭଗବାନଙ୍କ ଇଚ୍ଛାରେ ହୁଏ ।

ନିଜ ଘର ଚତୁଃପାର୍ଶ୍ୱର ସ୍ନେହ-ମମତା ଅପେକ୍ଷା ମାମୁଘର ଓ ଆଇର ସ୍ନେହକୁ ମନେ ପକେଇ ରାତିଅଧରେ ବିହ୍ୱଳିତ ହୁଏ ଆଶା । ସେ ସ୍ନେହରେ ଥାଏ ଅକପଟ । ବର୍ଷରେ ତିନି-ଚାରିଥର ମାମୁଘରକୁ ଯାଆନ୍ତି ଆଶା, ତା ମାଆ ଓ ବଡ଼ ଦୁଇଭଉଣୀ ଦୁଇଜଣ । ମାମୁଘର ଗାଁ ଯେତେ ପାଖେଇ ଆସେ ଏକ ନୂଆ ପୁଲକରେ ପୁଲକିତ ହୋଇଉଠେ ତା ମନ । ପାଦ ଦୁଇଟି ତାର ତଳେ ଲାଗେନି । ଆଇ ତରବରରେ ସବୁ କାମ ସାରି ନିର୍ଦ୍ଦିଷ୍ଟ ସମୟରେ ଗାଁମୁଣ୍ଡ ଝଙ୍କାଳିଆ ବରଗଛ ମୂଳେ ଠିଆ ହୋଇଥାଏ ସେମାନଙ୍କୁ ପାଛୋଟି ନେବାକୁ ।

ଗୋରା ତକ ତକ ଚେହେରା । କଳା ଭଉଁରୀ ପରି କେଶ । ଆଉ ଦେହରେ ଗୋଡ଼େଇ ହୋଇଥାଏ ବାରହାତ ଲମ୍ବର ଧଳାଶାଢ଼ି । ଆଇକୁ ଯେତେବେଳେ ପଚିଶବର୍ଷ ଅଜା ତାକୁ ଏକା କରି ଚାଲିଯାଇଥିଲେ ଆରପୁରକୁ । କିନ୍ତୁ ତାକୁ ଦେଖିଲେ ଲାଗେନି ସେ ଅଭାଗିନୀ । ସବୁବେଳେ ହସୁଥାଏ । ବୋଧହୁଏ ଏଇ କୁନି-କୁନି ନାତୁଣୀମାନଙ୍କ ମଧ୍ୟରେ ସେ ଫେରିଯାଇଛି ତା ହଜିଯାଇଥିବା ସଂସାରକୁ !

ଆଶା ତା ମାଆ ଓ ଦୁଇଭଉଣୀ ମାମୁଘରକୁ ଯିବେ ବୋଲି କେତେକଣ ରାନ୍ଧିଥାଏ ଆଇ । ଲେଉଟିଆ ଶାଗ ଖରଡ଼ା,

ବଡ଼ି ଆଳୁ ଚଟଣି, ଘିଅ ଛୁଙ୍କ ଦିଆ ମୁଗ ଡାଲି, ଚିଙ୍ଗୁଡ଼ି ମାଛ ଖଟା ଆଉ ଅନେକ ପ୍ରକାର ପତ୍ରୁଆର ସମାହାର ସଜା ହୋଇଥାଏ ଥାଳି ଚାରିପାଖରେ ।

ଆଶାକୁ ସବୁଠୁ ବେଶୀ ମନମୁଗ୍ଧକର ଲାଗେ ଆଈର ସଂଧ୍ୟା ଆଳତି । ଅନ୍ଧାର ଘୋଟି ଆସିବା ପୂର୍ବରୁ ଆଈ ଠାକୁରଘରେ ପଶିଯାଏ । ନିଜେ ଧୁଆଲୁଗା ପିନ୍ଧେ ଓ ପିନ୍ଧାଇ ଦିଏ ନାତୁଣୀମାନଙ୍କୁ । ଠାକୁରଘରେ ଦୀପଜାଳେ । ଧୂପ, ଝୁଣା, ଶଂଖଧ୍ୱନିରେ ଆଳତି ହୁଏ । ଅଧ୍ୟାୟେ ଭାଗବତ ପଢ଼େ ଓ ତାପରେ ଠାକୁରଙ୍କ ଆଗରେ ଆଣ୍ଠୁମାଡ଼ି ବସି ରହି କଣ ସବୁ ଗୁଣୁଗୁଣୁ ହୋଇ କହେ । ନାତୁଣୀମାନେ ତାହାରି ନକଲ କରୁଥିଲେ ମଧ୍ୟ ତା ମନର କଥା କେହି ବୁଝି ପାରନ୍ତିନି ।

ଆଶାର ବଡ଼ଅଜା ଗାଁରୁ ଫେରିଆସି ଠାକୁର ପହଡ଼ ସାରିଦିଅନ୍ତି । ସକାଳୁ ଯାଆନ୍ତି ଯେ ଲେଉଟନ୍ତି ସଂଧ୍ୟାରେ । ସାଙ୍ଗରେ ଆଣିଥାନ୍ତି ଅନେକ ପ୍ରକାର ଭୋଗ, ଚାଉଳ, ଗାମୁଛା ଓ ପରିବା ଇତ୍ୟାଦି । କେବଳ ରାତି କେତେ ସମୟ ଛାଡ଼ିଦେଲେ ତାଙ୍କର ଭଗବାନଙ୍କ ସେବାରେ ଦିନ କଟେ ।

ଅଜା ଆଣିଥିବା ଦରବକୁ ଆଈ ନାତୁଣୀମାନଙ୍କୁ ଖୋଇଦିଏ । ପୁଣି ରାତିରେ ଶୋଇବା ବେଳେ କେତେ କେତେ ଅସୁର, ଅସୁରୁଣୀ, ରାଜାପୁଅ, ମନ୍ତ୍ରୀପୁଅ, ହାତୀ, ଘୋଡ଼ା, ବାଘମାମୁର କାହାଣୀ କହି ଶୁଆଇଦିଏ ।

ସେଦିନ ଯେତେ ପ୍ରକାର କାହାଣୀ କହିଲେ ବି ଆଶାର ଆଖିକୁ ଆଦୌ ନିଦ ଆସୁନଥାଏ । ଅନ୍ୟମାନେ ଶୋଇପଡ଼ିଥିଲେ ମଧ୍ୟ ସେ ଆଈକୁ କିଛି କହିବା ପାଇଁ ଭାବୁଥାଏ । ଆଈ ତା ମନ କଥାକୁ ଯେମିତି ଜାଣିଥିଲା । ସେ ବି ଆଶା ଭଳି ଚେଇଁ ରହି ତା କଥାକୁ ଶୁଣିବାକୁ ଆତୁର ହେଉଥାଏ । ଆଶା ଥଙ୍ଗଥଙ୍ଗ ହୋଇ ଦରୋଟି ଓଠରେ କହିଲା, 'ଆଈଲୋ! ମତେ ଗୋଟେ ଶାଳି ଦଲକାଲ । ଅଜା ଗାଁରୁ ଯେଉଁ ନାଲି ଧଳି ପକା ହଳଦିଆ ଶାଳି ଆଣିଛନ୍ତି ମୁଁ ସେଇ ଶାଳି ପିନ୍ଧି ଭାତ ତଲକାଲି ରାନ୍ଧିବି ।'

ଆଈ ଆଶାକୁ ସ୍ନେହ ପରଶରେ ଛାତିରେ ଜାକି ଧରି କପାଳରେ ସରୁ ଚୁମାଟିଏ ଦେଇ କହିଲା 'ଏଇ କଥା! ରହ ଦୁର୍ଗାପୂଜାରୁ ବଡ଼ ଅଜା କେତେ ହଳଦିଆ ଶାଢ଼ି ଆଣିବେ । ଗୋଟେ କାହିଁକି ତୋର ଯେତେଟା ଦରକାର ନେଇଯିବୁ ।'

ସତରେ ଦୁର୍ଗାପୂଜାରୁ ଗଦାଗଦା ହଳଦିଆ ଶାଢ଼ି ଆଣିଥିଲେ ବଡ଼ ଅଜା । ଭୋଗ-ଚାଉଳ-ପରିବା-ମିଠା କେତେ କଣ ଆଣିଥିଲେ । ସେସବୁର ବାସ୍ନା ମହକି ଉଠୁଥିଲା ଘରସାରା । ସବୁ ମନଲୋଭା ପଦାର୍ଥକୁ ହାତ ପାହାନ୍ତାରେ ପାଇ ମଧ୍ୟ ଗୁମ୍ ହୋଇ ଗୋଟିଏ ଜାଗାରେ ବସିଥିଲା ଆଶା । ଯେମିତି ଆଜି କିଛି ପାଇବା ଆଶାରେ ଅନେକ କିଛି ହରେଇଛି ସେ ।

ସେଦିନ ସଭିଙ୍କୁ କୁହୁକମନ୍ତ୍ର ପଢ଼ାଇ, ସବୁ ଗହଳ-ଚହଳକୁ ନିଃଶବ୍ଦ ନିରବ କରି ଆକାଶର ତାରା ହୋଇଯାଇଥିଲା ତା ଆଈ । ସଭିଏଁ ଛାତିଫଟା କାନ୍ଦ କାନ୍ଦୁଥିବାବେଳେ ଆଶା ଏକ ଲୟରେ ଚାହିଁ ରହିଥିଲା ଆକାଶକୁ । ବୋଧେ ଏଇଆ ଭାବୁଥିଲା, 'ଆଈଲୋ ମନରେ ସାଇତି ରଖିଥିବା ଆଶାର ଆଶାକୁ ଅଧାରଖି ତୁ ଏତେ ଦୂର ଯାଇପାରିଲୁ କେମିତି ?'

ବସିବା ସ୍ଥାନରୁ ଆପେ ଆପେ ଠିଆ ହୋଇଥିଲା ସେ । ହୁଏତ ଏକ ଦିଗଦର୍ଶନର ସଂକେତରେ ଜୀବନର ମୋଡ଼ ବଦଳାଇ ଅନେକ ଆଗକୁ ଚାଲିବାକୁ ପଡ଼ିବ ତାକୁ । ଯେତେ ବୁଝେଇଲେବି ଅଖିଆ ଅପିଆ ଶୋଇପଡ଼ିଥିଲା ସେ । ସିନ୍ଦୁରା ଫାଟି ପୂର୍ବ ଆକାଶ ଲାଲ ଦିଶୁଥାଏ । ଧଡ଼ପଡ଼ ଉଠିବସିଲା ସେ । ମା'କୁ ବାଧ୍ୟ କରିଥିଲା ଘରକୁ ପଳେଇ ଆସିବା ପାଇଁ ।

ଘରକୁ ଫେରିବାର ପ୍ରସ୍ତୁତିରେ କାହିଁକି କେଜାଣି ସେଇ ହଳଦିଆ ଶାଢ଼ି ନିକଟରେ ଅଟକି ଯାଇଥିଲା ଆଶା । ଲୁହ ଦି'ଟୋପା ଗଡ଼ିପଡ଼ିଲା ତା ଆଖିରୁ । ବଡ଼ ଅଜା କହିଲେ, 'ମାଆରେ ନେଇଯା, ଶାଢ଼ି ନେବୁପରା !... ଝରି ଆସୁଥିବା ଲୁହକୁ ପୋଛୁ ପୋଛୁ ସେ କହିଲା 'ନାଇଁ ଅଜା ମୁଁ ଆଉ ଏ ହଳଦିଆ ଶାଳି ପିନ୍ଧିବିନି । ତମେ କଣ ଜାଣିନ ଆଈ ପଲା ଆକାଛକୁ ଯିବା ବେଳେ ମୋ ହଳଦିଆ ଶାଳି ନେଇଯାଇଛି ।'

ତାପରେ କାନ୍ଧରେ ପ୍ଲାଷ୍ଟିକ୍ ବ୍ୟାଗ୍ ଓ ବରଡ଼ାପତ୍ରରେ ତିଆରି ପଟିଆ ଧରି ଗାଁ ମୁଣ୍ଡର ସ୍କୁଲ ଭିତରେ କଟିଗଲା ପାଂଚବର୍ଷ । ସ୍କୁଲଟି ଛୋଟ ଥିଲେ ବି ପ୍ରଥମ ଜୀବନର ସ୍ୱାଦ ଚାଖିଥିଲା ଆଶା । ବେଣୁ ସାରଙ୍କ ସାହିତ୍ୟ, ବାଇଧର ସାରଙ୍କ ଗଣିତ ଓ ଭୀମସାରଙ୍କ ଇଂରାଜୀ ତା ଛାତ୍ରଜୀବନର ଶିକ୍ଷିତ ହେବାର ରାସ୍ତା ଦେଖାଇଥିଲା । କିନ୍ତୁ ଉଚ୍ଚଶିକ୍ଷା ପାଇଁ ନିଜ ଗାଁଠାରୁ ଅନ୍ୟ ଏକ ଗାଁକୁ ଅଙ୍କାବଙ୍କା ବିଲ କିଆରି ଦେଇ ଯିବାକୁ ପଡୁଥିଲା ତାକୁ । ସେହି ଗାଁରେ ଥିଲା ସବୁପ୍ରକାର ସୁବ୍ୟବସ୍ଥା । ଘର ପରିବାରଙ୍କ ଅନିଚ୍ଛା ସତ୍ତ୍ୱେ ନିଜର ଅକ୍ଲାନ୍ତ ପରିଶ୍ରମରେ ସେଇଠି ସେ ଉଚ୍ଚ ଡିଗ୍ରୀ ହାସଲ କରିବା ପାଇଁ ଆଗକୁ ଗୋଡ଼ କାଢ଼ିଲା ।

ସମ୍ଭବତଃ ଜଣେ ଓଡ଼ିଆ ଘରର ଝିଅ ଭଳି ଶାଢ଼ୀ ପିନ୍ଧିବା ଶିଖିଯାଇଥିଲା ଆଶା । ପ୍ରତିଦିନ ସହପାଠିନୀମାନେ ବିଭିନ୍ନ ପ୍ରକାର ଡ୍ରେସ୍ ପିନ୍ଧି କଲେଜ ଆସୁଥିବା ବେଳେ ଆଶା କେବଳ ଶାଢ଼ିରେ ନିଜକୁ ସଜେଇଛି ।

ସବୁଜ ରଙ୍ଗର ଶାଢ଼ି ସାଙ୍ଗକୁ ସୁନେଲି କିରଣର ଧଡ଼ି ବେଶ୍ ମାନୁଥିଲା ତାକୁ । ନିଜ ଆଖିର ଭାଷାରେ ନିଜ ରୂପକୁ ପଢୁ ପଢୁ ଆଗକୁ ବଢୁଥିଲା ସେ । ଶବ୍ଦର ଆଘାତରେ ହଠାତ୍ ଅଟକିଗଲା

ତାର ଚଳଚଂଚଳ ପାଦ ଦୁଇଟି । ଯେମିତି କାହାର ଶକ୍ତ ଚାପରେ ଚାପି ହୋଇଯାଉଛି ସେ । ଭାଙ୍ଗି ଚୁରମାର ହୋଇଯାଉଛି ତାର ସବୁ ସ୍ୱପ୍ନ । ବନ୍ଦ ହୋଇଯାଉଛି ଶ୍ୱାସକ୍ରିୟା । ସେ ଠିକ୍ ଅନୁମାନ କରିପାରିଥିଲା ସେପରି ଅଶ୍ଳୀଳ ଶବ୍ଦକୁ । ସେଇ ଶବ୍ଦର ଆଘାତରେ ଅଜାଣତରେ ଦୁଇଟୋପା ଗରମ ଲୁହ ଝରି ପଡ଼ିଲା ତା ଆଖିରୁ । ସଙ୍ଗେ ସଙ୍ଗେ କଳା ମେଘଖଣ୍ଡ ଢାଙ୍କିଦେଲା ସୂର୍ଯ୍ୟଙ୍କୁ । ତା ଭିତରେ ପୁଣିଥରେ ଲୁଚିଗଲା ଆଶାର ଅସୁମାରି ଆଶା । ଦିବାଲୋକରେ ଆଇର ଅସ୍ତିତ୍ୱକୁ ଅନୁଭବ କଲା ସେ । ହାତଯୋଡ଼ି ଉପରକୁ ଚାହିଁ ପ୍ରଣାମ ଜଣେଇଲା । ପ୍ରତିଟି ଇଶାରାରେ ଆହୁରି ଆଗକୁ ଯିବାର ସଂକେତ ଦେଇ ଆଈ ପୁଣି ଲୁଚିଗଲା ସେଇ ମେଘଖଣ୍ଡ ଭିତରେ ।

ଝରିପଡୁଥିବା ଲୁହକୁ ପୋଛି ପକେଇଲା ଆଶା । ମେଘଖଣ୍ଡର ବୁକୁଚିରି ଆସୁଥିବା ସୂର୍ଯ୍ୟ କିରଣରେ ମୁହଁ ତାର ଝଲସି ଉଠିଲା । ଆଗକୁ ଆଗେଇଲା ଜୀବନର ଅନ୍ୟ ଏକ ମୋଡ଼ ନେଇ । ଯେମିତି ସେ ହିଁ ମାପିବ ତା ଜୀବନର ପରିସୀମା । ସଂଧ୍ୟାରେ ଘରକୁ ଫେରି ଦେଖେତ ଆଲମାରିରେ ଏକ ମସ୍ତବଡ଼ ତାଲା ଝୁଲୁଛି । ସେ ବୁଝିପାରୁନଥିଲା ତାର ଭୁଲ ରହିଲା କୋଉଠି ? ନିଜକୁ ନିଜ ଗୋଡ଼ରେ ଠିଆ କରେଇବାର ସାମର୍ଥ୍ୟରେ ନା ଶିକ୍ଷା ଅର୍ଜନ କରି ଶିକ୍ଷିତା ହେବାରେ ?

ଆଶା ଆଜି ଶିକ୍ଷିତା ହୋଇଛି । ସ୍ୱଉପାର୍ଜନ କରିପାରୁଛି । ବହୁଦିନରୁ ସାଇତି ରଖିଥିବା ଆଇର ଇଶାରାକୁ ଅନେକାଂଶରେ ପୂରଣ କରିପାରିଛି । ତଥାପି କାହିଁକି ଆଜି ସେଇ ମିଟି ମିଟି କରୁଥିବା ଉଜ୍ଜ୍ୱଳ ନକ୍ଷତ୍ରଟିକୁ ଚାହିଁ ରହିଛି ଏକ ଅଭିମାନ ଆଖିରେ । ପଚାରି ଚାଲିଛି ଅନେକ ପ୍ରଶ୍ନ- 'ଆଇ ଲୋ ! ସତରେ କଣ ତୁ ସେଦିନ ବାହୁଡ଼ି ଯାଇଥିଲୁ ଏଇଥିପାଇଁ ? ମୁଁ କେବଳ ମୋ ଜୀବନ ସାରା ତୋ ଅସ୍ତିତ୍ୱକୁ ଅଣ୍ଡାଳୁଥିବି ? ଆଉ ପାଇବି ଖାଲି ମୁଠାଏ ମୁଠାଏ ଛଳନା, ପ୍ରତାରଣା ଓ ଯନ୍ତ୍ରଣା ?'

ଆଇଲୋ ! ମୁଁ ବୁଝିପାରୁନି ନିଜର ମଣିଷମାନେ କଣ ପାଇଁ ଏମିତି ବେଳେବେଳେ ନିଷ୍ଠୁର ହୋଇଯାନ୍ତି ? ଯାହାଙ୍କ ପାଖରେ ଖୋଲିହୁଏ ଅକୁହା ପେଡ଼ି ! ପଢ଼େଇହୁଏ ହୃଦୟର ପ୍ରତିଟି ଅକୁହା ପୃଷ୍ଠାକୁ ! ଶୁଣ ! ଆଜି ମଧ୍ୟ ମୁଁ ହରେଇଛି ମୋର ପ୍ରିୟ ଶାଢ଼ିକୁ । ଯେଉଁଟିକୁ ମୁଁ ସାବିତ୍ରୀ ବ୍ରତରେ ପିନ୍ଧିଥିଲି । ଖୁବ୍ ମାନୁଥିଲା ଗାଢ଼ ଲାଲ ଶାଢ଼ିରେ ନୀଳ ଧଡ଼ି । ଭାବିଥିଲି ତାକୁ ସାଇତି ରଖିବି ସବୁଦିନ । ସେଇଟା ଥିଲା ମୋ ନିଜସ୍ୱ । ହେଲେ ଆଲମାରି ଖୋଲି ଖୋଜି ଖୋଜି ଥକି ଗଲେବି ସେଇଟା ଆଉ ମିଳିନଥିଲା ।'

'ଏମିତି ଅସ୍ତବ୍ୟସ୍ତ ଭାବରେ ତୁମେ ଯାହା ଖୋଜୁଛ ତାହା ସେଠାରେ ନାହିଁ । ତାକୁ ଆମଘରେ କାମ କରୁଥିବା ସୁନ୍ଦରାର ସ୍ତ୍ରୀକୁ ମୁଁ ଦେଇ ଦେଇଛି ।' ପଛରୁ ଶୁଣୁଥିବା ଶବ୍ଦରେ ନିର୍ବାକ୍ ହୋଇଯାଇଥିଲା ଆଶା ।

ଦିନେ ହଳଦିଆ ଶାଢ଼ିରେ ନିଜକୁ ଖୋଜି ଖୋଜି କୈଶରର ସନ୍ଧାନ ପାଇଥିଲା ଆଶା । ଅନ୍ୟର ଆଖିରେ ନିଜକୁ ଦେଖିବାପାଇଁ ବାଛି ନେଇଥିଲା ସବୁଜ ଶାଢ଼ି । ଯେଉଁଥିରେ ହରାଇଥିଲା ଆତ୍ମୀୟତା । ଆଉ ଲାଲ ଶାଢ଼ିରେ ବାନ୍ଧିଥିଲା ଜୀବନ-ଜଂଜାଳର ସୂତାଖିଅ । ସେ ବି ଅସଜଡ଼ା ହୋଇଗଲା ।

ଆଶାର ଆଶା କେବେ ପୂରଣ ହୁଏନି । ସେ ପରା ବୈତରଣୀ । ଆଗକୁ ଆଗାଏ ତ୍ରିବେଣୀରେ ମିଶିବା ପାଇଁ । ହୋଇଯାଏ ମହାସାଗର । ଫେନିଳ ତରଙ୍ଗ ମାଳାରେ ମିଳେ ତାକୁ ସଗୁଣ ନିରାକାର ।

ବିସି-୭୪, ସେକ୍ଟର-୧, ସଲଟ୍‌ଲେକ୍, କଲିକତା-୬୪



# ପେଟୁ

- ସୁଧୀର କୁମାର ଦ୍ୱିବେଦୀ

ରାଜ୍ ଓ ରୁବିଙ୍କୁ ଘରକୁ ଆଣିବା ପରଠାରୁ ଦେବବାବୁଙ୍କ ଧର୍ମପତ୍ନୀ ସ୍ମୃତିପ୍ରିୟାଙ୍କ ନିଃସନ୍ତାନ ଥିବା ଜନିତ ନିଃସଙ୍ଗତା ବହୁ ପରିମାଣରେ ହ୍ରାସ ପାଇଥିଲା । ଦେବ ବାବୁ ଠିକାଦାରୀ ବେଶ ଦି ପଇସା ରୋଜଗାର କରୁଥିଲେ । ମାତ୍ର ବିବାହର ଅନେକ ଦିନ ବିତି ଯାଇଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ତାନସନ୍ତତି ହୋଇ ନ ଥିଲା । ଏଣୁ କୁକୁର ଦୁଇଟିକୁ ସେମାନେ ଅଧିକା ସ୍ନେହ ଦେଇ ପାଳୁଥିଲେ । ସେ ଦୁହିଁଙ୍କ ସହ ଦେବବାବୁ ଓ ସ୍ମୃତିପ୍ରିୟା ଙ୍କ ଅନେକ ଗୁଡ଼ିଏ ଆବେଗିକ ବନ୍ଧନ ଗଢ଼ି ଉଠିଥିଲା । ଆଉ ସତରେ ରାଜ୍ ଯେତିକି ବିଚକ୍ଷଣ ଥିଲା ରୁବି ସେତିକି ମନୋରଞ୍ଜନ । ପଶୁ ମନେକରି ରାଜ୍ ଓ ରୁବିଙ୍କୁ କୌଣସି ପ୍ରକାର ଦୁର୍ବ୍ୟବହାର ନ କରିବାକୁ ସର୍ବୋପରି ସେମାନଙ୍କୁ ସ୍ନେହ ଓ ଶିଷ୍ଟତା ପୂର୍ଣ୍ଣ ବାତାବରଣରେ ରଖିବାକୁ ଦେବବାବୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ତାଙ୍କ ଘରୋଇ ଚାକର ପେଟୁକୁ ।

ପ୍ରତିଦିନ ରାଜ୍ ଓ ରୁବି ଙ୍କୁ ସକାଳୁ ପ୍ରାତଃ ଭ୍ରମଣରେ ନେବା, ବ୍ୟାୟାମ ପାଇଁ ଯଥେଷ୍ଟ ସୁଯୋଗ ଦେବା, ଝାଡ଼ାପରିସ୍ରା କରାଇବା, ଗାଧୋଇଦେବା, ନଖ କାଟିଦେବା, ଖୁଆଇବା, ତାଙ୍କ ଦେହପା ହେଲେ ଡାକ୍ତରଖାନାକୁ ନେବା ଆଦି କାମ ପେଟୁ ଉପରେ ନ୍ୟସ୍ତ ଥିଲା । ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ପେଟୁ ର ଦାୟିତ୍ୱ ଥିଲା । ଖାସ୍ ଏଇଥିପାଇଁ ଦେବବାବୁ ପେଟୁକୁ ରଖିଛନ୍ତି ମାସିକ ବାରଶହ ଟଙ୍କା ବେତନରେ । ଏତିକିରେ ପେଟୁର ଛୋଟସଂସାରଟି ଚଳିବାକୁ ବାଧ । ପେଟୁ ରହୁଥିଲା ସହର ନିକଟସ୍ଥ ଏକ ଗାଁରେ, ଗୋଟେ ଝୁମ୍ପୁଡ଼ି ଘରେ । ଘରେ ସ୍ତ୍ରୀ ରେଣୁ ଓ ଛଅ ବର୍ଷର ଝିଅ କୁନି । ଦେବବାବୁ ଦେଇଥିବା ସାଇକେଲ ରେ ଯିବା ଆସିବା କରେ ।

ପେଟୁ ଟିକିଏ ଭୋଳା ଏଣୁ ସତ୍ ସ୍ୱଭାବର ଥିଲା । ମାତ୍ର ତାର ଏ ଭୋଳାପଣ ପାଇଁ ତାକୁ ଅନେକ ଚାକିରି ହରେଇବାକୁ ପଡ଼ିଛି । ଯଦିଓ ସ୍ମୃତିପ୍ରିୟା ଜଣେ ଉଦାରଚେତା ମହିଳା ଥିଲେ, ଅନ୍ୟପଟେ କଡ଼ା ମିଜାଜ୍ ର ଲୋକ ଥିଲେ ଦେବବାବୁ । ରାଜ୍ ଓ ରୁବିଙ୍କ ତତ୍ତ୍ୱାବଧାନରେ ସାମାନ୍ୟ ଅବହେଳା ହେଲେ ତାଙ୍କର ରାଗ ପଂଚମକୁ ଓଠିଯାଏ । ଆଉ ଗାଳି କରନ୍ତି ସେ ପେଟୁକୁ କଡ଼ା ଭାଷାରେ । ଏ ଦୁନିଆରେ ଗରିବ ହୋଇ ଧନୀକୁ ଉତ୍ତର ଦେବା ଯେପରି ନିରର୍ଥକ, ସେପରି ସାଙ୍ଘାତିକ । ଏଣୁ ପେଟୁ ନୀରବ ରହିବା ଅଧିକ ଶ୍ରେୟ ମନେ କରେ । କୁନିର ନିରୀହ ଅଥଚ କମନୀୟ ମୁହଁଟି ପେଟୁ ଆଖି ଆଗରେ ଭାସିଯାଏ । କୁନି ପାଇଁ ତ ସବୁକିଛି ।

ରାଜ୍ ଓ ରୁବିଙ୍କ ଲାଳନପାଳନ ରେ ଯେପରି କୌଣସି ଅଭାବ ନ ରହେ, ସେଥିପ୍ରତି ଦେବବାବୁଙ୍କ ସ୍ୱତନ୍ତ୍ର ଧ୍ୟାନ ଥିଲା । ପେଟୁ ଦେଖୁଥିଲା ଖାସ୍ ରାଜ୍ ଓ ରୁବିଙ୍କ ପାଇଁ ପ୍ରତିଦିନ ଅଧା ଲିଟର ଗୋରସ ଆସୁଥିଲା । ମଝିରେ ମଝିରେ ବସା ଦହି ଓ ଛେନା ବି । ସେମାନଙ୍କ ପାଇଁ ମାସକୁ ପାଂଚ କିଲୋ ଭଲ କିସମର ଚାଉଳ ଓ ପାଂଚ କିଲୋ ଅଟା ଆସେ । ମାଛ ହେଉ ବା ମାଂସ, ଅଣ୍ଡା କିମ୍ବା କଲିଜା ତାଙ୍କ ପାଇଁ ପ୍ରତିଦିନ ଖଞ୍ଜା । ପନିପରିବା ସାଙ୍ଗକୁ ପାଚିଲା ଫଳ ନ ହେଲେ ନ ଚଳେ । ସବୁ ଟଟକା ଓ ସତେଜ ହେବା ଦରକାର । ସେମାନଙ୍କ ପୋଷକ ତତ୍ତ୍ୱରେ ଯେମିତି କୌଣସି ଅଭାବ ନ ରହେ ସେଥି ପାଇଁ ସ୍ୱତନ୍ତ୍ର ଡବା ଓ ଶୁଷ୍କ ଖାଦ୍ୟ ମଧ୍ୟ ଦିଆଯାଏ ।

ଖରାଦିନ, ମଧାହ୍ନ ସମୟ । ବେଳକୁ ବେଳ ସୂର୍ଯ୍ୟଙ୍କ କିରଣ ପ୍ରଖର ହୋଇଉଠୁଥିଲା । ଅର୍ଦ୍ଧ ଦଗ୍ଧ ପ୍ରାୟ ମନେ ହୋଇଥିଲା ସମଗ୍ର ଜୀବ ଜଗତ । ଦେବବାବୁ ଘରେ ଥିଲେ । ରାଜ୍ ଓ ରୁବିଙ୍କୁ ଖାଦ୍ୟ ଖୁଆଉଥିଲା ପେଟୁ । ଭାତ ସାଙ୍ଗକୁ ଚିକେନ୍ ଡାଲମା... ପାଚିଲା ଆମ୍ବ ବି । ଅତି ଭୋଜନ ପାଇଁ ହେଉ କିମ୍ବା କୌଣସି କାରଣରୁ ଖାଇସାରି ରୁବି ବାନ୍ତି କରି ପକାଇଲା । ଏହାଦେଖି ଦେବବାବୁ ଖପା ହେଇ ପେଟୁକୁ ଢେର ଗାଳି ଦେଲେ । ସେତିକିରେ ମନ ଶାନ୍ତ ନ ହେବାରୁ ସେ ଝପଟି ଆସି ପେଟୁ ଗାଲରେ ଚଟକଣାଟିଏ ବସାଇ ଦେଲେ । ପେଟୁର ଶୁଷ୍କ ଓଠ ଫାଟି ନିଗିଡ଼ି ଆସିଲା ଧାରେ ଗରମ ରକ୍ତ । ମାତ୍ର ପ୍ରତିବାଦ କରିବାର ଜୁ ନ ଥିଲା ତାର । ପେଟୁ ପରି ସବୁ ଗରିବଙ୍କ ଭଗବାନ ଧନ ସିନା ଦେଇ ନଥାନ୍ତି, ହେଲେ ସହିବାର ଶକ୍ତି ଢେର ଅଧିକ ଦେଇଥାନ୍ତି । ନୀରବରେ ସେ ତା ଚିରା ଗାମୁଛାରେ ପୋଛି ପକାଇଥିଲା ରକ୍ତ ଧାରକ ।

ଭାରାକ୍ରାନ୍ତ ମନ ନେଇ ନିଜ ଘରକୁ ଫେରିଲା ପେଟୁ । ଘରେ ପହଂଚୁ ନ ପହଂଚୁଣୁ ସ୍ତ୍ରୀ ରେଣୁ ଆଖି ଲୁହ ଛଳ ଛଳ କରି କହିଲା- ଦେଖ, ଆଜି ବି କୁନି କିଛି ଖାଇଲାନି ? ଖରା ଛୁଟି ହେବା ପରଠାରୁ କେମିତି ଶୁଖି କଂଟା ହୋଇଗଲାଣି । କେବେ ଯେ ତାର ସ୍କୁଲ ଖୋଲିବ କେଜାଣି ? ଖାଲି ଡାଲମା, ସୋୟାବଡ଼ି ନ ହେଲେ ଅଣ୍ଡା ତରକାରୀ ଖାଇବ ବୋଲି ଅଝଟ କରୁଛି । କିଛି ନ ହେଲେ ବି ଡାଲମା କିମ୍ବା ଆଳୁ ଝୋଳ ଟିକେ ନ ହେଲେ ଭାତ ତା ତଂଟିରେ ଗଳୁନି । ଯା ହେଲେ ବି ଛୋଟ ଛୁଆଟା,...... ଜବରଦସ୍ତି ଦି'ଚାରି କଳ ଖୁଆଇଛି କି ନାହିଁ ଏଇନେ ବାନ୍ତି କରି ପକାଇ ଶୋଇ ପଡ଼ିଲା ।

ପେଟୁର ଗାଲରେ ପୁନର୍ବାର କେହି ଜଣେ ଶକ୍ତ ଚାପୁଡ଼ାଟାଏ ମାରିଲା ପରି ଚମକି ପଡ଼ିଲା । ସେ ରେଣୁକୁ କଣ ଉତ୍ତର ଦେବ ହଠାତ୍ ଭାବି ପାରିଲା ନାହିଁ । ତାର ନଜର ପଡ଼ିଲା କୁନିର ବାନ୍ତି ଉପରେ । ଥିଲା କିଛି ଚକଟା ଭାତ ସାଙ୍ଗକୁ ଗଣି

ହେଲା ପରି ଗୁଡ଼ାଏ ଦର ସିଝା ସଜନା ପତ୍ର । ସେ ଦେଖୁଥିଲା ଖାଲି କୁନି ନୁହଁ, ରେଣୁର ଶରୀର ମଧ୍ୟ ଦିନକୁ ଦିନ ଦୁର୍ବଳ ହୋଇଯାଉଛି । ତିରିଶ ବର୍ଷ ବୟସରେ ବି ଦରବୁଢ଼ୀଟିଏ ପରି ଦେଖା ଯାଉଛି ସେ । ଅସମୟରେ ଚୁଟି ସବୁ ପାଚି ଗଲାଣି । ଦାରିଦ୍ର୍ୟ ଯେମିତି ତା ଶରୀରର ସମସ୍ତ ଲାବଣ୍ୟ ଚିପୁଡ଼ି ନେଇଯାଇଛି । ପେଟୁର ମନଟା ବିଷାଦ ପୂର୍ଣ୍ଣ ହୋଇଗଲା । ଏ ମହଙ୍ଗା ଯୁଗରେ ତା ପରି ଦରିଦ୍ରଙ୍କ କପାଳରେ ଲେଖା ନଥିଲେ ଡାଲମା କିମ୍ବା ତରକାରି ଟିକିଏ ମିଳିବା କି କ'ଣ ସହଜ କଥା ? ସତରେ ଏ ସଂସାରରେ ଆଜି ବି ଅଧିକାଂଶ ମଣିଷ ସେମାନଙ୍କର ସର୍ବନିମ୍ନ ମାନବୋଚିତ ଜୀବନ ପରିପୋଷଣରୁ ବଂଚିତ ।

ପ୍ରଚଣ୍ଡ ଖରାକୁ ଭ୍ରୁକ୍ଷେପ ନ କରି ପେଟୁ ଥକ୍କା ହୋଇ ବସିପଡ଼ିଲା ସଜନା ଗଛ ମୂଳରେ । ସେ ସ୍ଥିର ଦୃଷ୍ଟିରେ ଚାହିଁ ରହିଥିଲା ଅବଶ ହୋଇ ପିଣ୍ଡା ଉପରେ ଶୋଇପଡ଼ିଥିବା ତାର ଅଲିଅଳି କନ୍ୟା କୁନି ମୁହଁକୁ । କାହାପ୍ରତି ତା ମନରେ ଅଭିଯୋଗ ନଥିଲା । କେବଳ ତା ପେଜୁଆ ଆଖି କୋଣରେ କିଛି ଲୁହ ତଳକୁ ଖସିବାକୁ ଜମା ହେଉଥିଲା– ଗୋଟିଏ ଅବ୍ୟକ୍ତ ଯନ୍ତ୍ରଣା ଓ ନିଃସହାୟ ବୋଧ ଭିତରେ ତାର ଅନ୍ତରାତ୍ମା କାନ୍ଦୁଥିଲା ବୋଧ ହୁଏ ।

ଶାସନସହି, ଦେବଗଡ଼




# ରାସନ୍ କାର୍ଡ଼

**- ଲିଳାବତୀ ମହାପାତ୍ର**

ଗାୟତ୍ରୀ ପେନ୍‌ପେପର ବାହାର କଲା । ଲେଖିବ କି ଲେଖିବନି ଭାବନାରେ ପଡ଼ିଗଲା । ଯଦି ସେ ଚାରିବଖରା ପକ୍କା ଘର ଓ ଅଟୋ ରିକ୍ସାଟିଏ ଅଛି ବୋଲି ଲେଖି ଦେଉଛି ତାହାହେଲେ କିନ୍ତୁ ମା' ର ବିପିଏଲ କାର୍ଡ଼ ଖଣ୍ଡିକ ଯିବ । ରାସନ କାର୍ଡ଼ ମଧ୍ୟ ମିଳିବ ନାହିଁ । ଯଦି ସେ ଠିକ୍ ତଥ୍ୟ ପ୍ରଦାନ ନ କରେ ଭବିଷ୍ୟତରେ ସେ ଦଣ୍ଡିତ ହୋଇପାରେ । କିନ୍ତୁ ଓ ତା ଭଉଣୀର କୁନି କୁନି ମୁହଁ ଦିଓଟି ତା ଆଖି ସାମ୍ନାରେ ଝଲସି ଯାଉଥାଏ । ଥାଉ, ପଛେ ଫର୍ମଟି ପୂରଣ କରିବ କହି ସେଠାରୁ ଉଠି ଅନ୍ୟଗୃହ ଅଭିମୁଖେ ଯିବାକୁ ବାହାରିଲା ।

ଘର ଘର ବୁଲି ବୁଲି ଗାୟତ୍ରୀକୁ ବେଳ ଜଣାପଡ଼ିଲା ନାହିଁ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ତା ମନରେ ଗଭୀର ରେଖାପାତ କଲା । ସତରେ ଲୋକଗୁଡ଼ାକ କି କଷ୍ଟରେ ଜୀବନଯାପନ କରୁଛନ୍ତି । ଏତେ ବଡ଼ ଖରାରେ ଫ୍ୟାନ୍‌ଟିଏ ନାହିଁ । ହାତ ବିଞ୍ଚଣା ବା କାଗଜରେ ବିଂଚି ହେଉଥାନ୍ତି । ପିଇବା ପାଣିର ସୁବିଧା ନାହିଁ । ଏ ବସ୍ତିର ଅଧିକାଂଶ ପିଲା ତାରି ବିଦ୍ୟାଳୟରେ ପାଠ ପଢ଼ନ୍ତି । କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ ଜଣା ପଡ଼ିଲା ପରି ଏ ବସ୍ତିର ପରିବେଶରୁ ସେମାନଙ୍କର ଦୟନୀୟତାର ଛାପ ସ୍ପଷ୍ଟ ବାରି ହୋଇ ପଡୁଥାଏ । ସମସ୍ତଙ୍କର ଗୋଟିଏ ପ୍ରଶ୍ନ ଦିଦି ଆମକୁ ରାସନ୍ କାର୍ଡ଼ କେବେ ମିଳିବ ?

ଗାୟତ୍ରୀ ଗାଁ ମୁଣ୍ଡରେ ଥିବା ଚାଳ ଘର ପାଖକୁ ଗଲା । ବାରଣ୍ଡା ଉପରେ ସପଖଣ୍ଡେ ପକାଇ ସେବତୀ ବୁଢ଼ୀ ବସିଛି । ତା'ର ସ୍ୱାମୀ ଚାଲିଗଲା ପରେ ଗ୍ରାମର ଲୋକମାନେ ତାକୁ ଡାହାଣୀ ରୂପେ ସଜାଇ ଦେଲେ । ପୁଅବୋହୂମାନେ ମଧ୍ୟ ତା ପାଖ ଛାଡ଼ି ଅନ୍ୟ ଗ୍ରାମରେ ରହୁଛନ୍ତି । ଅଶୀ ବର୍ଷର ବୁଢ଼ୀଟି ଏକାକୀ ତା ଜୀବନ ସହ ସଂଗ୍ରାମ କରୁଛି । ତା' ଘରକୁ ଯିବା ପାଇଁ ଗ୍ରାମର ସମସ୍ତ ଲୋକେ ତାକୁ ବାରଣ କରିଥିଲେ । ସମସ୍ତଙ୍କ ବାରଣ ସତ୍ତ୍ୱେ ଗାୟତ୍ରୀ ଆଜି ଛିଡ଼ା ହୋଇଛି ସେବତୀ ବୁଢ଼ୀ ପାଖରେ । ପ୍ରଥମେ ପ୍ରଥମେ ସେ ଡରି ଡରି ତା' ପାଖରେ ବସିଲା । ତାକୁ ଦେଖି ବୁଢ଼ୀ ଠାକୁଆ ମୁହଁରେ ହସ ଧାରୁଏ ଦେଇ କହିଲା ଦିଦି ମୋ ପାଇଁ ରାସନକାର୍ଡ଼ ଖଣ୍ଡେ କରିଦିଅ । ମୁଁ ବହୁକଷ୍ଟରେ ଚଳୁଛି । ଭିକ ମାଗିଲେ ଭିକଗଣ୍ଡିଏ କିଏ ଦେଉ ନାହାନ୍ତି । ସମସ୍ତେ ଡାହାଣୀ କହି ତଡ଼ି ଦେଉଛନ୍ତି । ଗାୟତ୍ରୀ ଫର୍ମଟି ପୂରଣ କରି

ଗ୍ରୀଷ୍ମବିକାଶରେ ମନ ଘର ଧରିଥାଏ । ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ସାରା ପରିବେଶ ଉତ୍ତପ୍ତ ହୋଇଉଠିଥାଏ । ପ୍ରାଣୀଜଗତ ରୁ ଆରମ୍ଭ କରି ଉଦ୍ଭିଦ ଜଗତ ପର୍ଯ୍ୟନ୍ତ ସମସ୍ତେ ରୌଦ୍ରତାପରେ ଅସ୍ତବ୍ୟସ୍ତ ହୋଇ ଉଠୁଥାନ୍ତି । ଦିବା ନଅ ଘଟିକା ହୋଇଗଲେ ରାସ୍ତାଘାଟ ପ୍ରାୟ ଶୂନଶାନ୍ ହୋଇଯାଏ ।

କିନ୍ତୁ ସରକାରୀ ଚାକିରିଆ, ସେଥିରେ ପୁଣି ପ୍ରାଥମିକ ଶିକ୍ଷକ । ଏମାନେ ରୌଦ୍ରତାପରେ ମଧ୍ୟ ଘର ଘର ବୁଲି ଖାଦ୍ୟସୁରକ୍ଷା ଯୋଜନା ନିମନ୍ତେ ସର୍ଭେ କରିବାକୁ ବାଧ୍ୟ ହୋଇଥାନ୍ତି । ଗାୟିତ୍ରୀ ଅନିଚ୍ଛାସତ୍ତ୍ୱେ ସର୍ଭେ କାମରେ ବାହାରିଲା । ସେ ଘର ଘର ବୁଲି ସମସ୍ତଙ୍କ କବାଟ ବାଡ଼େଇବ । କିଏ ଖୁସି ହେବ ତ କିଏ ବିରକ୍ତିରେ ଦୁଇପଦ ତାକୁ ଗାଳିଦେବ । ଏସବୁ ଗାୟତ୍ରୀକୁ ଭାରିବାଧେ । କାହାକୁ କହିବ ? ସରକାରଙ୍କ ଅଧିନରେ ତ ଚାକିରି କରିଛି । ତା' ସ୍ୱାମୀ ପ୍ରବୋଧ ତାକୁ ଚାକିରି ଛାଡ଼ିଦେବ ପାଇଁ ବାରମ୍ବାର କହୁଥିଲେ ମଧ୍ୟ ଏ ମହଙ୍ଗାଯୁଗକୁ ଅନେଇ ସେ ଚାକିରି ଛାଡ଼ିପାରେ ନାହିଁ ।

ବ୍ୟାଗରେ ପାଣି ବୋତଲ ଛତା ଧରି ଉଠୁନଥିବା ଶରୀରକୁ ଘୋଷାଡ଼ି ଘୋଷାଡ଼ି ଟୁଙ୍ଗୁରି ଟୋଲା ଅଭିମୁଖେ ଚାଲିଲା । ଜଣକ ଦୁଆର ପାଖରେ ଯାଇ କବାଟ ବାଡ଼ାଇଲା । ଦଶବାର ବର୍ଷର ପିଲାଟିଏ ଆସି କବାଟ ଖୋଲିଲା । ଗାୟତ୍ରୀ ପିଲାଟିକୁ ଦେଖି ସ୍ନେହରେ ଗେଲ କରି କହିଲା କିନୁ କିପରି ଅଛୁ ? ପଢ଼ାପଢ଼ି କରୁଛୁ ତ ? କିନୁ ତାଙ୍କରି ବିଦ୍ୟାଳୟରେ ପଢ଼େ । କିନୁ ଗାୟତ୍ରୀର ପାଦ ଛୁଇଁ ମୁଣ୍ଡିଆ ମାରିଲା । ଘର ଭିତରକୁ ଡାକିନେଇ ଚୌକିଟିଏ ପକାଇ ଦେଇ ବସିବାକୁ କହିଲା ।

ଗାୟତ୍ରୀ କିନ୍ତୁ ଘରର ପରିବେଶ ଚାରିପଟେ ଆଖି ବୁଲାଇ ଆଣିଲା । ସେମିତି କିଛି ଆଖି ଦୃଶିଆ ସମ୍ପତ୍ତି ନାହିଁ । କେବଳ ଚାରିବଖରା ପକ୍କା ଘର ଓ ବାପା ଜେଜେ ଅମଳର ଅଟୋରିକ୍ସାଟିଏ । ଜମିବାଡ଼ି କିଛି ନାହିଁ । ଦୁଇ ଭାଇ ଭଉଣୀ ଓ ବିଧବା ମା ସେ ଘରେ ବସବାସ କରନ୍ତି । କିନୁର ମା ନିର୍ମାଣଧିନ ଶ୍ରମିକ ଭାବରେ କାମ କରି କିଛି ରୋଜଗାର କରେ । ସରକାରଙ୍କ ତରଫରୁ ପାଇଥିବା ବିପିଏଲ କାର୍ଡ଼ରୁ ତାକୁ ମାସକୁ ପଚିଶ କିଲୋ ଚାଉଳ ମିଳେ । ସେମାନେ ଦୁଃଖ ସୁଖରେ ଚଳିଯାଆନ୍ତି । କିନୁ ଓ ତା' ଭଉଣୀ ସରକାରୀ ବିଦ୍ୟାଳୟରେ ପାଠ ପଢ଼ନ୍ତି ।

ସେଠାରୁ ଚାଲି ଆସିଲା ।

ସେଦିନ ଗାୟତ୍ରୀ ଘରକୁ ଫେରୁ ଫେରୁ ସଂଧ୍ୟା ହୋଇ ଯାଇଥାଏ । ଘରେ ପହଂଚି ଗୋଡ଼ହାତ ଧୋଇ ସଞ୍ଜ ଦେଲା । ତା'ପରେ ଫର୍ମଧରି କିନୁର ଚାରିବଖରା ପକ୍କା ଘର ଓ ଅଟୋରିକ୍ସାଟିଏ ଅଛି ବୋଲି ଲେଖିବ କି ଲେଖିବନି ଭାବିଲା । ତା' ଭାବନା ରାଜ୍ୟରେ ସେ ଦେଖିଲା କିନୁ ଆଉ ବିଦ୍ୟାଳୟକୁ ଆସୁନି । କିନୁ ଭଲ ପଢ଼େ । ଭଲ ଗୀତ ଗାଏ । ସେ ଜଣେ ଆଜ୍ଞାଧୀନ ଛାତ୍ର । ତା'ର ଅନୁପସ୍ଥିତି ସବୁ ବର୍ଗର ଶିକ୍ଷକଙ୍କୁ ବିଚଳିତ କରିଦେଲା ।

ଦିନେ ଗାୟତ୍ରୀ କିନୁର ଭଉଣୀକୁ କିନୁ ବିଷୟରେ ପଚାରିଲା । ତା' ଭଉଣୀ ଠାରୁ ଯାହା ଜାଣିଲା ତା ପାଦ ତଳୁ ମାଟି ଖସିଗଲା ପରି ଲାଗିଲା । ବର୍ତ୍ତମାନ ସରକାର ବିପିଏଲ କାର୍ଡ଼ ନେଇଯାଇଛନ୍ତି । ତାଙ୍କୁ ରାସନ୍ କାର୍ଡ଼ ମିଳିନି । ମା ବି ରୋଗାଗ୍ରସ୍ତ ହୋଇପଡ଼ିଲେଣି । ଦିନେ ଗଲେ ଦୁଇଦିନ କାମକୁ ଯାଇପାରୁ ନାହାନ୍ତି । ଏପରିସ୍ଥଳେ ପରିବାର କିପରି ଚଳିବ ? ତେଣୁ କିନୁ ବାଧ ହୋଇ ଇଟାଭାଟିରେ କାମ କରୁଛି । ସେ ଆଉ ବିଦ୍ୟାଳୟ କୁ ପଢ଼ିବା ପାଇଁ ଆସିପାରିବ ନାହିଁ ।

ଗାୟତ୍ରୀ କିନୁ ବିଷୟରେ ଶୁଣି ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ସେ ଦୌଡ଼ିଲା ଇଟାଭାଟିକୁ । କିନୁ ପୂର୍ବପରି ଆସି ତା' ପାଦ ଛୁଇଁ ମୁଣ୍ଡିଆ ମାରିଲା । ଗାୟତ୍ରୀ କିନୁକୁ କୁଣ୍ଡାଇ ପକାଇଲା । ତା' ହାତ ଦୁଇଟିକୁ ମୁହଁ ପାଖକୁ ଆଣି ଦେଖିଲା । କଅଁଳ ହାତରେ ନାଲି ନାଲି ପଟାପଟା ଗାର ପଡ଼ିଯାଇଛି । ଗାୟତ୍ରୀଙ୍କ ଲୁହରେ କିନୁର ହାତ ଦିଓଟି ସଫା ହୋଇଗଲା । ଠାଏ ଠାଏ ଛାଲ ବାହାରି ଯାଇଥିବାର ଚିହ୍ନ ଗାୟତ୍ରୀ ଦେଖିଲା ।

ମା ମୋତେ ଖାଇବାକୁ ଦିଅ । ମୁଁ ଟ୍ୟୁସନ୍ ଯିବି କହି ପୁପୁନ ଗାୟତ୍ରୀକୁ ହଲାଇ ଦେଲା । ପୁପୁନ ଗାୟତ୍ରୀର ବଡ଼ ପୁଅ । ପଂଚମ ଶ୍ରେଣୀରେ ପଢ଼େ । ତା' ପାଇଁ ଗାୟତ୍ରୀର କେତେ ସ୍ୱପ୍ନ । ସବୁ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଥାକ ଥାକ କରି ସଜାଇ ରଖିଛି । ତା'ର ଆର୍ଥିକ ସ୍ୱଚ୍ଛଳତା ଅଛି । ପୁପୁନ ତା' ଲକ୍ଷସ୍ଥଳରେ ପହଂଚି ପାରିବ କିନ୍ତୁ କିନୁ ? ସେ ଯଦି ପକ୍କାଘର ଓ ଅଟୋରିକ୍ସାଟି, ଅଛି ବୋଲି ଲେଖି ଦେବ ତାହା ହେଲେ କିନୁର ପରିବାର ରାସନକାର୍ଡ଼ ଖଣ୍ଡିକ ପାଇବାରୁ ବଂଚିତ ହେବେ । ସରକାରଙ୍କ ସ୍ଲୋଗାନ 'ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ'ର ସଫଳ ରୂପାୟନ ହୋଇପାରିନାହିଁ ।

ରାଉରକେଲା




# ବାବୁ !

ବଳବନ୍ତ ସାହୁ (ବବଲୁ)

ସୁଦୀର୍ଘ ଅଟ୍ଟାଳିକା ର ଫଳକରେ ଲାଗିଥିବା ଇଟା ଖଣ୍ଡିକ ଖୁବ୍ ତାସଲ୍ୟ କରେ ପାହାଚ ତଳ ମାଟିକୁ.. । ଗର୍ବରେ ଗାଇଚାଲେ ନିଜ ପ୍ରଶଂସାର ଭାଗବତ । କାନଡେରି ଶୁଣେ ପାହାଚ ତଳ ମାଟି । ହେଲେ ପ୍ରକାଶ କରିପାରେ ନାହିଁ ଛାତିତଳର ଜମାଟ୍ ବାନ୍ଧିଥିବା କୋହକୁ । କହିପାରେନି ନିଜେ ନିଭଉଥିବା ସହନଶକ୍ତିର ଗଭୀରତାକୁ.. । କହିପାରେନି ଦୁଇମାଟିର ଫରକ୍‌କୁ । ପାହାଚ ତଳ ମାଟି ଜିଏଁ ମାଟି ପାଇଁ, ଆଉ ଫଳକର ଇଟା ଜିଏଁ ଆକାଶ ପାଇଁ.. । ଇଟା ଭୁଲିଯାଇଥିବା ତା' ଦୁର୍ଗନ୍ଧ ଅତୀତକୁ ଆଉ ଭାଟିରେ ସହିଥିବା ଅସହ୍ୟ ଜ୍ୱାଳାକୁ.. । ହେଲେ ମାଟି କେବେ ଭୁଲେ ନାହିଁ କିଛି.. । ଅବିକଳ ମାଟି ପରି ମଣିଷ- 'ବାବୁ' । ବାବୁ ଜିଇଁଥାଏ ମାଟି ପାଇଁ.. । ବାବୁ କହିଲେ ସାହେବି ବାବୁ କି ପୋଲିସ ବାବୁ ନୁହଁ ! ସେ ବାବୁମାନଙ୍କର ତ' ବଡ଼ ବଡ଼ ପେଟ ଥାଏ । ଖାଇବା ପାଇଁ, ପିଇବା ପାଇଁ । ମୁଣ୍ଡରେ ମୁଣ୍ଡେ ବୁଦ୍ଧି ଥାଏ । ପର ଥାଳରୁ ଝାମ୍ପିବା ପାଇଁ । ପର ବିଶ୍ୱାସକୁ ପିଇବା ପାଇଁ ଆଉ ପର ଯୌବନପଲଙ୍କରେ ଦିନରାତି ଶୋଇବା ପାଇଁ.. । ହେଲେ ଏ ବାବୁର କଣ ଅଛି ଯେ ? ଯାହା ଅଛି ସବୁ ଗୋଟେ ଗୋଟେ କଳଙ୍କର ଭାର । ଏଇ ଜଡ଼ ଦେହ, ହାଇ କ୍ୱାଲିଟି ନାମ, ପୁରସ୍କାର ପାଇଥିବା ଦଶ ବାର ହାତ ଜମି, ନିଜର ଭାବୁଥିବା ଗଛଲତା ପାହାଡ଼୍ ପରବତ୍ ଆର୍ ପାରବତି ନନୀ । ଯାହାକେ କେଭେ ନନୀ ଡାକି ନାଇଁ, ମାଆ.. ଡାକିଛେ ମାଆ' । ଏ ସବୁ ହିଁ ତା କୁଟୁମ୍ । ବାବୁ କମାଏ, ପାର ରାନ୍ଧେ । ସମସ୍ତେ ଖାଆନ୍ତି । ଆଗେ ଗଛଲତା ପାହାଡ଼ ପର୍ବତ ମାନେ ବି କମଉଥିଲେ । ଯଦି ବି' ଖାଉନଥିଲେ । ଏବେ କିନ୍ତୁ ସେମାନେ ନକମାଇ ଏମିତି ଖାଉଛନ୍ତି ଯେ ଦିନେ ଦିନେ ଉପାସ ରହିବାକୁ ପଡ଼େ ବାବୁ ଆଉ ପାର କୁ । ଯେଉଁ ଦିନଠୁ ସରକାରର ଆଖି ପଡ଼ିଛି ଗଛଲତା ଆଉ ପାହାଡ଼ ପରବତ୍ ଉପରେ ।

ସରକାର୍ ର ଆଖି ବହୁତ ତୀକ୍ଷ୍ଣ । ସେ ଆଏକ୍ ପକାଲେ ରହସି ! ଡାକରା ଆସିଲା ଗାଁକୁ । ମଝା ଖୁଲି ଗଣା ରଡ଼ିଲା- 'ଶୁନ ଶୁନ.. ! ଆମର୍ ଗାଁ'ର ଡୁଙ୍ଗରୀ କେ ସରକାର୍ ନେଇଯିବା ପରେ.. ହୋ..ଶୁନ ଶୁନ ଶୁନ.. ।' କାଳିଆ କସରା ପଛେ ପଛେ, ବାବୁ ବୁଣୁଥିଲା କିଛି ସ୍ୱପ୍ନ । ଥରି ଉଠିଲା ପାଦ । ଘୁରିବାକୁ ଲାଗିଲା ତା' ଆଖି ଡୋଳାର ପୃଥିବୀ । ମୁଢ଼େ ଛିଣ୍ଡି ପଡ଼ିଗଲା ଆକାଶ । ପାଦ ତଳୁ ଧସିଗଲା ମାଟି । ଯେମିତି ହେଇଥିଲା ବାଇଶ ବର୍ଷ ପୂର୍ବେ । ଇସ୍କୁଲ ରେ ଶୁଣୁଥିଲା ଯେତେବେଳେ ତାର୍ ମାଆ ବୁଆ ଆର୍ ନାଇଁନ... ! ଧାଇଁ ଯାଇ ଦେଖିଥିଲା ରାଜଧାନୀ ମୁହାଁ ଟ୍ରେନ୍‌ଲାଇନ୍‌କୁ । କିଛି ତାଜା ରକ୍ତ ଆଉ ମାଂସରେ ସବୁଦିନ ପାଇଁ ଲିଭିଯାଉଛି ତା ମାଆ ଆର୍ ବୁଆ ଡାକ... । ଲିଭିଯାଇଛେ ତା ସେନେହ ପେରେମ ରାଗ୍ ରୁଷା ଆଉ ସମ୍ପର୍କର ଜୁଇ । ଲିଭିଯାଇଛନ୍ ଆଏକ୍ ବୁଜି ବିଶ୍ୱାସ କରୁଥିବାର ଜିଅନ୍ତା ମାହାପୁରୁ ଦୁଇ । ସେଥିପାଇଁ ବୋଧେ ବାବୁ ଏବେ ବି ଥରିଉଠେ ରାଜଧାନୀ ମୁହାଁ ଟ୍ରେନ୍‌ଲାଇନ୍‌କୁ ।

ବୁଝାସୁଝା କରି ଜାଣିଲା ଡୁଙ୍ଗରୀ ଫଟା ହେଇ ଟ୍ରେନ୍ ଲାଇନ୍ ତିଆରି ହେବ । ରାଜଧାନୀ କେ.. । ଗଛଲତା ସଫା କରି ସେନେ ଗଢ଼ି ଉଠିବା ବଡ଼ ବାରୁଦ କାରଖାନା ଟେ । କାରଖାନାରେ ଭୁଲ ଟିକେ ଅଧେ ହେଇଗଲେ ଲିଭିଯିବା ମାଟିକୁ ମାଆ କହୁଥିବାର ବାବୁ ପରି ହଜାର୍ ହଜାର୍ ଲୋକର ସପନ୍ ଆଉ ଜୀବନ୍ । ବାବୁର ବୁଦ୍ଧି ହଜିଗଲା । ଗାଁର ବଡ଼ବଡ଼କିଆ ଲୋକମାନଙ୍କୁ କହିଲା । ଫଡୁଆ ହେଇ ଥାନା ଗଲା । ଗୁହାରୀ ଗଲା । ହେଲେ କାହାର ଛାତିରେ ଦମ୍ ଅଛେ ? ହେଡ୍ ସବୁ ବୁର୍ଥା.. ସବୁ ଡବା ଗୁରସ୍ ! ସେ ଥାନାବାବୁ ବି' ଆଉ ସେ ଓକିଲ ବାବୁ ବି' । କାନ୍ଦି କାନ୍ଦି ବୁଝଲା ଆଉ ପାହାଁ ଦେଲା ହାଇକୋର୍ଟ ରେ । ସେ ଦିନ ବି' ଦଶ ବରଷ ପୁରିଗଲା । ତା' ଭିତରେ ଡୋରି ବନ୍ଧାହେଲା ପାର' ର ପାଠପଢ଼ାରେ । ଭଙ୍ଗାହେଲା ରାଜ୍ କୁଟକ ଲେଖେ ଖଡ଼ି ଶୁଝିଥିବାର ବିହାଘର୍ । ହେଲେ ଫଏସଲା ଦିନ ଘୁଂଚି ଚାଲୁଥିଲା । ସେ ଦିନ ଆସୁଛେ ବୋଲି ନିଦ ନାହିଁ ବାବୁ ଆଖିରେ । ଛନେ ଆଖି ବୁଜିଲେ ସପନେ ଆସୁଛେ ଓକିଲ ବାବୁ ର ମୁହୁଁ । କହୁଛେ- 'ତୁ ହାରିବୁ.. ତୁ ହାରିବୁ..' । ବାବୁ ଜବାବ୍ ଦେଉଛେ- 'ନାଇଁ ! 'ମୁଇ ନାଇଁ ହାରେ..ବାବୁ ! ମୋଟା ମୋଟା ଟଙ୍କା ଥି । ଦୁଇ ମିନଟିଆ ତେଲ ମାଲିସ ଥି । ମକେ ନାଇଁ ଡରାହୀ.. ନିଜେ ଡର । ଜାଗଲା ଗଛ ସିନା ଡରସି ଅଦିନିଆ ପାଏନ୍ କେ, ମାଟିର ମଞ୍ଜି କାଣା କେଭେ ଡରସି..!' ଫୋନ୍ କଟ୍ କଲେ ଓକିଲ ବାବୁ ।' ନିଜେ କହିଥିବା କଥାର ଗମ୍ଭୀରତାକୁ ନେଇ ସମ୍ଭାବନାର ଉଷ୍ଣତାରେ ଗଜୁରୀ ଉଠିଲା ସେ ମଞ୍ଜି ।

ନିଦ୍ ଭାଙ୍ଗିଗଲା ବାବୁର । କାନ୍ଥର ଘଂଟାକୁ ଦେଖୁ ଦେଖୁ, ଘଂଟା କହୁଥାଏ- ସମିଆ ଅଛେ ରେ ବାବୁ.. ଇଛନେ୍ ଦେଢ଼୍ ବାଜିଛେ । ବାବୁ ବେଖାତିର କରି ଉଠିଛି । ନିତ୍ୟକର୍ମ ସାରିଛି ।

ମୁଡ଼ିଆ ଟେ ମାରିଛି ମାଁ ମାଉଳିକୁ । ସବୁଦିନ ପାର କୁ ଦେଖିପକାସି ଥରେ, ହେଲେ ଭୁଲିଯାଇଛି ସେଦିନ । ଆଉ ବାହାରିପଡ଼ିଛି ଟିଟିଲାଗଡ଼ର ରାଜଧାନୀ ମୁହାଁ ଟ୍ରେନ୍ ଅଭିମୁଖେ । ଧର୍ମର ଫଳାଫଳ ଆଶରେ.. । ହଠାତ୍ ଫୋନ୍ କ୍ରିଂ କ୍ରିଂ.. । ଫୋନ୍ ଉଠାଇ କାନ ପାଖକୁ ନେଉ ନେଉ..

-ହେଲୋ.. !

-ହେଲୋ..ବାବୁ ତ ?

-ହଁ.. ! କିଏ... ?

-ଯିଏ ବି' ହୁଏ, ତୁ ଯମ ଭାବିନେ । ଆଜି ତୁ ଗଲୁ ଆଉ.. ତୋ ସବୁ ସଂପାଂଚିବି ।

-କଣ ! କିଏ କହୁଛ.. ? ?

-ସପନରେ ବି' ଜାଣିବୁ ନାହିଁ, ମୁଁ କିଏ । ହା..ହା..ହା..ସ..ବୁ.. ନିଲାମରେ ତୋର.. ।

ଗୋଡ଼ ଗୁଡ଼ିକ ଥକି ପଡୁଥାଏ ନିଲାମ ପଦର ଭାରରେ । ତୀବ୍ର ବେଗରେ ସମାଧାନ କରୁଥାଏ ମସ୍ତିଷ୍କ । ମନମାନସରେ ଆଙ୍କି ହେଉଥାଏ ପାହାଡ଼ , ପରବତ୍ ର ଦୃଶ୍ୟ । ତଥାପି ବାବୁ ଚାଲୁଥାଏ ଜୀବନପଥରେ । ତା' କଚୁଆନ୍ ର ନିର୍ଦ୍ଦେଶରେ । ଅବିରତ ଭାବେ ଯୋଗାଡ଼ କରୁଥାଏ ସାହସ ଆଉ ଆତ୍ମବିଶ୍ୱାସ । ମନେ ପକାଉଥାଏ ତା' ପୁରସ୍କାର ପାଇଥିବା ମୁହୂର୍ତ୍ତକୁ । ସେଦିନ..' ହଜାର ହଜାର ଜନତା କିପରି ବାଃ ବାଃ କରିଥିଲେ ବାବୁକୁ । ମାଟି ଆଉ ଗଛଲତା ପ୍ରତି ଥିବା ତା' ପ୍ରେମକୁ । ନିଜକୁ ଭୁଲି ପ୍ରକୃତିକୁ ଭଲପାଇବାର ତା ଅଦ୍ଭୁତ ନିଶାକୁ । ଆଉ ଥରେ ଫୋନ୍ ବାଜିଲା । ବାବୁ ପ୍ରସ୍ଥାନ କଲା ଭାବନା ରାଜ୍ୟରୁ... । କାନ ପାଖକୁ ନେଉ ନେଉ- 'ଡନ୍ ଡନାଡନ୍ ଡନ୍' । ଫୋନ୍ କଟ୍ । ସ୍ୱରରୁ ସ୍ପଷ୍ଟ ବାରି ପାରୁଥିଲା ବ୍ୟାଘ୍ର ଗର୍ଜନ । ବାବୁ ମନରେ ଶତ ଶତ ପ୍ରଶ୍ନବାଚୀର ହିମାଳୟ । ତଥାପି ହିମାଳୟ ମୁଣ୍ଡାଇ ଚାଲୁଥାଏ । ଆଗକୁ..ଆଗକୁ.. । ତାଜା ରକ୍ତ ଜୁଡୁବୁଡୁ ବସ୍ତା ଭିତରୁ କାହା ମୁହଁ ଦେଖିଛି କେଜାଣି ? ବାବୁ ବେହୋସ୍ । ବୋଧେ, ପୂର୍ଣ୍ଣିମା ରାତିର କ୍ଷୀଣ ଆଲୁଅରେ ମଧ୍ୟ ତତ୍କ୍ଷଣାତ୍ ଚିହ୍ନିପାରିଛି ଆତ୍ମୀୟ ଜଣଙ୍କୁ.. । କିଛି ସମୟ ପରେ ଚେତା ଫେରିଛି । ସପନ୍ ଶୂନ୍ୟ ହୋଇ ଜୀବନ୍ ଶୂନ୍ୟ ହୋଇ । ଦେଖିଛି ! ପାର ମାଆ ଦେହରେ ସଇତାନ୍‌ର ନଖ ଚିହ୍ନ । ଜୀବନ୍ ନାହିଁ ମାଆର । ପବନ୍ ଟିକେ ବହୁଛି ଯାହା ନାକ ବାଟେ । ମୁହଁରେ ଅଲିଭା କଳଙ୍କ ଦାଗ । ଗୋଟିଏ ଆଖିରେ ସାତଜନ୍ମର ଅବଶୋଷ ପୁଣି ଆଉ ଗୋଟେ ଆଖିରେ ତାସଲ୍ୟ ହସ । ସମାଜ ପ୍ରତି, ସମାଜର ବାବୁମାନଙ୍କ ପ୍ରତି । ଆଉ ଥରେ ବାବୁ ମୁଡ଼୍ ନେ ଛିଣ୍ଡି ପଡ଼ିଗଲା ଆକାଶ । ପାଦ ତଳୁ ଧସିଗଲା ମାଟି । ବାବୁ ମୁହଁରେ ଲୋକଲଜ୍ଜାର କୁତବ୍‌ମିନାର । ଦୌଡ଼ିଯାଇ ଛାତିରେ ଚାପିଧରିଲା ପାରକୁ । ଲୁଚେଇ ଦେଲା ଛାତିରେ କେହି ଦେଖିନେବା ଆଗରୁ । ଗଦ୍ ଗଦ୍ ବହିଯାଉଥିବା ଗଙ୍ଗା ଯମୁନାକୁ ପୋଛିଦେଲା ତା ପାପୁଲିରେ । କିଛି ମୁହୂର୍ତ୍ତ ଅନ୍ତରାଳେ, ମଲାଜହ୍ନ ଆଡ଼କୁ ହାତ ଉଠାଉ ଉଠାଉ ଉଡ଼ିଗଲା ପାରର ଜୀବନ୍ ବାୟୁ ଖଣ୍ଡିକ । ବାବୁର ବି' ଯାଉଥିଲା । ହେଲେ ଯାଉ ଯାଉ ରହିଗଲା ବୋଧେ ଭୋଗିବା ପାଇଁ ସାତଜନ୍ମର ପାପଭାର । ଛାତିପିଟି ରଡ଼ିଉଠିଲା ମାଟି- 'ପାର..ମାଆ...' । ମାଆ ଡାକ କ୍ଷୀଣ ହୋଇଆସୁଥିଲେ ବି ବଢ଼ି ଆସୁଥାଏ ପ୍ରକୃତିର ସମବେଦନା । ଉଦିତପ୍ରାୟ ସୂର୍ଯ୍ୟ ଲୁଚିଯାଉଥାନ୍ତି ପାହାଡ଼ ଉହାଡ଼ରେ ଆଉ ସୁସକି ସୁସକି କାନ୍ଦୁଥାଏ ପବନ୍ । ସତରେ କେତେ ସମ୍ବେଦନ ଏ ପ୍ରକୃତି ! ସମବେଦନାରେ ଆହୁରି ଅସହ୍ୟ ହେଉଥାଏ ବାବୁ ଛାତିରେ । ସେ ବେହୋସ... ।

ଭିନ୍ନ ଗୋଟେ ଅସମ୍ବେଦନ ପରିବେଶରେ.. ଆଖି ଖୋଲିଥାଏ ବାବୁ ! ଯେଉଁଠି ବିଚାର କରାଯାଏ ଧନୀ ଗରିବର ପାର୍ଥକ୍ୟ । ମୋଟା ମୋଟା ଟଙ୍କାରେ ଲୁଚାଯାଏ ପାଶବିକତାର ହିମାଳୟ । ଚେନ୍ କଡ଼ିରେ ବନ୍ଧାହୁଏ ମଣିଷପଣିଆ । ଫାସି ଖୁଂଟରେ ଝୁଲିଥାଏ ନିରୀହତା । ଆଜାଦ୍ କରିଦିଆଯାଏ ମହାବଳ ବ୍ୟାଘ୍ରମାନଙ୍କୁ । ଯେପରି ସେମାନେ ଝାମ୍ପି ପାରିବେ ନିରୀହମାନଙ୍କ ଆଖିର ନିରୀହତାକୁ.. । ବାବୁ ଚେଷ୍ଟା କରୁଥାଏ ମନେ ପକେଇବା ପାଇଁ ତା ପାଶବିକତା । ଯେଉଁଠି ପାଇଁ ତା' ଚରିତ୍ର ଉପରେ ବନ୍ଧାହୋଇଛି ଗୋଟେ ନର୍କକୁଣ୍ଡ । ଉତ୍ତର ପାଉନଥାଏ ବାବୁ । ଉତ୍ତର ବଦଳରେ ପାଉଥାଏ ବରଂ ବାବୁପଣିଆର ପାବାର୍ । ଲାଠି ମାଡ଼ରେ ଫୁଲି ଫୁଲି ଉଠୁଥାଏ ବାବୁର ଦେହ । ଶୀତଳତାର ସ୍ପର୍ଶ ଦେଉଥାଏ ପୋଲିସ୍ ବାବୁଙ୍କ ଦେହର ଉଷ୍ଣତାକୁ । ପୋଲିସ୍ ବାବୁ ଥକିଗଲେ ହେଲେ ବାବୁ ଥକିଲା ନାହିଁ ତା' ଉତ୍ତର ଖୋଜିବାରେ । ନୁଆଁ ବାବୁ ଆସିଲେ । ନୁଆଁ ବାଡ଼ି ଆସିଲା ହେଲେ ବାବୁ ଉପରେ ଭାର ସମାନ । ବାବୁ ଖୋଜୁଥାଏ ତା' ପାଶବିକତା । ସେ ପାଇଗଲା ଯେତେବେଳେ ଥକିପଡ଼ିଲା ଅନ୍ୟ ଏକ ପାଶବିକତା ।

ପୋଲିସ୍ ବାବୁ କହିଲେ- କ'ଣ କରିଛୁ ? ମନେ ନାହିଁ । କି କଣିଷ ବେ ତୁ.. ? ନିଜ ଝିଅକୁ...ଛି..ଛି.. । ଶଳା ଲାଜ ନାହିଁ, ପୁଣି ପଚାରୁଛି କଣ କରିଛି ! କି କି ମଣିଷ ଅଛନ୍ତି ? ଭଗବାନ ! (ଦୀର୍ଘ ଶ୍ୱାସ ନେଇ..) ଆବେ ଶଳା ଯାହା ତୋ ଘରେ କରୁଥିଲୁ କରୁଥିଲୁ... । ତା' ବିନା ଇଚ୍ଛାରେ ବି' । ମରିବ ନାହିଁ କଣ ବଂଚିବ ?

ବାବୁ ସବୁ ବୁଝିଗଲା । ୟା' ପରେ ଚେଷ୍ଟା ବି କଲାନି ପ୍ରମାଣ ଜାଣିବା ପାଇଁ । ପୋଲିସ୍ ବାବୁ ନିର୍ଧୁମ୍ ମାଡ଼ରେ ମଧ୍ୟ

ସେ ହଜିସାରିଥିଲା ଗୋଟେ ଭାବନା ରାଜ୍ୟରେ । ଜେନ୍ହେ କେବଳ ପ୍ରଶ୍ନ ଆଉ ପଶ୍ଚାତାପର ହିମାଳୟ । ମାଟି, ପାଣି, ପବନକୁ ଭଲପାଉଥିବା ବାବୁ କିପରି ସାଜିଗଲା ପଶୁ ଠାରୁ ହୀନ । ଜରି ଗୋଟାଲି ଝିଅଟାକୁ ପାଳିଲା ବାର ବର୍ଷ । ମେଂଟାଇବା ପାଇଁ ତା' ପାପ ଲାଳନା । ବାହାନା କରି ଡାକୁଥିଲା ଝିଅ ବଦଳରେ ମାଆ ବୋଲି । ଛି' କେତେ ନୃଶଂସ ସେ । ରଜନୀର ନିସ୍ତବ୍ଧତା ମଧ୍ୟରେ କଳାପରଦାକୁ ଚିରିଫାଡ଼ି ଦେଇ ବିରତ ଭାବେ ଥାନା ଭିତରକୁ ମାଡ଼ିଆସୁଥିବା ଝିଙ୍କାରୀ ସହ ବାବୁ କାନରେ ପ୍ରତିଧ୍ୱନିତ ହୋଇଉଠିଲା..

ପାପୀ..

ଛି' ବଳାତ୍କାରୀ...

ମଣିଷଖିଆ...

ପାହାଡ଼, ପରବତ୍ ଖିଆ...

ଗଛପତର୍ ଖିଆ...

ବଳାତ୍କାରୀ...

ମଣିଷଖିଆ...

ପାପୀ...

ଅସହ୍ୟ । ଝାମ୍ପି ଆଣିଲା ପୋଲିସ୍ ବାବୁ ବନ୍ଧକଟାକୁ । ଜାଣିଥିବା ହିସାବେ ଦବେଇଚାଲିଲା ବନ୍ଧୁକଙ୍କୁ.. ଯେ ପର୍ଯ୍ୟନ୍ତ ଢୋ ଢୋ ବନ୍ଧୁକ ଶବ୍ଦରେ ଧୋଇହୋଇନଯାଇଛି ତା' ଶରୀରର କୁତ୍ର କୁତ୍ର ପାଶବିକତା । ଯାହା ଦେଇଥିଲେ ଓକିଲ ବାବୁ ଆଉ ପୋଲିସ୍ ବାବୁ । ପରିଣାମରେ କିଛି ହେଲାନି କାହାର । ହେଲା ବାବୁପଣିଆର ଜୟ ଆଉ ମଣିଷପଣିଆର ପରାଜୟ । ନିରନ୍ଧ୍ର ଅନ୍ଧାରରେ ଲୁଚି ଯାଉଥିବା ଜହ୍ନ ଦେହେ, ଆସ୍ତେ ଆସ୍ତେ ବୋଲି ହୋଇଯାଉଥିଲା ମଳାରକ୍ତର ଛିଟା । ଯେଉଁ ରକ୍ତଛିଟା ଉପହାସ କରୁଥିଲା, ଦୁଇ ଇଂଚର ଓସାର ଛାତି ଆଉ ହୃଦୟଧାରୀ ବାବୁମାନଙ୍କୁ... ।

ଭୂଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

# ଇଞ୍ଜିନିୟର ପ୍ରେମିକା

**ସୁଦର୍ଶନ ସାହୁ**

ପ୍ରୀତିର ଦୁଇ ପୋଟଳ ଚିରା ଆଖିରୁ ଆଜି ଲୁହ ଆଉ ବନ୍ଦ ହେଉ ନାହିଁ । ସୁଶାନ୍ତକୁ ବିବାହ କରିବା ତାର ମାତ୍ର କିଛିଦିନ ପୁରିନାହିଁ, ଆଖିରେ ତାର ଲୁହ । ତାର ଆଖିରେ ଆଖିଏ ଲୁହକୁ ଯିଏବି ଦେଖିବ ତାର ମନର playstore ରୁ ସନ୍ଦେହର app ଟିକୁ download କରିବାକୁ ବାଧ ହେବ । କିନ୍ତୁ ପ୍ରୀତି ଏହା କାହାକୁ କରିବାକୁ ଦେଉ ନାହିଁ, କାରଣ ତାର ଲୁହ ଭିଜା ଆଖିକୁ ମାର୍ବଲ ପ୍ଲେଟ୍ ପକା ଭଡ଼ା ଘରର କୋଠରୀରରେ ବନ୍ଦ କରି ଦେଉଛି । ଦିନେ ସୂର୍ଯ୍ୟ ବଢ଼ିବାର କିଛି କ୍ଷଣ ଯାଇନି ଚୁପ୍ ଚାପ୍ ମୋବାଇଲ ଟିକୁ ଧରି ଏକ କାନ୍ଥକୁ ଆଉଜେଇ ବସି ପଡ଼ିଲା ଏବଂ camera ଫୋଟରେ ବିଭିନ୍ନ ପ୍ରକାରର ଫୋଟ କୁ ଦେଖୁ ଦେଖୁ କଲେଜ ପଢ଼ିବା ବେଳର ସାଙ୍ଗ ଜୟାର ତାର ଆଖିରେ ପଡ଼ିଗଲା, ଠିକ୍ ସେହି ସମୟ ଠାରୁ ତାର ଆଖି ମୋବାଇଲ ର ସ୍କ୍ରିନ୍ ରୁ ଦୂରେଇ ଯାଇ ତୀକ୍ଷ୍ଣ ଭାବରେ ମାର୍ବଲ ଚଟାଣର ଅଙ୍କା ବଙ୍କା ଫୁଲ ଉପରେ ରହି ଭାବି ବସିଲା ତାର ଅତୀତର ସ୍ମୃତି ସବୁ... । ସ୍କୁଲ ପାଠପଢ଼ା ଶେଷ ହେଲା ପରେ ଯେତେବେଳେ କଲେଜରେ ପାଦ ଦେଲା ତାର ପ୍ରଥମ ସାଙ୍ଗ ଜୟା ସହିତ ସାକ୍ଷାତ ହୋଇଥିବା କଥା, ଆଉ ତାର ରୁଢ଼ିଆ ହାଇସ୍କୁଲରୁ ରିଟାଡ଼୍ ହୋଇଥିବା ବୁଢ଼ା ବାପଟି କଥା । ଗାଁରେ କଥା ହୁଅନ୍ତି ବୁଢ଼ାର ସବୁ ଧନ ଏହି ଝିଅର ବାହାଘରରେ ଖର୍ଚ୍ଚ କରିବ, ଏହି କଥା ଶୁଣି ସେ ଲାଜେଇ ଯାଇ ମୁରୁକି ହସି ଦିଏ । କିନ୍ତୁ କଲେଜରେ ପଢ଼ିବା ବେଳେ ଜୀବନର ଜାତୀୟ ରାଜପଥ କେତେବେଳେ ରାଜ୍ୟ ରାଜପଥରେ ବଦଳି ଯାଇଥିଲା ସେ ନିଜେ ବି ଜାଣିପାରିନଥିଲା । ବାପା ଦେଇଥିବା oppo A37 ମୋବାଇଲ ରେ ଦିନେ Facebook ଚଲାଇଲା ବେଳେ ଇଞ୍ଜିନିୟର ସୁଶାନ୍ତ ନାମକ freind request ଆସିଲା, କିନ୍ତୁ ସେ ତାର profile ର ସମସ୍ତ ବିବରଣୀକୁ ଟିକିନିଖି କରି ପରଖି ବନ୍ଧୁତାକୁ ଗ୍ରହଣ କରିଥିଲା । ପରବର୍ତ୍ତୀ କ୍ଷେତ୍ରରେ ସେହି ସୁଶାନ୍ତ ସହିତ ପ୍ରେମ ସମ୍ପର୍କ କେତେବେଳେ ଯେ ଗଢ଼ିଉଠିଥିଲା ସେ ନିଜେ ବି ଜାଣି ନଥିଲା । ହଠାତ୍ ସେହି ଫୁଲଟି ଉପରେ ଏକ ଝିଟିପିଟି ପଡ଼ିବାରୁ ତାର ଆଖିର ପତା ଧପ କିରି ବନ୍ଦ ହୋଇ ପୁଣି ଖୋଲି ଭାବି ବସିବାକୁ ଲାଗିଲା– ତାର ଆଜି ବେଶି ମନେ ପଡୁଛି ବୁଢ଼ା ବାପାକୁ ଏକା କରି ସେହି ଇଞ୍ଜିନୟର ସୁଶାନ୍ତ ସହିତ ଘରୁ ବାହାରି ଆସିଥିଲା, ଆଜି କେମିତି ସେହି ଇଞ୍ଜିନୟର ସୁଶାନ୍ତ ଏକ ଘରୋଇ କଲେଜର ପିଅନ ହୋଇପାରିଲା ।

(ଏଥିପାଇଁ ନାୟିକା ପ୍ରୀତି ମୋ ସ୍ୱପ୍ନରେ ଆସି କଇଁ କଇଁ କାନ୍ଦି କହିଗଲା ଯେ, ସମାଜର ଯୁବପିଢ଼ି ମାନଙ୍କୁ ଚେତାଇ ଦେବାକୁ, ତାହାଭଳି ଅନ୍ଧଭାବରେ କାହାରିକୁ ଭଲ ନପାଇ ଏବଂ ଫେସବୁକ ର ଫେକ୍ ଆଇଡ଼ି ମାନଙ୍କ ଠାରୁ ଦୂରେଇ ରହିବାକୁ ।।)

କ୍ଷୀରୋ, ଷଠିପୁର, ଯାଜପୁର

# ଏକ ପୁରୁଣା ପ୍ରଶ୍ନ

ବିନୟ ମହାପାତ୍ର

ଗଳ୍ପଟି କହିବା ଆଗରୁ ମୁଁ ପ୍ରଥମେ ଆପଣଙ୍କୁ ଚନ୍ଦ୍ର ମୋହନଙ୍କ ସହିତ ପରିଚୟ କରେଇ ଦିଏ, ଚନ୍ଦ୍ର ମୋହନ ନାମକ ଚରିତ୍ରଟି କୌଣସି ଏକ ସରକାରୀ ଅଫିସରେ କିରାଣୀଟିଏ, ଯିଏ ଆଗରୁ ଏତେ ଦୁର୍ବଳ ନଥିଲା । ମନରେ ତାର ବହୁତ ଯୋରଥିଲା, କଥା କଥାରେ ସେ ଭାଗ୍ୟ କିମ୍ବା ଭଗବାନଙ୍କ ପ୍ରସଙ୍ଗ ଉଠାଇ ନଥିଲା । ନିଜର ସୌଭାଗ୍ୟ ପାଇଁ ନିଜକୁ ଯେପରି ଖୁବ୍ ପାରିବାର ଭାବୁଥିଲା, ନିଜର ଦୁର୍ଭାଗ୍ୟ ପାଇଁ ସେମିତି ନିଜର ଅପାରଗତାକୁ ହିଁ ଦୋଷି କରୁଥିଲା । ହେଲେ ହଠାତ୍ ଚନ୍ଦ୍ର ମୋହନ ଏପରି ଦୁର୍ବଳ ହୋଇଗଲ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କଥା କଥାକେ କହେ ଛାଡ଼ ଭାଗ୍ୟରେ ନଥିଲା, "ଭାଗ୍ୟଂ ଫଳତି ସର୍ବତ୍ରଃ, ନଃ ଚ ବିଦ୍ୟାଂ ନଃ ଚ ପୌରୁଷଃ", କିମ୍ବା 'ଏହା ଭଗବାନ ଚାହୁଁ ନଥିଲେ' । ଏବଂ ଗୁଡ଼ାଏ ଦୀର୍ଘ ନିଶ୍ୱାସ ହିଁ ଛାଡ଼େ, ବିଶ୍ୱାସ ହୁଏନା, ଇଏ କଣ ସେଇ ଚନ୍ଦ୍ର ମୋହନ ?

ବାହାଘର ପୂର୍ବର ଚନ୍ଦ୍ରମୋହନ ଆଉ ପରର ଚନ୍ଦ୍ର ମୋହନ ଭିତରେ ଆକାଶ ପାତାଳର ଫରକ୍, ସତେ ଅବା, ଦିଗବିଜୟରେ ବାହାରିଥିବା ଚଣ୍ଡାଶୋକ, ଧଉଳୀର ପାଦଦେଶରେ ପହଂଚି ହଠାତ୍ ନିଶ୍ଵ ନିର୍ବିର୍ଯ୍ୟ ହୋଇ ଧର୍ମାଶୋକ ପାଲଟି ଯାଇଛି । ହଠାତ୍ ଦିନେ ତାର ମଥାରେ ଚନ୍ଦନ ଟିପାଟିଏ ଦେଖି ମୋ ପରି ଅନେକ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ, ତାର ଧର୍ମପତ୍ନୀ ଯେଉଁ ଗୁରୁଙ୍କର ଶିଷ୍ୟା, ସେ ମଧ୍ୟ ସେହି ଗୁରୁଙ୍କର ଦୀକ୍ଷା ନେଇଯାଇଛି । ତା ପର ଠାରୁ, ଚନ୍ଦ୍ର ମୋହନର ଏ କାୟକଳ୍ପ । କଥା କଥାକେ ସେହି ଗୁରୁଙ୍କର ଗୁଣ କୀର୍ତ୍ତନ ଏବଂ ମହିମା ବଖାଣ କରିବାକୁ ଲାଗିଲା, ଗୁରୁଙ୍କର ବେଶ୍ ଗୁଡ଼ିଏ ବାଣୀ କଣ୍ଠସ୍ଥ, ମୁଖସ୍ଥ କରି ବ୍ୟାଖ୍ୟା କରିବାକୁ ଆରମ୍ଭ କରିଦିଏ । ତାର ଏପରି ଗୋଟିଏ ବିଶ୍ୱାସ ଆସଗଲା ଯେ ଏ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡରେ, ପ୍ରତି ମୁହୂର୍ତ୍ତରେ ଯାହାବି ଘଟୁଚି ବା ଘଟିବ, ସବୁ ସେଇ ତାର ଗୁରୁଙ୍କର ଅପାର କରୁଣାରୁ ହିଁ ଘଟିବ । ନହେଲେ କେଉଁ ମୁହୂର୍ତ୍ତରେ କିଛିନା କିଛି ବିଭ୍ରାଟ ଘଟି ଯାଆନ୍ତା ।

ସେଦିନ ଚନ୍ଦ୍ର ମୋହନର ଶ୍ୟାମ ସୁନ୍ଦର ବାବୁଙ୍କ ସହ ଶୁଖିଲାଟାରେ ଝଗଡ଼ା ହୋଇଗଲା । କଥା ଏପରି ଗୁରୁତର ହେଲା, ସତେବା ଆସେମ୍ବଲି କି ପାର୍ଲିଆମେଂଟରେ ଚଉକି ଫିଙ୍ଗା କି ଚପଲ ଫିଙ୍ଗା ହେଉଛି । ଶେଷରେ ହାତାହାତି ପର୍ଯ୍ୟନ୍ତ କଥା ବଢ଼ିଗଲା । କଥା ସେମିତି କିଛି ଗୁରୁତର ନଥିଲା, କଥା ପଡ଼ିଲା କି, ଚନ୍ଦ୍ର ମୋହନର ଗୁରୁ ବଡ଼ ନା ଶ୍ୟାମ ସୁନ୍ଦର ବାବୁଙ୍କ ଗୁରୁ ? ଏଇ କଥାରୁ ହାତାହାତି ମୁଥ ମରା ମରି ପର୍ଯ୍ୟନ୍ତ ବଢ଼ିଗଲା । ଠିକ୍ ସମୟରେ ବଡ଼ବାବୁ ହସ୍ତକ୍ଷେପ କରି ନଥିଲେ ଅଫିସ୍ ରେ ମିନି ମହାଭାରତ ଯୁଦ୍ଧଟିଏ ଘଟି ଯାଇଥାନ୍ତା, ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଆଉ ମାତ୍ର ମୁହୂର୍ତ୍ତେ ବାକିଥିଲା ।

କଥା କଣ ବୁଝୁ ବୁଝୁ ଜଣା ପଡ଼ିଲା କି ଚନ୍ଦ୍ର ମୋହନ ତାର ଗୁରୁଙ୍କୁ ସ୍ୱୟଂ ଈଶ୍ୱର ସାବ୍ୟସ୍ତ କରି ଶ୍ୟାମ ସୁନ୍ଦର ବାବୁଙ୍କ ଗୁରୁ ତାଙ୍କର ଜଣେ ଅବତାର ଅର୍ଥାତ୍ ତା ଗୁରୁଙ୍କ ଠାରୁ ଶ୍ୟାମ ବାବୁଙ୍କ ଗୁରୁ ଛୋଟ, ମାନେ ଜୁନିୟର ବାବା ପ୍ରମାଣିତ କରିବାକୁ ଯାଉଥିଲା, ହେଲେ ଏ କଥାକୁ ଶ୍ୟାମ ସୁନ୍ଦର ବରଦାସ୍ତ କେମିତି କରି ପାରି ଥାଆନ୍ତେ ? ଯେତେ ହେଲେ ତାର ଗୁରୁଙ୍କର ଇଜ୍ଜତ୍ କା ସଓ୍ୱାଲ, ହାଟ ମଝିରେ, ବିଚ୍ ବଜାରରେ ତା ଗୁରୁଙ୍କର ନାକ ନିଶ ତଳେ ପଡ଼ିଯିବନି ? ଥ୍ୟାଙ୍କ ଗଡ୍, ଠିକ୍ ସମୟରେ ବଡ଼ ବାବୁ ହସ୍ତକ୍ଷେପ କରି ଦେଲେ, ନହେଲେ କଣ ଯେ ହୋଇ ହୋଇ ଯାଇଥାନ୍ତା ଆଜି । ଶେଷରେ ବଡ଼ବାବୁ ସୁପ୍ରିମ କୋର୍ଟର ଅଧ୍ୟାଦେଶ ଜାରି କରିଲା ପରି କହିଲେ, ଆମ ଦେଶ ଭାରତବର୍ଷ ଏକ ଧର୍ମ ନୀରପେକ୍ଷ ରାଷ୍ଟ୍ର, ଏଠାରେ ସବୁ ଧର୍ମ, ସବୁ ଗୁରୁ ବରାବର, କେହି ଛୋଟ ବା ବଡ଼ ନୁହେଁ । ତେଣୁ ସବୁ ଧର୍ମ ସବୁ ଗୁରୁଙ୍କ ସମାନ ସମ୍ମାନ ଦେବା ଜଣେ ଭଲ ନାଗରୀକର କର୍ତ୍ତବ୍ୟ । ଏହା ଆମର ସମ୍ବିଧାନ କହୁଛି ।

କିନ୍ତୁ କଥା ଏତିକିରେ ସମାପ୍ତ ହେଲା ନାହିଁ । ଚାରିଟା ବେଳ ଟି-ବ୍ରେକରେ କଥାଟିକୁ ନେଇ ପୁଣି ଚା' କପ୍ ରେ ଏକ ମୃଦୁ ଝଡ଼ ଉଠିଲା, ଏକ ଲଘୁ ବ୍ୟକ୍ତିଙ୍କ ସଭାପତିତ୍ୱରେ । ସେ ହେଲେ ସୁଧାଂଶୁ ଶେଖର, ନୂଆ, ସିଧା କଲେଜରୁ ବାହାରି ଏଲ୍.ଡି କ୍ଲର୍କ ପୋଷ୍ଟରେ ଜଏନ୍ କରିଛନ୍ତି, ପିଛିଲା ଛ' ମାସ ହେଲା । ଚଙ୍ଗ ଚଙ୍ଗିଆ ଗଜା ଭେଣ୍ଡିଆଟିଏ । ବଡ଼ ପାଟିଟାଏ କରି କହିଲା ଏଇ ଆମର ଯେଉଁ ଧର୍ମ, ବାବା ଫାବା, ଦର୍ଶନ, ଶାସ୍ତ୍ର ଏ ସବୁ ଶଳା ଗୋଟେ ଫାର୍ସ । ଶଳା ସବୁ ଯାକ ବାବା, ଗୋଟେ ଗୋଟେ ଭଣ୍ଡ ନହେଲେ ମେଜିସିଆନ୍, ଶଳେ ଏମିତି ନହେଲେ ଶୂନ୍ୟରୁ କଦଳୀ ଖସେଇବା କି ହାତ ମୁଠାରୁ ବିଭୁତି କି ସୁନ୍ଦର ବାହାର କରିବା, ପ୍ରସାଦ ସେବନ କରେଇ ବାଞ୍ଝ ସ୍ତ୍ରୀଙ୍କୁ ଗର୍ଭବତୀ କରେଇ ଦେବା କେତେ ଅଜବ କଥା ସତେ, ଯା ଠାରୁ ଭଲ ମେଜିକ୍ ତ ପି ସି ସରକାର ଜୁନିୟର ଦେଖେଇ ପାରିବ । ଶଳେ ଧର୍ମ ଧର୍ମ

କହି ଗୋଟାଏ ତାମସା ଚଳେଇଛନ୍ତି, ଧର୍ମର ଦୋକାନ ଚଳେଇ କୋଟି କୋଟି ଟଙ୍କାରେ ଖେଳୁଛନ୍ତି । ଗୋଟାଏ ଲୀଳା ଚଳେଇଛନ୍ତି, ଆମ ଲୋକେ କେବଳ ସରଳ କି ଧର୍ମ ଭିରୁ ନୁହଁନ୍ତି, ନିହାତି ବୋକା କହିଲେ ଭୁଲ ହେବନି । ଶଳେ ହିନ୍ଦୁ ମୁସଲମାନ କହି ଭାରତ୍ ପାକିସ୍ଥାନ କରିଦେଲେ, ଏବେ ଗୁରୁ ଗୁରୁ କରି ଲୋକଙ୍କଠୁ ଲୋକଙ୍କୁ ଅଲଗା କରୁଛନ୍ତି ।

ତା ପରେ ପରେ ଆରମ୍ଭ ହେଲା ଅସଲ ହଟ୍ ଟପିକ୍ ଟା, ଭଗବାନ ଅଛନ୍ତି କି ନାହିଁ, ପୁଣି ଗୋଟିଏ ବିବାଦାଷ୍ପଦ ପ୍ରଶ୍ନ, ମଞ୍ଜି ଆଗ ନା ଗଛ, ଅଣ୍ଡା ଆଗ ନା ମୁର୍ଗୀ, ଏକ ଅସମାଧିତ ପ୍ରଶ୍ନ । ଭଗବାନ ଯଦି ନାହାନ୍ତି ତେବେ ଗୁରୁବାଦର ସୃଷ୍ଟି କାହିଁକି ? ମୃତ୍ୟୁ ପରେ ମଣିଷ ଆଉ ଥରେ ଜନ୍ମ ହୁଏକି ନାହିଁ ? ମଲା ପରେ ମୁକ୍ତି ଅଥବା ନର୍କ ଗମନ ? ମଲା ପରେ କଣ ହୁଏ, କିଏ ଦେଖିଛି ? କଣ ହୁଏ ଅବା ନାହିଁ ।

ସଭା ମଝିରେ ଚନ୍ଦ୍ରମୋହନ ତାର କ୍ଷୁଦ୍ର ଭାଷଣରେ ଯାହା କହିଲା, ତାର ସାରମର୍ମ ହେଲା, ଭଗବାନ ଅଛନ୍ତି, ନିରାକାର, ଅଦୃଶ୍ୟ, ସ୍ପର୍ଶରୁ ବହୁ ଦୂର, ଭଗବାନ କେବଳ ଅନୁଭବର ଜିନିଷ, ଏବଂ ଭକ୍ତ ପ୍ରହଲ୍ଲାଦ ଉପାଖ୍ୟାନଟିକୁ ସଂକ୍ଷିପ୍ତରେ ବର୍ଣ୍ଣନା କରି କହିଦେଲା, ଭଗବାନ ସର୍ବତ୍ର ବିଦ୍ୟମାନ ।

ଶ୍ୟାମ ସୁନ୍ଦର କିନ୍ତୁ କଥାଟାକୁ ମଝିରେ କାଟି କହି ଉଠିଲେ ନିରାକାର ନୁହନ୍ତି, ଆମ ଗୁରୁଜୀ ହିଁ ହେଉଛନ୍ତି ସାକ୍ଷାତ ପରମେଶ୍ୱର । ସବୁ ଅସମ୍ଭବକୁ ସମ୍ଭବ କରି ପାରିବାର ଚମତ୍କାରୀ କ୍ଷମତା ଥିବା ଗୁରୁ ହିଁ ଭଗବାନ ।

ସୁଧାଂଶୁ ଶେଖରର ଧର୍ଯ୍ୟାର ବନ୍ଧ ଯେମିତି ଭାଙ୍ଗିବ, ଭାଙ୍ଗିବ ହେଉଥିଲା, ସିଏ ଆଉ ସମ୍ଭାଳି ନପାରି ହଠାତ୍ ଠିଆ ହୋଇ ପଡ଼ିଲା, କହିଲା, ଭଗବାନ ଫଗବାନ କିଛି ନୁହେଁ ହୋ, ଭଗବାନ ଆଉ ଭୁତ ଏକା କଥା, ଯାହାକୁ କେବେ କିଏ ନା ଦେଖିଛି ନା ଛୁଇଁଛି, ଖାଲି ଗୁଲି ଉପରେ ବଢ଼େଇ ଚଢ଼େଇ କହିବା ପାଇଁ ଗୋଟିଏ ବିଷୟ । ଭଗବାନଙ୍କର ଦୁଇରୁ ଆରମ୍ଭ କରି ଶହ ଶହ ମୁଣ୍ଡ, ଆଠ ଦଶଗୁଟା ହାତ କଣ କଣ ସବୁ ଧରିଥିବେ, ପଦ୍ମ ଫୁଲରୁ ଆରମ୍ଭ କରି ଖଣ୍ଡା ତଲୁଆର ଯାଏ । ଏଇ ସବୁ କିମ୍ଭୁତ କିମାକାର ଅଭୁତ କଳ୍ପନା, ପିଲାଙ୍କୁ ଡରେଇବାକୁ ଭୁତ ଆଉ ବଡ଼ଙ୍କୁ ଡରେଇବା ପାଇଁ ଭଗବାନ । ସବୁ କଥାର ସାର ହେଲା ଭଲ କାମ କର, ଅନ୍ୟକୁ ଇର୍ଷା, ହିଂସା, ଛଳ କପଟ କର ନାହିଁ, ନିଜେ ସୁଖରେ ଖୁସିରେ ରୁହ, ଅନ୍ୟକୁ ସୁଖରେ ରହିବାକୁ ଦିଅ । ଅସଲ କଥା ହେଲା ମାନବିକତା ଓ ମାନବ ଧର୍ମ । ମଣିଷକୁ ଭଲ ପାଅ, ଜାତି, ଧର୍ମ, ବର୍ଣ୍ଣ, ପୁରୁଷ କି ସ୍ତ୍ରୀ ଭୁଲି ମଣିଷକୁ ଭଲପାଅ, ସେମାନଙ୍କ ସୁଖରେ ଖୁସି ହୁଅ ଦୁଃଖରେ ସମଭାଗୀ ହୁଅ, ସମ୍ବେଦନଶୀଳ ହୁଅ, ଭଗବାନ କୁହ କି ଗୁରୁ ଏସବୁ ଏକ ଅବଲମ୍ବନ ମାତ୍ର । ଏଇଆ ହେଉଛି ଧର୍ମ, ମୋ ପାଇଁକି ତ ଧର୍ମ ଏଇଆ, ବାକି ତୁମେ ତୁମର ଡିସାଇଡ୍ କର ।

ଚନ୍ଦ୍ର ମୋହନ କୌଣସି ସାଧୁଙ୍କର ପ୍ରବଚନ ଶୁଣିଲା ପରି ଏକଲୟରେ ସୁଧାଂଶୁ ବାବୁଙ୍କ କଥା ପିଇ ଯାଉଥିଲେ , ଜଣେ ଦାର୍ଶନୀକ ପରି ନାକ ଉପରେ ଦୁଇ ଆଙ୍ଗୁଠି ରଖି ଉର୍ଦ୍ଧମୁଖରେ କିଛି ସମୟ ସିଲିଂ ଫ୍ୟାନ୍‌କୁ ଚାହିଁ ରହିଲେ, ସତେ ଯେପରି କିଛି ମନେ ପକଉଛନ୍ତି, କଣ ଭାବି ହଠାତ୍ ଠିଆ ହୋଇଗଲେ । ପୁଣି କହିଲେ, ବୁଝିଲେ ସୁଧାଂଶୁ ବାବୁ, ଆପଣ ପିଲା ଲୋକ, ଧର୍ମ ଆଉ ଦର୍ଶନ ଉପରେ ଆପଣଙ୍କର କଣ ଅନୁଭବ ଅଛି ? କଣ ଜାଣିଛନ୍ତି ଆମର ସଂସ୍କୃତି, ଗୀତା, ଭାଗବତ, ବେଦ, ପୁରାଣ ବିଷୟରେ ? ଭାଗବତ କହେ, 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର' । ଭଗବତ୍ ସମ୍ପର୍କିତ କୌଣସି ଆଲୋଚନାରେ ତର୍କର ସ୍ଥାନ ନାହିଁ । ସତେ ଅବା ଚନ୍ଦ୍ରମୋହନ ସବୁ ଠିକ୍ ଶୁଣି, ସବୁ ଠିକ୍ ବୁଝିଲେ ବି ନିଜର ମତ ପରିବର୍ତ୍ତନ କରିବାକୁ କୁଣ୍ଠିତ ହେଉଥିଲେ, କିମ୍ବା ସେ ଇଚ୍ଛା କରି ମଧ୍ୟ ଗୁରୁଦ୍ରୋହୀ ହେବା ଭୟରେ ସୁଧାଂଶୁ ବାବୁଙ୍କ କଥା ମାନିନେବାକୁ ପ୍ରସ୍ତୁତ ନଥିଲେ, ତେଣୁ ତର୍କର ନାଆରେ ବସି ଏଇ ଆଲୋଚନାରୁ ପଳେଇ ଯିବାକୁ ଚାହୁଁଥିଲେ । ଟି-ବ୍ରେକ୍ ସମୟ ସମାପ୍ତ ହୋଇ ସାରିଥିଲା, ଅନ୍ତତଃ ସମସ୍ତେ ନିଜ ନିଜର ସିଟ୍ କୁ ଫେରିଗଲେ, କିନ୍ତୁ ମୁଁ ତଥାପି ଭାବୁଥିଲି, ସତ ଆଉ ଠିକ୍ କଥା କିଏ କହୁଥିଲ ? ସୁଧାଂଶୁ ନା ଚନ୍ଦ୍ର ମୋହନ ? ମୋତେ ତ ଉତ୍ତର ମିଳୁନି, ଆପଣଙ୍କୁ ଯଦି ମିଳି ଯାଏ ମୋତେ ନିଶ୍ଚୟ କହିବେ, ଧନ୍ୟବାଦ ।

ପଟିଆ, ଭୁବନେଶ୍ୱର, ଓଡ଼ିଶା

# ବୃଦ୍ଧ ଲାଲ ଗୋବିନ୍ଦ

- ସୂର୍ଯ୍ୟକାନ୍ତ ଦାସ

ଲାଲ ଗୋବିନ୍ଦର ମନ ଆଜି କାହିଁକି ବିଷର୍ଣ୍ଣ ହୋଇପଡ଼ିଛି ? କେଜାଣି ? ତାକୁ ମାୟାଧର ପଚାରିବାରୁ ଉଁ କି ଚୁଁ ହେଲା ନାହିଁ । ପ୍ରତିଦିନ ହସ କୌତୁକରେ, ଥଟ୍ଟାମଜାରେ ମାୟାଧର ସହିତ ଗେଲ ରହସ୍ୟ ହୁଏ । ଆଜି କାହିଁକି ସେ ଏକଦମ୍ ନୀରବ ଓ ସ୍ତବ୍ଧ ? ବିଷର୍ଣ୍ଣ ମୁଖମଣ୍ଡଳକୁ ଦେଖି ସେ ହତଚକିତ ହୋଇଗଲା । ଏହାର ରହସ୍ୟ ବାହାର କରିବା ପାଇଁ ସେ ଆନ୍ଦୋଳିତ ହେଲା । ଘନିଷ୍ଠ ବନ୍ଧୁର ମନର କଥା ଜାଣିବାକୁ କିଏ ବା ଆନ୍ଦୋଳିତ ହୋଇଉଠିବନି !

ମାୟାଧର ପାଖ ପଡ଼ିଶା ଘରର ସ୍ତ୍ରୀ ଲୋକଠାରୁ ଜାଣିବାକୁ ପାଇଲା ପୁଅ ଶ୍ୟାମର କଟୁବଚନ ତାର ଛାତି ମଧ୍ୟରେ ଯେମିତି ଛୁରି ମାରିଲା ପରି ଭୁସି ହୋଇଯାଇଛି । ସେ କାହିଁକି ଏମିତି କଥା କହିବ ? ସବୁବେଳେ ତ ବା;ବା, କହି ଖାଇବାକୁ ଡାକୁଥିଲା ।, ଭଲମନ୍ଦ ପଚାରୁଥିଲା । କିନ୍ତୁ ଆଜି ହଠାତ୍ ଏପଟ ସେପଟ ହୋଇଗଲା କିପରି ?

ଲାଲ ଗୋବିନ୍ଦ ନିଜ ରାସନ୍ କାର୍ଡ଼ଟିରେ ନିଜକୁ ଓ ସ୍ତ୍ରୀ ସଂଯୋଜିତ କରିଥିଲା । ତିନି ପୁଅଙ୍କର ଅଲଗା ହାଣ୍ଡି ଅଲଗା ଚୁଲି । ବୁଢ଼ାବୁଢ଼ୀ ମାସକୁ ଚାରି ସପ୍ତାହେ ସାନପୁଅ ଦୁଇଜଣଙ୍କଠାରେ ଭାଗ କରି ଖାଆନ୍ତି । କିନ୍ତୁ ବଡ଼ପୁଅ ସାହିଠାରୁ ଦୂରରେ ଅନ୍ୟ ଏକ ସାହିକୁ କିଛି ବର୍ଷ ହେଲା ଉଠିଯାଇଥିଲା । ବଡ଼ପୁଅ ବୋହୂ ପାଖକୁ ବୁଢ଼ାବୁଢ଼ୀ ଚାଲିକି ଯିବା ଆସିବା କରିକି ଯାଇପାରନ୍ତି ନାହିଁ । ତେଣୁ ସେମାନେ ସାନଦୁଇ ଘରେ ଖାଇ ସମୟ କଟାଇ ଦିଅନ୍ତି । ସେଦିନର କଥା ଲାଲଗୋବିନ୍ଦ ରାସନ୍‌କାର୍ଡ଼ରେ ତାର ପ୍ରାପ୍ୟ କିରୋସିନି ଆଣି ବଡ଼ବୋହୂକୁ ଦେଇ କି ଆସିଥିଲା । ସାନପୁଅ ବୋହୂ ଏହା ଜାଣିବା କ୍ଷଣି ଚିତ୍କାର କରି କହି ଉଠିଲେ "କାହିଁକି ତୁମେ ଦେଇ ଆସିଲ, ସେ କ'ଣ ତୁମକୁ ଖାଇବାକୁ ନିତି ଦଉଛି କି ? ଗୁଣ୍ଡା ମାରିଲା ବେଳକୁ ଆମ ପାଖରେ ଆଉ କିରୋସିନି ଆଣିଲା ବେଳକୁ ତା ପଖରେ । କ'ଣ ପାଇଁ ମ' ।"

ଏକଥାକୁ ସମାଧାନ ସ୍ୱରରେ ବୁଢ଼ା କହିଲା "ତୁମକୁ ମୁଁ ତ ସବୁବେଳେ ଦେଇ ଆସୁଛି । ଆଜି ସିଏ ନେଇଗଲା । ଏହାକୁ ନେଇ ପାଟି କରିବାର ଉଦ୍ଦେଶ୍ୟ କେଉଁଠାରେ ରହିଲା ।" କିନ୍ତୁ ଏକଜିଦିଆ ପୁଅ ଶ୍ୟାମ କ'ଣ ବୁଝିଲା । ବୁଢ଼ା ବାପାଟା ସହିତ କଦର୍ଯ୍ୟ ଗାଳିଗୁଲଜ କରି ଗାଁ ଦାଣ୍ଡ ଉଠାଇଲା, ପକାଇଲା । ବୁଢ଼ା କିଛି ନକହି ନୀରବ ହୋଇ ବସି ରହିଲା । କହିବ ମ' ଆଉ କ'ଣ ? ଭୁଲ ତ କରିଦେଇଛ । କି' ଭୁଲ ! ବଡ଼ପୁଅ ପାଖକୁ ଖାଇବାକୁ ଯାଇପାରିଲିନି ବୋଲି କ'ଣ ଭୁଲ ହୋଇଗଲା । ସେ ତ ସବୁବେଳେ ମାଗି ନଥିଲା । ଥରେ ନେଇଗଲା, ନେଉ । ଏକଥାଟା ବୁଝିବାକୁ ସାନ ପୁଅ ନାରାଜ ।

ସମୟ ସକାଳ ୧୨ଟା ବେଳେ ଏହି ଘଟଣାଟି ଘଟିଛି । ଆସି ଅପରାହ୍ଣ ୪ଟା ବାଜିଲାଣି । ବୁଢ଼ାବୁଢ଼ୀ ଉପାସ ରହିଛନ୍ତି । ସାନବୋହୂ ମଧ ଖାଇବାକୁ ଡାକିଲା ନାହିଁ । ମଝିଆ ବୋହୂଟି ଯାହା ଡାକିଥାନ୍ତା । ଶ୍ୟାମର ଅସଭ୍ୟ ଗାଳିଗୁଲଜ ପାଇଁ ସେ ଡାକିପାରିଲା ପାହିଁ । କାରଣ ସେ ଗେରସ୍ତହୀନା । ପାଖରେ କଲେଜ ପଢୁଥିବା ପୁଅ ଓ ଝିଅ । ଗୋଟିଏ ଖଞ୍ଜାରେ ବୁଢ଼ାର ସାନପୁଅ ଓ ମଝିଆ ବୋହୂ ରୁହନ୍ତି । ତାର ଦୁଇବଖରାକୁ ଇଆର ଦୁଇବଖରା । ଶ୍ୟମର କିଛି ପରିବା ଲୁଣରେ ମଝିଆ ବୋହୂ କିଛି ଦିନ ଚଳିଯାଉଛି । ବୁଢ଼ାକୁ ସେ ଡାକି ପାରିଲା ନାହିଁ । ହସ କୁତୁକୁତିଆ ମୁହଁଟି ମଳିନ ପଡ଼ିଗଲାଣି । ବୁଢ଼ୀ ମଧ ବାଡ଼ି ଢଙ୍ଗ ଢଙ୍ଗ କରି ଏ  ପିଣ୍ଡାକୁ ସେ ପିଣ୍ଡା ଯାଏ । କିନ୍ତୁ ଆଜି ନିଜର ଗୋଟିଏ ପିଣ୍ଡା କୋଣରେ ବସିରହିଛି । ସାଇପଡ଼ିଶା କିଏ ବା ଡାକିବ ? ପୁତ୍ର ଶ୍ୟାମ ମଧ୍ୟ କହିକି ଯାଇଛି, ଯିଏ ଡାକିବ ସେ ମୋ ଠୁଁ ଭଲ କି ଶୁଣିବ । ଜେଜ ଜେପାଙ୍କ ବିଷର୍ଣ୍ଣ ବଦନକୁ ଦେଖି ଶ୍ୟାମର ଛୋଟ ପୁଅଟିର ମୁହଁରେ ହସ ଯେମିତି ହଜିଯାଇଛି ।

ସଂଧ୍ୟା ସମୟରେ ବଡ଼ପୁଅ ଖବର ପାଇ ବୁଢ଼ା ବାପା ମା' ପାଖକୁ ଆସିଲା । ଗାଁର ମାନ୍ୟଗଣ ଭଦ୍ରବ୍ୟକ୍ତି ଡାକି ନିଶାବ ବସାଇଲା । କିନ୍ତୁ ଏକଦିନିଆ ଶ୍ୟାମ ବୁଝିବ କାହୁଁ । ସେ ସଭାରେ କହି ଉଠିଲା "ମୁଁ ବିଗତ ଦୁଇବର୍ଷ ହେଲା ଖାଇବାକୁ ଦେଇ ଆସୁଛି, ଏଇ ଦୁଇ ବର୍ଷରେ ଦୁଇ ଓଳି ଖାଇବାକୁ ଦେଇନି ଆସିଲା ଭଦ୍ରଲୋକ ଦେଖେଇ ।" ଶର୍ଯ୍ୟାଶାୟିନୀ ମନ୍ତ୍ରଣାରେ ବଡ଼ପୁଅ ବି ମନ୍ତ୍ରିତ । ସେ ବା କ'ଣ କହିବ ? ସଭା ମଧ୍ୟରେ ଭାଇମାନଙ୍କ ମଧ୍ୟରେ ଏଭଳି କଥାକଟାକଟିକୁ ନେଇ ଗ୍ରାମ୍ୟର ଭଦ୍ରଲୋକ ବିବେଚନା କଲେ, ଏକଳି ଦୁଇ ଭାଇ ଚାହିଁଲେ ଛିଡ଼ିବ । ଯଦି ଦୁଇଜଣ ମଧ୍ୟରେ ଏପରି ଭର୍ତ୍ସନା ଚାଲିବ, ତାହା ହେଲେ ହୋ ଛିଣ୍ଡିବ ନାହିଁ ।

ସେଠାରେ ତାଙ୍କର ଗାଳିଗୁଲଜ ମାଡ଼ପିଟି ଉପରକୁ ଚାଲିଗଲା । ଏହା ଦେଖି ଉପସ୍ଥିତ ଭଦ୍ରବ୍ୟକ୍ତି ଗଣ ତତ୍‌କ୍ଷଣାତ୍ ଉଠି ଚାଲିଗଲେ । ଉଭୟ ପୁତ୍ର ମଧ୍ୟରେ କଜିଆ ଦେଖି ବୁଢ଼ାର

ଦୁଃଖର ଅବସ୍ଥା ବଢ଼ିଚାଲିଲା । ସାନ ବୋହୂ ଖଣ୍ଡକ ଆସି ଗାଁ ଦାଣ୍ଡରେ ଦେଢ଼ଶୂର ସହିତ କଳିଆରେ ମାତିଲା । ଘରର ବୋହୂ ଘରେ ରହିବା କଥା । ଦାଣ୍ଡରେ ଏମିତି ଗାଳିଗୁଲଜ କରିବା କ'ଣ ଠିକ୍ କଥା ? ସେ ପୁଣି ନିଜର ଦେଢ଼ଶୂର ସହିତ । ଏ କଥାଟା ବୁଢ଼ାର ଛାତିରେ ଛୁରୀ ମାରିଲା ଭଳି ଲାଗିଲା । ଦାଣ୍ଡରେ ଉଭୟପୁତ୍ରର ଗଡ଼ାଗଡ଼ି ପ୍ରାୟ ଅଧଘଂଟା ପର୍ଯ୍ୟନ୍ତ ଲାଗିଲା । ସାମାନ୍ୟ କିଛି କିରୋସିନି ପାଇଁ ଏଇ ଦୁଇଭାଇଙ୍କ ମଧ୍ୟରେ କଳିଟା ଦେଖି ଗାଁ ଲୋକ ମଧ୍ୟ ଫୁସୁର ଫାସର ହେବାରେ ଲାଗିଲେ । କାହିଁ ଜାଣିବେ ଏ ଦୁଇ ମୂର୍ଖେ । କିରୋସିନି ତକ ତ ବୁଢ଼ା ଅନ୍ୟ କାହାକୁ ଦେଇ ନାହିଁ, ଦେଇଛି ଶ୍ୟାମର ବଡ଼ ଭାଇ କି । ଭାଇ ଭାଇର ସମ୍ପର୍କ କ'ଣ ଏଇଆ ।

ଦିନର ଘଟଣା, ରାତିର କଳିତକରାଳ ଦେଖି ବୁଢ଼ା ନିଜ ମୁଖରୁ ବାଣୀ ବାହାର କରି କହିଲା "ମୋତେ କେହି ଖାଇବାକୁ ଦେବ ନାହିଁ । ମୋ କଥା ମୁଁ ବୁଝିବି । ଆରେ ତମମାନଙ୍କୁ ଏଇ ବାପା ତା ହାତରେ ବଡ଼ କରିଛି । ଖାଦ୍ୟ, ବସ୍ତ୍ରଠାରୁ ଆରମ୍ଭ କରି ତୁମର ସବୁକଥା ସମ୍ଭାଳିଛି । ଆଜି ସାମାନ୍ୟ କିରୋସିନି ପାଇଁ ଉଭୟଙ୍କ ମଧ୍ୟରେ କଳି କରି, ଏ ବାପର ଇଜ୍ଜତଟା ଦାଣ୍ଡରେ ପକାଇଦେଲ । ବାପାର କଥାଶୁଣି ବଡ଼ପୁଅ ଟିକିଏ ଶାନ୍ତ ହୋଇଗଲା । ରାଗ ତମ ତମ ହୋଇ ସେ ତାର ଘରକୁ ପଳାଇଲା ।

ଆରମ୍ଭ ହୋଇଗଲା ସାନବୋହୂର ଗାଳିଗୁଲଜ । ବଡ଼ପାଟିରେ ଚିତ୍କାର କରି କହିଲା "ଏ ବୁଢ଼ାଟା ପାଇଁ ମୋ ଗେରସ୍ତ ମାଡ଼ ଖାଇ, ଏଇ ମଜାରେ ଦେଖିବ । ଏମିତି ବିଭିନ୍ନ ପ୍ରକାରର କଥା । ବିଭିନ୍ନ ଗାଳି ଗୁଲଜ କରି ବୁଢ଼ା ଉପରକୁ ମାରିବାକୁ ଧାଇଁ ଆସିଲା । ପୁଅ ଶ୍ୟାମ ଠିଆ ହୋଇଛି । କହୁ ନାହିଁ ତୁ ତାର ବୋହୂ ହେବୁ, ସେ ତୋର ବାପା ହେବ, ତାକୁ କ'ଣ ତୁ ହାତ ଉଠାଇବାକୁ ଚାଲିଯାଉଛୁ । ଓଲଟା ଶ୍ୟାମ କହିଲା "ଶଳାଟାକୁ ମାରେ, ଏଇଟା ପାଇଁ ତା ପୁଅ ମୋତେ ମାରିବ ।" ଏହା କହି ବୁଢ଼ାର ଛାତିକୁ ଗୋଟେ ଧକ୍କା ମାରିଲା, ବୁଢ଼ା ମୁହଁ ମାଡ଼ି ତଳେ ପଡ଼ିଗଲା ।

ପୁଅ ବୋହୂ ସେଠାରୁ ଚାଲିଯାଇ ଘରର ମୁଖ୍ୟ ଦ୍ୱାରକୁ ବନ୍ଦ କରିଦେଲେ । ରାସ୍ତାକୁ ଲାଗି ରହିଥିବା ଆଜ୍‌ବେଷ୍ଟ ଘରକୁ ବୁଢ଼ା ଚାଲିଗଲା । ସେହିଠାରେ ସେ ସବୁଦିନ ଶୁଏ, ଆଜି ମଧ୍ୟ ଶୋଇବା ପାଇଁ ଗଲା । ତା ମନ ମଧ୍ୟରେ ଏହି ଘଟଣା ଗୁଡ଼ିକ ଆନ୍ଦୋଳିତ ହୋଇ ବିରାଗ ଭାବନା ଜାଗ୍ରତ ହେଉଥାଏ । ବୁଢ଼ାକୁ ନିଦ ଲାଗୁନଥାଏ । ତଥାପି ଏକଡ଼ ସେକଡ଼ ହୋଇ କଡ଼ ଲେଉଟାଉଥାଏ । ସକାଳ ହେବାରୁ ସେହି ଘରୁ ଶ୍ୟାମର ଛୋଟପୁଅଟି ତାର ଛୋଟିଆ ସାଇକେଲଟି ଆଣିବା ପାଇଁ ଗଲା । ଜେପାକୁ ଦେଖି ସେଠାରୁ ଚାଲି ଆସିଲା । ଆସି ତା ବୋଉକୁ କହିଲା "ବୋଉ ଜେପା ଯେଉଁଠି ଶୋଇଥିଲା ସେଠାରେ ସେ ଓହୋଳିଛି, ଆସୁନୁ ଦେଖିବୁ ।"

କଳା ଭୂଷଣ ଛାତ୍ର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର

# ଅଗ୍ନିପଥ

**- ଗୀତାଞ୍ଜଳି ନାୟକ**

ଅନ୍ଧାର ମାଡ଼ି ଆସିଲାଣି । ରାତି ବଢ଼ି ବଢ଼ି ଯାଉଛି । ଅନ୍ଧାର କ୍ରମେ ଗାଢ଼ ହୋଇ ଗଲାଣି । ଗଛରୁ ପକ୍ଷୀମାନଙ୍କର 'ଡ଼'ଡ଼ ହେଉଥିବା ଶବ୍ଦ ଶୁଭୁଛି । ଅଦୂରରୁ ବିଲୁଆମାନଙ୍କର ହୁକେ-ହୋ ଶବ୍ଦ, ରାତି ଏକ ପ୍ରକାର ହେଲା ବୋଲି ସଙ୍କେତ ଦେଉଥାଏ । ପଶୁ, ପକ୍ଷୀଙ୍କର ବିକଟାଳ ଶବ୍ଦରେ ମୋର ଛାତିଟା ଭୟରେ ଥରିବାକୁ ଲାଗୁଥାଏ । ମୋର ଚାଲିବା ଶକ୍ତି କ୍ରମେ ଅବଶ ହୋଇ ଆସୁଥାଏ । ମୋର ଛାତି ଧକ୍‌ଧକ୍ ପଡୁଥାଏ । ଏଣେ ଭୋକରେ ପେଟ କଅଁ କଅଁ କଲାଣି । ଆଗକୁ ଆହୁରି ବାଟ ଚାଲିବାକୁ ଅଛି । କଇଁଲିଆ ଜହ୍ନ ରାତି, ହେଲେ ମେଘ କି ବର୍ଷା ସେମିତି ତ କିଛି ଦେଖାଯାଉନି । ହେଲେ ଆକାଶଟା ପୁରା ଧୂଆଁ ଅନ୍ଧାରରେ ଚନ୍ଦ୍ରମା ମଳିନ ପଡ଼ି ଯାଇଛନ୍ତି । ଘଡ଼ଘଡ଼ି ଶବ୍ଦ ପରି ମନେ ହେଉଛି । ହେଲେ ଏ ତ ଘଡ଼ଘଡ଼ି ନୁହେଁ । ମନକୁ ସ୍ଥିର କରି ଶୁଣିଲି । ଏହା ଗୁଳିଗୋଳା ଆଉ ବୋମାର ଆବାଜ୍ । ତେଣୁ ସେହି ଧୂଆଁ ନିଶ୍ଚେ ଚନ୍ଦ୍ରମାଙ୍କୁ ଘୋଡ଼ାଇ ଦେଇଛି । କାମ କରିବାକୁ ଘରଠାରୁ ଦୂରକୁ ଆସିଛି । ଘରେ ମୋର ଛୋଟ ଝିଅ ସୌଁଆ ଅପେକ୍ଷା କରିଥିବ । ସ୍ତ୍ରୀର ପିଲାପିଲିହେବାର ଅଛି । ପ୍ରାୟ ସମୟ ହୋଇ ଆସିଲାଣି । ତେଣୁ ଆଗକୁ ପଛକୁ ନ ଚାହିଁ, ଅଣନିଃଶ୍ୱାସୀ ହୋଇ ଧାଇଁଲି । ବୋଧେ ପୁଣି ଭାରତ-ପାକିସ୍ଥାନ ଯୁଦ୍ଧ ଆରମ୍ଭ ହୋଇଗଲା । ମନକୁ ପାପ ଛୁଇଁଲା । ଏମିତି ଏକ ଯୁଦ୍ଧ ଘୋଷଣା ହୋଇଥିଲା । ସେତେବେଳେ ମୁଁ ଛୋଟ ଥାଏ । ମୋର ଅମି ମୋତେ କାନ୍ଧରେ ପକାଇ ଧାଇଁଲେ । ମୋର ଦାଦା(ଜେଜେ ବାପା) ସେତେବେଳେ ଜରାଗ୍ରସ୍ତ ଥାଆନ୍ତି । ତାଙ୍କୁ ଛାଡ଼ିକି ଆବା ମୋର ଯିବା ଠିକ୍ ମନେ କଲେନି । ସେତେବେଳକୁ ଆମେ ସମସ୍ତେ ଦୁଇ ଦିନ ହେବ ଖାଇ ନଥାଉ । ଦାଦାଙ୍କର ସେହି କୋରଡ଼ ଆଖିରୁ ଲୁହ ବୋହି ଯାଉଥାଏ । ପେଟ କାହିଁ ପିଠିରେ ଲାଗି ଯାଉଥାଏ । ଜରାଗ୍ରସ୍ତ ଶରୀର, ଖାଇବା ପାଇଁ ଘରେ କିଛି ନଥାଏ । ଔଷଧ ପାଇବୁ କେଉଁଠୁ ? କଥା କହିବାକୁ ଶକ୍ତି ଆସିବ ବା କେଉଁଠି ? ତଥାପି ବହୁତ ଚେଷ୍ଟା କରି ଅସ୍ପଷ୍ଟ ଭାବେ ମୋ ଜେଜେବାପା କହିଲେ, ବୋହୂ ଏବଂ ନାତିକୁ ଯା' ବଞ୍ଚା । ମୁଁ ତ ଆଜି ନହେଲେ କାଲି ମରିବି । 'ରକ ରହିଲା କେଉଁଠି ? ତୁ ମୋତେ ଛାଡ଼ି ଚାଲିଯା' । ମୋର ଆବା କିଛି ଉପାୟ ନ ପାଇ ମୋ ଦାଦାଙ୍କୁ ଟେକି ଟେକି ଯଥାସମ୍ଭ ଆଗକୁ ପାଦ ପରେ ପାଦ ବଢ଼େଇ ଚାଲିଥା'ନ୍ତି । ହେଲେ ସବୁ ଠିକ୍ ଥିବା ଭଳି ଲାଗିଲା । ଆମ ଠାରୁ ସେମାନେ କିଛି ବାଟ ପଛେଇ ଗଲେ । ମୋର ସମ୍ପୂର୍ଣ୍ଣ ମନେ ନଥିଲେ ବି ଠିକ୍ ସେହି ଆବାଜ୍ ଏବେବି ଭାବିଲେ ମୋ ଛାତି ଥରିଯାଏ । କେଉଁ ଗୋଟେ କୋଣରୁ ପ୍ରବଳ ବେଗରେ ଅଗ୍ନି ବର୍ଷା ହେବାରେ ଲାଗିଥାଏ । ପ୍ରକମ୍ପିତ ହୋଇ ଯାଉଥାଏ ଗଗନ, ପବନ । ସତେ ଯେପରି ବସୁଧା ଦୋହଲି ଯାଉଥାଏ । ସେହି ଅଗ୍ନି ବର୍ଷାରେ ସେ ଦୁହେଁ କୁଆଡ଼େ ହଜିଗଲେ । ତାଙ୍କର ଚିହ୍ନ ବର୍ଣ୍ଣ ରହିଲାନି । ଅମି ମୋର ସେମିତି କୋଳରେ ଜାକିଥାଏ ମୋତେ । ଭାଗ୍ୟକୁ ନିନ୍ଦା କରି ଆମେ ବଢ଼ିଲୁ । ସେହି ଭୋକ, ଉପାସ, ଯନ୍ତ୍ରଣା, ରୋଗକୁ ଦେହସୁହା କରି ଦିନ କାଟିଦେଲୁ । ଅମି ମୋର ଯାହା ମାଗି ଆଣେ । ମୋତେ ଖାଇବାକୁ ଦେଇଦିଏ । ଆମକୁ ଏଠି ଚୋର, ଖଣ୍ଟ ଭାବି ଘରେ କେହି କାମ ଦେବାପାଇଁ ନାରାଜ । କେତେବେଳେ ମାଗିଲେ କିଛି ମିଳେ ଆଉ କେତେବେଳେ ବାହାରେ ପଡ଼ିଥିବା ଖାଦ୍ୟ କୁକୁର ଅଧା ଖାଉଥିବ ଆମେ ସେଥିରୁ କିଛି ଆଣି ଖାଉ । ଅମି ମୋର ମୋତେ ଏମିତି ଖାଇବାକୁ ଦେଇ ୧୫ ବର୍ଷ କରିଦେଲା । ଆମେ ପାଠ କ'ଣ ଜାଣିନୁ । ସିଏ ପୁଣି କେମିତିକା ଜିନିଷ ? ତାକୁ ପଢ଼ିଲେ କ'ଣ ହୁଏ ? ତାହା

ମୋର ଜ୍ଞାନ ବାହାରେ । ଅମିର ଭୋକରେ ରହି ରହି ପାଟିରୁ ରକ୍ତ ପଡ଼ିଲା । ଡାକ୍ତର ଆମ ପାଇଁ ସାତ ସପନ । ସେଇଥିରେ ସେ ଆରପାରିକୁ ଚାଲିଗଲା । ମୁଁ ହୋଇଗଲି ବେସାହାରା । ଏଇ କଥାଗୁଡ଼ାକ ମୋ ମନରେ ଜୀବନ୍ତ ହୋଇ ଉଠିଲେ । ଆଉ ଧାଇଁ ଧାଇଁ ଆସି ଦେଖିଲି ।

ଘରେ ଆସି ବହୁତ କଷ୍ଟରେ ସିନା ପହଞ୍ଚିଗଲି । ହେଲେ ଘର ଖାଲି । କେହି ଘରେ ନାହାନ୍ତି । ଭୋକ ମୋର କୁଆଡ଼େ ମରିଗଲା । ଆଉ ପଥଶ୍ରମ ମୋର ଜଡ଼ ଦେହଟାକୁ ଛୁଇଁ ପାରିଲାନି । ରନୀ କୁଆଡ଼େ ଥିଲା ଧାଇଁଆସି ମୋ ଗୋଡ଼ ପାଖରେ ନସର ପସର ହେଲା । ସେ ବି ଭୟ ଏବଂ ଭୋକରେ ବିକଳ ହୋଇ ମୋତେ କିଛି କହିବାକୁ ଯାଉଥାଏ । ହେଲେ ତା ବିକଳ ଦେଖି ମୋ ଝିଅପାଇଁ ଆଣିଥିବା ବିସ୍କୁଟ ପ୍ୟାକେଟ୍‌ଟା ଖୋଲି ଖାଇବାକୁ ଦେଲି । ହେଲେ ସେ ଭୋକରେ ଥାଇ ବି ଖାଇବାକୁ ନାରାଜ୍ । ସେ ମୋତେ ଅନ୍ୟ କିଛି ଇସାରା ଦେଉଥାଏ । ଟାଣିଟାଣି ବାହାରକୁ ଆଣି ଏଠୁ ଯାଅଭାରି ବୋଲି ଯେମିତି ତା'ର କଥା କହି ପାରୁନଥିବା ପାଟି ବହୁତ କିଛି କହି ଯାଉଥାଏ । ହେଲେ ମୁଁ ବି ତାକୁ ଛାଡ଼ି ଯିବାକୁ ଇଚ୍ଛା ନଥାଏ । କାହିଁକି ନା ତାକୁ ଛାଡ଼ିଗଲେ ଆଉ ଫେରିଲେ ରନୀକୁ ପାଇବିନି । ତା'ର ଆଖି ଫିଟି ନଥିଲା । ବହୁତ କଷ୍ଟରେ ତାକୁ ପାଳି ଏତେ ବଡ଼ କରିଛି । ଭାବିଲି ତାକୁ ନେଇକି ଯିବି । ଦୁହେଁ ଭିତିରିଆ ରାସ୍ତାରେ ସେହି ରାତିରେ ଦୌଡ଼ିବା ଆରମ୍ଭ କଲୁ । ସାଙ୍ଗରେ ରନୀ ଥାଏ ବୋଲି ଟିକେ ଭୟ କମ୍ ଲାଗୁଥାଏ । ଗୁଳି, ବୋମା ଆବାଜରେ କାନ ଫାଟି ଯାଉଥାଏ ।

ଶେଷରେ ଟିକିଏ ଗୁଳି, ବୋମା ଆବାଜ୍ କମ୍ ଶୁଭିଲା । ଆମେ ବୋଧେ ରାତିସାରା ଦୌଡ଼ିଦୌଡ଼ି ସେହି ଯୁଦ୍ଧ ଜାଗା ଅତିକ୍ରମ କରିଗଲୁ । ଦୂରରେ ଗାଡ଼ି ଯାଉଥିବା ଦେଖାଗଲା । ସାହସ ବାନ୍ଧି ପୁଣି ପ୍ରାଣ ବିକଳରେ ଧାଇଁଲୁ । ଶେଷରେ ଆମେ ସେହି ଗାଡ଼ି ପାଖରେ ପହଞ୍ଚିଲୁ । ହେଲେ ଗାଡ଼ି ପାଖରେ ପହଞ୍ଚି ଦେଖିଲୁ, ମୋ ଝିଅ ସୌ'ଆ ତା' ଅମିକୁ ଧରି ରଡ଼ି ଛାଡ଼ି କାନ୍ଦୁଥାଏ । ଆଉ ମୋ ସ୍ତ୍ରୀ ରେଶମା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥାଏ । ଗାଡ଼ି ଅବଶ୍ୟ ଧିରେଧିରେ ଚାଲୁଥାଏ । ଆମେ ସେହି ଗାଡ଼ିକୁ ଉଠିଲୁ । ସେହି ଆଲ୍ଲାଙ୍କୁ ଡାକିବା ଛଡ଼ା ମୋ ପାଖରେ କିଛି ଉପାୟ ନଥାଏ । ଆଲ୍ଲା ଆମକୁ କାହିଁକି ଏଠି ଜନ୍ମ ଦେଇଛନ୍ତି । ସ୍ତ୍ରୀର ଛଟପଟ ଦେଖି ଗାଡ଼ିର ସମସ୍ତଙ୍କ ଆଖିରେ ଲୁହ । କୁକୁର ରନୀର ଆଖି ବି ଲୁହରେ ଭିଜି ଯାଉଥାଏ । ହେଲେ ଆଲ୍ଲାଙ୍କର ଏ କି କ୍ରୁର ନିଷ୍ପତ୍ତି । ଆମର ଦୋଷ ବା କ'ଣ ? ଆମେ ବିନା ଦୋଷରେ ଏତେ ଦଣ୍ଡ କାହିଁକି ପାଉଛୁ । ଝିଅଟି ବିକଳରେ କହୁଥାଏ, ଆବା, ମୋ ଅମିକୁ ବଞ୍ଚେଇ ଦିଅ । ହେଲେ ମୁଁ ନିରୁପାୟ । ଉପାୟଶୂନ୍ୟ ମଣିଷଟା କ'ଣ ବା କରିପାରିବ । ସେମିତି ସେହି କଷ୍ଟକୁ ଆମେ ତିନିଜଣ ଯାକ ଦେଖିଦେଖି ପଥର ପାଲଟି ଗଲୁ । ଶେଷରେ ଆମକୁ ଗୋଟେ ଜାଗାରେ ଆଣି ଛାଡ଼ିଲେ । ରେଶମାକୁ ଟେକିଟେକି ନେଲି ପାଖରେ ଗୋଟେ ମନ୍ଦିର ଭିତରକୁ । ସେତେବେଳକୁ କଷ୍ଟ ସହି ସହି ମୂର୍ଚ୍ଛା ହୋଇ ଯାଇଥାଏ । ମୁଁ ଭାବିଲି ରେଶମା ବୋଧେ ମୋ ଝିଅ ସୌ'ଆକୁ ଆଉ ମୋତେ ଛାଡ଼ି ସବୁଦିନ ପାଇଁ ଖୁଦାଙ୍କ ପାଖକୁ ଚାଲିଗଲା । ନିରାଶ ମନରେ ମୋ ଆଖିରୁ ଲୁହ ହଠାତ୍ ବନ୍ଦ ହୋଇଗଲା । ଆଉ ହୃଦୟଟାକୁ ଯେମିତି କିଏ ଖିନ୍ ଭିନ୍ କରି ଦେଉଥାଏ । ତଥାପି ଝିଅଟି ପାଇଁ ସବୁ ଦୁଃଖକୁ ମନ ଭିତରେ ଚାପି ଦେଇଥାଏ । ଝିଅଟି ମୋର ମା' ର କଷ୍ଟରେ ନିଜ ଭୋକ କି ଶୋଷ ମୋ ଆଗରେ ପ୍ରକାଶ କରୁ ନଥାଏ । ଏତେ କଷ୍ଟ ସହି ନପାରି ମନେମନେ ଆଲ୍ଲାଙ୍କୁ ବହୁତ ଗାଳି ଦେଉଥାଏ । ସେତିକିବେଳେ ଜଣେ ବୁଢ଼ୀ ଲୋକ ଆସିଲେ । ରେଶମାକୁ ଦେଖିଲେ ଓ ସବୁ ଠିକ୍ ଅଛି ବୋଲି କହିଲେ । ଆମେ ତିନି ଜଣ ଟିକିଏ ଆଶ୍ୱସ୍ତ ହେଲୁ । ସବୁ କଷ୍ଟ ପରେ ଆଲ୍ଲା ଆମ ଉପରେ ଦୁଆ କରିଛନ୍ତି ବୋଲି ଆଲ୍ଲାଙ୍କୁ ମନେମନେ ଆମର କୃତଜ୍ଞତା ଜଣେଇଲୁ । ବୁଢ଼ୀଲୋକଟି ମଣିଷପଣିଆ ଦେଖେଇ ସିଏ ଜାଣିଥିବା

ଉପାୟରେ ରେଶମାର ପ୍ରସବ କରାଇଲେ । ମା' ଓ ଛୁଆ ପ୍ରାୟ ଭଲ ଥିଲେ । କପଡ଼ା ସେମିତି କିଛି ନଥାଏ । ପତ୍ର ଗୋଟିଏରେ ପିଲାଟିକୁ ବୁଢ଼ୀ ଶୁଆଇ ଦେଲା । ମୋ ଚାଦରଟି ରେଶମାକୁ ପିନ୍ଧାଇଦେଲି । ଝିଅ ମୋର ମୋ ଠୁଁ ଦେଖି ତା' ଜ୍ୟାକ୍‌ଟିକୁ ଖୋଲି ତା' ଭାଇକୁ ଘୋଡ଼ାଇଦେଲା । ମା' ପୁଅ ଦୁହେଁ ଟିକେ ଆଶ୍ୱସ୍ତି ହେଲେ । ପୂର୍ବ ଆକାଶରେ ସୂର୍ଯ୍ୟଙ୍କର ନାରଙ୍ଗୀ ଛିଟା ଟିକେ ଝାପ୍‌ସା ଦେଖା ଯାଉଥାଏ । ବୋଧେ ସକାଳ ହେବା ସମୟର ସୂଚନା ଦେଉଥାଏ । ପକ୍ଷୀମାନେ ନୀଡ଼ ଭିତରେ ଥାଇ ସକାଳକୁ ସ୍ୱାଗତ କରୁଛନ୍ତି । ତାଙ୍କ କିଚିରିମିଚିରି ଶବ୍ଦରେ ପାଖ ଗାଁରୁ କୁକୁଡ଼ା ମାନଙ୍କର ମଧୁର ସ୍ୱର ଭାସି ଆସୁଥାଏ । ସେମାନେ ବୋଧେ ମନୁଷ୍ୟଙ୍କୁ ଡାକି ଡାକି ଉଠଉଛନ୍ତି । ଉଠ ସକାଳ ହେଲା ବୋଲି ସମସ୍ତେ ଜାଗ୍ରତ ହେବାପାଇଁ ବ୍ୟାକୁଳ । ହେଲେ ମୋ ମନରେ ଶଙ୍କା ଉଙ୍କି ମାରୁଥାଏ । ସକାଳ ହେବା କ୍ଷଣି ମନ୍ଦିର ପୂଜକ ଆସିଯିବେ ପୂଜା କରିବାକୁ । ଆମକୁ ଦେଖିଲେ ବାହାର କରିଦେବେ । କ'ଣ କରିବି । ଏ ଥଣ୍ଡା ପବନରେ ଆଶ୍ରୟ ପାଇଁ କୋଉଠିକି ଯିବି । ଉପାୟ ନ ପାଇ ମନ୍ଦିର ପଛପଟକୁ ମା' ଛୁଆଙ୍କୁ ଟେକିଟେକି ନେଲି । ସେମିତି ଆମେ ତିନି ମଣିଷ ଆଉ ଆମ କୁକୁରଟି ଭୋକ ଉପାସରେ ପଡ଼ିଥାଉ । ସକାଳ ହେବାରୁ ଜଣେ କିଏ ଆସିଲେ । ବୋଧେ ପୂଜାରୀ ଆସିଗଲେ । ଘଣ୍ଟି ବଜାଇ ପୂଜା ଅର୍ଚ୍ଚନା କଲେ । ମୁଁ ଖାଲି ଆଲ୍ଲାଙ୍କୁ ଡାକୁଥାଏ । ଆଶ୍ରା ଯଦି ଦେଇଛ, ତୁମେ ଆମ ଉପରେ ଦୟା ଯଦି କରିଛ, ତାହାହେଲେ ନିର୍ଦ୍ଦୟ ହୁଅନି । ବ୍ରାହ୍ମଣ ଜଣକ ପୂଜା ଆଳତୀ ବିଧି ଅନୁସାରେ କରି ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ଆଳତୀ ଧରି ଆସିଲେ । ମୁଁ କ'ଣ କରିବି ମୋର ମୁଣ୍ଡ କିଛି କାମ କରୁ ନଥାଏ । କେମିତି କେଉଁଠିକି ନେବି ? ରନୀ ଯାଇ ପୂଜାରୀଙ୍କ ଗୋଡ଼ ପାଖରେ ପଡ଼ିଗଲା । ଯେମିତି କହୁଥାଏ, ଆମମାନଙ୍କ ଉପରେ ଦୟା କରିବାକୁ । ତା' ଅକୁହା ପାଟିର ଭାଷା ଏବଂ ତା' ମାଲିକ ପ୍ରତି ଭଲପାଇବା ଦେଖି ପୂଜାରୀ ଜଣକ ସବୁ ବୁଝିଗଲେ । କୁକୁରଟି ତାଙ୍କ ହୃଦୟକୁ ତରଳାଇଦେଲା । ସେ ସାଙ୍ଗେସାଙ୍ଗେ ଭୋଗ ଥାଳିଟି ମନ୍ଦିରରୁ ଆଣି ମୋ ଝିଅ ସୋଁିଆ ହାତକୁ ବଢ଼େଇ ଦେଇ ତା' ମୁଣ୍ଡରେ ହାତ ମାରିଦେଲେ । ରେଶମାକୁ ସେଇ ଭୋଗରୁ କିଛି ଖୁଆଇଦେଇ ରନୀ, ମୁଁ ଆଉ ସୋଁିଆ ଭୋଗ କିଛି କିଛି ଖାଇଦେଲୁ । ଲୋକମାନେ କାଳେ ଦେଖିଦେବେ ଆମେ ନିଜକୁ ଲୁଚେଇ ରଖିଥାଉ । ଆମେ ଏମିତି ଅବସ୍ଥାରେ ସେହି ପୂଜକଙ୍କୁ ଭରସା କରି ଗୋଟିଏ ଥର ଭୋଗ ଖାଇରହିଥାଉ । ସବୁ ପିଲା ସ୍କୁଲ ଯାଉଥାନ୍ତି, ପଢୁଥା'ନ୍ତି ଆଉ ଖେଳକୁଦ କରିବା ମୋ ଝିଅ ଲୁଚି ଲୁଚି ଦେଖୁଥାଏ । ଥରେ ଆସି ମୋତେ କୁଣ୍ଢେଇ କଇଁକଇଁ ହୋଇ ବହୁତ କାନ୍ଦିଲା ।

ମୁଁ ପଚାରିବାରୁ କହିଲା, ଆବା ଆମେ କ'ଣ ମଣିଷ ନୁହେଁ ? ଆମେ କାହିଁକି ଏମିତି ବଞ୍ଚିଛୁ ? ଆମର କ'ଣ ଭବିଷ୍ୟତ ବୋଲି କିଛି ନାହିଁ ? ଆମେ କ'ଣ ଜୀବନରେ ପାଠ ପଢ଼ି ଶିକ୍ଷିତ ହୋଇ ବଞ୍ଚିବାର ଏ ସୃଷ୍ଟିରେ ଆମର କ'ଣ ଅଧିକାର ନାହିଁ ? ଖୁଦାଙ୍କର ଆମେ କ'ଣ ଏତେ ଅଲୋଡ଼ା ମୂଲ୍ୟହୀନ ଜୀବ ? ଖୁଦା ଏ ଦୁନିଆକୁ ଆମକୁ କାହିଁକି ତାହାହେଲେ ଆଣିଛନ୍ତି ? ତା' କଅଁଳ ଓଠରୁ ପ୍ରଶ୍ନ ପରେ ପ୍ରଶ୍ନ ଝରି ପଡୁଥାଏ । ମୁଁ ତାକୁ କହିଲି, ଦେଖ୍ ତୁ ବ୍ୟସ୍ତ ହୁଅନା । ଆମଠାରୁ ଆହୁରି ଦୁଃଖ, କଷ୍ଟ, ଯନ୍ତ୍ରଣାରେ ଅନ୍ୟମାନେ ବଞ୍ଚିଛନ୍ତି । କାହିଁକି ଆମେ ଅଗ୍ନିପଥର ପଥିକ ପାଲଟି ଯାଇଛେ । ମୋ ଝିଅ କହିଲା, ଆମେ କ'ଣ କ୍ୟାଣ୍ଡେଲଟିଏ ପରି ଅଗ୍ନି ଯନ୍ତ୍ରଣାରେ ଛଟପଟ ହୋଇ ଜଳି ଜଳି ଶେଷରେ ଶେଷ ହୋଇଯିବୁ ? ଏହା କ'ଣ ଆମର ଭାଗ୍ୟ ନା ଅଭିଶାପ ? ମନୁଷ୍ୟ ଅହଙ୍କାରର ହାରଜିତ୍ ଖେଳରେ ଆମେ ବଳି ପଡ଼ିଯାଇଛୁ ଆବା । ଆମର ଅପରାଧ କ'ଣ ? ଏହାର କ'ଣ କିଛି ଉପାୟ ନାହିଁ ? ଆମେ କ'ଣ ଏମିତି ମୃତ୍ୟୁକୁ ପାଖରୁ ଦେଖି ଦେଖି ବଞ୍ଚିବା ?

ମୁଁ ତାକୁ କହିଲି, ଦେଖ୍, ଭାରତ ପାକିସ୍ଥାନ ଗୋଟିଏ ମା'ର ଦୁଇଟି ସନ୍ତାନ । ଭାଇ ଆଜି ଭାଇର ଶତ୍ରୁ

। ଦୁଇ ଭାଇଙ୍କ କଳିରେ ଆମେ ବଳି ପଡ଼ିଯାଇଛୁ । କେତେ ସୈନିକଙ୍କ ମୁଣ୍ଡ ଗଡ଼ି ଯାଉଛି । ଆଉ କେତେ ମାଆ ସନ୍ତାନହରା ହୋଇ ବ୍ୟାକୁଳ ଆକୁଳରେ ଛାତି 'ଟା ଲୁହ ଢାଳି ଦେଉଛନ୍ତି । କେତେ ବିଧବା ଧଳା ଲୁଗା ପିନ୍ଧି କେବଳ ଆଖିରୁ ଲୁହ ବଦଳରେ ଲହୁ ଗଡ଼େଇ ଚାଲିଛନ୍ତି । ପିଲାଛୁଆଙ୍କ କଥା ନ କହିବାଟା ଭଲ ।

ଆଜି ସମସ୍ତେ ଭାଇ ଭାଇର ସମ୍ପର୍କ ଭୁଲି ଯାଇଛୁ । ହିନ୍ଦୁ, ମୁସଲିମ୍, ଶିଖ୍, ଖ୍ରିଷ୍ଟିଆନ୍ ସବୁଯାକ ଭାଇ । ଆମେ ତ ଗୋଟିଏ ମାଆର । ଆଜି ଇର୍ଷା, ଦ୍ୱେଷ, ଘୃଣା ଓ ବିଦ୍ୱେଷ ଆମମାନଙ୍କ ରକ୍ତକୁ ବିଷାକ୍ତ କରିଦେଇଛି । ସମସ୍ତେ ଆଜି ଯୁଦ୍ଧ କୌଶଳ ଶିଖି ଅଶାନ୍ତିକୁ କିଣିବାକୁ ଯେପରି ବ୍ୟାକୁଳ । ମାତୃଭୂମିର ମାନ ରଖିବା ନାଆଁରେ ତା' ସନ୍ତାନ ଲହୁରେ ତା' ପଣତ ଭିଜେଇବା ଯେମିତି ଆମର କର୍ତ୍ତବ୍ୟ ହୋଇଯାଇଛି । ସମସ୍ତେ ଆଜି ଭାଇ ଭାଇ ମହାଭାରତ ଯୁଦ୍ଧ ପାଇଁ ଆଗଭର । ଯୁଦ୍ଧ କରିବା ଯେମିତି ଆମର ଧର୍ମ ।

ଥରେ ମହାତ୍ମା ଗାନ୍ଧୀଙ୍କର ଅହିଂସାର ଅସ୍ତ୍ର ମୋ ପୃଥିବୀବାସୀଙ୍କୁ ଯଦି ବାଣ୍ଟି ଦିଆଯାଆନ୍ତା, ଆଉ ଗୋଟିଏ ଧର୍ମ ଯାହା ବିଶ୍ୱକୁ ମାନବ ଧର୍ମରେ ଦୀକ୍ଷିତ କରିହୁଅନ୍ତା ଏବଂ ବିଶ୍ୱବାସୀଙ୍କ ହୃଦୟକୁ ମାନବିକ ମନ୍ତ୍ରରେ ଅଭିମନ୍ତ୍ରିତ କରି ହୁଅନ୍ତା, ତେବେ ବିଶ୍ୱବାସୀ ଶାନ୍ତିର ରାଜମହଲରେ ସୁଖରେ କାଳାତିପାତ କରନ୍ତେ ।

"ହଂସଟି କାହାର" ଗପଟି ସମସ୍ତେ ପ୍ରାୟ ଶୁଣିଥିବେ । ଦେବଦତ୍ତ ହଂସଟିକୁ ଶର ମାରି କ୍ଷତବିକ୍ଷତ କରି ଭୂମିଷ୍ଠ କରିଦେଲେ । ଆଉ ସିଦ୍ଧାର୍ଥ ତାଙ୍କ କୋମଳ ହାତର ସ୍ପର୍ଶରେ ହେଲାପରେ ଦେବଦତ୍ତ କହିଲେ ହଂସଟି ମୋର । ଯୁକ୍ତିରେ ସିଦ୍ଧାର୍ଥ ଉଡ଼େଇଦେଇ କହିଲେ, ହଂସଟି ଏହି ମୁକ୍ତ ଆକାଶର ତେଣୁ ମୁକ୍ତ କରିଦେଲେ । ସେହି ସିଦ୍ଧାର୍ଥଙ୍କର କୋମଳ ହାତର ସ୍ପର୍ଶ ଯଦି ମନୁଷ୍ୟ ହୃଦୟକୁ ଛୁଇଁପାରନ୍ତା, ଆଉ ଏ ହୃଦୟ ବିଦାରକ କରୁଣ ଦୃଶ୍ୟ ଯଦି କାହା ପ୍ରାଣକୁ ଲୁହରେ ଭିଜେଇ ପାରନ୍ତା, ଆମମାନଙ୍କ ପାଖରେ ମାନବିକତା ବୋଲି ଯେଉଁ ଶବ୍ଦକୁ ସମସ୍ତେ ହୃଦୟଙ୍ଗମ କରିପାରନ୍ତେ, ତେବେ ଆମ ଭଳି ଯାଯାବରମାନଙ୍କର ଦୁଃଖ ଚାଲିଯାଆନ୍ତା । ଏତେ ଜାଗା ଅଛି । ସେତିକି ଟିକେ ଜାଗା ପାଇଁ କାହିଁ କାରଗିଲ୍ ଯୁଦ୍ଧ କାହିଁ କେତେ ଯୁଦ୍ଧ ଲାଗି ରହିଛି ।

ଧରିତ୍ରୀ ମା' ଆଜି ଗୁଳି,ଗୋଳା ଆବାଜ ଆଉ ତା' ସନ୍ତାନ ରକ୍ତରେ ତା'ର ମାଟିକୁ ଭିଜେଇ ଦେବାକୁ ଚାହେଁନି । ମାଟି ମା'କୁ ମଧୁର ସ୍ପର୍ଶରେ ମୁକ୍ତ କର । ଆଉ ମୋ ମାଟି ମା' ମୁକ୍ତ ହୋଇ ହଂସଟିଏ ସାଜି ନୀଳ ଆକାଶ ବୁକୁରେ ଉଡ଼ିଯାଉ । ଅଗ୍ନିପଥ ଶୀତଳ ଛାୟାପଥ ହୋଇଯାଉ । ଆଉ ସେହି ପଥରେ ଭଗବାନଙ୍କର ଆଶୀର୍ବାଦର ପୁଷ୍ପ ବରଷିଯାଉ । ଏହାହିଁ ହେଉ ଆମର ଆଶା ଓ ଲକ୍ଷ୍ୟ ।

ଆମମାନଙ୍କୁ ଯାଯାବର ହୋଇ ବଞ୍ଚିବାକୁ ଦିଅନ୍ତି । ଆମ ପିଲାମାନଙ୍କୁ ପଢ଼ିବାକୁ, ଖେଳିବାକୁ ଦିଅ । ପଶୁପକ୍ଷୀମାନଙ୍କୁ ନିରାପଦ ଆଶ୍ରୟ ଯୋଗାଇ ଦିଅ । ଛୋଟ ଛୁଆମାନଙ୍କ ଭବିଷ୍ୟତକୁ ଏମିତି ଦଳି ଚକଟି ଛାରଖାର ହେବାକୁ ଦିଅନି । ଆମମାନଙ୍କ ଠାରୁ ଆମ ବାସସ୍ଥାନ ଛଡ଼େଇ ଦେଇ ଆମକୁ ବାସହୀନ କରିଦିଅନି । ଭୋକ, ଉପାସ କେତେ ସହିବୁ ? ମଣିଷ ପରି ଆମମାନଙ୍କୁ ବଞ୍ଚିବାକୁ ଦିଅ । କେହି ତ ବୁଝି ଆମକୁ ଦୟା କର ।

*ନୂଆପଡ଼ା, ବାଲିସାହି, କଟକ*

# ଆମ ପରିବେଶ

ଗୀତା ଦାସ

କାନ୍ତ କମନୀୟା ଶାନ୍ତ ଶୋଭାମୟୀ
ମାଆ ମୋ ଧରଣୀରାଣୀ,
ଆଧୁନିକତାର ଧ୍ୱଂସମୟୀ ଲୀଳା
ତାକୁ ବ୍ୟସ୍ତ କରିଲାଣି ।
ଦୁଃଖିନୀ ସେ ହୋଇଲାଣି
ସନ୍ତାନେ ତା' ଶ୍ରେଷ୍ଠ ମଣିଷ ସମାଜ
ତା ଶତୃ ପାଲଟିଲାଣି ।୧।
ବ୍ରହ୍ମାଣ୍ଡ ମଧ୍ୟରେ ସୁନ୍ଦରୀ ତରୁଣୀ
ସୁନ୍ଦର ତା' ଗିରିବନ,
ସୁନ୍ଦର ସାଗର ସୁଶ୍ରୀ ସରୋବର
ନଦୀନାଳ ଶୋଭାବନ
ସୁନ୍ଦର ତା' ଫୁଲଫଳ
ସବୁଠୁ ସୁନ୍ଦର ଶସ୍ୟକ୍ଷେତ୍ର ତାର
ଜୀବଜନ୍ତୁ କୀଟକୂଳ ।୨।
ପ୍ରକୃତି ସୁନ୍ଦରୀ ମାଆ ମନଜାଣି
ସାଇତି ରଖିଛି ଯାକୁ,
ଲୋଭ ମୋହ ଗ୍ରସ୍ତ ମାନବ ସମାଜ
ଉଜାଡ଼ି ଦେଉଛି ତାକୁ
ପୃଥ୍ୱୀ ଜୟ କରିବାକୁ,
ଅନୀତି ଅଧର୍ମେ ହିଂସା ଦ୍ୱେଷଭାବେ
ସ୍ୱର୍ଗେ ଶିଡ଼ି ବନ୍ଧିବାକୁ ।୩।
ଯହିଁ ଦେଖେ ନେତ୍ର ପରିବେଶ ତାର
ହେଉଅଛି ଭୀତତ୍ରସ୍ତ
ସବୁରି ମୂଳରେ 'ଜଳ', 'ବାୟୁ', 'ଶବ୍ଦ'
ହୁଅଇଟି ପ୍ରଦୂଷିତ
ପ୍ରଦୂଷଣର କାରଣ
ଜନସଂଖ୍ୟା ବୃଦ୍ଧି, ଜଙ୍ଗଲର କ୍ଷୟ,
ପୁଣି ଦୃତ ଶିଳ୍ପାୟନ ।୪।
ବିଶେଷତଃ ବିଶ୍ୱ ବୃକ୍ଷହୀନ କରେ
ମାନବ ବଢ଼େଇ ପଣେ
ଜାଣେନା ଯାଫଳେ ପରିବେଶ ଆଜି
ହତଶୀରି ହୋଇପଡ଼େ,
ହୁଏନା ସଠିକେ ବର୍ଷା
ଅମ୍ଳଜାନ ହ୍ରାସ କରେ ଜୀବେନାଶ
ବାୟୁ ଧୂଳି ଅଣୁମିଶା ।୫।
ଶିଳ୍ପ ବର୍ଜ୍ୟବସ୍ତୁ, ପରିତ୍ୟକ୍ତ ଜଳ
ମିଶିକରି ବାୟୁ ଜଳେ,
ସୁସ୍ଥ ପରିବେଶ ଅସୁସ୍ଥ କରଇ
ଜୀବେ ଉଭିଦେ ସକଳେ
ନାନାରୋଗ ଜନମାଏ
ଭୋଗେ ଜୀବକୂଳ ଅସହ୍ୟ ବେଦନା
ତ୍ରାହି ତ୍ରାହି ଡାକଦିଏ ।୬।
ଓଜୋନସ୍ତର ଅସନ୍ତୁଳନ ଘଟି
ହୋଇଥାଏ ଅଣୁଂଘାତ
ଭୂମିକମ୍ପ, ଲଘୁଚାପ, ଅତିବନ୍ୟା
ସୁନାମୀ, ମରୁଡ଼ିଶିକ୍ତ
ନାହିଁ ରୋଗ ପ୍ରତିରୋଧ
ଜଗତେ ଜୀବନ ଯାତ୍ରା ଶୃଙ୍ଖଳିତ ନୁହେଁ
ନୁହେଁ ପୁଣି ନିରାପଦ ।୭।
ଜ୍ଞାନ ଗନ୍ତାଘର ସଂସାରରେ ନର
ଯଦି ହୃଦୟେ ବଝିବ
ଦେଖେଇ ହେବାର ବାହାନାକୁ ଛାଡ଼ି
ବୃକ୍ଷରୋପଣ କରିବ,
ପରିବେଶ ବୃକ୍ଷଭରା
ହେଲେ ଜଳବାୟୁ ହେବ ନିୟନ୍ତ୍ରିତ
ନିୟନ୍ତ୍ରିତ ହେବ ଧରା ।୮।
ତେବେ ହସିବ ଜଗତ ସାରା
ସତେ ହସିବ ମା' ବସୁନ୍ଧରା.....

ଶିକ୍ଷୟିତ୍ରୀ, ସମ୍ପାଦିକା- 'ଶୁଭଶ୍ରୀ ସାରଦା'
ବଳରାମପୁର, କୁଜଙ୍ଗ, ଜଗତ୍‌ସିଂପୁର

# ମୋ ଗାଁ

**ସବ୍ୟସାଚୀ ବିଷୋୟୀ**

ବିପଦେ ଆପଦେ
ଭଲ କଥା ପଦେ
କହି ଦେଉଥିଲେ ରାହା ।

ଆମ ଗାଁ ସ୍କୁଲ
ପାଠ ହୁଏ ଭଲ
ପଢ଼ନ୍ତି ଅନେକ ପିଲା,
ଚାଷ କାରବାର
ବାଣିଜ୍ୟ ବେପାର
ଏସବୁ ଜୀବିକା ଥିଲା ।

ବରଷା ସମ୍ବାଦ
ଦିଅଇ ବୋଉଦ
ଗାଁ ଦାଣ୍ଡ ପଙ୍କୁଲିଆ,
ଜଳାର୍ଣ୍ଣବ କ୍ଷେତ
ଦେଖି ମୋର ନେତ୍ର
ହୋଇଯାଏ ଆହ୍ଲାଦିଆ ।

ଶିତୁଆ ସକାଳ
ଲାଗେ ଭାରୀ ଭଲ
ବସୁଥିଲେ ଅଁତୋରା ଜାଳି
ପଢ଼ା ବରିଙ୍ଗରେ
ଏଇ ପ୍ରଭାତରେ
ମାଇପି କରନ୍ତି କଳି ।

ବସନ୍ତ ଆସିଲେ
କୋକିଳ ରାବିଲେ
ହସୁଥିଲା ଗାଁ ମୋର ,
ଏ ଗାଁ ଦାଣ୍ଡ ଧୂଳି
ହୋଉଥିଲି ବୋଳି
କୁନି ପାପୁଲିରେ ମୋର

କଂଟାମାଳ
ନବରଂଗପୁର

# ଏକ ପ୍ରେମାଙ୍କ

**ସୈରଜିତ୍ ମହାପାତ୍ର**

ତୁ ନ ଫେରିବାର ସର୍ତ୍ତରେ
ନିର୍ବାସିତ ହୋଇଗଲୁ
ଅଚାନକ
ଆଖିର ପଲକ
ପଡ଼ିବା ଭିତରେ-
ତୁ
ନିର୍ଦ୍ଦେଶ ବି ଦେଇଗଲୁ
ନିସ୍ତେଜ ହେବାପାଇଁ
ନିଃଶବ୍ଦ ଓ ନିଃର୍ଦ୍ୱନ୍ଦ ରେ
ଅନ୍ଧାର ଆସିବା ଭିତରେ
ଦେଖି,
ଏବେ ସତେ ଅବା
ତୁ ଯିବା ପରେ
ଏକା ମୁହିଁ । ଯାତ୍ରାରେ
ସ୍ମୃତି ସବୁ
ସଂଜୀବନୀ ହେଲେ
ସବୁସ୍ୱପ୍ନ ସ୍ରୋତ....
ସମ୍ପର୍କଟା ସ୍ରୋତ.....
ସ୍ୱର୍ଗଟାଏ
ରଚି ଦେଲି
ଏକା ଏକା ଅନ୍ଧାରରେ

କଟକ

# ଅଶିଣ ଜହ୍ନ

**ଅନ୍ନପୂର୍ଣ୍ଣା ସାହୁ**

କମି ଯାଇଥାଏ ଗ୍ରୀଷ୍ମର ପ୍ରକୋପ
ନଥାଏ ବର୍ଷାର ଦାଉ ।
ଜମି ଆସୁଥାଏ ଟିକେ ଟିକେ ଶୀତ
ଦେଖାଇ ତାହାର ଭାଉ ।।
ନିର୍ମଳ ନଦୀ ପୁଷ୍କରିଣୀ ଜଳେ
ପଡ଼ିଥାଏ ଜହ୍ନ ଛାଇ ।
ସକାଳେ ପଡ଼ଇ ଘାସରେ କାକର
ମୁକୁତାର ଶୋଭା ନେଇ ।।

ନଦୀ ପଠାରେ କାଶତଣ୍ଡୀ ଫୁଲ
ମାଳମାଳ ଦେଖାଯାଏ ।
ପବନ ଦୋଳାରେ ରୂପେଲି ଝଟକ
ଜନମନ ମୋହିନିଏ ।।
ଅଶିଣ ଆକାଶେ ଧଳା ମେଘମାଳା
ଖଣ୍ଡ ଖଣ୍ଡ ହୋଇ ଭାସେ ।
କଳା ବଉଦରେ ଲୁଚ କାଳି ଖେଳି
ମୁରୁକେଇ ଜହ୍ନ ହସେ ।।
ଭାରିମଜା ଲାଗେ ଦେଖିବାକୁ ଏହି
ଅନ୍ଧାର ଆଲୁଅ ଖେଳ ।
ପଲକ ପଡ଼େନି ଚାହିଁ ଚାହିଁ ଖାଲି
ଆଖିରୁ ଝରଇ ଜଳ ।।
ଅବୁଝା ଶିଶୁକୁ ଜହ୍ନ ଦେଖାଇ
ମା ତୁନି କରିଦିଏ ।
ଜହ୍ନମାମୁଁ ଗୀତ ଶୁଣି ଶୁଣି ଛୁଆ
ମା କୋଳେ ଶୋଇଯାଏ ।।
ଉଜ୍ଜ୍ୱଳ କୁଆଁର ପୁନେଇ ଜହ୍ନେ
ରାତିଦିନ ପରି ଦିଶେ ।
କୁଆଁରି ଝିଅଙ୍କ ମନ ଛନଛନ
ଚାନ୍ଦ ପୂଜିବାର ଆଶେ ।।
ଚଉରା ମୂଳରେ ପୂଜା ଥାଳି ଥୋଇ
କରନ୍ତି ଚାନ୍ଦଙ୍କ ପୂଜା ।
ନାଚି ଗାଇ ପୁଚି ଖେଳେ ମାତିଯା'ନ୍ତି
କରନ୍ତି ଆନନ୍ଦେ ମଜା ।।
ପାଦରେ ଅଳତା ମୁଣ୍ଡେ ନାଲିଫିତା
କପାଳେ ଚନ୍ଦନ ଚିତା ।
ସିନ୍ଦୁର କଜ୍ଜ୍ୱଳ ଦିଶେ ଶୋଭାବନ
ନବ ବସ୍ତ୍ର ପରିହିତା ।।
ମନାସୀ ଥା'ନ୍ତି ପାଇବାକୁ ଭଲ
ଜୀବନର ସାଥୀଟିଏ ।
ଯା'ର ରୂପ, ଗୁଣ, ବିଦ୍ୟା, ବିଭବ
ଊଣା ନୁହେଁ କଣିଚାଏ ।।
ସାଥୀ, ସଙ୍ଗାତ, ବଉଳ, ମିତ
ବସିଥାନ୍ତି ଚାନ୍ଦ ଖୋଇ ।
ଅଶିଣ ଜହ୍ନକୁ ସାକ୍ଷୀ ରଖିଥାନ୍ତି
ଜୀବନର ସୁଖ ପାଇଁ ।।

**ବିଦ୍ୟାଧର ପୁର, କଟକ-୪**

# ଭାରତ ଆମର ମାତା

**ନିଶିକାନ୍ତ ପାଢ଼ୀ**

ପୃଥିବୀ ଉପରେ ଲେଖିଗଲେ ଯିଏ
ସୁବର୍ଣ୍ଣ ଅକ୍ଷରେ, କୀର୍ତ୍ତୀର ସ୍ୱାକ୍ଷରେ
ଗୋଟିଏ ତ୍ୟାଗ, ସ୍ୱାଭିମାନ ଭରା
ଜୀବନର ଇତିହାସ ।
ହାଡ଼ ମାଂସ ର ମଣିଷଟିଏ ସେ
ସତ୍ୟ ଅହିଂସାର ଆଦର୍ଶଟିଏ ସେ
କିଏ କହେ ଗାନ୍ଧୀ କିଏ କହେ ବାପୁ
ମହାତ୍ମା କହଇ ସକଳ ବିଶ୍ୱ
ମନେ ରଖି ଅଛି ଆଜି
ଏଇ ମାଟି, ଏଇ ଜାଳ, ଏ ସମାଜ ଏ ଦେଶ
ସେ ଚିର ପୂଜ୍ୟ, ଚିରସ୍ମରଣୀୟ, ଚିର ବରଣୀୟ
ସେ ଚିର ନମସ୍ୟ, ସେ ଚିର ନମସ୍ୟ
ଆଣ୍ଠୁ ଲୁଚୁ ନଥିବା ଧୋତିପିନ୍ଧା ମଣିଷଟିଏ ସେ
ଖଦଡ଼ର ଚାଦର ତଳେ ଖୋଲାଥିଲା ଯାର ଛାତି
ସହିଗଲା କେତେ କଷ୍ଟ ଓ ଯନ୍ତ୍ରଣା, କେତେ କେତେ ଦୁର୍ଗତି
ସେହି ଛାତି ସହିଗଲା ସିନା ଗୁଡ୍ରୁମ ଗୁଡ୍ରୁମ ଗୁଳିମାଡ଼ର ତାତି ।
ଟଳି ପଡ଼ିଲେ ସେ ମାଟି ମା ଛାତି ପରେ
କୋକେଇ ନେଲା ସେ ମା ମାତୃଭୂମି ସ୍ନେହ ଆଦରରେ ଅତି ।
ଅହିଂସା ମନ୍ତ୍ରେ ଆଣିଲେ ସ୍ୱାଧୀନ ସତ୍ୟ ସଂହିତା ପୂଜି
ବ୍ରିଟିଶ୍ ଛାଡ଼ିଲା ଭାରତବର୍ଷ, ଫିରିଙ୍ଗି ଶାସନ ଏ ମାଟିରୁ ଗଲା ହଜି
ସେହି ମଣିଷଟି ସାର ଦେଶଟା ବୁଲି ଶାନ୍ତି ସମତାକୁ ଗଲେ ଖୋଜି
କେହି ନପରିଲେ ତାଙ୍କୁ ବୁଝି, କେବେ ପାରିବନି ତାଙ୍କ ଋଣ ଶୁଝି ।
ଦେ ମୋର ପ୍ରିୟ ସର୍ବ ଭାରତୀୟ, ଅଶରିରୀ ହୋଇ ଦିଅନ୍ତି ଅଭୟ
ମୋହନ ଦାସ ଗାନ୍ଧୀ
ଭୁଲି ଜାତି ଧର୍ମ ବର୍ଣ୍ଣ ପରିଚୟ ।
ସ୍ନେହ ମମତାର ହୃଦ କରି ଜୟ
ହେବାରେ ଆମେ ବାନ୍ଧି
ବିଶ୍ୱ ଗାଇବ ଗାଥା
ଭାରତବର୍ଷ ସନ୍ତାନ ଆମେ
ଭାରତ ଆମର ମାତା ।

**ଓଙ୍କାର ସିଟି-ଲକ୍ଷ୍ମୀସାଗର**
**ଭୁବନେଶ୍ୱର**

# ତୋତେ ଚାହିଁଦେଲେ ଦୁଃଖ ଭୁଲିଯାଏ

**ସାନ୍ତ୍ୱନା କୁମାରୀ ମହାନ୍ତି**

ତୋତେ ଚାହିଁ ଦେଲେ ଦୁଃଖ ଭୁଲିଯାଇ
ପୋଛିଦିଏ ଆଖି ଲୁହ
ରଙ୍କୁଣୀ ରତନ ଦୁଃଖୀ ସଙ୍ଖାଳିଲେ
ଏ ତୋତେ ଅଛପା ନୁହଁ
ଏ ତୋତେ ........... ॥୦॥
ତୋହରି ଦୟାରେ ଗଢ଼ାଏ ଶରୀର
ମନ ପ୍ରାଣ ତୋ'ର ଦାନ
ଜନ୍ମଜନ୍ମାନ୍ତର ଜନମ ମରଣ
ତୋ' ଇଚ୍ଛା କଳା ବଦନ
ତୋ' ବିନା କାହାରି ନାହିଁ ଗତି ମୁକ୍ତି
ଦୁଃଖ ହାରୀ ଦୟାମୟ
ଏ ତୋତେ.......... ॥୧॥
ସଂସାର ଜଞ୍ଜାଳ କେତେ ଯେ ପ୍ରବଳ
ଦୁଃଖ ପରେ ଖାଲି ଦୁଃଖ
ସେ ଦୁଃଖ ଭିତରେ ଦୟାନିଧି ଟିକେ
ଦେଏ ଦେଖା ପଦ୍ମମୁଖ
ମାରିବା ତାରିବା ତୋହରି ହାତରେ
ମାଗୁଛି ତୋ'ର ଆଶ୍ରୟ
ଏ ତୋତେ ........... ॥୨॥

ପୋପରଡ଼ା
ପୋ;ଅ;- ନୂଆ ବଜାର, କଟକ-୪

# ଭଜମନ ରାମ ନାମ

**ପୁଷ୍ପାଞ୍ଜଳୀ ଲେଙ୍କା**

ଭଜମନ ରାମ ନାମ
କୋଦଣ୍ଡ ଧାରୀ
ଭଜହରେ କୃଷ୍ଣ ନାମ
ମୁରଲୀ ଧାରୀ
ମୁରଲୀ ଧାରୀ.... ॥୦॥
ସବୁ ଠାବରେ ଅଛନ୍ତି
କରୁଣାମୟ
ହୃଦେ ବି ବିରାଜିଛନ୍ତି
ସେ ଅହରହ
ତାଙ୍କ ବିନା ଗତି ମୁକ୍ତି
ନାହିଁ କାହାରି
ମୁରଲୀ ଧାରୀ.... ॥୧॥
ଇହ ସଂସାରରେ କେହି
ନୁହେଁ କାହାର
ଶ୍ମଶାନୁ ଫେରିବେ ଯା'ଙ୍କୁ
ଭାବୁ ନିଜର
କେ' ଅଛି ଉଦ୍ଧାରକର୍ତ୍ତା
ପ୍ରଭୁଙ୍କ ପରି
ମୁରଲୀ ଧାରୀ..... ॥୨॥

ପୋପରଡ଼ା
ପୋ:ଅ:- ନୂଆ ବଜାର, କଟକ-୪

# ପୋଷା ଶୁଆ ମୁଁ

**ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ**

ସୂରୁଜ ପରି
ଲାଲ କି ହେଲା-
ଥଂଟ ମୋ' କେଉଁ ପରି ?
ସାରା ଦେହଟା
ଶାଗୁଆ ହେଲା-
ଶାଗୁଆ କ୍ଷେତ ପରି ?
ଡେଣା ଯୋଡ଼ାକ
ଉଡ଼ଇ ଦେଖ-
ବଣ ପାହାଡ଼ ଛୁଇଁ,
ମୋହର ବାସ
ନୀଳ ଆକାଶ
ସୂରୁଜ ସମ ମୁହିଁ ।
ବସାରେ ଥିଲେ
ପାହାଡ଼ ଖୋଲେ
(କି) ଶାଗୁଆ ଗଛ-ପରେ,
ଧରିକି ନେଇ
ରଖିଲ କାହିଁ ?
ପଞ୍ଜୁରି ତୁମ ଘରେ ।
ଉଡୁ ତ ଥିଲି

ବସି ରହିଲି
ଏହି କି ପକ୍ଷୀ ଧର୍ମ ?
ତୁମକୁ ହେଲେ
ସେପରି କଲେ
କୁହ, ଅନୀତି କର୍ମ ।
ବଣରୁ ଫଳ
ଝରଣା ଜଳ
ପାଇବି ଏଠି କାହିଁ
ଦୁଧ ଭାତ ତ
ମିଳେ ଏଠି ତ
କାହିଁରେ ସୁଖ ନାହିଁ ।
ପୋଷାଇ ମୋତେ
ଘୋଷାଇ ଏତେ
ଶିଖାଇଲ ଯେ କଥା
ସେହି କଥାରେ
ମନୋବ୍ୟଥାରେ
ପୋଷା ଶୁଆ ମୁଁ ଯଥା ।

ଉପସଭାପତି
ଶିଶୁ ସାହିତ୍ୟ ଲେଖକ ସମ୍ମେଳନ, ଓଡ଼ିଶା
ପ୍ଲଟ ନଂ- ୭୨୭, ମହାନଦୀବିହାର
କଟକ- ୭୫୩୦୦୪

# ବାପୁ ତୁମେ ଆଉ ଥରେ ଫେରିଆସ

**ପ୍ରଭାତୀ ରାଣୀ ମହାନ୍ତି**

ସତ୍ୟ ପଥର ପଥିକି ତୁମେ ହେ, ଆସ ଥରେ ଅବତରି
ଲଙ୍ଗଳା ଫକୀର ଡାକନ୍ତି ଜଗତେ, ହାତେ ଠେଙ୍ଗାଟିଏ ଧରି ।
କି ମୋହନମନ୍ତ୍ର ରଖିଛ ସେ ବେଶେ, ପାଦେ ମୁଣ୍ଡ ନଇଁ ଯାଏ
ସତ୍ୟ ଶିବ ଆଉ ସୁନ୍ଦରର ତୁମେ, ଚଳନ୍ତି ପ୍ରତିମାଟିଏ ।
ହିଂସାର ତାଣ୍ଡବ ଧରଣୀରେ ଯେବେ, ରାଜୁତି କରିଲା ଯାଇ
ସହି ପାରିଲନି ମାଟି ମା ଡାକ, ଆସିର ସ୍ୱର୍ଗୁ ଓହ୍ଲାଇ ।
ଦେବଦୂତ ତୁମେ ଅପସରି ଗଲ, ରାଜୁତି କରିଛି ହିଂସା
ଭୁଲି ଗଲେ ଲୋକ ନୀତି ଓ ଆଦର୍ଶ, ଅଧର୍ମ କଲାଣି ବସା ।
ଯେ ଡାକେ ଝରିଲା ଅମୃତର ଡାକ, ମହନୀୟତାର ଗୁଣ
ଯାଇଅଛି ଲୁଟ ସେହି ସବୁଦିନ, ରାଜୁତି କରେ ଅଧର୍ମ ।
ମୁକ୍ତି ମଶାଲ ଜାଳି ଦେଇ ବାପୁ, ନିମିଷକେ ଗଲ ଚାଲି
ମରଣ ହୋଇଲା ଅମୃତ ସୋପାନ, ଝୁରୁଅଛୁ ଆମେ ଖାଲି ।
ସରଗ ରାଇଜୁ ଆସ ଥରେ ବାପୁ, ଢାଳି ଦିଅ ଘିଅ ଅମୃତ
ପୁଲକିତ ତନୁ ସେ ନାମ ଶ୍ରବଣେ, କଂଟକିତ ତୁମ ପଥ ।
ଆତଙ୍କବାଦଙ୍କ କମାଣ ମୁନରେ ନିତି ହୁଏ ରକ୍ତପାତ
ଯେ ଡାକରେ ହାତୁ ଖସଇ ବନ୍ଧୁକ, ଦେଖାଇ ଦିଅ ସେ ପଥ ।
ନିରୀହ ଜନତା ଖେଳୁଛି ନିଇତି, ରକ୍ତର ହୋଲି ଖେଳ
ସତେ କି ପୃଥିବୀ ଧ୍ୱଂସ ହୋଇଯିବ, ଆସୁଅଛି ମହାକାଳ ।
ସ୍ୱପ୍ନ ଥିଲା ତୁମ ସୁନାର ଭାରତ (ରାମ)ରାଜ୍ୟ ଗଢ଼ିବାର ପାଇଁ
ବିଭତ୍ସ ତାଣ୍ଡବ ଦେଖି ଡରିଗଲ ଆଉ କି ଫେରିବ ନାହିଁ ।
ଇଂରେଜଠାରୁ ବି ବଳି ଯାଇଅଛି, ରକ୍ତପାତର ନିଶା
ଭାଇ ଭାଇ କଳି କରନ୍ତି ଏଠାରେ, ଦେଖି ଦେବୁ ଲୋକହସା ।
କ୍ଷମତାର ଲୋଭ ବଳି ଯାଇଅଛି ସତ୍ୟର ହାତେ ବେଡ଼ି
କେଉଁଆଡ଼େ ଗଲା ରାମ ରାଜ୍ୟଧାନୀ, ମରୁଛୁ ଏଠାରେ ଝୁରି ।
ଆଗାମୀ ଦିନର ଭବିଷ୍ୟତ ଆମ, ମାଟିରେ ଗଲେଣି ମିଶି
ସ୍ୱାର୍ଥ, ଲୋଭ, ଆଉ ବନ୍ଧନର ଫାଶେ, (ଆମେ)
ହୋଇଯାଉଅଛୁ ପେଶୀ ।

ଉଦିମୂଳ, ସି.ଆର.ଆର.ଆଇ

# ଦେଶ ଝୁରୁଛି ଏବେ ବି ବାପୁଙ୍କୁ

ବସନ୍ତ କୁମାର ସାହୁ

ମୋହନ ଦାସ କରମ ଚାନ୍ଦ
ଗାନ୍ଧି ନାମେ ଗଣା ହେଲ
ମଣିଷ ଭିତରେ ମହାତ୍ମା ହୋଇଣ
ଇତିହାସ ରଚିଗଲ ।
ଇଂରେଜ ଶକ୍ତିକୁ ସାମନା କରିଲ
ଅହିଂସା ମନ୍ତ୍ରର ବଳେ
ନୀରବରେ ରହି ବିପ୍ଳବ କରିଲ
ଗଢ଼ିଲ ସଂଗ୍ରାମୀ ଦଳେ ।
ଅସହ ଯୋଗରେ ଅଟଳ ରହିଲ
ଭାରତ ସ୍ୱାଧୀନ ପାଇଁ
ଭାରତ ଛାଡ଼ର ଡାକରା ଦେଇଣ
ରଖିଗଲ ଯଶ ମହୀ ।
ଲାଠିମାଡ଼ ଆଉ କାରାଗାରେ ରହି
ବହୁ ନିର୍ଯ୍ୟାତନା ସହି

ସମଗ୍ର ଭାରତ ଥରହର ହେଲା
ଇଂରେଜ ରହିଲେ ନାହିଁ ।
ଜଳି ଜଳି ବାପୁ ଆଣିଦେଲ ପରା
ଭାରତର ସ୍ୱାଧୀନତା
ତୁମଠାରୁ ବଡ଼ କିଏ ସେ ହୋଇବ
ନଇଁ ଯାଏ ଆମ ମଥା ।
ଜନ୍ମ ହୋଇଥିଲ ଦେଶ ଜାତି ପାଇଁ
ଜୀବନକୁ କରି ଦାନ
ଯାହା କରିଗଲେ ଭାବିବ ଦୁନିଆ
ରଖିଗଲ କିର୍ତ୍ତିମାନ ।
ଦିଲ୍ଲୀର ବିରଳା ଭବନ ହୋଇଲା
ବାପୁ ତୁମ ଶେଷ ଦିନ
ନାଥୁରାମ ଗଡ଼ସେ ଗୁଳିରେ ଟଳିଲ
କାନ୍ଦିଲେ ଭାରତ ଜନ ।
କର୍ତ୍ତବ୍ୟ, ଦାୟିତ୍ୱ, ସମାନୁବର୍ତ୍ତିତା
ତୁମ ପାଖେ ଥିଲା ରହି
ନିଜକାମ ପରା ନିଜେ କରୁଥିଲ
ବଡ଼ ହେଲ ସେଥିପାଇଁ ।
ଦେଶ ଜାତି ପ୍ରେମ ଥିଲା ତୁମ ପାଖେ
ଭାବୁଥିଲ ଦେଶ ପାଇଁ
ସ୍ୱପ୍ନ ପରେ ସ୍ୱପ୍ନ ଦେଖୁଥିଲ ତୁମେ
ମହାନ୍ ହୋଇଲ ରହି ।
ଜୟନ୍ତୀ ହେଉକି ଶ୍ରାଦ୍ଧ ଦିବସରେ
ପାଳି ଦେଲେ କ'ଣ ହେବୁ
ତୁମ ନୀତି ଆଉ ଆଦର୍ଶ ମାନିଲେ
ଭଲ ପଥେ ପିଲା ଯିବ ।
ମାରିବା ଲୋକଟି ବଡ଼ ଯେ ନୁହଁଇ
ମରିବା ଲୋକଟି ବଡ଼
ଦେଶପାଇଁ ବାପୁ ଶହୀଦ ହୋଇଲେ
ମନ୍ଦ କର୍ମ ପିଲେ ଛାଡ଼ ।
ଊଣେଇଶ ସାଲ ଅଡ଼ଚାଳିଶି ପରା
ଜାନୁଆରୀ ତିରିଶ ଦିନ
ଦେଶ ଇତିହାସେ ଅମର ହୋଇଲ
ପ୍ରଣାମ ବାପୁ ହେ ଘେନ ।

ଅପର୍ଣ୍ଣାନଗର, ଚାଉଳିଆ ଗଞ୍ଜ

# ପାଗଳର ହସ

ଉତ୍ତମ ଚରଣ ପ୍ରଧାନ

ପାଗଳର ହସ
ସେ ହସର ମାନେ କିଛି ନାହିଁ
ସେ ହସ ଖାଲି, ଫମ୍ପା ଓ ଶୂନ୍ୟତା
ହେଲେ ଅଛି, ପ୍ରେମର ମାଦକତା (୦)
ସେଥିରେ ନାହିଁ
ରାଜନେତାର ଫମ୍ପା ପ୍ରତିଶ୍ରୁତି ।
ଶକୁନିର କୁଟିଳତା
ଦୁର୍ଯ୍ୟୋଧନର ଧ୍ୱଂସର ବାରତା,
କୂଳବୁଡ଼ା ବଂଶର ବିନାସ,
ଅହଂକାରୀର ଅଟ୍ଟହାସ୍ୟ
ଗରିବ ମାରଣର ଫାସ (୧)
ପାଗଳର ହସରେ ଅଛି, ଆନନ୍ଦର ଜୁହାର
ନାହିଁ, ବିଷର୍ଣ୍ଣତାର ଚିହ୍ନ
ଅଛି ଖାଲି, ମନଖୋଲା ହସ
ନାହିଁ, ମାରିବାର ଷଡ଼ଯନ୍ତ୍ର (୨)
କୁହ ତୁମେ, କେଉଁଥିରେ ଅଛି
ସୃଷ୍ଟିର ସର୍ଜନା
ନା, ଐଶ୍ୱରିକ ଚେତନା
ବିନାଶର ବାରତା
ନା, ପ୍ରଳୟର ସୋଚନା
ନା ବୁକୁଫଟା କୋହର ଆହ୍ୱାନ
କେଉଁଟା ହୃଦୟର ସ୍ପନ୍ଦନ ? (୩)
"ଜୟ ଜଗନ୍ନାଥ"

# ହେ ବାପୁ ମୋହନ ଦାସ

ନିରୂପମା ସାହୁ

ସୁଯୋଗ୍ୟ ସନ୍ତାନ ହେବାର ପୁରୁଷ
ଦେଇଗଲ ସ୍ୱାଧୀନତା
ନିଜ ବାହୁ ବଳେ କରତୁମେ ଚାଷ
କାନେ କହିଗଲ ବାର୍ତ୍ତା ।
କୋଟିଏ ପ୍ରଣାମ କରିଲେ ତୁମକୁ
ତଥାପି ନିଅଂଟ ହେବ

ତୁମ ନିଷ୍ଠ ସାହସ ମୁଁ ବର୍ଣ୍ଣିବାକୁ
ହେଇ ପାରୁନି ସକ୍ଷମ ?
ହୃଦରେ ସାହସ ମୁଖରେ ହରଷ
ଝରେ ଅମୃତର ଝର
ଗୁଣିଆ ହୋଇ ତୁମେ ଝାଡୁଥିଲ ବିଷ
ନିମିଷକେ କ୍ରୋଦ୍ଧ ଦୂର ।
ସ୍ୱାଧୀନତା ପାଇଁ ଏ ସମାଜ ଆଜି
ଅହିଂସାକୁ ଗଲେ ଭୁଲି
ନିଜ ନିଜ ଭିତରେ ଲଗାନ୍ତି ବାଜି
ନିଜକୁ ଦିଅନ୍ତି ବଳୀ
ଆଉଥରେ ନିଅ ଧରାରେ ଜନମ
ହେ ବାପୁ ମୋହନ ଦାସ
ଭରି ଦେବ ତୁମେ ପ୍ରେମର ମଲମ
ଯିବ ଲିଭି ରାଗ ରୋଷ ।

**କଟକ**

# ସାବରମତୀର ସନ୍ଥ

**ଅଶ୍ୱିନୀ କୁମାର ସେଠୀ**

ଏ ଦେଶ ନାୟକ ଅହିଂସା ରକ୍ଷକ
ଧରି ମୁକ୍ତି ମନ୍ତ୍ର ଦେଲେ
ପ୍ରେରଣା ଦାୟକ ସ୍ୱରାଜ୍ୟ ମହକ
ବିଶ୍ୱେ ବିତରଣ କଲେ ।
ମୋହନଦାସରୁ ମହାତ୍ମା ହୋଇଲ
ଦୀର୍ଘପଥ ଯାତ୍ରା ଏକ
ଜାତିର ଜନକ କି କଲ କୁହୁକ
ସଂସାର ନତ ମସ୍ତକ ।
ଶାନ୍ତିର ବାରତା ଆହେ ମହାତମା
ଅନ୍ଧାରେ ଆଲୋକ ଦେଲ
ସକଳ ଧର୍ମର ମୂଳ ମନ୍ତ୍ର ସାର
ମହିମାକୁ ଗାନ କଲ ।
ସର୍ବେ ଏକାକାର ମହାନାୟକର
ଡାକରାରେ ମେଳି ହେଲେ
ସତ୍ୟ, ସର୍ବୋଦୟ ଲବଣ ବିଜୟ
ସତ୍ୟାଗ୍ରହରେ ପାଇଲେ ।
ଉପନିବେଶର ସାମ୍ରାଜ୍ୟବାଦର
ଧରାବର୍ଣ୍ଣ ବୈଷମ୍ୟତା
ବିଷଦ୍ରୁମମାନ କରିଲ ବିଲୀନ
ଅସ୍ପୃଶ୍ୟତା ଅଜ୍ଞାନତା ।
ଉଦିତସୂର୍ଯ୍ୟର ସାମ୍ରାଜ୍ୟେ ଅସ୍ତର
ବୀଜ କଲ ଆବିଷ୍କାର ।
ଉଲଗ୍ନ ଫକୀର କିକଲ ଫିକର
ଫିରିଙ୍ଗି ଶାସନ ଡୋର ।
ମୁକୁଟ ବିହୀନ ସମ୍ରାଟ ବିଦ୍ୱାନ
ମହାମନୀଷୀ ହେ ତୁମେ
ସାବରମତୀ ର ସନ୍ଥ ଶ୍ରେଷ୍ଠଙ୍କର
ଯଶଗାନ ବିଶ୍ୱଗ୍ରାମେ ।
ଜାତି, ସଂପ୍ରଦାୟ, ହିଂସା, ଦ୍ୱେଷ, ଭୟ
ଆତଙ୍କର ଚରାଭୂଇଁ ।
ଅଖଣ୍ଡ ଭାରତ ଖଣ୍ଡ ବିଖଣ୍ଡିତ
ଧର୍ମ ପାଗଳଙ୍କ ପାଇଁ ।
ଅହିଂସା ପୂଜାରୀ ଅହିଂସା ଫୁଲରେ
ପୂଜିଲ ଭାରତ ମାତା ।
ଅହିଂସା ରକ୍ତକୁ ତରପଣ କରି
ରଖିଲ ଭାରତେ କଥା ।
ଆଠହାତି ପିନ୍ଧା ଲଙ୍ଗଳା ଫକିର
କହି ଝିଙ୍ଗାସିଲ ଦୂରେ ।
ହସି ହସି ବାପୁ ସବୁ ସହିଗଲ
ଚରକା ଧରି ହାତରେ ।
କାଟି ପିନ୍ଧ ବୋଲି କହୁଥିଲ ବାପୁ
ହାତେ କୁଟି କରି ଖାଅ ।
ସ୍ୱଦେଶ ଜିନିଷ (ଏବେ) ବିଦେଶକୁ ଦେଲୁ
ହେଲୁ ତାଙ୍କ ପୋଷ୍ୟ ପୁଅ ।
ସ୍ୱାଧୀନତା ଏଠି ବାସ୍ତରୀ ବର୍ଷରେ
ଆଖିକୁ ଦିଶେ ରୁଗ୍ଣ
ପରାଧିନ ଏବେ ଶତାୟୁ ହେଲେ ବି
ଦିଶୁଛି ହୋଇ ଯବାନ୍ ।
ହିଂସାର ପାହାଡ଼େ ଦୁର୍ନିତିର ଧ୍ୱଜା
ଶାସକ ଅବୁଝା ରାଜା ।
ତ୍ରିରଙ୍ଗା ପତାକା ତଳେ ନାରଖାର
ପ୍ରହସନ୍ ଏହି ଧ୍ୱଜା ।
ନାରୀର ସୁରକ୍ଷା ନାରୀ ସ୍ୱାଧୀନତା
ବଜାର ପଡୁଛି ହୁରି
ରାସ୍ତାଘାଟ ସବୁ ତା ପାଇଁ ବିପଦ

ଯାନ ବାହାନ ଆହୁରି
ପାଠପଢ଼ା ସବୁ ପ୍ରହସନ ହେଲା
ବିଦେଶ ଯିବାଟା ମୁଖ୍ୟ
ଭିଟାମାଟି ସବୁ ବିକିରି କରିଣ
ବାପ ଯୋଗା-ଏ ଖୋରାକ ।
ତୁମ କଥା ବାପୁ ସପନ ହୋଇଲ ।
ନ ଥିରେ ପାଇଲା ଶୋଭା
ଛକରେ ଛକରେ ପତାକା ଉଡ଼ାଇ
କରନ୍ତି ସ୍ୱାଧୀନ ସଭା ।
କେଉଁ ଦେଶଦ୍ରୋହୀ ଗୁଳିରେ ମହାତ୍ମା
ଟଳିଲ 'ହେ ରାମ' କହି
ଦେଶପ୍ରେମ ବହ୍ନି ରାମ ରାଜ୍ୟ ଧ୍ୱନି
ତା ହୃଦେ ଜାଗିଲା ନାହିଁ ।
ଜୀବନ ଦର୍ଶନ ହେଉ ନିଦର୍ଶନ
ହୃଦେ ଗୁଞ୍ଜରଣ ଆମ
ଭାରତ ମାତାର ଶ୍ରେଷ୍ଠ ସନ୍ତାନ ହେ
ଚରଣେ କୋଟି ପ୍ରଣାମ ।

କାର୍ଯ୍ୟକାରୀ ସଭାପତି
ପ୍ରାଚୀ ସାହିତ୍ୟ ସମାଜ, କଟକ

ବାପକୁ କାଙ୍ଗାଳ କରି ପିଲାମାନେ
ବିଦେଶକୁ ଧାନ୍ତି ନାହିଁ ।
ସ୍ୱାଧୀନତା ଏଠି ବାସ୍ତରୀ ବର୍ଷରେ
କିନ୍ତୁ ଆମେ ପରାଧୀନ
ବିଦେଶୀ ସଭ୍ୟତା ଅତି ଆଗ୍ରହରେ
ସଭିଏ କରୁ ଗ୍ରହଣ ।
ହିଂସାର ପାହାଡ଼େ ଦୁର୍ନୀତିର ଧ୍ୱଜା
ଶାସକ ଅବୁଝା ରାଜା
ତ୍ରିରଙ୍ଗା ପତାକା ତଳେ ନାରଖାର
ପ୍ରହସନ ଏହି ଧ୍ୱଜା ।
ନାରୀର ସୁରକ୍ଷା ନାରୀ ସ୍ୱାଧୀନତା
ବଜାରେ ପଡୁଛି ହୁରି
ରାସ୍ତାଘାଟ ସବୁ ତା' ପାଇଁ ବିପଦ
ଯାନ ବାହନ ଆହୁରି
ତୁମ କଥା ବାପୁ ସପନ ହୋଇଲା
ନଥିରେ ପାଇଲା ଶୋଭା
ଛକରେ ଛକରେ ପତାକା ଉଡ଼ାଇ
କରନ୍ତି ସ୍ୱାଧୀନ ସଭା ।

ଗଣ୍ଡରପୁର, କଟକ

# ଅହିଂସା ପୂଜାରୀ

ବନଲତା ସିଂହ

ଅହିଂସା ପୂଜାରୀ ଅହିଂସା ଫୁଲରେ
ପୂଜିଲ ଭାରତ ମାତା
ଅହିଂସା ରକ୍ତକୁ ତରପଣ କରି
ରଖିଲ ଭାରତେ କଥା ।
ଆଠ ହାତୀ ପିନ୍ଧା ଲଙ୍ଗଳା ଫକିର
କହି ଝିଙ୍ଗାସିଲେ ଦୂରେ
ହସି ହସି ବାପୁ ସବୁ ସହିଗଲ
ଚରଖା ଧରି ହାତରେ ।
କାଟି ପିନ୍ଧ ବୋଲି କହିଥିଲ ବାପୁ
ହାତେ କୁଟି କରି ଖାଅ
(ଆମେ)ସ୍ୱଦେଶ ଜିନିଷ ବିଦେଶକୁ ଦେଲୁ
ହେଲୁ ତାଙ୍କ ପୋଷ୍ୟ ପୁଅ ।
ଖାଦ୍ୟପେୟ, ଶିକ୍ଷା ବିଦେଶୀ ହୋଇଲା
ସ୍ୱଦେଶର ଗନ୍ଧ ନାହିଁ

# ଶେଷରେ ଥିଲା ହେ' ରାମ

ଶ୍ରୀ କୈଳାସ ଚନ୍ଦ ପାଢ଼ୀ

ହେ ମହାପୁରୁଷ ହେ ମହାମାନବ ବାପୁଜୀ ମହାତ୍ମାଗାନ୍ଧୀ
ଯେଉଁ ସ୍ୱାଧୀନତା ଆଣିବାକୁ ତୁମେ କେତେ ଥର ହେଲ ବନ୍ଦୀ
ଦିନରାତି କାନ୍ଦି କାନ୍ଦି
ଅହିଂସା ଅସ୍ତ୍ରକୁ ଧରିଥିଲ ତୁମେ ଖଦଡ଼ ଖଣ୍ଡିଏ ପିନ୍ଧି.... ୧
ଅସହଯୋଗ ରେ ମନ ନିବେଶିଲ ଓକିଲାତି ଛାଡି ଦେଇ
ଆଫ୍ରିକାକୁ ଛାଡ଼ି ପଳାଇ ଆସିଲ, ଦେଶ ଉଦ୍ଧାରିବା ପାଇଁ
ବହୁ ନିର୍ଯ୍ୟାତନା ସହି
ଯେଉଁ ସ୍ୱାଧୀନତା ଦେଇଯାଇଥିଲ ମଣିଷ ବୁଝିଲା ନାହିଁ.... ୨
ନରଦେବତାଙ୍କୁ ସୁଖରେ ରଖିବ କରିଥିଲ ତୁମେ ଚିନ୍ତା
ଯେଉଁ ଅମୃତକୁ ଦେଇଗଲ ତୁମେ ଖାଇଗଲେ ତାକୁ ନେତା
ପାଇଲେ ନାହିଁ ଜନତା
ଜନତାଙ୍କ ପାଇଁ ହାତକୁ ମୁଠାଇ ଦିଅନ୍ତି ବାର୍ଦ୍ଧକ୍ୟ ଭତ୍ତା.... ୩
ନାଥୁରାମ ଯାଇ ଗୁଳି ଟିପି ଦେଲା ପଡ଼ିଲ ସେଠାରେ ଶୋଇ
ପ୍ରାର୍ଥନା ସଭାରେ ପାର୍ଥିବ ଶରୀର ସରିଲା ହେ ରାମ କହି

ଦେଶ ପାଇଁ ପ୍ରାଣ ଦେଇ
କେତେ ବଡ଼ ତ୍ୟାଗ କରିଥିଲ ତୁମେ କେହି ତ ବୁଝିଲେ
ନାହିଁ......୪
ସେହି ଭେଦ ଭାବ ରହିଛି ଦେଶରେ ସବୁଠାରେ ଆବର୍ଜନା
ହିଂସାରେ ମଣିଷ ମାରୁଛି ମରୁଛି ଅହିଂସାର ପ୍ରତାରଣା
ବଂଚିଥିଲେ ତୁମେ ସିନା
ସ୍ୱ ଚକ୍ଷୁରେ ସବୁ ଦେଖି ଯାଇଥାନ୍ତ ନାରୀଙ୍କର ନିର୍ଯ୍ୟାତନା...୫
ଅସହ ଯୋଗରେ ଅଠର ଦଫାକୁ କରୁଥିଲ କାର୍ଯ୍ୟକରୀ
ଆଠ ଦଫା ଏବେ ପୂରଣ ହୋଇନି ପକାଇଲେ ତାକୁ ଚିରି
ନିୟମ ଲଙ୍ଘନକାରୀ
ସ୍ୱାଧୀନତା ସ୍ୱାଦ ପାଇବାକୁ ଗଲା ଏକସ୍ତରୀ ବର୍ଷ ପୁରି....୬
ଅମର ପୁରରେ ଅମର ରହିଛ ମର ଶରୀରକୁ ଛାଡ଼ି
ଭାରତମାତାର ସୁଯୋଗ୍ୟ ସନ୍ତାନ ଛାଡ଼ି ଗଲ ଯେଉଁ ବାଡ଼ି
ସେହିପରି ଅଛି ପଡ଼ି
ଫେରିବା ବାଟକୁ ଅପେକ୍ଷା କରିଛି ତୁମ ଅଂଟା ପିନ୍ଧା ଘଡ଼ି..୭
ବିଦାୟ ନେଉଛି ହେ ପୂଜ୍ୟ ନାୟକ ଭାରତ କୁଳ ନନ୍ଦନ
ଲେଖନୀରେ ତାକୁ କିପରି ଲେଖିବି ଦେଉଛି ଫୁଲ ଚନ୍ଦନ
ତୁମ ପାଦେ ପ୍ରଣିଧାନ
ସବୁ ଅପରାଧ ଭୁଲିଯିବ ବାପୁ କରିବ ଶୁଭ କଲ୍ୟାଣ.....୮

# ଝୁରୁଛି ତୁମକୁ

**ସୁଧୀର କୁମାର ନାୟକ**

ଗରିବ ଆଖିରେ ଲୁହକୁ ଦେଖିଲେ
କାନ୍ଦୁଥିଲା ତୁମ ଆତ୍ମା
କାହିଁଗଲ ତୁମେ କେଉଁଠି ରହିଲ
ଖୋଜେ ତୁମକୁ ମହାତ୍ମା
ଦେଶ ପାଇଁ ଚିନ୍ତା କରୁଥିଲ ତୁମେ
କାନ୍ଦୁଥିଲ ଦେଶ ପାଇଁ
ଆଜିର ମଣିଷ ସ୍ୱାର୍ଥେ ଅନ୍ଧ ହୋଇ
ଭାବୁଅଛି ନିଜ ପାଇଁ ।।
ତୁମର ଅରଟ ବନ୍ଦ ହେଲଣି
ସ୍ୱଦେଶ ପୋଷାକ ନାହିଁ
ପଠାଇବର ସୂତା କଳେ ବୋଳା ହୁଏ
ପୋଷାକ ସେ ଆମ ପାଇଁ ।।
ଭାରତ ଭୂଇଁରେ ଜନମୀ ଥିଲ ହେ
ଅହିଂସା ଅସ୍ତ୍ରକୁ ଧରି
ଦୁର୍ଦ୍ଧର୍ଷ ଇଂରେଜ ଛାଡ଼ି ପଳାଇଲା
ତୁମରି ଅସ୍ତ୍ରକୁ ଡରି ।।
ଏ ଦେଶ ମଣିଷ ବୁଝି ତ ପାରୁନି
ହିଂସାରେ ଚାଲଇ ରାସ୍ତା
ଅହିଂସାର ଅସ୍ତ୍ର ଧରି ଆଉ ଥରେ
ଦୁନିଆକୁ ଦିଅ ବାର୍ତ୍ତା ।।

# ପୁଣ୍ୟାତ୍ମା ଗାନ୍ଧୀ

**ସ୍ନେହଲତା ଦ୍ୱିବେଦୀ**

ଯା' ଗନ୍ଧରେ ଖାଲି ଚନ୍ଦନ ସୁବାସ
ଯା' ଛନ୍ଦରେ ଖାଲି ପ୍ରଶାନ୍ତି ପ୍ରଲେପ
ପଶମନ କରେ ଚିତ
ସେଇନର ଶ୍ରେଷ୍ଠ ନାରାୟଣ ଇଷ୍ଟ
ଚରଣ କମଳେ କୋଟି କୋଟି ପ୍ରଣିପାତ---
ଅମ୍ଳାନ ତା' ଜ୍ୟୋତି ଅଲିଭା ତା' ଜ୍ୟୋତି
କାଳଜୟୀ ତା'ର କୃତି
ଯୁଗ ହେଲେ ଶେଷ ତା ସ୍ୱପ୍ନର ସାରାଂଶ
ଖୋଜୁଥିବ ଏଇ ଜାତି---
ତା' ବାଣି ବିବେକ ଚିତ୍ତ କରେ ସ୍ଥିତ
ଚେତନାକୁ ଉର୍ଦ୍ଧ୍ୱ ମୁଖି
ତୀର୍ଥ କରି ମନ ଦେଖେ ତପୋବନ
ବିଶ୍ୱକୁ ହୃଦୟେ ରଖି---
ଅହିଂସା ମନ୍ତ୍ରରେ ପୁଜୁଥିଲେ ତାଙ୍କୁ
ସେବା ସମର୍ପଣ କରି
ଚଲାପଥ ଧାରେ ଥାଆନ୍ତି ଆଗରେ
ସୂକ୍ଷ୍ମରେ ହାତକୁ ଧରି---
ଭାରତ ମାତାର ଅମୂଲ୍ୟ ସମ୍ପଦ
ସେହି ପୁଣ୍ୟା ଶ୍ଳୋକ ମହାଗ୍ରନ୍ଥ
ପୂଜା ପାଉ ପାଉ ହୃଦୟ ବୈଠକ
ଚେତନା କରୁ ଜାଗ୍ରତ---

**ମହାନଦୀ ବିହାର, କଟକ**

# ବାପୁ ତୁମେ ଫେରିଆସ

ଗୀତାଞ୍ଜଳି ନାୟକ

ହେ ମାନବ ପ୍ରାଣ ଜାତିର ପିତା
କାହିଁ ତୁମେ ହଜିଗଲ ?
ଅହିଂସାର ଅସ୍ତ୍ର ବିଶ୍ୱରୁ କାହିଁ
ତୁମେ କି ଉଭେଇ ଦେଲ ?
ମନୁଷ୍ୟ ରକତେ ହୋଲି ଖେଳୁ ଅଛି
ତୁମର ଏ ରାମ ରାଜ୍ୟ
ମାନେ ନାହିଁ କାହିଁ କିଏ ମାଆ, ବାପ
କିଏ ପୁଣି ପୁଣ୍ୟ ପାପ ।
ଝିଅର ଇଜ୍ଜତ ଖୋଜି ବୁଲେ ମାଆ
ଆହା କି ବିକଳ ହୋଇ,
ଦୁନିଆ ଦାଣ୍ଡରେ ଲୋକହସା ହୋଇ
ଖୋଜିବୁଲେ ନ୍ୟାୟ ପାଇଁ ।
ଥରେ ଦେଖିଯାଅ ବାପୁ ହେ ତୁମର
ସ୍ୱାଧୀନ ଭାରତ ବର୍ଷ,
ମଣିଷ ଆଖିରେ ଲୁହର ଧାର
ଓଠରୁ ଶୁଖିଛି ହସ ।
ପିଲାଛୁଆ ଗଡ଼େ ଭୋକ ଉପାସରେ
ବାପା ଆସେ ମଦ ପିଇ,
ଖାଇବା ଦେବା ତ ବହୁ ଦୂର କଥା
ମାଡ଼ରେ ପିଠି ଫାଟଇ ।
ଯୌତୁକ ଯୁଇରେ ଝିଅ ଜଳୁଥାଇ
ବାପା କାନ୍ଦେ କଇଁ କଇଁ,
ଜୀବନଟା ସାରା ପରିଶ୍ରମ ତା'ର
ଗଲା ଯେ ପାଉଁଶ ହୋଇ ।
ନିଶାର ଗୋଲାମ ସାଜିଛି ମଣିଷ
ଲଜ୍ଜା, ଦୟା ମାୟା ନାହିଁ,
ସ୍ୱାର୍ଥ ପାଇଁ ସେ ଯେ ସବୁ କରିପାରେ
ଅନୁତାପ କରେ ନାହିଁ ।
ହେ ମହାନ୍ ଆତ୍ମା ଜାତିର ଜନକ
ଆଉ ଥରେ ଜନ୍ମ ନିଅ,
ଦେଶବାସୀ ହାତେ ଅହିଂସାର ଅସ୍ତ୍ର
ଥରଟେ ବଢ଼ାଇ ଦିଅ ।
ଲିଭିଯାଉ ଦୁଃଖ ସବୁ ହୃଦୟରୁ
ବିଶ୍ୱ କଲ୍ୟାଣ କର,
ମାନବ ଧର୍ମର ମନ୍ତ୍ରରେ ତୁମେ
ଅଭିମନ୍ତ୍ରିତ କର ।

ନୂଆପଡ଼ା ବାଲିସାହି, କଟକ

# ହେ ମହାନ ନେତା

ଅମିତା ବେହେରା

କେଉଁ ନାମେ ତୁମ ଗୁଣ ମୁଁ ଗାଇବି
ସାର୍ଥକତା ତୁମ ନାମ
କେଉଁ ଫୁଲେ ତୁମ ପୂଜା ମୁଁ କରିବି
ସବୁଥିରେ ଅର୍ଥ ପୂର୍ଣ୍ଣ ।।
ଜନମିଲ ଯେଉଁ ମାଆର ଗରଭେ
ଶୋଣିତ ମାଉଁସ ନେଇ
ସେହି ମାଆ ତୁମ ଧନ୍ୟ ଏ ସଂସାରେ
କାହିଁ ପଟାନ୍ତର ନାହିଁ ।।
କି ଶୁଭ ବେଳାରେ ଜନମ ହୋଇଲ
ମାଆର ମୁକତି ପାଇଁ
ଦେଶ ଦଶକରେ ଉଦ୍ଧାର କରିଲ
ଶେଷ ରକ୍ତ ବିନ୍ଦୁ ଦେଇ ।।
କରିଲ ଅହିଂସା ହରିଲ ସମସ୍ୟା
କୋଟି କୋଟିଏ ଭାଇ ପାଇଁ
ଜୀବନର ମୂଲ୍ୟ କାହିଁ ନାହିଁ ତୁଲ୍ୟ
ଏପରି ଜଗତେ ନାହିଁ ।।
ବିଦେଶି ଅରାଜି ଶୁଣିଲା ସେ ଭିତ୍ତି
ଏ ଦେଶୁ ଗଲା ପଳାଇ
ନାମ ରଖିଗଲ ସ୍ୱାଧୀନତା ଦେଲ
ଧନ୍ୟ ଏ ଭାରତ ଭୂଇଁ ।।
ତୁମେ ତ ବାପୁଜୀ ତୁମେ ବି ଗାନ୍ଧିଜୀ
ତୁମେ ରାଷ୍ଟ୍ରର ଜନକ
ତୁମେ ତ ସୈନିକ ମହାନ ବାହକ
ଶହୀଦ୍ ବୀର ନାଗରିକ ।।
ଯେତେ ଗାଉଥିଲେ ଗୁଣ ସରିବନି
ସଦ୍‌ଗୁଣେ ତୁମେ ପୂର୍ଣ୍ଣ
ହେ ମହାନ୍ ନେତା ସ୍ୱଜାତୀୟ ପିତା
ସ୍ୱରାଜେ ଅଟ ଅକ୍ଷୂର୍ଣ୍ଣ ।।

ତଳତେଲଙ୍ଗା ବଜାର
କଟକ-୨

# ଚତୁର୍ଲୋଚନ ଦାସ

**ବିନ୍ଦୁ ସାଗର ଓଝା**

ଚତୁର୍ଲୋଚନ ଦାସ !

ମୋ ସରଳତାର ସୁଯୋଗ ନେଇ ପକେଇଲେ ମୋତେଫାଶ !
ଭାବିଥିଲି ମୁହିଁ ସାହିତ୍ୟିକ ତୁମେ ଠକିବା ନଥିବ ଜାଣି,
ଏବେ ମୁଁ ଜାଣୁଛି ତୁମ ଠାରେ ଅଛି ଠକିବାର ମହାଖଣି ।
ମିଠା ମିଠା କଥା କହି ତୁମେ ବାବୁ କରିନେଲ ମୋତେ ବଶ !
ମଣି ଭାବିଥିଲି ଫଣୀ ତୁମେ ହେଲ ବିଶ୍ୱାସେ ଦେଲ ବିଷ !
ଚିକ୍‌ଣଚାକଣ ପହରଣ ସତେ ପୂରା କି ଭଦ୍ରଲୋକ;
କିନ୍ତୁ ଭଦ୍ରଲୋକ ତଳେ ଅଛି ଶୋଷଣର ବୁଢ଼ା ଜୋକ ।

ମୁଁ ତ ଥିଲି ମୋରି ବାଟରେ ଖଟୁଥିଲି ଖାଉଥିଲି,
ପେଟ ପୋଷିବାକୁ କାହାରି ଦୁଆରେ ପାତୁ ତ ନଥିଲି ଅଳି !
ଅଳପ ଧନରେ ଖୁସୀ ଥିଲି ଶାଗ ପଖାଳ ପଛେ ମୁଁ ଖାଇ,
ତୁମେ ମୋ ମନରେ ଅଧିକ-ପାଇବା-ମଂଜି ପୋତିଲ ନେଇ !
କୁଟିଳ-ମନୋବୃତ୍ତି ନେଇ ବୃତ୍ତି ଦେବାର ଆଶା-
ମନରେ ଭରିଲ, ଟାଉଟରୀ ତୁମ ବଂଚିବା ପାଇଁ ପେସା ।

ଗରିବ ପିଲା ମୁଁ ପେଟ କାଟି କାଟି ସଂଚିଥିଲି ଯାହା,
ତୁମରି ହାତରେ ଦେଇଥିଲି ବାବୁ ନ ପାଇ କିଛି ରାହା ।
ଚାକିରି କରିବ କଥା ଜାଣି ମନେ ପୁଲକ ଗଲା ଖେଳି,
ପିତାମାତା ମୁଖେ ହସ ଫୁଟାଇବି ମାନସରେ ଚିନ୍ତିଲି ।
ଭଗିନୀର ବାହା ସୁରୁଖୁରେ ହେବ ଘୁଂଚିବ ଦୁଃଖ ଦିନ,
ମୁଣ୍ଡ ଉପରେ ଛାତଟିଏ ହେବ ଦିଶିବନି ଆଉ ତନ ।
ଏମିତି କେତେ ସୁନେଲି ସପନ ଦିବସେ ବସିଲି ଦେଖି,
ସପନ-ପଟେ ଭବିତବ୍ୟର ଚିତ୍ର ବୋଲି ମୁଁ ଆଙ୍କି ।

ତୁମେ କି ବୁଝିବ ଭୋକିଲା-ମଣିଷ ଶୁଖିଲା ମୁହଁର ଭାଷା !
ତୁମେ ତ ମାଙ୍କଡ଼ ନିରୀହ ପକ୍ଷୀଙ୍କ ଭାଂଗିବା ପାଇଁ ବସା ।
ବାବୁ-ଚତୁର୍ଲୋଚନ ! ମଣିଷ ରୂପରେ ତୁମେ ଗୋଟେ
ଛାରପୋକ, 'ରତ୍ନାକର ବାଦୀ', 'ପରଗଳା ଚିପା',
ଦୁର୍ନୀତିର ପ୍ରୋତ୍ସାହକ ।
ତୁମ ସାହିତ୍ୟିକ ପଣିଆକୁ ଶତ ଘୃଣା କରେ ଘୃଣା କରେ,
ଇଚ୍ଛା ହେଉଛି ତୁମରି ମୁହଁରେ ଛେପ ପକାଇବି ଥରେ ।
ଏ ଯେଉଁ ଆଘାତ ଦେଇଛ ହୋ ବାବୁ ଭୁଲି ନାହିଁ ମୁହିଁତିଳେ ।
ଛାତି ତଳେ ମୋର ଖରଲେଲିହାନ ପ୍ରତିଶୋଧ-ନିଆଁ ଜଳେ ।
ତୁମରି ପରି କ୍ଷତ୍ରୀୟଙ୍କୁ ସମାଜୁ ନିପାତ ପାଇଁ,
ପର୍ଶୁରାମ ମୁଁ ଆସିବି ଦିନେ ହାତେ ହତିଆର୍ ନେଇ ।
ଧନତନ୍ତ୍ରର ମିନାର ଟଳିବ, ଜଳିବ ରକ୍ତ- ଶିଖା
ଶାନ୍ତି-ଶିଖାଇ ସ୍ୱାକ୍ଷର ହେବ ରକ୍ତ-କାଳିରେ ଲେଖା ।
ମୁଁ ଏତେ ବୁଦ୍ଧୁ ନୁହେଁ ଯେ ଆଇନି ପାଖରେ ଶରଣ ଯିବି,
ବଡ଼ବଡ଼ିଆଙ୍କ ପାଖରେ ରହିଛି ଯଉ ଆଉନିର ଚାବି ।
"ଆଇନି ପିଠିରୁ ଚମଡ଼ା ଉତାରି କରିବାକୁ ହେବ ଜୋତା",
ମନେ ପଡ଼େ ଜଣେ କବି କହିଥିଲେ ଅତୀତରେ ଏହି କଥା ।
ସଂଗିନ ମୁନେ ସାଇନି କରିବି, ଆଇନି ମୁଁ ମାନିବିନି ।

କେନ୍ଦ୍ରାପଡା

# ମୁଁ ତମ ପୂର୍ବର ପ୍ରେମିକ

**ଜ୍ୟୋତି ରଂଜନ ବସ୍ତିଆ**

ମନ ଭରି ଢାଳିଦିଅ ଅଭିମାନ
ତୁମ ଆଖିରେ ଯେତେ ଲୁହ
ତୁମ ବୁକୁରେ ଯେତେ କୋହ
ସବୁ ମୋତେ ଦେଇଯାଅ
କିଛି ଆଉ ରଖନାହିଁ ବାକି
କଥା ଦିଅ, କଥା ଦିଅ ସାଥୀ ।
ମୋ ମଲା ପରେ
ମୋ ସମାଧି ପାଖେ
କାନ୍ଦିବନି ମଥା ରଖି ।
ସ୍ୱାମୀ ସାଥେ ସାଥୀ ହୋଇ
ଚାଲିଯିବା ପୂର୍ବରୁ
ମୋ' ସମାଧି ପାଖେ
ଫୁଲଟିଏ ଦେଇଯିବ,
ଯଦି କେବେ ପନେ ପଡ଼େ
ଲୁଚି ଟିକେ କାନ୍ଦିଦେବ ।
ତମ-ଆମ ପ୍ରଣୟ ଜାଣିଲେ
କେହି କେବେ ପାରିବେନି ସହି,
ମୁଁ ତମ ପୂର୍ବର ପ୍ରେମିକ
କଥା ପ୍ରସଙ୍ଗରେ
କାହା ଆଗେ
ଦେବନାହିଁ କହି ।

ଗେଲପୁର, ଜଗତ୍‌ସିଂହପୁର

# ଏଇ ତ ଦୁନିଆ

**ଦେବବ୍ରତ ଜେନା**

ଏଇ ତ ଦୁନିଆ ଭାଇ ଏଇ ତ ଦୁନିଆ
ଏଠି ସମୟର ମୂଲ୍ୟକୁ ଯେ ଆକଳିବା ପାଇଁ
ଭବିଷ୍ୟତ ଗବାକ୍ଷ ଯେ ହାତ ଠାରି ଡାକେ
ଆଗେଇବା ପାଇଁ ଆମ ଆଦମୀ ରାହା ଖୋଜେ
ଏଇ ତ ଦୁନିଆ  ଭାଇ ଏଇ ତ ଦୁନିଆ

ତେଲିଆ ମୁଣ୍ଡରେ ଏଠି ତେଲ ବୋଳା ହୁଏ
ଗରିବ ଯନ୍ତ୍ରଣା କଥା ଶୁଣିବ ବା କିଏ
ମୁରୁଖ ବୋଲାଏ ନିଜକୁ ଯେ ମହାଜ୍ଞାନୀ
ରାଜନେତା ଚାମଚାଙ୍କ ଚାଲିଥାଏ ଚାଲ
ଏଇ ତ ଦୁନିଆ ଭାଇ ଆମ ହାଲ ଚାଲ

ଆଭିଜାତ୍ୟ ବୁନିଆଦି ମାଟିରେ ଯେ ମିଶେ
ଗରିବ ବାପୁଡ଼ା ତଡ଼ି ପୁଅ ତାର ହସେ
ସମ୍ପର୍କ ତ ସୁତାଖିଅ କେବେ ଯାଏ ତୁଟି
କିଏ ବା କରୁଛି ହିସାବ ପାପ ପୁଣ୍ୟେ ଏଠି
ଏଇ ତ ଦୁନିଆ ଭାଇ ଏ ଆମ ସଂସ୍କୃତି

ଆପଣାର ଲୋକ ଏଠି ତଂଟି ଆମ କାଟେ
ପତି-ପତ୍ନୀ ସମ୍ପର୍କ ଯେ ଅନ୍ୟ ଏକ ବାଟେ
ଅର୍ଥ ପାଖେ ବିଜ୍ଞତା ଯେ ହାର ମାନେ ଏଠି
ନିକିତି ତଉଲେ କିଏ ପରିଶ୍ରମ ଏଠି
ଏଇ ତ ଆମର ଭାଇ ନୂଆ ମାପକାଠି

ଜୋର ଯାର ଏଠି ମୂଳକ ତାର
ଅନ୍ୟାୟ ଡକାୟତି ଓ ବଳାତ୍କାର
ଉଚ୍ଚାଯୁକ୍ତ ଅଫିସରଙ୍କର ବାଜିମାତ୍
ତୃଣମୂଳ କର୍ମଚାରୀ ଭୋଗେ ସନିପାତ୍
ଏଇତ ଦୁନିଆ ଭାଇ ଦୁନିଆ ଏମନ୍ତ

ରକ୍ଷକ ସାଜିବା ଲୋକ ଭକ୍ଷକ ସାଜି
ଜୋକ ପରି ଶୋଷି ଶୋଷି ବଢ଼ାନ୍ତି ଯେ ପୁଞ୍ଜି
ଶ୍ରୀଅକ୍ଷର ବିବର୍ଜିତ ନେତା ହେବା ପାଇଁ
ଅର୍ଥ କ୍ଷମତା ତାଙ୍କୁ କରେ ଯେ ମାନିଆ
ଏଇ ତ ଦୁନିଆ ଭାଇ ଏଇ ତ ଦୁନିଆ

ରଣସିଂହପୁର ଆଶ୍ରମ ବିଦ୍ୟାଳୟ, ବାଲେଶ୍ୱର

# ସତ୍ୟର ଲୟ

**ମୈତ୍ରୀ ଲୟ**

ଏବେ ବି ଚାବୁକ୍ କରୁଛି
ପାନପାତ୍ରେ ଶେଷ ହୋଇ ନାହିଁ ବିଷ
ପିଅ ପିଅ ଯେତେ ଦୁଷ୍ଟ ସକ୍ରେଟିସ୍
ସତ୍ୟର ହୁଅ ନାହିଁ ବୋଲକରା ଦାସ ।

ନିଃଶେଷ ବି ହୋଇ ନାହିଁ ଗୁଳି
'ହେ ରାମ' ଚିତ୍କାରରେ ଗାନ୍ଧୀମାନେ
ସଦ୍‌ଭାବନା ପ୍ରାର୍ଥନାରେ ଯାଆନ୍ତୁ ଟଳି
ରହିଛି ଯଥେଷ୍ଟ ମହଜୁଦ୍ ଏଠି
କ୍ରୁଶକାଠ ଏଠି ଏବଂ ଲୁହର ମୁନିଆ ପେରକ ।

ଫିଙ୍ଗିଦିଅ ଯେତେ ଦୂରବୀଣ
ଦିଅନାହିଁ ଧରଣୀକୁ
ଗାଲିଚାଏ-ବ୍ରୁନୋ ଯେତକ ପାଗଳ
ଯୂପ କାଷ୍ଠେ ନିର୍ଭୟରେ ପାଆନ୍ତୁ ବାକି ।

ଚାବୁକ ତ ତିଆରିଛୁ ଆମେ ତାକୁ କିଆଁ କରୁଛ ଭୟ
ସତ୍ୟର ସଂସାର ଆଦୌ କ୍ଷୁଦ୍ର ନୁହେଁ
ଅମୃତ ସନ୍ଧାନୀ ରଖେ
ଚିର ସତ୍ୟର ଲୟ ।

ମହାନଦୀ ବିହାର, କଟକ

# ବିଶ୍ୱ କଲ୍ୟାଣ

**ରୋଜା ପଣ୍ଡା**

ବହେ ପ୍ରଖର ଉର୍ଦ୍ଧ୍ୱଶ୍ୱାସ ମୋର
ନଇଁ ଯାଏ ଆତ୍ମଗ୍ଳାନୀ ରେ ମୋ ଶୀର
ଆଖିରେ ପଡ଼େ ଯେବେ ପିତୃମାତୃହୀନ
ଅନାଥ, ଅବହେଳିତ ଶିଶୁଙ୍କର
ସୁଖିଲା ଆଉ ରୋଗିଣା ଶରୀର

ଆଜି କାନ୍ଦୁଛି ମୋ ଧରିତ୍ରୀ ଗୁମୁରି ଗୁମୁରି
ଦେଖି ଅନାହାର ମୃତ୍ୟୁ କୋଟି କୋଟି
କୃଷକର ପୋକମାଛି ପରି
ନିରୁପାୟ, ନିର୍ବିକାର ଚାତକ ସେ
କେଇବୁନ୍ଦା ବାରି ଜଳ ପାଇଁ
ଗଛ କାଟି କୋଠା କରୁଛି ସମାଜ,
ତେବେ ମେଘ ଆସିବ ବା କାହିଁ
ସେଇ ତମସାଚ୍ଛନ୍ନ ସମାଜକୁ ସଚେତନ
ଦେବା ପାଇଁ
ବଢ଼ାଇଛି ପାଦ ଦୀପ ଟିଏ ଧରି
ବିଶ୍ୱକଲ୍ୟାଣର ଶାଖାଟିଏ ହୋଇ
ସୁବର୍ଣ୍ଣ ପକ୍ଷୀର ସ୍ୱପ୍ନ ଅଛି ମନେ
ଆଶାଅଛି ମୋର ଇନ୍ଦ୍ରଧନୁର ସପ୍ତରଙ୍ଗୀ
ସେଥିପାଇଁ ବାହାରିଛି ବୁଣିବାକୁ
ସମାଜ ଛାତିରେ ବିଶ୍ୱକଲ୍ୟାଣ ମଞ୍ଜି

ଛୋଟିଆ ମୁଣ୍ଡରେ ଏତିକି ବୁଝିଚି
ସୀମିତ ସୁଖ ଦେଇଥାଏ ସିଏ ଯାହା ନିଜ
ସୁଖ ପାଇଁ କରାଯାଏ,
କରାଯାଏ ଯାହା ପରିହିତ ପାଇଁ, ତା
ନିତ୍ୟ ନୂତନ ଆନନ୍ଦ ଦିଏ
ଆଜି କରୁଛି ପ୍ରତିଜ୍ଞା କେବେ ନିର୍ଦ୍ଦେଶକ
ହୋଇ ତ ପୁଣି କେବେ ଦର୍ଶକ ହୋଇ
କରୁଥିବି କାମ ଆଜୀବନ ମୁହିଁ
ବିଶ୍ୱ କଲ୍ୟାଣ ପାଇଁ

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ
ନଗର, ମଧୁପାଟନା, କଟକ- ୭୫୩୦୧୦

# ଅସହାୟ

**ସୁଦର୍ଶନ ସାହୁ**

ଅସହାୟ ନାରୀ ଟିଏ ଆଜି
କଇଁ କଇଁ ହୋଇ କାନ୍ଦୁଛି
ମନରେ ତାର ଅସୁମାରୀ କୋହ
ହୃଦୟେ ତାର ସୀମାହୀନ ଦୁଃଖ
ସ୍ୱାମୀ ତାର ଫେରାର ଆସାମୀ,
ପେଟ ତାର ଭୋକିଲା ପେଟ,
ସେହି ଦୁଃଖ ଭରା କଣ୍ଠର
ଶବ୍ଦ ଆଜି
ମୋ କାନରେ ପ୍ରତିଧ୍ୱନି କରୁଛି ।
ସେହି ନାରୀର ନବଜାତ ଶିଶୁଟି
ଭୋକର ଦୁଃଖକୁ ଅନୁଭବ କରି
କୁଆଁ କୁଆଁ ହୋଇ ତାର କାନ୍ଦରେ
ଭୋକକୁ ପ୍ରକାଶ କରିଛି,
ଯେତେ ଚିତ୍କାର କଲେ ବି
ଆଜି ଗରିବ ପିଲାର ଦୁଃଖ
କିଏ ଅବା ଶୁଣିବ,
ଧନୀ ପାଖେ ଏ ଶବ୍ଦ ସ୍ମୃତିକଟୁ,
ସେଥିପାଇଁ ଏ ଗରିବ ମଳି ମୁଣ୍ଡିଆଙ୍କ
ସ୍ଥାନ କେଉଁ ଷ୍ଟେସନ୍‌ରେ ତ,
ଆଉ ପୁଣି କେଉଁ ବସଷ୍ଟାଣ୍ଡର
ନାଳର ଦୁର୍ଗନ୍ଧ ପାଣି ପାଖେ ।
ତଥାପି ଏ ନବଜାତ ଶିଶୁଟିର ରାହା
କିଏ ଅବା ବନ୍ଦ କରିପରିବ !

ଓଡ଼ିଆ ବିଭାଗ ଛାତ୍ର
ଏନ୍.ସି କଲେଜ,ଯାଜପୁର

# ସ୍ମୃତିରେ ତୁମେ

**ସଞ୍ଜୟ କୁମାର ପଣ୍ଡା**

ଚକ୍ଷୁ ଦ୍ୱୟର ପରିଧିର ବହୁ ଦୂର ଯାଏ
ନିର୍ବିକାରେ ପଡ଼ିରହିଥିବା ବିସ୍ତୀର୍ଣ୍ଣ
ଅସୁମାରୀ ବାଲୁକା ରେଣୁରେ,
ଚାଲୁ ଚାଲୁ ଖୋଜିବୁଲେ କିଛି
ଅଜାଣତେ ହୋଇ ଆନମନା ।

ସାଗରର ଉତ୍ତାଳ ତରଙ୍ଗକୁ ହେଉ
ଅବା ସନ୍ଧ୍ୟା କାଳୀନ
ରକ୍ତିମ ଗଗନର ଆଭାକୁ
ବିଗତ ଦିନର ସବୁ ସ୍ମୃତି
ଚାହିଁ ଦେଲେ ଝଲସି ଉଠେ ।

ଏଇତ କାଲି ପରି ଲାଗେ ।
ଏଇଠି ତ ବସି ଜୀବନର

ସବୁ ଅନ୍ତରଙ୍ଗ ମୂହୁର୍ତ୍ତ କୁ
ଉପଭୋଗ କରିଛି,
ସିକ୍ତ କରିଛି ମଧୁର ଚୁମ୍ବନ ରେ
ପ୍ରିୟତମା ର ଗଣ୍ଡଦେଶ,
ତାର ଶିତଳ ସୂକ୍ଷ୍ମ ତନୁଟିରେ
ଭରି ଦେଇଛି ଉଷ୍ଣତା ।

କିନ୍ତୁ ହାୟ !
ଆଜି ସେସବୁ ସ୍ମୃତି,
କେବଳ ସ୍ମୃତି,
କେବଳ ପୁରୁଣା ସ୍ମୃତି ।
କାଲି ତାକୁ ଦେଖି କବିତା ଲେଖୁଥିଲି
ଆଜି କବିତା ରେ ତାକୁ ଦେଖୁଛି ।।

ଶିକ୍ଷକ-ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ବେତନଟୀ, ମୟୂରଭଞ୍ଜ

# ସମାଧିସ୍ଥ ଗାଁ

**ସବ୍ୟସାଚୀ ବିଶୋୟୀ**

ଚିହିଙ୍କି ଉଠଇ ହୃଦୟ କନ୍ଦର
ନୟନୁ ବୁହଇ ଅଶ୍ରୁ ଧାର ଧାର
ଅଇଲେ ବରଷା ଋତୁ,
ସ୍ମୃତି ହୋଇଯାଏ ଛାଇ
ମନ କାନ୍ଦେ କଇଁ କଇଁ
କରି ମୋ ପୁଣ୍ୟ ଭୂମିକୁ ହେତୁ ।

ଜନ୍ମିଥିଲି ଯହିଁ ମାତୃଭୂମି ସେହି
ଡାକେ ସିଏ ତ୍ରାହି ତ୍ରାହି
ଭାସିଣ ବାରିଧି ଜଳେ,
ସରକାର ଆସି ବନ୍ଧ ବାନ୍ଧି ଦେଲେ
ଉନ୍ନତିର ବାଟ ଫିଟି ଯିବ ଭଲେ
ଉଦ୍ଧରିବେ ଚାଷୀ କୂଳେ ।

ଉଦ୍ଧରିଲେ ଚାଷୀ
ଶୀରି କ୍ଷେତେ ବର୍ଷ
ଉଡ଼ିଲା ବିଜୟ ବାନା,
ମୋର ଜନ୍ମ ଭୂମି
ଗ୍ରାମ ଲମିପାନି
ଲିଭିଏ ତାହାରି ନାମା ।

କେତେ ଅଫିସର
କରିଲେ ବେପାର
ଭାବନାକୁ ଆମ ନେଇଁ,
ଭବାନାକୁ କେତେ
ଖୋଜେ ଜଳାଘ୍ରତେ
ଭାବ ହରା ହେଲି ମୁହିଁ ।

ବନ୍ଧୁ ସହୋଦର
କେତେ ପରିବାର
ଥିଲେ ଜାତି ପଂଚକୁଳି
ଏବେ ଖୋଜିବୁଲେ
ଭାଇ ବନ୍ଧୁ ଭଲେ
ଯେଝା ବାଟେ ଗଲେ ଚାଲି ।

କେ କେଉଁ ନଗରେ
କେ କୋଉ ପୁରୀରେ
ତୋଳିଲେ ଉଆସ ନିଜ,
ଆରେ ଭାଇ ବନ୍ଧୁ
ବନ୍ଧକୁ ତୁ ନିନ୍ଦୁ
ଜନ୍ମ ଭୂମିକୁ ବାରେ ହେଜ ।

ଯେବେ ଯାଏ ବୁଲି
ମୁଁ ହୀନା କପାଳୀ
ଦେଖିକୁ ଗାଁ ମୋର,
ଛାତି ଯାଏ ଫାଟି
ମୋର ଜନ୍ମ ମାଟି
ହୋଇଗଲା ଛାରଖାର ।

ଦୁଇକୂଳେ ନଦୀ
ଥିଲେ ଛନ୍ଦା ଛନ୍ଦି
କେନ୍ଦ୍ରରେ ମୋର ଗାଁ,
ପୂରୁବ ଆକାଶେ
ଦିବାକର ଦିସେ
ବୋହିଲେ ପ୍ରଭାତ ବାଃ ।

ଦିଗ ଯେ ଦକ୍ଷିଣୀ
ବୁଢ଼ୀ ଠାକୁରାଣୀ
ଥିଲେ ଘଂଟ ଘୋଡ଼ାଇ,
ଗ୍ରୀଷ୍ମର ପ୍ରଚଣ୍ଡେ
ଜଳ ହ୍ରାସ ବନ୍ଧେ
ବାନା ତା ଆହ୍ଲାଦେ ଉଡ଼ଇ ।

ସେମିଲୀ ପଦର
ପୁଞ୍ଜିପଡ଼ା ପୁର
ଥିଲେ ଯେ ନାନାଦି ଗ୍ରାମ,
ଭାଇ ଭାଇ ହୋଇ
ଚଳି ଆସୁଥାଇ
ଏବେ ବୁଢ଼ିଗଲା ସର୍ବ ପ୍ରେମ ।

ବଡ଼ ଗଉଁଟିଆ
ଥିଲେ ଗାଁ ମୁଖିଆ
ଗରିବ ଲୋକଙ୍କ ସାହା ।

କଣ୍ଡାମାଳ, ନବରଙ୍ଗପୁର

# ନାରୀ ବା ଅମୂଲ୍ୟ ରତ୍ନ

**ବୀରେନ୍ କୁମାର ବେହେରା**

କନ୍ୟା ଭ୍ରୁଣଟିର ସୂଚନା ମିଳିଲେ,
କିଛିଏ ଟେକନ୍ତି ନାକ ।
ଭୃଣ ହତ୍ୟା ପାଇଁ ଲାଗିପଡ଼ିଥାନ୍ତି,
ଦୁନିଆର ବଡ଼ ମୁର୍ଖ ।।
ନିଜ ଭଉଣୀ ଓ ମା' ଙ୍କର କଥା,
କିପରି ଯା'ନ୍ତି ଭୁଲି ?
ଆଜି ବି ସେମାନେ ନାରୀ ପରିଚୟେ,
ସମାଜେ ବଂଚନ୍ତି ବୋଲି ।।
ନାରୀର ଗର୍ଭରୁ ନିଜ ହୋଇ ଜାତ,
କିପରି ନିନ୍ଦୁଛ ନାରୀ ?
ନିଷ୍ଠୁର ଚିତ୍ତରେ କନ୍ୟା ଭୃଣଟିକୁ,
କାହିଁ ଗର୍ଭୁ ଦିଅ ଚିରି ?
ନାରୀ ର ସ୍ତନରୁ ପାନ କରି କ୍ଷୀର,
ଆଜି ତୁମେ ହେଲ ବଡ଼ ।
ସେହି ନାରୀଟିର କିପରି ଖାଉଛ,
ରକ୍ତ ମାଂସ ଆଉ ହାଡ଼ ?
ଯେଉଁ ନାରୀ ତୋର ହାତରେ ବାନ୍ଧିଲା,
ସ୍ନେହ ମମତାର ଡୋର ।
କିପରି ଲୁଟିଲୁ ତାହାର ଇଜ୍ଜତ,
ହୋଇ ତୁ କାମ ପ୍ରବର ?
ନାରୀ ଅପମାନେ ସୁବର୍ଣ୍ଣର ଲଙ୍କା,
ପୋଡ଼ି ହୋଇଲା ପାଉଁଶ ।
ନାରୀ ଅପମାନେ ନାଶ ହୋଇଛନ୍ତି,
ଦୂର୍ଯ୍ୟୋଧନ ଆଉ କଂସ ।।
କନ୍ୟା ଜନମିଲେ ଆନନ୍ଦେ ପାଳିବା,
କରି ତାର ସେବା ଯତ୍ନ ।
ନାରୀ ବିନା ସୃଷ୍ଟି କିପରି ସମ୍ଭବ ?
ନାରୀ ବା ଅମୂଲ୍ୟ ରତ୍ନ ।।

ପୋଷାଇ, ମହାକାଳପଡ଼ା, କେନ୍ଦ୍ରପଡ଼ା

# ଯତି ବଚନ

**ଶ୍ରୀ ଲକ୍ଷ୍ମଣ କୁମାର ବେହେରା**

ତପୀ ତପ ନ କରିବେ
ଅନ୍ନ ଚୋରେଇ ଭୁଞ୍ଜିବେ
ଯେ ସତ୍ୟ ବଚନ ଯେ',
ସ୍ୱାମୀକୁ ସ୍ତ୍ରୀ ନ ପୂଜିବ
ପର ପୁରୁଷେ ରସିବ
ଜୀବେ ଜାଣି ଥାଅ ଯେ' ।

ଆକାଶୁ ବରଷା ଜଳ
ଧରଣୀ ଲଭେ ଶୀତଳ
ଚାଷୀ କୁଳ ହସେ ଯେ',
କଳିକାଳ କହେ କାନେ
ଜଳି ତପନ କିରଣେ
ପୃଥ୍ୱୀ ହେବ ଖାର ଯେ' ।

ଘରେ ଘରେ ରାଜନୀତି
ମିଥ୍ୟା କଳହ ଦୁର୍ନୀତି
ଭିନ୍ନ ଭିନ୍ନ ଦଳ ଯେ',
ଟଙ୍କା ମଦ ମାଂସ ଯହିଁ
ମତଦାନ ଥିବ ତହିଁ
ଜୀବେ ଜାଣି ଥାଅ ଯେ' ।

ସମାଜ ସଂସ୍କୃତି ଧାରା
ଜାତିଗୋତ୍ର ପରମ୍ପରା
ସମାଜେ ନ ଥିବ ଯେ',
ବନପୁଷ୍ପ ପଶୁପକ୍ଷୀ
ଖୋଜି ନ ପାଇବ ଆଖି
କଳିକାଳ ଅନ୍ତେ ଯେ' ।

ତପନେ ତରଳି ହିମ
ବସୁନ୍ଧରା ଜଳ ମଗ୍ନ
ଜୀବେ ଭାସୁଥିବେ ଯେ',
ଶୁଣ ଆହେ ସୁଧୀ ଜନେ
ବିଷ୍ଣୁ ଦାସ ଯତି ଭଣେ
କଳିଯୁଗ ଦେଖି ଯେ' ।

କଳକାରଖାନା ମାନ
ଚତୁର୍ଦ୍ଦିଗରେ ସ୍ଥାପନ
ସୁଜଙ୍ଗଲ ପଦା ଯେ',
ବିଷମୟ ପରିବେଶ
ଜୀବେ ହୋଇବେ ନିଶେଷ
କଳିଯୁଗ କହେ ଯେ' ।

ଯୌତୁକ ସାବନି ପାଇଁ
ସମାଜ ସଂସ୍କାର କହି
ଗୋରା ଝିଅ ଭଲ ଯେ',
ବେଶଭୂଷାକୁ ରସିବେ
ଅନ୍ନ କୁ ନ ଆଦିରେବେ
ଜୀବେ ଜାଣି ଥାଅ ଯେ' ।

ବାପ ଛେଉଣ୍ଡ ସନ୍ତାନ
ମାଆ ଥିଲେ ରହେ ମାନ
ଯେ ଯତି ବଚନ ଯେ',
ସାବତ ମାଆ ଯାହାର
ସତେ ଅବା ଯମପୁର ବିତେ ଦିନ ଦୁଃଖେ ଯେ' ।

ଦଣ୍ଡାସିଂହା, ବାରକୋଟ
ଦେବଗଡ଼ (ଓଡ଼ିଶା)

# ଶରତ

**ଡଃ ଆଲୋକ କୁମାର ରାୟ**

କାଶତଣ୍ଡି
ଲାଗେ ମୋତେ
ତୁମର ରୂପେଲି
ମହୁଲୀ ହସ...

ଶରତର ଏଇ
ଶାନ୍ତ ନଈ ପଠା
ମନେ ମୋ ଜଗାଏ
ତୁମରି ବାସ

ଆକାଶଟା ସାରା
ଖଣ୍ଡେ କି ଦିଖଣ୍ଡ
ଧଳା ବଉଦର
ଫେରିବା ନାଟ...

ମନର ଆକାଶେ
ତୁମରି ପରଶେ
ଭ୍ରମୁଛି ମୋ
ଜୀବନ ଘଟ.....

କେନ୍ଦ୍ରପଡ଼ା

# ଜହ୍ନ କିନ୍ତୁ ଫେରେନାହିଁ

**ବି. ନିରୁପମା**

ସଞ୍ଜ ନଇଁଗଲେ ପୁନେଇଁ ରାତିରେ ଉଇଁଯାଏ ସିନା ଜହ୍ନ,
ଉଆଁସ ତିଥିରେ କଇଁ ଖୋଜୁଥାଏ ଆକାଶରେ ତା'ର ଚିହ୍ନ ।
କାଲେ ଆସିଯିବ-ମିଳନ ଆଶାରେ କଇଁ ରହିଥାଏ ଚାହିଁ,
ବାଟ ଚାହିଁ ତା'ର ଆଶା ମରେ ସିନା ଜହ୍ନ କିନ୍ତୁ
ଫେରେନାହିଁ ।
ଆଉ କା' ପାଶରେ ବନ୍ଧା ପଡ଼ିଗଲା କା'ନଜର ଗଲା ଘୋଟି,
ଚିନ୍ତା କରି କରି କଇଁର ମନଟି ବିଷାଦରେ ପଡ଼େ ଲୋଟି ।
ବେଳେବେଳେ କା'ର କରାଳ ଛାୟାରେ ଜହ୍ନ ଫିକା
ପଡ଼ିଯାଏ,
କେତେବାର ସେଇ ଘଟଣା ଘଟିଛି କଇଁ?

# ସାଆନ୍ତେ

**ଶ୍ରୀ ସତ୍ୟବ୍ରତ ସାହୁ**

ତୁମକୁ ବିଶ୍ୱାସର ସିଡ଼ି କରି
ଏତେ ବାଟ ଚଢ଼ି ଆସିଛି ସାଆନ୍ତେ ।
ମୋ’ ପୃଥିବୀରେ ତମେ ତ ଏକା ଜଣେ
ଯିଏ ବୁଝିଛି ମୋ’ ପେଟ ଚାଖଣ୍ଡକର ଦାଉ ।
ତମକୁ କ’ଣ ଅଜଣା ଯେ ସାଆନ୍ତେ !

ତମ ସାଆନ୍ତ ପଣର ଡାକରା ପଡ଼ିଛି ଚାରିଆଡ଼େ
ତମେ ପାପୀକୁ ଦେଇପାର ମୁକ୍ତି
ଭୋକିଲାକୁ ଦେଇପାର ଖାଦ୍ୟ, ଅନ୍ଧକୁ ଚକ୍ଷୁ,
ପଥରକୁ କରିଦେଇପାର ନାରୀ..
ତମେ ହସିଲେ ଦୁନିଆ ହସେ
ତମେ ଛୁଇଁଦେଲେ ପଥର ଭାସେ
ତମ ପାଖରେ କ’ଣ ଅସାଧ ଯେ ସାଆନ୍ତେ !

ତମେ ତ ଜମିଦାର
ତମ କ୍ଷେତର ହଳିଆଟିଏ ମୁଁ
ଯେବେବି ହାତ ପତେଇଛି ନିରାଶ ହୋଇନି
ସେହି ଭରସାରେ ଏତେ ବାଟ ମାଡ଼ିଆସିଛି ସାଆନ୍ତେ..
ବୁଝିବ ମୋ’ ମନକଥା
ତମକୁ ନାଉରୀ ଭାବି ଆଶା ରଖିଛି
ପାରି ହେବାକୁ ଭବସିନ୍ଧୁ
ତମକୁ ବିକି ଦେଇଛି ମନ, ପ୍ରାଣ ସବୁକିଛି
ତେଣିକି ଯାହା ତମର ଇଛା ସାଆନ୍ତେ... !

ପଲ୍ଲୀ ସାହି, କମାଳପୁର,
ଅହିୟାସ, ଯାଜପୁର- ୭୫୫୦୩୬

# ବାପା

**ରବି କୁମାର ମହାନ୍ତି**

କେବେ ଏକା ଏକା ଆକାଶର ଜହ୍ନ ପରି
ଉଦାସ ଉଦାସ
କେବେ ନିସ୍ତବ୍ଧ ସଂଧ୍ୟାରେ
ସଂଭାବନାର ଗୋଟେ
ଦରଦୀ ନିର୍ଯ୍ୟାସ/
କେବେ ବଡ ସିନ୍ଦୁକର ଅଚଳ ପଇସା ପରି
ନିହାତି ଅବଶ
ହେଲେ ଅଖିଳ ବ୍ରହ୍ମାଣ୍ଡର ନକ୍ସା
ତୁମ ପାଦର ପ୍ରଗଳ୍ଭ ଚିହ୍ନରେ
ପାଏ ଜୀବନ୍ୟାସ/
ତୁମବିନା ଜୀବନଟା
ମିଛ ଭାଗଶେଷ

# ଏଇତ ଜୀବନ

**ପ୍ରକାଶ**

ନିଶ୍ୱାସକୁ ଏଠି ବିଶ୍ୱାସ ନାହିଁଟି
ମଣିଷ ଖୋଜୁଛି ଧନ
ମିଛ ଧନ ଠାରୁ ସମ୍ପର୍କ ବାବୁରେ
ଅଟଇ ଟି ମୂଲ୍ୟବାନ ।।।

ଅରଜିଲେ ଧନ ବଢ଼େ ନାହିଁ ମାନ
ବଢ଼ିଥାଏ ସୁସମ୍ପର୍କେ
ଗଲାପରେ ଜୀବଅମର ରହିବ
ସଦା ଗାଉଥିବେ ଲୋକେ ।।।

କରିବାକୁ ଅଛି ଈଶ୍ୱରୀୟ କର୍ମ
ଆଦରି ସେବା ବ୍ରତକୁ
ପର ଉପକାରେ ଜୀବନ କାଟିବୁ
ବାଂଟି ଖୁସି ସମ୍ପତ୍ତି କୁ ।।।

କର୍ତ୍ତବ୍ୟ ପଥରେ ଚାଲିବୁ ବାବୁରେ
ସତ୍ୟକୁ କରିଣ ସାଥି
ଅଦୃଶ୍ୟ ଶକ୍ତି ତୋ ସହିତରେ ରହି
ହରିବ ସବୁ ବିପତ୍ତି ।।।

ସେଇ ତୋର ଧନ ସାଥିରେ ଥିବରେ
(ଯାହା) ଅରଜିବୁ ପୁଣ୍ୟ ବଳେ
ପୁଣ୍ୟ ନୁହେଁ ବାବୁ ଈଶ୍ୱର ପୁଜିବା
କପଟରେ ଅଥବା ଛଳେ ।।।

ଅନ୍ୟର ଦୁଃଖ କୁ ପୋଛିବୁ ଆନନ୍ଦେ
ମିଳାଇ କାନ୍ଧରେ କାନ୍ଧ
ପରଲୋକ ଯାତ୍ରା କରିବା ପାଇଁକି
ଅଂଟିରେ ଆଧାର ବାନ୍ଧ । । ।

ସେ ଆଧାର ତୋତେ ପୋଷକ ଯୋଗାଇ
ଦେବଟି ବୈକୁଣ୍ଠେ ସ୍ଥାନ
ଆତ୍ମା ପ୍ରଦୀପ ଟା ପରମାତ୍ମା ପାଦେ
ହୋଇବ ବାବୁରେ ଲୀନ । ।

ଚକାପଦା

# ଏ କି ଉପହାର !
# ତୁମକୁ ମୁଁ ଦେଇପାରିବି ?

**ମନୋରମା ବେହେରା**

କଥା ଦେଇ କଥା ରଖି ନ ପାରିଥିଲେ
କରି ନ ଥାନ୍ତି କେବେ ଅଭିମାନ.
କାହିଁକିନା
ତୁମ ଜୀବନକୁ ପରଖି ସାରିଚି,
ମୁଁ ମୋ ପ୍ରେମର ନିକିତିରେ । ।
କାଠଗୋଡ଼ାର ନିକିତି ଭାରି କଠିନ
କିନ୍ତୁ ଏବେ ସବୁ ମହଙ୍ଗା ପଡ଼ିଲାଣି
ସବୁ କିଛି ଏଠି ଅସାର
ପ୍ରେମର ନିକିତି ତଉଲିବାକୁ ହେଲେ
ଜୀବନକୁ କରେ ବଡ଼ପଣ
ଜାନେ ଅଞ୍ଜାନେ ମେ ଯୋ ହୋ ଗୟା ଭୁଲ
ଓ ସବ ସୁଧାରେନା କା ଏକ ତରିକା ହେ
ଲଭ୍ ଓନଲି ଲଭ୍
ସେତିକି ମଜଭୁତ କରେଇବ
ଆଗାମୀ ଜୀବନକୁ ନେଇ
ଯେତିକି ତୁମେ ଚାହୁଁଥିବ । ।
ନା' ଗ ଡେଇବ କୋଟର ଡେଟ୍
ନା' ବାଧ କରିବ ପାରିବାରିକ ଜୀବନ
ନା' କିଛି ବହି ଲେଖାର ନିୟମକୁ ମାନିନେବ
ତୁମ ହୃଦୟର ଦରଜ କେବଳ ତୁମେ ହିଁ ପଢ଼ିବ । ।
ଭଲ ପାଇବା ନ ଦେଇଥିଲେ ନାଇ
ଭାବିଥାନ୍ତି ଏ ଜୀବନର ଅଟ୍ଟହାସ ରୂପ
କାହାରିକୁ ଜଣେଇନଥାନ୍ତି, କିଛି ଦିନ
ବଂଚି ଯାଇଛନ୍ତି ତୁମ ଶୁଭ ମନାସି
ତୁମର ସେ ଚହଲା ଇତିହାସର ଆରିସିରେ ମୁହଁ
ପଖାଳି ଥାନ୍ତି, ତୁମକୁ ଦେଇଥାନ୍ତି ଅସରନ୍ତି ଆଶ୍ୱସନା । ।
କହିଥାନ୍ତ ଯଦି ଅପେକ୍ଷା କରିବାକୁ
ହୁଏତ ମୁଁ ଆଉ କିଛି ଦିନ
ତୁମ ଭରସାରେ ରହିଯାଇଛନ୍ତି
ଥାନ୍ତା ମୋ ସହିତ ମୋ ଘରର ଅନୁମତି
ଦେଇଥାନ୍ତି ତୁମ ଘରକୁ ସମ୍ମତି
ଯାହା ତୁମେ ଚାହୁଁଥିଲା ।
ଏ କ'ଣ!!!
ଏମିତି ଏକ ଉପହାର ମୋ ଠୁଁ ନବାକୁ ଚାହିଁଲ
ସେ ପୁଣି ସମସ୍ତଙ୍କର ବିନା ଅନୁମତିରେ
ସତରେ କ'ଣ ଯାହା ଚାହୁଁଥିଲ
ମୁଁ ସେୟା ନୁହେଁ!!
ଜାଣିଥିଲେ ସୁଧା  କହିପାରିବିନି ।
ତୁମେ କ'ଣ ଚାହୁଁଚ
ତଥାପି ମୁଁ ଭରସା ଦେଇଛି ତୁମକୁ
ତୁମକୁ ତୁମ ଜୀବନର ଓଲଟା
ପୃଷ୍ଠାକୁ ସଲଖେଇ ଦେବି ।"
କେବଳ ଅପେକ୍ଷା କର ସେଇ ଦିନକୁ
ଯେଉଁ ଦିନ ମୁଁ  ଫେରିବି
ତୁମ ପ୍ରିୟତମାକୁ ନେଇ । ।
ମୋ ଛାଇ ମୋତେ ନିର୍ଭୟରେ
କହିବାକୁ ଲାଗିଲାଣି
ଏ କି ଉପହାର । ତୁମ ଜାଣିପାରୁଚୁ ତ ?
ଦେଇପାରିବୁ ସମସ୍ତଙ୍କ ଅନୁମତିରେ!!
ପ୍ରଶ୍ନ ବାଣ ଆଜି ମୋତେ ଅଥୟ କରିଲାଣି
ଏ କି ଉପହାର! ତୁମକୁ ମୁଁ ଦେଇପାରିବି  ??

ପ୍ରାକ୍ତନ ଗବେଷିକା, ଶାନ୍ତି ନିକେତନ
ଗ୍ରାମ- ଡାବର

# କଣ୍ଢେଇ

**କ୍ରିଷ୍ଣା ମିଶ୍ର**

କେତେ ରଙ୍ଗ କେତେ ରୂପ ନେଇ
ଦୋକାନର ଝଲମଲ ଆଲୁଅରେ
ଫେରିବାଲା ହାତରେ ନାଚୁ ନାଚୁ
କିଣା ହୋଇ ଯାଏ
ସୁନ୍ଦର କୋଠରୀର ଶୋକେସ୍ କୁ
ମାଟି ଚଟାଣର କାଠ ପିଢ଼ା ଉପରକୁ,
ଏ କଣ୍ଢେଇ........

ଚିହ୍ନା ଅଚିହ୍ନା ହାତର ପରଷରେ
ଆଖି ଦୁଇଟି ମିଟି ମିଟି କରୁ କରୁ
ହସିଲା ଦୁଇ ଓଠର ଧାର
ଅଜାଡ଼ି ଦିଏ ଖୁସିର ଫୁଲଝରି ।
ଭୋକିଲା ପେଟ, ଶୁଖିଲା ଓଠ
ନିରସ ପରିବେଶ କୁ ସରସ କରୁଥାଏ
ଛନ୍ଦହୀନ, ସ୍ପନ୍ଦ ହୀନ, ପ୍ରାଣ ହୀନ
ଏ କଣ୍ଢେଇ........
କେତେ ରଙ୍ଗ କେତେ ରୂପ ନେଇ
ଏ ହାତରୁ ସେ ହାତକୁ ହେଉ ହେଉ
ଖସି ପଡ଼େ.........
ଗଡ଼ି ଯାଏ ତଳେ.......
ଖଣ୍ଡ ଖଣ୍ଡ ହୋଇ ଯାଏ........
ପାଦରେ ଏଡ଼ାଇ ଦିଆଯାଏ,
ଅଳିଆ ଗଦାକୁ ଫିଙ୍ଗି ଦିଆଯାଏ,
ଏ କଣ୍ଢେଇ.......
କେତେ ରଙ୍ଗ କେତେ ରୂପ ନେଇ.........

ରାୟଗଡ଼, ଛତିଶଗଡ଼

# ଛଳନାର ନଈ

**ରେଖା ମହାପାତ୍ର**

ଛଳନାର ନଈ
ପହଁରି ପହଁରି
ତୁଠରେ ପାରୁନି ଲାଗି ।
ଖାଇ ଖାଇ ଖେଂଚା
ଦେହେଲାଗେ ଖେଂଚା
କ୍ଷତ ବିକ୍ଷତ ଶରୀରକୁ
ଘୋଷାରି ଘୋଷାରି
ଅଣାୟତ ପ୍ରାୟ ।
ଉବୁଟୁବୁ ହୋଇ ପହଁରେ ଏକାକୀ
କାଳେ କେଉଁଠି କମ୍ ଥିବ ପାଣି
ସହଜେ ହୋଇବି ପାରି ।
ହେଲେ---
ଏ ଦୁନିଆ ନଈ ଯେ ପୂର୍ଣ୍ଣ
ଅଳିଆ, ନର୍ଦ୍ଦମା, ନାଳେ ।
କାହାକୁ କିଛି ନ କହି
ଚୁପ ରହିବାଟା ଠିକ୍ ଭାବୁଛି ମୁହିଁ ।
କୂଳରେ ଲାଗିବା ପାଇଁ
ଧୀରେ ଧୀରେ କାଟେ ବାଟ
ମୋ କ୍ଷମତାକୁ ଚାହିଁ ।
ପାରି ହେବାକୁ
ଏ ଛଳନାର ନଈ ।

# ବାପା

**ଶ୍ରୀ କୁଞ୍ଜ ବିହାରୀ ସାହୁ**

ମଶାଣି ହୁଡାରେ ହୁତ୍ ହୁତ୍ ହୋଇ ଜଳିଲା ଜୁଇ
ନିଦୁଆ ଆଖିର ଅସରା ଲୋତକେ ଭିଜିଲା ଭୂଇଁ ।
ମୁଣ୍ଡରେ ପଡ଼ିଲା ବିରାଟ ଆକାଶ ଥରେଇ ଛାତି
ପାଦର ମାଟି ବି ଧସେଇ ଖସିଲା ପୁହାଇ ରାତି ।
ବାପା ହେ ମୋର,
ତୁମେ ଚାଲିଗଲ ଅଫେରା ରାଇଜ ଛିଣ୍ଡେଇ ଡୋର ।(୧)
ନିଃସଙ୍ଗତା ମୋର ମନର ବିଲରେ ସିଆର କାଟେ
ଶୂନ୍ୟ ଆବେଗକୁ କେମିତି ବୋହିବି ଆପଣା ବାଟେ ।
ସ୍ନେହ-ମମତାର ଉଜାଣି ସୁଅରେ ଯିବାକୁ ଭାସି
ଇଚ୍ଛା କଲାବେଳେ, ଟାଣିନିଏ କିଏ ପଛକୁ ଆସି ।
କି କଲି ଦୋଷ ?
ବୁଝେଇ ଦିଅ ମୋ ପିଠିକୁ ଅଉଁଶି ନ ହୋଇ ରୋଷ ।(୨)
ଦେହଟା କି ମୋର ନିର୍ଜୀବ ରୁକ୍ଷ-ପଥର, ଗୋଡ଼ି
ସତେକି ମନଟା ଅଡୁଆ ସୂତାଟି ଯାଉଛି ମୋଡ଼ି ।

ଯିଏ ଚାହୁଁଅଛି ଫୋପାଡ଼ି ଦେଉଛି ଅଳିଆ କୁଣ୍ଡେ
ବନ୍ଧୁ-ପରିଜନ ଅପବାଦ ବୋଲି ନିରୀହ ମୁଣ୍ଡେ
ଯାଆନ୍ତି ଦୂରେ,
ନୀରବରେ ଆଜି କାନ୍ଦୁଛି ତୁହାଇ ଆପଣା ପୁରେ ।(୩)

ଏଲ.ଆଇ.ଜି-୧୫ନୟାପଲ୍ଲୀ, ବ୍ରୀଟ୍
କଲୋନୀ, ଭୁବନେଶ୍ୱର, ୭୫୧୦୧୨

# କା' ପରିଶେ ନିଆଁ ଝୁଲ

**ଚମକ ଚାନ୍ଦିନୀ ଦାଶ**

ଅଦେଖା ମରମ ତଳେ
ଅଫୁଟା ପ୍ରଣୟ ଫୁଲ
କା' ପରଶେ ବାସ ବାଂଟେ
କା' ପରଶେ ନିଆଁ ଝୁଲ ।୦।
ଅଳସ ଭାଙ୍ଗେ ସେ କେବେ
ବାହାନାର ଫୁଲଶେଜେ
ନୀଳ ପ୍ରଜାପତି ଦେଖି
ଝୁରି ମରେ ଲାଜେ ଲାଜେ
କେବେ ଜଳେ ନୀରବରେ
ନିଜେ କଳି ନିଜ ମୂଲ
ଅଦେଖା ମରମ ତଳେ
ଅଫୁଟା ପ୍ରଣୟ ଫୁଲ ।୧।
ଅବୁଝା ନୟନେ ଭରା
କବିତା ଗାଥା କାହାଣୀ
ଗୀତି ସୁରେ ପ୍ରୀତି ଯାଚେ
ଚପଳ ଚାରୁ ଚାହାଣୀ
ଅଳକା ଭୁବନ ଶୋଭା
ନୁହେଁ ତାର ସମତୁଲ
ଅଦେଖା ମରମ ତଳେ
ଅଫୁଟା ପ୍ରଣୟ ଫୁଲ ।୨।

ପ୍ଲଟ-୬, ଚିନ୍ତାମଣିଶ୍ୱର, ବୁଦ୍ଧେଶ୍ୱରୀ
ଭୁବନେଶ୍ୱର- ୭୫୧୦୦୬

# ଅଶ୍ରୁତର୍ପଣ

**ବେଣୁଧର ସୂତାର**

ମାଟିର ଲୋହିତ ବର୍ଣ୍ଣବିଭାରେ ବୀରର ଶୋଣିତ ଚିତେ
ଉତ୍ସର୍ଗ ଆତ୍ମାର ଆତ୍ମାଲିଖନ ମର୍ତ୍ତ୍ୟ ମଶାଣି ଗାତ୍ରେ
ଯଉବନର ସେ ରୁଦ୍ରଲଗନେ ଅଫେରାପଥର ଯାତ୍ରୀ
ଦୀପ୍ତ ତେଜର ଜୀବନ ଆଲୋକେ ଆଜି ତିମିରିତ ରାତ୍ରୀ
ବୀର ଜୀବନର ଅନ୍ତିମ ପାର୍ବଣ କାହାଣୀର ପଦଟୀକା
ଲୁହର ଅର୍ଣ୍ଣବେ ବେଦନା ଉର୍ମିରେ ବିଦାୟର ସ୍ମରଣିକା
ମୂକଜନନୀର ନିର୍ବାକ ନୟନ ପ୍ରଣୟୀ ପ୍ରାଣରେ ନିଆଁ
ବୁକୁଫଟାଯାଇ କରୁଣ କ୍ରନ୍ଦନ ବିଦିର୍ଣ୍ଣ କରୁଛି ହିଆ
କୋଟି ଜନତାର କ୍ରନ୍ଦନରୋଳ ଉଠୁଛି ଗଗନ ଭେଦି
ମାଟି ମାଆ କରେ ନେପଥ୍ୟ ରୋଦନ ନିରବେ ନୟନ ମୁଦି
ଦିବ୍ୟ ଉପହାରେ ମଣ୍ଡିତ ଶରୀର ବିଷାଦ ଫୁଲର ଅର୍ଘ୍ୟ
ମରଣ ପଥେ ସେ ଅମର ଯାତ୍ରୀ ତୁଟାଇ ମମତା ଦୈର୍ଘ୍ୟ
ସାତଜନମକୁ ସାଥିଟିଏ କରି ଏଇ ଜନ୍ମେ କଲା ପର
ସୁହାଗ ସିନ୍ଦୁର ପ୍ରୀତି ଉପହାର ବେଦନାର ଯଉଘର
ଆପଣାର ପ୍ରାଣେ ଅକୁହା ଯନ୍ତ୍ରଣା ତୁମରି ଆବର୍ତ୍ତମାନ
ଜାୟା ଓ ଜନନୀ ପ୍ରାଣର ଆତ୍ମୀୟ ବିଷାଦର ଅଗ୍ନିସ୍ନାନ
ସୋହାଗ ଦୀପାଳି ପ୍ରିୟା ପାଇଁ ଜାଳି ନିଜ ପାଇଁ ଜାଳେଜୁଇ
ତା ଭଲପାଇବା ପ୍ରୀତିର ଆଲୋଖ୍ୟ ମରି ସେ ମରଣଜୟୀ
ବାନ୍ଧି ପାରିଲାନି ମାଟିର ମମତା ରଙ୍ଗବତୀ ପ୍ରିୟା ପ୍ରୀତି
ଦେଶ ପାଇଁ ସିଏ ସାଜିଲା ଶହିଦ ଲଭିଛି ପରମ ଗତି
ନୀରବି ଯାଇଛି ନିଖିଳ ପରାଣ ବେଦନା ଲହରୀ ମାଳେ
ଧ୍ୱନୀ ଉଠୁଅଛି ଗଗନ କୁ ଚୁମି ଶେଷ ସଲାମର ତାଳେ
ଅମର ଅମର ଚିର ଅମର ହେ ବୀର ପୁଙ୍ଗବ ତୁମେ
ରଚିଗଲ ସ୍ୱର୍ଣ୍ଣ ଲୋହିତ ସ୍ୱାକ୍ଷର ଆଜିଏ ମର୍ତ୍ତ୍ୟ ଭୂମେ

କେଶଦୁରା ପାଳ, କେନ୍ଦୁଝର-୨୫

# ସାଥି...

**ଅନିଲ ସାହୁ**

ହେ ସାଥି...........
ରାଗରୁଷା ଯଦି ଥାଏ
ତୁମ ମନେ କିଛି
କହି ଦିଅ ଥରୁଟିଏ
ମନ ଖୋଲି ଆଜି ।।

ସମୟ ସୁଅରେ
ବଦଳି ଯାଉଛି
ଜୀବନର ଗତି
କିଏ ବା ଜାଣେ
ଆସନ୍ତା କାଲି ମୁଁ
ଥିବି ଅବା ନଥିବି ? ?

# ଜୀବନର ଅବସ୍ଥା

**ସୁସିଲ ପାଣି**

ଜୀବନ ଯୌବନ ଧନ ସମ୍ପତ୍ତି ।
ଅଟେ ପରା କ୍ଷଣ ସ୍ଥାଇ । ।
ଏକୁ ଏକ ବଳିଆର ଆସେ ଜୀବନର ।
ତାକୁ ନେଇ ଗର୍ବ କରିବ ଯେ ନାହିଁ । ।
କ୍ଷଣ ଭଙ୍ଗୁର ଏ ମନୁଷ୍ୟ ଜୀବନ ।
କେତେବେଳେ ଜୀବ ଚାଲି । ।
କାହାକୁ ନିଜର ଭାବି ଗର୍ବ କରିବ ।
ଆଜି ଜିଏ ରଜା କାଲି ଫକିର ନହେବ ବୋଲି । ।

ପୁରୀ

# ପ୍ରେମକୁ ଯେ ମାରିଦେଲ

**ସର୍ବାଣୀ ଦାସ**

ଆବେଗ କୁ ମୋର ଖେଳଣା ଟେ ଭାବି
ମନଇଛା ଖେଳିଗଲ
ଖେଳ ସାରି ତୁମେ ଅତି ସହଜରେ
ଭାଙ୍ଗି ଦେଇ ଚାଲିଗଲ । ।୦ । ।
ନୀଳନିଶା ଭରା କୁଆଁରୀ ଲତା ମୁଁ
ଆଶ୍ରା ଟିକେ ଲୋଡ଼ି ଥିଲି
ଥିଲା ନିରିମମ ହୃଦୟ ତୁମର
ଛଳନାର ପଶାପାଲି
ମୁହୂର୍ତ୍ତ ମୁହୂର୍ତ୍ତ ବିତିଯାଏ ସହୀ
ବିରହ କୁ କରି ଗେଲ । ।୧ । ।
ଅନେକ ତୃଷ୍ଣାର ବିକଳ ପଣରେ
ମଉନ ଶୋକର ଆଶା
କେତେ ଅଭିସାର ମନ ପାଲିଙ୍କିରେ
ହୋଇଥିଲେ ଲୋକହସା
ଅନ୍ତରେ ଅଯଥା ଅଭିମାନ ଭରି
ପ୍ରେମକୁ ହତ୍ୟା କଲ

ପଥୁରିଆ ସାହି, ପଣ୍ଡିତ ମଠ (ନିକଟ), ପୁରୀ-୧

# କୁଂଚି ମନ୍ଦାର

**ସୁଦାମ ଲେଙ୍କା**

ବାଡ଼ିରେ ଲଗେଇଛି ମୁଁ କୁଂଚି ମନ୍ଦାର,
ପିନ୍ଧେଇବି ମା'କୁ ମୁଁ ଗୁନ୍ଥି କରି ହାର !
ମନ୍ଦାର ଫୁଲରେ ତା'ର ଅଧିକ ସରଧା,
ପିନ୍ଧେଇଲେ କଟିଯିବ ଜୀବନର ବାଧା !
ମନ୍ଦାର ଫୁଲ ସହିତ ଦୁଦୁରା ଟଗର,
ମା' କୁ ଦିଶିବ ପୁଣି ଅତୀବ ସୁନ୍ଦର !
ନିରିମାଖି ମା' ସିଏ ବସିଅଛି ଏକା,
ତା' ପାଖକୁ ଯିବା ପାଇଁ ମନରେ ଆଶଙ୍କା !
ଜଣେଇବି ଦୁଃଖ ତାକୁ ପିନ୍ଧେଇ ମନ୍ଦାର,
ନମସ୍କାର କରେ ଆଜି ଏହି ନର ଛାର !
ହେତୁ ପାଇଲା ଦିନଠୁ ଜାଣିଲି ମୁଁ ତତେ,
ରକ୍ଷା କର ମା' ମତେ ବିପଦେ ଆପଦେ !
ଜାଣି ନାହିଁ ମନ୍ତ୍ର, ଯନ୍ତ୍ର ଜାଣି ନାହିଁ ବେଦ,
ତତେ ପାଇ ଜୀବନରେ ପାଇଛି ଆନନ୍ଦ !
ଶୁଖିଲା ପତର ମୁହିଁ ଗଛରେ ଝୁଲୁଛି,
କେତେବେଳେ ପଡ଼ିଯିବି ନାହିଁ ତାର କିଛି !
ବାଟ ବହୁଦୂର ପୁଣି ରହିଅଛି କଷ୍ଟ,
ତତେ ସୁମରଣ କଲେ ନ ଆସଇ ଦୁଷ୍ଟ !
ଏଣୁ କରି ମୋ ପାଖରେ ନାହିଁ ଆଉ କିଛି,
ମନ୍ଦାର ଫୁଲକୁ ଖାଲି ତୋ ପାଇଁ ରଖୁଛି !
ପୂଜୁଛି ମୁଁ ପୂଜୁଥିବି ଦେଇ ମନ ପୂର୍ଣ୍ଣ,
କରୁଛି ଏ ଗୀତ କୁ ମୁଁ ଏଠାରେ ସମ୍ପୂର୍ଣ୍ଣ ! !

ବେଢ଼ାପାଳ, ଢେଙ୍କାନାଳ

# ବ୍ୟଙ୍ଗ

**ଡକ୍ଟର କୃତ୍ତିବାସ ନାୟକ**

କାଲିଯାଏ ଘରେ ପିଆଜ ନଥିଲା ପଖାଳ ଖାଇବାପାଇଁ
ଆଜି ମୁଁ ଖୋଜୁଛି ମାଉଁସ ଚାଖଣା ବିଦେଶୀ ପିଇବା ପାଇଁ ।

ଗାଆଁରେ ଥିଲି ମୁଁ ଭଙ୍ଗାଚାଳଘରେ ଦେଖୁଥିଲି ଘରେ ଜହ୍ନ,
ଆଜି ମୁଁ ସହରୀ ଏସି ନଚାଲିଲେ ଛଟପଟ ହୁଏ ମନ ।

ମାଆ ଧାନକୁଟି ବିଲ ବାଛି ବାଛି ଘସି ପାରୁଥିଲା ସିନା,
ଏବେ ମୋ ଘରଣୀ ହେଲା ରାଜରାଣୀ ଖାଏନା ଚାମଚବିନା ।

ଆଗେ ମୋ ହାତରେ ବିଣ୍ଡି ବସିଥିଲା ଖରାଦିନେ ହଳକରି,
ଏବେ ମୋ ହାତଟା ଚିକ୍କଣ ହେଇଛି ନେତାଙ୍କର ବତୀ ଧରି ।

ଆଗେ ଡାକୁଥିଲେ ଗୋବରା ଗୋବରା ଗାଆଁର ମୁରୁଖଲୋକ,
ଏବେଗୋବର୍ଦ୍ଧନବାବୁ ଡାକୁଛନ୍ତି ଦେଖିମୋ ସାହେବୀ ଭେକ ।

ଚାଲୁଥିଲି ସିନା ଖାଲି ପାଦରେ ମୁଁ ଯାଉଥିଲା ପାଦପୋଡ଼ି,
ଏବେ ମୁଁ ଜୋତାରେ ମଉଜା ଲଗାଇ ଚଢୁଛି ଦାମିକା ଗାଡ଼ି ।
ଆଗେ ସିନା ମୋର ତୁଣ୍ଡରୁ ବଚନ ବାହାରୁ ନଥିଲା କିଛି,
ଏବେ ମୋ ଭାଷଣ ଖଇଫୁଟେ ଖାଲି ନବଖଣ୍ଡ ହୁଏ ମାଛି ।

ତଥାପି କହୁଛି ଏ ଦେଶରେ କିଛି ବିକାଶ ତ ହେଇ ନାହିଁ,
ବିକାଶ ହୋଇବ ଯେଉଁଦିନ ଉଡ଼ାଜାହାଜ କିଣିବି ମୁହିଁ ।

# ସେ ଆତ୍ମହତ୍ୟା କରିଦେଲା...

**ଦିବ୍ୟ ରଞ୍ଜନ ସାହୁ**

ଗୋଟିଏ ଜୀବନ ଥିଲା
ସେ ହସୁଥିଲା...
ଆତ୍ମହତ୍ୟ କରିଦେଲା
ସେ ଜଣିଥିଲା ଏ ଜୀବନଟା ଈଶ୍ୱରଙ୍କର,
ସେ ଜାଣିଥିଲା ତା' ପାଖରେ ଅନେକ ଶକ୍ତି ଅଛି,
ସେ ଜାଣିଥିଲା ଈଶ୍ୱର ବିଶ୍ୱାସଘାତକ ନୁହଁନ୍ତି,
ସେ ଆତ୍ମହତ୍ୟା କରିଦେଲା ।। (୦୧)
ତାକୁ କୁହାଯାଇଥିଲା
ତା'ର ମୂଲ୍ୟ ଅନେକ ବୋଲି
ସେ ଜୀବନ ତମାମ ସଂଘର୍ଷ କରୁଥିଲା,
ପଶା ଖେଳ ପୂର୍ବରୁ ପାଞ୍ଜି ଦେଖୁନଥିଲା,
ରକ୍ତ-ମାଂସ-ହାଡ଼ ସବୁକୁ ବାଜିରେ ଲଗେଇ ଦେଉଥିଲା,
ସେ ଗରୀବ ନ ଥିଲା,
ସେ ଆତ୍ମହତ୍ୟା କରିଦେଲା ।। (୦୨)
ତାକୁ ଜଣାଇ ଦିଆଯାଇଥିଲା
ସବୁ ଭୋଗ୍ୟ ବସ୍ତୁ କେବଳ ତା'ର
ମା, ବାପା, ଭାଇ, ଭଉଣୀ, ଅନ୍ତରର ମିତ୍ର
ସମସ୍ତଙ୍କ ଉପରେ କେବଳ ତା'ରି ଅଧିକାର ଅଛି
ଏମିତିକି ଜନ୍ମ-ଜୀବନ ଆଉ ମରଣ ଉପରେ ବି...
ସେ ବିବ୍ରତ ନ ଥିଲା
ସେ ଆତ୍ମହତ୍ୟା କରିଦେଲା ।। (୦୩)
ମୁକ୍ତିର ବାଟ ତାକୁ ଜଣା ଥିଲା
ସେ ଜ୍ଞାନୀ ଥିଲା...
ସେ ବୁଦ୍ଧିମାନ ଥିଲା...
ସେ ଈଶ୍ୱରଙ୍କ ବରଦାନ ଥିଲା
ସେ ଦୁର୍ବଳ କିମ୍ବା ଦୁଃଖୀ ବି ନଥିଲା
କିନ୍ତୁ ସେ ଡରକୁଳା ଥିଲା,
ସେ ଆତ୍ମହତ୍ୟା କରିଦେଲା ।। (୦୪)
ମୃତ୍ୟୁ ଉପରେ ତା'ର ଅଧିକାର ଥିଲା
ସେ ବୁଝି ସାରିଥିଲା ତା'ର ଧୋକା ଦିଆଯାଇଛି
ଅଧିକାର କେବଳ ପ୍ରୋପାଗଣ୍ଡା ଥିଲା
ଦୁର୍ବଳତା କେବଳ ଏତିକି,
ପ୍ରତିରୋଧ କରିବାକୁ ତା'ପାଖେ ଭାଷା ନଥିଲା
ସେ ଜାଣି ସାରିଥିଲା ତା ମୃତ୍ୟୁ ସୁନିଶ୍ଚିତ ବୋଲି
ସେ ଆତ୍ମହତ୍ୟା କରିଦେଲା ।। (୦୫)
ଆତ୍ମହତ୍ୟା ପୂର୍ବରୁ...
ସେ ଶେଷ ଚିଠି ଲେଖିଥିଲା
ପ୍ରିୟ, ମାନବ ସମାଜ ପାଖକୁ
ପ୍ରିୟ, ଦାନବ ସମାଜ ପାଖକୁ
ପ୍ରିୟ, ଗନ୍ଧର୍ବ ସମାଜ ପାଖକୁ
କିନ୍ତୁ, ସେ ସ୍ୱର୍ଗ ଚିଠି ଲେଖିନଥିଲା,
ସେ ଆତ୍ମହତ୍ୟା କରିଦେଲା ।।

ଗ୍ରା/ପୋ- ତେଣ୍ଡରା
ଭାୟା- କେନାଭେଟା, ବ୍ଲକ-ବଣାଇଁ, ସୁନ୍ଦରଗଡ଼

# ସ୍ୱପ୍ନ...॥

**ପ୍ରଦୀପ ବନ୍ଧ**

ରୂପରେଖ ନଥାଇ ଉଡ଼ା ବିହଙ୍ଗଟା
ହଠାତ୍ ତଳେ ପଡ଼ି
ପୁଣି ଉଡ଼ିବାକୁ ଲାଗିଲା ବେଳେ
ଦେଖେ କିଛି ମଳେଇରେ
ଢାଙ୍କି ହେଇଥିବା ସେ
ଅଲାଜୁକି ଜହ୍ନ.
ପୁଣି ହସିଦେଇ ତା ଆଡ଼କୁ ଚାହିଁ
କେତେ କ'ଣ ଭାବି
ଉଡ଼ିଚାଲେ ଉପରକୁ
ଆହୁରି ଉପରକୁ
ଭରା ଲାଜରେ ଭିଜିବାକୁ ଦେଖେ
କାହିଁ କେତେ ଅସୁମାରି ସ୍ୱପ୍ନ...॥ ॥
କୁଆଡ଼େ ଥିଲା କେଜାଣି
ବହିଆସେ ଅଣଚାଶ ପବନର ବେଗ
ତୁହାକୁ ତୁହା ବର୍ଷା ବିଜୁଳିର
ଘଡ଼ଘଡ଼ି ଶବ୍ଦରେ ଯେମିତି
ଲିଭେଇଦେଲା ଘମାଘୋଟ ଅନ୍ଧକାର ରେ
ସବୁ ଚିହ୍ନ ବର୍ଣ୍ଣ.
କିଛି କ୍ଷଣ ମଧ୍ୟରେ ଫେନିଳ ଆକାଶଟା
ପୁଣି ତାର ସୁନ୍ଦର ରୂପ ନେଇ
ସାରା ସଂସାର କୁ ସୁବାଷ ମୟ କରି
ବିତରି ଚାଲିଲା ଖୁସି
ଆଉ ବାଂଟି ଚାଲିଲା ସ୍ୱପ୍ନ.... ॥ ॥
ସାତ ରଙ୍ଗରେ ରଙ୍ଗେଇ ହୋଇ
ବିହଙ୍ଗଟି ତାର ନିଜ ରୂପକୁ ଦେଖେ
ନା ବଦଳିଛି ଚେହେରା
ନା ବଦଳିଛି ତା ଦେହର ବାସ୍ନା
ନା ମନେ ଅଛି
ତା କ୍ଷତ ବିକ୍ଷତ ର ଚିହ୍ନ.
ହେଲେ ସମୟର ବିଡ଼ମ୍ବନା
ରାତି ପାହି ସକାଳ...
ପୂର୍ବ ଦିଗରେ ବିଛୁଡ଼ି ପଡୁଥିବା
ସୁନେଲି କିରଣରେ
ତାର ଆଶା ବିଶ୍ୱାସରେ
ଭାଙ୍ଗି ରୋଜି ଡୁବେଇ ଦେଇଛି
ସାରସ୍ୱତ ସ୍ୱପ୍ନ.
କାହିଁକି...... ? ?
କ'ଣ ପାଇଁ....॥

ଭଦ୍ରମ, ବାସୁଦେବପୁର, ରାଜଘରପୋଖରୀ

# ବୃକ୍ଷ ଓ ନାରୀ

**ସନ୍ତୋଷ ପଟ୍ଟନାୟକ**

ପରିବାର ଠାରୁ ପରିବେଶ ସୃଷ୍ଟି
ନାରୀର ହାତ ସବୁଠି
ବୃକ୍ଷ ଆଉ ନାରୀ ସମ ଗୁଣ ବର୍ତ୍ତୀ
ପରୋପକାରେ ଦୁହେଁ ଟି..

ସ୍ନେହ, ଶ୍ରଦ୍ଧା, ପ୍ରେମ ସଦା ଝରୁଥାଏ
ସଂସାର ମଧ୍ୟେ ସାରଟି
ବୃକ୍ଷ ଓ ନାରୀ ଦୁହେଁ ଉପକାରୀ
ଏକଥା ଅନ୍ୟଥା ନୁହେଁଟି...

ନାରୀ ସାଜେ ମାତା, ଭଗିନୀ ଦୁହିତା
କେବେ ଜାୟା ପତିବ୍ରତା
ସବୁରି ରୂପରେ ପ୍ରେମ କାଙ୍ଗାଳିନୀ
ସେଇ ପଥ ପ୍ରଦର୍ଶିକା...

ବୃକ୍ଷ ବି ସେମିତି ଅମ୍ଳଜାନ ପାଇଁ
ନିତାନ୍ତ ଜରୁରୀ ଆମ
ବାସଗୃହ ଠାରୁ ଶ୍ମଶାନ ପର୍ଯ୍ୟନ୍ତ
ନିଃସ୍ୱାର୍ଥେ ଦିଅଇ ଦାନ...

ଦୁହିଁଙ୍କ ମିଳନେ ପ୍ରକୃତି ଶୋଭିତ
ଝଲସଇ ତନୁମନ
ଉପମା ଦେବାକୁ ଭାଷା ନାହିଁ ମୋର
ଦୁହିଁଙ୍କୁ କଲି ନମନ...

ବେଗୁନିଆପଡ଼ା ବ୍ଲକ୍, ତିରିଡ଼ା/ଗଞ୍ଜାମ

# ତୁମଠି ପହଂଚିବାର ଚେଷ୍ଟାରେ

- ଦିପୁନ୍ ପ୍ରଧାଣ୍

ତୁମଠି ପହଂଚିବାର ଚେଷ୍ଟାରେ ଇ
ଫି'ଥର ମୁଁ ପୋଛି ଚାଲିଛି ମୋ ପାଦତଳୁ
ଯାତ୍ରାପଥର ବିବଷ ଅହଂକାର
ଘାଉଡ଼ ପାଦର ଠୋପା ଠୋପା ରକ୍ତ ବିନ୍ଦୁରେ
ମୁଁ ଲେଖି ଚାଲିଛି ବିଚ୍ଛେଦର ନିର୍ମମ ଇସ୍ତହାର

ତୁମଠି ପହଂଚିବାର ଚେଷ୍ଟାରେ ଇ
ଝଡ଼ି ପଡୁଥିବା ପ୍ରତିଟି ମାଂସଖଣ୍ଡକୁ ବି
ମୁଁ ସାଉଁଟି ଚାଲିଛି ସଜତ୍ନରେ
ଓ ଖଂଜିଦେଉଚି ଯଥୋଚିତ,
ବିଦେହରୁ ମୁକୁଳେଇ ଆଣିଛି ନିଜକୁ
ଓ ପାଲଟିଛି ଗୋଟେ ଶତଶୃଂଗାର ଗୁଂଫିତ ଦେହ !

ଦେହ କହିଲେ ମୁଁ ନୁହଁ
ତୁମଠି ପହଂଚିବାର ଚେଷ୍ଟାରେ ଇ ଦହଗଂଜ ମୋତେ
ବୋହିବାକୁ ବାଧଗୋଟେ ମସିଆ ଶଗଡ଼
ହୈଇଚୈଇ ଇଚ୍ଛାଙ୍କର ତାରକାସୀ ମେଢ଼

ତୁମଠି ପହଂଚିବାର ଚେଷ୍ଟାରେ ଇ
ମୁଁ ନିଜର କରିନେଇଛି ବାଟ ଯାକର ଖରା ଆଉ ତରା
ଗଛ ଛାଇ କୁ ଛୁଇଁବାକୁ ଦେଇନି ମୋ କ୍ଲାନ୍ତି ଇଂଚେ ବି
ଦୁର୍ବଳତା

ତୁମ ଠି ପହଂଚିବାର ଚେଷ୍ଟାରେ ଇ
ଜୀବନକୁ ଅତିରିକ୍ତ କରି
ଲୁଚେଇଛି କାନ୍ଧ ଗଂଠୁଳିରେ
ଅବଶିଷ୍ଟ ଛୁଟେଇଛି ଶିରା ପ୍ରସିରା ରେ

ତୁମଠି ପହଂଚିବାର ଚେଷ୍ଟାରେ ଇ
ହାତେଇଛି ଇଚ୍ଛାମୃତ୍ୟୁ ଯୋଗ
ତୁମଠୁ ମୁଁ ଅପହଂଚ ଯେତେ ଯାଏଁ
ଯେତେ ଯାଏଁ ଓଠ ସାଥେ ନମିଶିଛି ଓଠ
ମୁଁ ମରଣର ଆୟଉ ବାହାରେ

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ
ଶାନ୍ତିନିକେତନ, ପଶ୍ଚିମବଙ୍ଗ

# ସ୍ୱାଧିନତା

- ପ୍ରଫୁଲ୍ଲ କୁମାର ନାହାକ

ସ୍ୱପ୍ନର ସ୍ୱାଧୀନତା
ସମ୍ଭାବନା ବିନା
ସାକାର କରିବାକୁ ଚେଷ୍ଟା କଲେ
ମିଳେ ଅସହ୍ୟ ବେଦନା ।
ପରାଧିନତାର ଗ୍ଲାନିବୋଧ ଠାରୁ
ସ୍ୱାଧୀନତାର ଅତ୍ୟାଚାର
ଲୋକକୂପ ମଧ୍ୟ
ସ୍ୱେଚ୍ଛାଚାରିତାର ଜୀବାଣୁ
ସଭିଙ୍କୁ କରିଛି ଆସକ୍ତ ।
ସ୍ୱାର୍ଥର ଯଜ୍ଞ ବେଦୀରେ
ଅଧିକାରର ଜୀବନ୍ତ ଆହୁତି
ସ୍ୱାଧୀନ ରଥର ସାରଥି ସାଜି
କରୁଛି ସ୍ୱାର୍ଥପରତା ରାଜୁତି ।
ଆୟସଲବ୍ଧ ମୁକ୍ତିର ମନ୍ତ୍ର
ହୋଇଛି ବିଡ଼ମ୍ବିତ
କାମନା-ବାସନାର ତୃଷ୍ଣା ପୁଣି
ମାନବକୁ କରିଛି କବଳିତ ।
ଗଣତନ୍ତ୍ରର ପଛଦପଟେ ଚାଲିଛି
ସାମ୍ରାଜ୍ୟ ଆଉ ପୁଞ୍ଜିବାଦର ନାଟ
ସାମନ୍ତବାଦର ଜଠର ଭିତରୁ
ସଦ୍ୟ ଜନ୍ମିଛି
ପପ୍ ଓ ଡିସ୍କୋର ଯୁଗଳ ନୃତ୍ୟ ।
ଆଲୋକର ଆଶା କ୍ଷଣ ଏଠି
ପୁଣି ଆଦର୍ଶ ସୁଦୂର ପରାହତ
ପ୍ରେମ ଆକାଶ- କୁସୁମ
ସମ୍ପର୍କ ଅତି ତୁଚ୍ଛ ।
ଅହିଂସାର ପୋଷାକ ତଳେ
ହିଂସାର ରାଜନୀତି
ଜୀଇଁବା- ବଂଚିବାର ସଂଘର୍ଷ ମଧ୍ୟେ
ବଳିପଡ଼ିଛି ସାଧାରଣ ଜନତାର ସ୍ଥିତି ।
ଉପଭୋଗ ସଙ୍ଗେ ଧନର ମୋହ
କରିଛି ମାନବକୁ ଆଚମ୍ବିତ
ବ୍ୟଭିଚାର -ପ୍ରପ କର୍ମଶାଳାରେ
ସମାଧି ନେଇଛି ଦିବ୍ୟ ମନୁଷ୍ୟତ୍ୱ ।
ରାମରାଜ୍ୟରେ ଆକାଂକ୍ଷା ଆଜି
ଶରତ ସକାଳର କୁହୁଡ଼ି
ଆଲୋକ ପ୍ଲାବିତ ସ୍ୱାଧୀନତା
ସାଜିଛି ଅଚିରେ
ନିରାଶାର ଯମ ଦଉଡ଼ି ॥

ଓଡ଼ିଆ ବିଭାଗ
ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ

# କୁରୁକ୍ଷେତ୍ର

- ଡ. ସିନ୍ଧୁ ସେନ୍

କିଏ କହେ କୁରୁକ୍ଷେତ୍ର
ଗୋଟେ ସମୟ ଖଣ୍ଡରେ
ଅଭିଶପ୍ତ ରଣକ୍ଷେତ୍ର
ଯେଉଁଠି କୁଡ଼ କୁଡ଼ ଶବପରେ
ଅତୃପ୍ତ ଅତ୍ମାମାନେ
ହେଉଥିଲେ ଆତଯାତ ।

କିଏ କହେ କୁରୁକ୍ଷେତ୍ର
ଘନ ଘୋର ଅନ୍ଧାର ମଧ୍ୟେ
ରକ୍ତ ଜୁଡୁବୁଡୁ ବିଭସ୍ତ ଆତ୍ମାର
ଚିତ୍ରପଟ ।
ଯାହା ବକ୍ଷେ ଲେଖାଅଛି
ଗୋଟେ ଜାତିର ନିର୍ମମ ଇତିହାସ ।

କିଏ କହେ କୁରୁକ୍ଷେତ୍ର
ଧର୍ମକ୍ଷେତ୍ର
ଯେଉଁଠି ବେଲାଳସେନର କଟାମୁଣ୍ଡ
ନୀରବେ ଦେଖୁଥିଲା
ସୁଦର୍ଶନ ଚକ୍ରର ଗତିପଥ ।

କୁରୁକ୍ଷେତ୍ର
ସ୍ୱୟଂ କୃଷ୍ଣଙ୍କର ଲୀଳାକ୍ଷେତ୍ର
କୁରୁପାଣ୍ଡବ ଖାଲି ମାଧ୍ୟମ ମାତ୍ର
ଚଉଦିଗେ ଶୁଭୁଥିଲା
ଗାଣ୍ଡିବ ଧନୁର ଟଙ୍କାର ।

କୁରୁକ୍ଷେତ୍ର
ଯାହାକୁ ଏତେ ସହଜରେ
କରାଯାଇ ପାରେନି ବ୍ୟାଖ୍ୟା
ଯେତେ ଶବ୍ଦ ଖଞ୍ଜିଲେ ବି
ଲେଖାଯାଇ ପାରେନା
କବିତା କି ଗଳ୍ପ ।
କୁରୁକ୍ଷେତ୍ର
ଏକ ସମୟ ଖଣ୍ଡର
ଚିତ୍ରିତ ଭୂଗୋଳ
ରକ୍ତ ସ୍ରୋତସ୍ୱିନୀରେ
ନାହିଁ କୁନ୍ତୀ, ଗାନ୍ଧାରୀଙ୍କ
ଲୁଣିଆ ଲୁହଧାର
ମିଶିଯାଇ ହୋଇଥିଲା ଏକାକାର ।

ପୁଣ୍ୟପୀଠ କରୁକ୍ଷେତ୍ର
ବିଶ୍ୱର ବିସ୍ମୟ
ପାପ, ପୁଣ୍ୟର ହିସାବ ନିକାଶ
ଯହିଁ ଚାଲିଥିଲା ନିରନ୍ତର
ସାରା ଆକାଶକୁ ଯା'ର
ଆଚ୍ଛାଦିତ କରି ରଖିଥିଲା
ସୁଦର୍ଶନ ଚକ୍ର ।
ମୋ ପାଖରେ ଭାଷା ନାହିଁ
କୁରୁକ୍ଷେତ୍ର ବର୍ଣ୍ଣନାର
ପୁଣ୍ୟ ପବିତ୍ର ତୀର୍ଥକ୍ଷେତ୍ର
ସେ ଯେ
ସେ ପବିତ୍ର ମାଟିକୁ ମୋର
କୋଟି ନମସ୍କାର ।

ସଂପାଦିକା, ସଂଧ୍ୟା, ବାରବାଟୀ, ବାଲେଶ୍ୱର

# ସମୟ ତୁମେ କିଏ

- ରିଙ୍କି ପ୍ରଧାନ

ସମୟ
ଦ୍ରୌପଦୀକୁ ବିବସ୍ତ୍ର କରେ
କୁରୁସଭାରେ
ସମୟ
ଶ୍ରୀରାଧାକୁ ଦୋଚାରୁଣୀ କହେ
ବୃନ୍ଦାବନରେ
ସମୟ
ଅହଲ୍ୟାକୁ ପାଷାଣ କରେ
ଅଭିଶାପରେ
ସମୟ
ସୀତାକୁ ବହିଷ୍କୃତ କରେ
ଅଯୋଧ୍ୟାରେ ।
ସମୟ ସତେ ଅବା

ଗାନ୍ଧାରୀ ଭଳି ମା'ଟିଏ
ପୁତ୍ରର କୁତ୍ସିତ କାମନାକୁ
କଳା କନା ଘୋଡ଼େଇ ଦିଏ ।
ସମୟ ସତେ ଅବା
ପୁତ୍ର ସ୍ନେହରେ ବନ୍ଧା ଅନ୍ଧୁଣୀଟିଏ
ଅଭିଶାପ ଦେଉଥିବା ଗାନ୍ଧାରୀଟିଏ
ସ୍ୱୟଂ ଈଶ୍ୱରଙ୍କୁ
ଅସହାୟତାର ମୃତ୍ୟୁ ଓ ବଂଶନାସର
ଆଭାସ ଦିଏ
ସମୟ ସତେ ଅବା
କାରାଗାରରେ ବନ୍ଦୀ ଦେବକୀଟିଏ
ଅପେକ୍ଷାରତ ଦୁଃଖିନୀ ଯଶୋଦାଟିଏ
ସ୍ୱୟଂ ଈଶ୍ୱରଙ୍କୁ
ସୃଷ୍ଟି କରେ ପୁଣି ପାଳନ କରେ ।
ସମୟ ସତେ ଅବା
ଜନ୍ମ ଜନ୍ମ ଧରି
ପ୍ରତିଶୋଧର ଜ୍ୱାଳାରେ ଦଗ୍ଧ ହେଉଥିବା
ଶ୍ରୀଖଣ୍ଡିନିଟିଏ
ଇଚ୍ଛାମୃତ୍ୟୁର ବରଦାନ ପାଇଥିବା
ଗଙ୍ଗାପୁତ୍ରର ମୃତ୍ୟୁଟିଏ ।
ସମୟ ସତେ ଅବା
ବିଧବା ଉତ୍ତରା ଟିଏ ।
ସମୟ ସ୍ୱୟଂ ମହାଭାରତ
ଈଶ୍ୱରଙ୍କ ସଂରଚନା ସୃଷ୍ଟିକୁ ଧ୍ୱଂସ କରେ
କେଉଁ ନୂତନର ପ୍ରତ୍ୟାଶାରେ ?
ସତରେ
ସମୟ ତୁମେ କିଏ ?
ନାରିଟିଏ ନା ପୁରୁଷଟିଏ
ଜୀବନଟିଏ ନା ମୃତ୍ୟୁଟିଏ
ପାପଟିଏ ନା ପୁଣ୍ୟଟିଏ
ସୃଷ୍ଟି ଟିଏ ନା ପୁଣ୍ୟଟିଏ
ସୃଷ୍ଟିଟିଏ ନା ଧ୍ୱଂସଟିଏ
ଶ୍ରେଷ୍ଠ ଖଳନାୟକ ଶକୁନିଟିଏ
ନା ମହାନାୟକ କୃଷ୍ଣଟିଏ
ଅଗ୍ନିଶିଖା ବିଜୁଳିଟିଏ
ନା ଶାନ୍ତ ସ୍ନିଗ୍ଧ ଶୀତଳ ଚନ୍ଦ୍ରମାଟିଏ....

**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟ**

# ଗରିବ ଘରର ଝିଅ

**- ରୀତାଞ୍ଜଳୀ ପ୍ରଧାନ**

ଆର୍ଥିକ ଦୃଷ୍ଟିରୁ ଅକ୍ଷମ
ନିଜସ୍ୱ ଦୃଷ୍ଟିରୁ ବିକ୍ଷିପ୍ତ
ମୁଁ ତ ଗୋଟେ କିଣା ଚାକର
ମାସିକିଆ ଦରମା ନାହିଁ ମୋର ।

ବିକି ଦେଇଥିବା ଅସ୍ତିତ୍ୱକୁ
ସାମନ୍ତବାଦର ଅଭିଲେଖାରେ
ଲେଖା ଯେତେ ମୂଲ୍ୟବୋଧର
ଶୀକୁଳିରେ ବନ୍ଧା ମୋର
ନିଜସ୍ୱ ସ୍ୱପ୍ନର ହାଡ଼
ମୁଁ ତ ଗୋଟେ କିଣା ଚାକର ।

ଶବ୍ଦର ଅଭିଲେଖା ଗାରରୁ
ଯେତେ ପରିକଳ୍ପନାକୁ ସଜାଡ଼ି
ମନୋନିବେଶ ମନ ନଥାଇ କରି
କିଛି ନା କିଛି କ୍ଷତ୍ ତ ଜନ୍ମ ନେବା ଅବସମ୍ଭାବି
ହୁଏତ କ୍ୟାନ୍ସର... ପରି
ତଥାପି ନିସ୍ତାର ନାହିଁ ମୋର
ମୁଁ ତ ଗୋଟେ କିଣା ଚାକର ।

ମୋ କଥାର ଗୁରୁତ୍ୱ କିଏ ବା ପଚାରେ
କଥା କହି ଶିଖିଚି କି ନାହିଁ
ମୁଁ ନିଜେ ସନ୍ଦେହ ଭିତରେ,
ଯଦି କଦବା ଭୁଲରେ ଓଠ ହଲି ଯାଏ
ଆଖିରେ ପବନ ପସି ଖାଲି ଯାହା
ଉଷ୍ମମ୍ ପାଣିରେ ସେ ଭିଜି ଯାଏ
କିଛି କହିବାର ଅଧିକାର ର
ଅନ୍ତରାଳେ ଅସ୍ତିତ୍ୱ ମୋର
ହଁ ମୁଁ ତ ଗୋଟେ କିଣାଚାକର ।

ଗରିବ ଘରର ଝିଅ ବୋଲି
ଅବାଧରେ ଅକ୍ଳେଶରେ
ସହିବାକୁ ହୁଏ ଗୋଇଠା ପାହାର,
ସବାରୀରେ ଫୁଲଭରା ବାଜା ରୋଷଣୀରେ
ସଜା ହୋଇ ଆସିଥିବ ।
ସମସ୍ତଙ୍କ ପାଇଁ ମୁଁ ସୁନ୍ଦର ଗୋଟେ ଉପହାର
ଧିକ୍ ଧନୀଘରର ବୋହୁର ଏ ଆଳଙ୍କାରିକ
ବାହ୍ୟିକ ଉପଚାର
ଯୁଗଯୁଗରୁ ଏମିତି ଗୋଟେ ମୁଁ କିଣା ଚାକର ।

ସି.ଆର.ଆର.ଆଇ, କନ୍ହେଇପୁର, କଟକ

# ROUT CLASSES

## CBSE XII 2018 RESULT


# For Mathematics



**Akankshya Baisakh** — DAV PUBLIC SCHOOL, CDA, Cuttack — MATH SCORE 98/100




**Sidhartha** — DAV, Chandrasekharpur, BBSR — MATH SCORE 96/100



**Amit Pradhan** — DAV Public School, CDA, Cuttack — MATH SCORE 95/100



**Madhusmita Agasti** — DAV PUBLIC SCHOOL, CDA, Cuttack — MATH SCORE 94/100



**Nitu Mohapatra** — MATH SCORE 91/100



**Sarthak Satapathy** — Mother's Public School, BBSR — MATH SCORE 90/100



**Triparna Mishra** — Delhi Public School — MATH SCORE 89/100



**Bidyut** — DAV Public School, Unit-8, BBSR — MATH SCORE 89/100



**Namrata Jena** — MATH SCORE 83/100

& many more....

ROUT CLASSES
Blooming the Hidden Treasure

94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar, VSS Nagar, BJB Nagar, Bomikhal (BBSR)

YouTube

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ